# ବ୍ୟାକରଣ ଦର୍ପଣ

ଶ୍ରୀ ଗୋପୀନାଥ ରଥ ଶର୍ମା

Digitized by srujan ka@gmail.com

# ବ୍ୟାକରଣ ଦର୍ପଣ

ଲେଖକ

ଶ୍ରୀ ଗୋପୀନାଥ ରଥ ଶର୍ମା ଉଭୟଭାଷାପ୍ରବୀଣ

ହେଡ ପଣ୍ଡିତ

ମହାରାଜ. ଉଚ୍ଚଇଂରାଜୀ ବାଲକ ବିଦ୍ୟାଳୟ

ପାରଳାଖେମଣ୍ଡି

— ୦ —

ମୁଦ୍ରାକର

ଶ୍ରୀ ଅନନ୍ତ ତ୍ରିପାଠୀ ଶର୍ମା

ଶିରୋମଣି ପ୍ରେସ୍

ବ୍ରହ୍ମପୁର

୧୯୫୦

ତିନି

ମୂଲ୍ୟ ଦୁଇ ଟଙ୍କା ମାତ୍ର                ଟ ୪ ଙ୍କା

Digitized by srujan ka@gmail.com

# ନିବେଦନ

୧୯୩୬ ମସିହାରେ ମୁଁ ପାରଳା ମହାରାଜ ସଂସ୍କୃତ କଲେଜରୁ ଉଚ୍ଚ ଇଂରେଜୀ ବିଦ୍ୟାଳୟକୁ ଉନ୍ନୀତ ହେଲି । କେତେଦିନ ଅଭିଜ୍ଞତାରୁ ଜାଣିପାରିଲି ଯେ ପିଲାଙ୍କର ଆଙ୍ଗ୍ଳ ଭାଷା ଜ୍ଞାନ ବୃଦ୍ଧିରେ ମାତୃଭାଷା ଅଭିଜ୍ଞ । ଅନ୍ୟ ଅର୍ଥାତ୍ Parsing, Gender, Case ending, Case, Prose order ବୋଲି କହିଲେ ଯେତେ ଶୀଘ୍ର ନିରୂପଣ କରିବେ ବୁଝନ୍ତି, ଅନ୍ୱୟ, ଲିଙ୍ଗ, କାରକ, ବିଭକ୍ତି ନିର୍ଣ୍ଣୟ, ବ୍ୟୁତ୍ପତ୍ତି ବୋଲି କହିଲେ ସେତେ ସହଜରେ ବୁଝି-ପାରୁନାହାନ୍ତି । ଅନେକଙ୍କ ବିଶେଷ୍ୟ ବିଶେଷଣକୁ ମଧ୍ୟ Noun Adjective ବୋଲି ବୁଝାଇବାକୁ ହୁଏ । ଏହାର କାରଣ ଏହି— ଆଙ୍ଗ୍ଳଭାଷା ଭାରତର ରାଜଭାଷା ଥିଲା । ସେହି ଭାଷାରେ ଯେ ଯେତିକି ବ୍ୟୁତ୍ପତ୍ତି ଲାଭ କରିଥାଏ ତାର ସ୍ଥାନ ସେତେ ଉଚ୍ଚରେ ହେବା ପ୍ରଥା ଏ ପର୍ଯ୍ୟନ୍ତ ରହିଛି । ଅଦ୍ୟାପି ଶିକ୍ଷା ବିଭାଗରେ ମାତୃଭାଷାର ସ୍ଥାନଠାରୁ ବୈଦେଶିକ ଆଙ୍ଗ୍ଳ ଭାଷାର ସ୍ଥାନ ଦୁଇଗୁଣରୁ ଅଧିକ ।

ଆଙ୍ଗ୍ଳ, ସଂସ୍କୃତ, ଜର୍ମାନ ପ୍ରଭୃତି କେତୋଟି ଆର୍ଯ୍ୟ ଭାଷାର ମୂଳ-ସୂତ୍ରରେ ସାମଞ୍ଜସ୍ୟ ପରିଦୃଷ୍ଟ ହୋଇଥିଲେ ମଧ୍ୟ, ପ୍ରକ୍ରିୟା ଓ ବିଭାଗ-ଗୁଡ଼ିକରେ କିଛି ବିଭିନ୍ନତା ପରିଲକ୍ଷିତ ହୁଏ । ଓଡ଼ିଆ ଭାଷାରେ ଅଧିକାଂଶ ସଂସ୍କୃତ ପଦର ବ୍ୟବହାର ଥିବାରୁ ଓଡ଼ିଆ ବ୍ୟାକରଣ-ଗୁଡ଼ିକ ସଂସ୍କୃତ ବ୍ୟାକରଣର ଅନୁରୂପ ହୋଇ ପଡ଼ିଛି । ଆଧୁନିକ-ରୁଚି ସମ୍ପନ୍ନ କେତେକ ଲେଖକ ସେଗୁଡ଼ିକୁ ହିଁ ଆଙ୍ଗ୍ଳ ବ୍ୟାକରଣ-ପ୍ରଣାଳୀରେ ସଜାଇଛନ୍ତି । ବିଭିନ୍ନ ବିଭାଗରେ ଉଭୟର ସାମଞ୍ଜସ୍ୟ ପରିସ୍ଫୁଟ ହୋଇନଥିବାରୁ ଛାତ୍ରମାନଙ୍କୁ ଅନେକ ସମୟରେ ଉଭୟ ବ୍ୟାକରଣ ଦେଇ ଧାରାରେ ପଢ଼ିବାକୁ ହେଉଛି । ଅତଏବ ସଂସ୍କୃତ ଓଡ଼ିଆ ଓ ଆଙ୍ଗ୍ଳ ମଧ୍ୟସ୍ଥ ବିଭାଗଗୁଡ଼ିକର ସାମଞ୍ଜସ୍ୟ ପ୍ରକାଶ ଏ ସଂକଳନର ଉଦ୍ଦେଶ୍ୟ ।

Digitized by srujan ka@gmail.com

ସଂସ୍କୃତ ଓ ତଦନୁଯାୟୀ ଓଡ଼ିଆରେ ସନ୍ଧି, ସମାସ, ତଦ୍ଧିତ ଓ କୃଦନ୍ତ ପ୍ରକରଣ ଗୁଡ଼ିକ ଉତ୍ତରୋତ୍ତର କଷ୍ଟପ୍ରଦ, ସେଗୁଡ଼ିକର ସହଜ ସାଧନା ପାଇଁ କେତେ ଗୁଡ଼ାଏ ବୈଜ୍ଞାନିକ ପ୍ରଣାଳୀ ପ୍ରଦର୍ଶନ ଏହାର ଦ୍ୱିତୀୟ ବୈଶିଷ୍ଟ୍ୟ । ଅନୁସନ୍ଧିତ୍ସୁ ଶିକ୍ଷାର୍ଥୀ ଗଣର କିଛି ଉପକାରରେ ଆସିଲେ ଶ୍ରମ ସାର୍ଥକ ମଣିବ । ବହି ଗତ ୧୯୪୦ ରୁ ସଂକଳିତ ହୋଇଥିଲେ ମଧ୍ୟ ପରିସ୍ଥିତିରେ ଅନ୍ତରାୟରୁ ପ୍ରକାଶ ପାଇପାରି ନଥିଲା । ସଂପ୍ରତି ମୂଳଗାମୀ ବନ୍ଧୁଙ୍କରୁ ଶ୍ରୀ ଅନନ୍ତ ତ୍ରିପାଠି ଶର୍ମା ପାଣ୍ଡୁଲିପି ପାଠକରି ପ୍ରକାଶନ ପ୍ରୋତ୍ସାହ ଦେଇ ପ୍ରୁଫ୍ ସଂଶୋଧନାଦି ଶ୍ରମ ସ୍ୱୀକାର କରିଥିବାରୁ ପ୍ରକାଶ ପାଇଲା ଏଥି ସକାଶେ ମୁଁ ତାଙ୍କଠାରେ ଚିର କୃତଜ୍ଞ ।

ମୁଦ୍ରଣ ତ୍ରୁଟିବଶତଃ କେତେକ ସ୍ଥଳେ ବର୍ଣ୍ଣ ଓ ପଦ କେତୋଟି ବିକୃତ ହୋଇ ପଡ଼ିଛି । ଶେଷରେ ଶୁଦ୍ଧିପତ୍ର ସୂଚିକା ପ୍ରଦର୍ଶିତ ହୋଇଛି । ନିର୍ମତ୍ସର ବିଜ୍ଞମଣ୍ଡଳୀ ସମୀପରେ ପ୍ରାର୍ଥନା ଏହି—କୌଣସି ସ୍ଥଳରେ ଅପେକ୍ଷାକୃତ ସହଜ ଶୈଳୀ ପରିବର୍ତ୍ତନାଦି ଆବଶ୍ୟକ ଥିଲେ ପରାମର୍ଶ ଦେଇ ବାଧିତ କରିବା ହେବେ । ଇତି ।

ଲେଖକ

Digitized by srujan ka@gmail.com

# ଅଭିମତ

—○—

Rai Sahib  Sekhbazar, Cuttack
Artaballav Mahanty, M. A.  Dated 28—9—1941
Professor, Ravenshaw college

ପାରଳାଖେମୁଣ୍ଡି ମହାରାଜା କଲେଜ ହାଇସ୍କୁଲ ପଣ୍ଡିତ ଶ୍ରୀ ଗୋପୀନାଥ ରଥଙ୍କ କୃତ "ବ୍ୟାକରଣ ଦର୍ପଣ" ପାଣ୍ଡୁଲିପି ପାଠକରି ଅତ୍ୟନ୍ତ ସୁଖୀ ହେଲି । ହାଇସ୍କୁଲ ଛାତ୍ରମାନେ ସହଜ ଓ ସରଳ ଭାବରେ ଓଡ଼ିଆଭାଷା ଓ ସାହିତ୍ୟର ପ୍ରକୃତ ବୃତ୍ପିପାଇବେ । ଏହା ଆଧୁନିକ ବୈଜ୍ଞାନିକ ପ୍ରଣାଳୀରେ ଲିଖିତ ହୋଇଥିବା ହେତୁ ଛାତ୍ରମାନେ ଅଯଥା ପରିଶ୍ରମ ନକରି ସୁଖରେ ଏହା ସାହାଯ୍ୟରେ ଭାଷା-ଜ୍ଞାନ ଲାଭ କରିବେ ।

(୨)  (S.d) ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି

ପାରଳାଖେମୁଣ୍ଡି ମହାରାଜା କଲେଜ ହାଇସ୍କୁଲର ସିନିଅର ଓଡ଼ିଆ ପଣ୍ଡିତ କାବ୍ୟସୂତ୍ରତୀର୍ଥବାଣ ଶ୍ରୀ ଗୋପୀନାଥ ରଥ ତାଙ୍କ "ବ୍ୟାକରଣ ଦର୍ପଣ" ପୁସ୍ତିକାର ପାଣ୍ଡୁଲିପି ମୋତେ ଦେଖାଇଛନ୍ତି । ଅଜକାଲି ହାଇସ୍କୁଲର ଛାତ୍ରମାନଙ୍କର ବ୍ୟାକରଣ ବିଷୟରେ ମୌଳିକ (Elementary) ଜ୍ଞାନ ଅଳ୍ପଥିବା ଦେଖାଯାଏ । ଏହା ଛାତ୍ରମାନଙ୍କର ବ୍ୟାକରଣ ଜ୍ଞାନ ଲାଭରେ ସାହାଯ୍ୟ କରିବ ବୋଲି ମୁଁ ଆଶାକରୁଛି । ଇଂରାଜୀ ବ୍ୟାକରଣ, ସଂସ୍କୃତ ବ୍ୟାକରଣ ଓ ଓଡ଼ିଆ ବ୍ୟାକରଣର କେତେକ ଗୁଡ଼ାଏ ବିଷୟ ତୁଳନାତ୍ମକରୂପେ ଛାତ୍ରମାନଙ୍କୁ ବୁଝାଇବା ପାଇଁ ପଣ୍ଡିତ ମହାଶୟ ଯତ୍ନ କରିଛନ୍ତି ଓ ଏହି ରୀତି ଅଧିକାଂଶ ବିଷୟରେ ନିଯୋଜିତ ହେଲେ ଏ ପୁସ୍ତକଟି ଶିକ୍ଷାର୍ଥୀ-ମାନଙ୍କ ପକ୍ଷେ ମୂଲ୍ୟବାନ୍ ହେବ ।

(S.d) ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ
୧—୧୦—୪୧,

Digitized by srujan ka@gmail.com

Pandit Gopinath Rath of Paralakimedi High School has attempted to write an Oriya Grammar on new line. He has intelligently treated a subject which is deserving of consideration. I am extremely pleased to go through certain sections of it which struck me as original. The book deserves to be published, so that it may find its way in-to the common readers' hands.

S.D-Godavarisa Misra
EX-Hon'ble Minister of Education to the Government. of Orissa.
Dated the 28th Dec. 1946.

Digitized by srujan ka@gmail.com

# ସୂଚୀପତ୍ର


| | | |
|---|---|---|
| ୧ | ବର୍ଣ୍ଣ | ୧ |
| ୨ | ଉଚ୍ଚାରଣ | ୫ |
| ୩ | ଶବ୍ଦ | ୭ |
| ୪ | ପଦ | ୯ |
| ୫ | ପଦବିଭାଗ | ୧୩ |
| ୬ | ବିଶେଷ୍ୟ | ୧୪ |
| ୭ | ଲିଙ୍ଗ | ୧୫ |
| ୮ | ବଚନ | ୧୭ |
| ୯ | ବିଭକ୍ତି | ୧୯ |
| ୧୦ | କାରକ | ୨୧ |
| ୧୧ | ବିଭକ୍ତିର ବ୍ୟବହାର | ୨୪ |
| ୧୨ | ବିଶେଷଣ | ୩୩ |
| ୧୩ | ସର୍ବନାମ | ୩୫ |
| ୧୪ | ଅବ୍ୟୟ | ୩୭ |
| ୧୫ | କ୍ରିୟା | ୩୯ |
| ୧୬ | କୃତ୍ରିମଧାତୁ | ୪୨ |
| ୧୭ | ବାକ୍ୟ | ୫୦ |
| ୧୮ | ସନ୍ଧି | ୫୨ |
| ୧୯ | ସନ୍ଧିବିଚ୍ଛେଦୋପାୟ | ୫୪ |
| ୨୦ | ସମାସ | ୫୬ |
| ୨୧ | ଣତ୍ୱବିଧି | ୬୨ |
| ୨୨ | ଷତ୍ୱବିଧି | ୬୭ |
| ୨୩ | ପଦଗଠନ | ୭୨ |
| | | ୭୪ |


Digitized by srujan ka@gmail.com

୧୪ ବୃତ୍ ଉଚ୍ଚେଦ ୭୩
୧୫ ସ୍ତୁତି ପ୍ରତ୍ୟୁତ୍ତେ ଦେବବର ଯୋଗାୟୁ ୭୪
୧୬ ରଉଦ୍ୟୁ ୭୭
୧୭ ଧାତୁମାନ ୮୩
୧୮ ଉଦ୍ଭିଦ ୧୦୩
୧୯ ସ୍ତ୍ରୀପ୍ରତ୍ୟୁ ୧୧୩
୨୦ ସଜନ୍ମ ୧୧୮
୨୧ ଜୈମ୍ନି ୧୧୯
୨୨ ନାମଧାତୁ ୧୧୯
୨୩ ଦାତ୍ୟ ବିଶ୍ରେଷଣ ୧୨୪
୨୪ ଅବ୍ୟୟ ୧୨୭
୨୫ ପର୍ଣ୍ଣଭେଦ ୧୨୯
୨୬ ସମୋଚ୍ଚାରିତ ଶବ୍ଦ ୧୩୨
୨୭ ଯୌଗିକ ପଦ ୧୩୯
୨୮ କୃଦନ୍ତଯୋଗ ୧୪୦
୨୯ ସଙ୍କେତ ୧୪୪
୩୦ ପଦ ଚୟନ ୧୫୪
୩୧ ସମାସ ୧୬୯
୩୨ ଧାତୁ ରୂପ ୧୭୦
୩୩ ଉକ୍ତ ପ୍ରତ୍ୟୟ ୧୭୩
୩୪ ପ୍ରଶ୍ନୋତ୍ତର ରୂପ ୧୭୭
୩୫ ବାକ୍ୟ—ଗଠନ ୧୮୧
୩୬ ଅନୁବାଦ ୧୮୩


Digitized by srujan ka@gmail.com

| | | |
|---|---|---|
| ୪୭ | ଛନ୍ଦ | ୧୮୪ |
| ୪୮ | ସମବୃତ୍ତ | ୧୮୪ |
| ୪୯ | ବିଷମବୃତ୍ତ | ୧୮୬ |
| ୫୦ | ଅଲଙ୍କାର | ୧୮୮ |
| ୫୧ | ଶବ୍ଦାଲଙ୍କାର | ୧୯୦ |
| ୫୨ | ଅନୁପ୍ରାସ | ୧୯୦ |
| ୫୩ | ଯମକ | ୧୯୦ |
| ୫୪ | ଶ୍ଳେଷ | ୧୯୧ |
| ୫୫ | ଅର୍ଥାଲଙ୍କାର | ୧୯୧ |
| ୫୬ | ଉପମା | ୧୯୨ |
| ୫୭ | ମାଳୋପମା | ୧୯୨ |
| ୫୮ | ଅନନ୍ୱୟ | ୧୯୨ |
| ୫୯ | ରୂପକ | ୧୯୩ |
| ୬୦ | ଉତ୍ପ୍ରେକ୍ଷା | ୧୯୩ |
| ୬୧ | ସ୍ୱଭାବୋକ୍ତି | ୧୯୩ |
| ୬୨ | ଅତ୍ୟୁକ୍ତି | ୧୯୪ |
| ୬୩ | ଅତିଶୟୋକ୍ତି | ୧୯୪ |
| ୬୪ | ଅର୍ଥାନ୍ତରନ୍ୟାସ | ୧୯୫ |
| ୬୫ | ଶ୍ଳେଷ | ୧୯୫ |


Digitized by srujan ka@gmail.com

# ବ୍ୟାକରଣ ଦର୍ପଣ

ଭାରତବାସୀ ଆର୍ଯ୍ୟଗଣ ସଂସ୍କୃତ ଭାଷା ବ୍ୟବହାର କରୁଥିଲେ । ଇତର ଅନାର୍ଯ୍ୟବାସୀମାନେ ସେମାନଙ୍କ ସଂସ୍ରବରେ ରହି ତାହା ବ୍ୟବହାର କରିବାରୁ ସମ୍ୟକ୍ ରୂପେ ଉଚ୍ଚାରିତ ହୋଇ ନ ପାରି କଦାକାର ଧାରଣ କଲା । ସେହି ବିକୃତ ଭାଷାର ନାମ ପ୍ରାକୃତ । ଦେଶଭେଦରେ ଏହି ଭାଷା ବିଭିନ୍ନ ରୂପ ଧାରଣ କରି ଭିନ୍ନ ଭିନ୍ନ ନାମ ପାଇଛି । ଯଥା:—ମାଗଧୀ, ଶୌରସେନୀ, ପାଲି, ଉଡ୍ର, ଇତ୍ୟାଦି । ପରେ ଏ ସମସ୍ତ ଭାଷା ଲୋକମାନଙ୍କଦ୍ୱାରା ବ୍ୟବହୃତ ହୋଇ ଆଧୁନିକ ଭାଷାର ସ୍ୱରୂପ ଗ୍ରହଣ କରିଅଛି । ଅମ୍ଭମାନଙ୍କର ଓଡ଼ିଆ ଭାଷା, ଉଡ୍ର ପ୍ରାକୃତର ଅପଭ୍ରଂଶ ମାତ୍ର । ଭାଗବତକାର ସର୍ବତ୍ର ଓଡ଼ିଆକୁ ପ୍ରାକୃତ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରି ଅଛନ୍ତି । ଶାରଳା ମହାଭାରତରେ ମଧ୍ୟ ଅମ୍ଭ ଭାଷା ପ୍ରାକୃତ ଭାଷା ବୋଲି କଥିତ । ଏହି ଭାଷା ଅତି ପ୍ରାଚୀନ ହେଲେ ମଧ୍ୟ ଦଶମ ଶତାବ୍ଦୀରେ ସ୍ପଷ୍ଟ ରୂପରେଖ ପାଇଅଛି ।

ମାତାମହୀସ୍ୱରୂପା ସଂସ୍କୃତ ଭାଷାର ଲିପି ଓ ଭାଷାର ଛାୟା ରଖି ଓଡ଼ିଆ ଭାଷାର ବର୍ଣ୍ଣମାଳା ଗଠିତ । ଏଥିରେ ମଧ୍ୟ ଅଣଚାଳିଶଟି ବର୍ଣ୍ଣ ଅଛି । ସ୍ୱର ଓ ବ୍ୟଞ୍ଜନ ଭେଦରେ ଏହା ଦୁଇ ପ୍ରକାର । ଯଥା:—ଅ, ଆ, ଇ, ଈ, ଉ, ଊ, ଋ, ୠ, ଌ, ଏ, ଐ, ଓ, ଔ, ଂ ଃ ଁ । ଏହି ଷୋଳଟି ବର୍ଣ୍ଣକୁ ସ୍ୱର କହନ୍ତି । ଏହା ହ୍ରସ୍ୱ, ଦୀର୍ଘ ଓ ଅଯୋଗବାହ ନାମରେ ତିନି ପ୍ରକାର ।

Digitized by srujan ka@gmail.com

ଅ, ଇ, ଉ, ଋ, ଌ, ଏହି ପାଞ୍ଚୋଟି ହ୍ରସ୍ୱ ସ୍ୱର ।

ଆ, ଈ, ଊ, ୠ, ଏ, ଐ, ଓ, ଔ, ଏହି ଅଠଟି ଦୀର୍ଘ ସ୍ୱର ।

ଂ, ଃ, ଁ, ଏହି ତିନୋଟି ଅଯୋଗବାହ । ଏମାନେ ସ୍ୱର ପରେହିଁ ବ୍ୟବହୃତ, ଏଣୁ ଏମାନେ ସ୍ୱର ମଧ୍ୟରେ ଗଣ୍ୟ ।

ବ୍ୟଞ୍ଜନ—ତେତିଶଗୋଟି, ସ୍ପର୍ଶ ବା ବର୍ଗ୍ୟ, ଅନ୍ତସ୍ଥ ଓ ଉଷ୍ମ-ନାମରେ ଏହା ତିନିପ୍ରକାର । କ—ଠାରୁ ମ ପର୍ଯ୍ୟନ୍ତ ୨୫ଟି ବର୍ଣ୍ଣ ପାଞ୍ଚ ପାଞ୍ଚ ବର୍ଣ୍ଣରେ ଗୋଟିଏ ଗୋଟିଏ ବର୍ଗ ହୋଇ ପାଞ୍ଚ ଭାଗରେ ବିଭକ୍ତ ଯଥା:—

କ, ଖ, ଗ, ଘ, ଙ—କବର୍ଗ

ଚ, ଛ, ଜ, ଝ, ଞ—ଚବର୍ଗ

ଟ, ଠ, ଡ, ଢ, ଣ—ଟବର୍ଗ

ତ, ଥ, ଦ, ଧ, ନ—ତବର୍ଗ

ପ, ଫ, ବ, ଭ, ମ—ପବର୍ଗ

ଯ, ର, ଲ, ବ—ଅନ୍ତସ୍ଥ ।

ଶ, ଷ, ସ, ହ—ଉଷ୍ମ ।

ଅମ୍ଭେମାନେ ଯେତେବେଳେ ନିଃଶ୍ୱାସ ନେଉ, ତାହା ଫୁସ୍‌ଫୁସ୍‌ରେ ପ୍ରବେଶ କରି ଅମ୍ଳଜାନ ପ୍ରଦାନାନନ୍ତର ଦୂଷିତବାୟୁ ସହ ନିର୍ଗତ ହୁଏ ।

ବର୍ଣ୍ଣ ଉଚ୍ଚାରଣ କରିବାକୁ ଇଚ୍ଛା କଲେ ସେହି ବାୟୁସ୍ରୋତକୁ ଅମ୍ଭେ ବାଧା ଦେଉଁ । ସେତେବେଳେ ତାହା କଣ୍ଠନଳିକଠେବ ତ୍ରିଁ ତନ୍ତୁ-ଦେହରେ ଅଘାତ କରେ । ସେଥିରୁ ଏକ ପ୍ରକାର ଅବ୍ୟକ୍ତ-ଧ୍ୱନି ଜାତ ହୁଏ, ସେହି ଧ୍ୱନି ମୁଖଗହ୍ୱରର ବିଭିନ୍ନ ମାର୍ଗ ଦେଇ ବାହାରକୁ ଅସିଲେ ବିଭିନ୍ନ ବର୍ଣ୍ଣର ସୃଷ୍ଟି ହୁଏ ।

Digitized by srujan ka@gmail.com

କଣ୍ଠ ଦେଇ ଆସିଲେ—ଅ, ଆ, କବର୍ଗ, ହ, ଃ, ବର୍ଣ୍ଣର ଉତ୍ପତ୍ତି ।
ତାଲୁ ଦେଇ ଆସିଲେ—ଇ, ଈ, ଚବର୍ଗ, ଯ, ଶ, ବର୍ଣ୍ଣର ଉତ୍ପତ୍ତି ।

| | | | | | |
|---|---|---|---|---|---|
| ଓଷ୍ଠ | „ | „ | ଉ, ଊ, ପବର୍ଗ, | „ | „ |
| ମୂର୍ଦ୍ଧା | „ | „ | ଋ, ୠ, ଟବର୍ଗ ର, ଷ | „ | „ |
| ଦନ୍ତ | „ | „ | ଌ, ତବର୍ଗ ଲ, ସ | „ | „ |
| ନାସିକା | „ | „ | ଙ, ଞ, ଣ, ନ, ମ, ଂ, ँ | „ | „ |
| କଣ୍ଠତାଲୁ | „ | „ | ଏ, ଐ, | „ | „ |
| କଣ୍ଠୋଷ୍ଠ | „ | „ | ଓ, ଔ, | „ | „ |
| ଦନ୍ତୋଷ୍ଠ | „ | „ | ବ, | „ | „ |

ଏଣୁ ଏ ଗୁଡ଼ିକ ଯଥାକ୍ରମେ କଣ୍ଠ୍ୟ, ତାଲବ୍ୟ, ଓଷ୍ଠ୍ୟ, ମୂର୍ଦ୍ଧନ୍ୟ, ଦନ୍ତ୍ୟ, ଅନୁନାସିକ, କଣ୍ଠତାଲବ୍ୟ, କଣ୍ଠୋଷ୍ଠ୍ୟ, ଦନ୍ତୋଷ୍ଠ୍ୟ ବୋଲାଯାଏ ।

୧. ସ୍ୱର ଗୁଡ଼ିକ ଅନ୍ୟର ସାହାଯ୍ୟ ଅପେକ୍ଷା ନ କରି ଉଚ୍ଚାରିତ ହୁଅନ୍ତି । ବରଂ ଏମାନେ ବ୍ୟଞ୍ଜନକୁ ସାହାଯ୍ୟ କରନ୍ତି । ସେତେବେଳେ ଏମାନଙ୍କର ଆକାର ବଦଳିଯାଏ ।

ଅ, ଆ, ଇ, ଈ, ଉ, ଊ, ଋ, ୠ, ଏ, ଐ, ଓ, ଔ—
ା, ି, ୀ, ୁ, ୂ, ୃ, ୄ, େ, ୈ, ୋ, ୌ, ଇତ୍ୟାଦି ।

୨. ଅଯୋଗବାହଗୁଡ଼ିକ ସ୍ୱର ପରେ ହିଁ ବ୍ୟବହୃତ ହୁଅନ୍ତି ।

୩. ସ୍ୱର ସାହାଯ୍ୟ ନଥିଲେ ବ୍ୟଞ୍ଜନଗୁଡ଼ିକ ଅର୍ଦ୍ଧମାତ୍ରାରେ ଉଚ୍ଚାରିତ ହୁଅନ୍ତି । ଯଥା—ଜଗତ୍, ହଠାତ୍, ସମ୍ରାଟ୍ । ଏହି ପଦଗୁଡ଼ିକର ଶେଷ ବର୍ଣ୍ଣର ଉଚ୍ଚାରଣକାଳ ଅର୍ଦ୍ଧମାତ୍ରା ।

Digitized by srujan ka@gmail.com

୫. ପ୍ରତିବର୍ଗର ପଞ୍ଚମବର୍ଣ୍ଣଗୁଡ଼ିକ ସେହି ସେହି ବର୍ଗୀୟ ଅନ୍ୟ ବର୍ଣ୍ଣ ସଙ୍ଗେ ସଂଯୁକ୍ତ ହୋଇଥାନ୍ତି । ଯଥା— ଙ+କ=ଙ୍କ, ଞ+ଚ=ଞ୍ଚ, ଣ+ଟ=ଣ୍ଟ, ନ୍ତ, ମ୍ପ, ମ୍ଭ, ଇତ୍ୟାଦି ।

୬. ଅନ୍ତସ୍ଥ ବର୍ଣ୍ଣଗୁଡ଼ିକ ବ୍ୟଞ୍ଜନ ବର୍ଣ୍ଣ ସଙ୍ଗେ ଯୁକ୍ତ ହେଲେ ସେମାନଙ୍କର ରୂପ ବଦଳିଯାଏ । ସେ ଗୁଡ଼ିକୁ ମାତ୍ରା ବା ଫଳା କହନ୍ତି ।

ଯଥା—ଯ୍ [ ୍ୟ ] ବ— [ ୍ୱ ] ଳ [ ୍ଳ ] ର [ ର୍ , ୍ର ] ରବର୍ଣ୍ଣର ଦୁଇପ୍ରକାର ବ୍ୟବହାର ଦେଖାଯାଏ । ବ୍ୟଞ୍ଜନ ପୂର୍ବରେ ରହିଲେ 'ରେଫ' ହୋଇ ପରବର୍ଣ୍ଣର ମସ୍ତକକୁ ଯାଏ । ବ୍ୟଞ୍ଜନ ପରେ ରହିଲେ [ ୍ର ] ମାତ୍ରା ହୋଇ ପୂର୍ବବର୍ଣ୍ଣର କାନ୍ଧରେ ବ୍ୟବହୃତ ହୁଏ । ପୂର୍ବୋକ୍ତ [ ର୍ ] ରେଫ ବ୍ୟବହାର କଲେ ଚ, ଛ, ଜ, ଣ, ତ, ଦ, ଧ, ନ, ମ, ଯ, ବର୍ଣ୍ଣମାନଙ୍କର ବିକଳ୍ପରେ ଦ୍ୱିତ୍ୱ ହୋଇଥାଏ । ଯଥା:—ଅର୍ଚ୍ଚନା, ଅର୍ଚନା, ଧର୍ମ୍ମ, ଧର୍ମ, କାର୍ଯ୍ୟ, କାର୍ଯ ଇତ୍ୟାଦି ।

## ଉଚ୍ଚାରଣ

ଡ, ଢ,—ଉକ୍ତ ଦୁଇବର୍ଣ୍ଣ ପଦ ଆଦ୍ୟରେ ଥିଲେ ଏକପ୍ରକାର ଉଚ୍ଚାରିତ ହୁଏ ପଦ ମଧ୍ୟରେ କିମ୍ବା ଶେଷରେ ଥିଲେ ଅନ୍ୟପ୍ରକାର ହୋଇଥାଏ । ଯଥା:— ଡଗର, ଡମରୁ, ଡିଣ୍ଡିମ, ଡାଳିମ୍ବ, ଢେଙ୍ଗା, ଡଙ୍ଗର,—ଗଡ଼, ବଡ଼ମା, ଢଗ, ଢମାଳି, ଢପ, ସଢ଼ିବା, ମଢ଼, ମଢ଼ିଆ, ମୂଢ଼, ବେଢ଼ା ଇତ୍ୟାଦି । ଏହି ଭେଦଂ ଜ୍ଞାପନ ସକାଶେ ଡ଼, ଢ଼, ଡ଼, ଢ, ସଙ୍କେତର ସୃଷ୍ଟି, ଏହା ମାତ୍ର ସର୍ବତ୍ର ପାଳିତ ହୁଏ ନାହିଁ ।

ଯ, ୟ—ପଦର ଆଦ୍ୟ ଓ ମଧ୍ୟପ୍ରାନ୍ତ ଅବସ୍ଥିତ ନେଇ 'ଯ' ର ଉଚ୍ଚାରଣ ମଧ୍ୟ ଦୁଇପ୍ରକାର । ଯମ, ଯାତନା, ଯେତେବ, ସମୟ,

Digitized by srujan ka@gmail.com

ନିୟମ, ଲକ୍ଷ୍ୟ, ଭକ୍ଷ୍ୟ, ଏହି ଭେଦ ଜଣାଇବା ପାଇଁ ମଧ୍ୟ ପ୍ରାନ୍ତସ୍ଥିତ 'ଯ'ର ସ୍ଥାନରେ 'ୟ' ଚିହ୍ନଟି ଦିଆଯାଏ । ସଂସ୍କୃତରେ ସେପରି କିଛି ସଙ୍କେତ ନାହିଁ । ଅନେକଙ୍କ ଏହି ନିୟମର ବ୍ୟତିକ୍ରମ ଦେଖାଯାଏ । ଯଥା:—ସଂଯମ, ସାଂଯାତ୍ରିକ, ନିଯୁକ୍ତ, ବିଯୋଗ, ନିର୍ଯାତନ, ଇତ୍ୟାଦି ।

ଳ, ଲ,—ଉଭୟ ଏକବର୍ଣ୍ଣ ହେଲେ ମଧ୍ୟ ଉଚ୍ଚାରଣରେ ଭେଦ ଦେଖାଯାଏ । ବିଶେଷତଃ ପଦ ଆଦ୍ୟରେ 'ଳ'ର ବ୍ୟବହାର ଦେଖାଯାଏ ନାହିଁ । ଉଚ୍ଚାରଣଭେଦ ନ ଜଣାଇବା ପାଇଁ 'ଳ' ଭଳି ଅକ୍ଷରର ସୃଷ୍ଟି କରାଯାଇଛି । ସଂସ୍କୃତରେ ଏ ନିୟମ ନାହିଁ ।

ବ, ୱ—ବର୍ଣ୍ଣମାଳା ପଠନ ବେଳେ ଦୁଇଟିର ସମାନ ଉଚ୍ଚାରଣ ହୋଇଥାଏ । ଏଥିମଧ୍ୟରୁ ଗୋଟିଏ ବର୍ଗ୍ୟ ଅନ୍ୟଟି ଅନ୍ତସ୍ଥ । ବର୍ଗ୍ୟ ବ ର ସ୍ଥାନ ଓଷ୍ଠ । ଅନ୍ତସ୍ଥ 'ୱ'ର ସ୍ଥାନ ଦନ୍ତୋଷ୍ଠ । ସଂସ୍କୃତରେ ଭେଦଜ୍ଞାପକ ଚିହ୍ନ ବର୍ଗ୍ୟ ବ ମଧ୍ୟରେ ଦାଗଟିଏ ଥାଏ । ଓଡ଼ିଆରେ କିନ୍ତୁ ସେପରି କିଛି ନାହିଁ । ଭାଷାକୋଷକାର ଅନ୍ତସ୍ଥ ବ ଓ ବର୍ଗ୍ୟ ବ ର ଭେଦ ଦେଖାଇବା ସକାଶେ ବ ର ସାମାନ୍ୟ ପରିବର୍ତ୍ତନ କରିଅଛନ୍ତି । 'ୱ' ପରିବର୍ତ୍ତେ 'ଓ' ଲେଖି ତଳେ '୍' ଫଳା ଦେଇଅଛନ୍ତି । [ଓ୍] ମାତ୍ର ଏହା ସଙ୍ଗତ ନୁହେଁ କାରଣ ସ୍ୱରତଳେ ଫଳା ବ୍ୟବହୃତ ହୁଏନାହିଁ । ବୈଦେଶିକ ବାଚ୍‌, ବେ, ବାପସ୍‌, ପ୍ରଭୃତି ସ୍ଥଳରେ ପୁଣି ସଂସ୍କୃତ ସନ୍ଧିଗତ, କୃଦ୍‌ ଓ ତଦ୍ଧିତ ପ୍ରତ୍ୟୟାନ୍ତ-ପଦଗତ 'ୱ' ଗୁଡ଼ିକ, ବଦ, ବଚ, ବସ୍‌ ପ୍ରଭୃତି ଧାତୁଗତ 'ୱ' [ଯାହା କି ସମ୍ପ୍ରସାରଣରେ 'ଉ' ହୁଏ] ସେ ଗୁଡ଼ିକ ଅନ୍ତସ୍ଥ । ଯଥା:—ବିଦ୍ୟାଳୟ, ପ୍ରତିବାଦ, ବିବକ୍ଷା, ବଚନ, ବାକ୍ୟ, ଗନ୍ତବ୍ୟ, ଧନବାନ୍‌, ଗୁଣବତୀ, ଇତ୍ୟାଦି ।

Digitized by srujan ka@gmail.com

କ୍ଷ—କ ଓ ଷ ସଂଯୋଗରେ ଏହି ବର୍ଣ୍ଣର ଉତ୍ପତ୍ତି । ଏହାକୁ ବଙ୍ଗପ୍ରଭୃତି ଦେଶରେ 'କ୍ଷ' ଉଚ୍ଚାରଣ କରିଥାନ୍ତି । ହିନ୍ଦୁସ୍ଥାନ-ପ୍ରଭୃତିରେ 'ଖ'ର ଉଚ୍ଚାରଣ ମଧ୍ୟ ଦେଖାଯାଏ ।

—୦—

## ପ୍ରଶ୍ନ

୧. ଅଯୋଗବାହର ବ୍ୟବହାର କିପରି ?
୨, କେଉଁଠି ଅନ୍ତସ୍ଥ 'ବ' ଯୁକ୍ତ ପଦ କହ !
୩. ଯ ଓ ଯ୍ୟ ବ୍ୟବହାର କରି ପାଞ୍ଚ ପାଞ୍ଚଟି ପଦ କହ ।
୪. ଦନ୍ତ୍ୟବର୍ଣ୍ଣ କେଉଁଠି ?
୫. ର ଫଳା କେଉଁ ଠାରେ କିଣ ଜାଣ ?
୬. ସ୍ୱାଚ୍ଛନ୍ଦ୍ୟ, ସ୍ୱାତନ୍ତ୍ର୍ୟ, ପଞ୍ଚବକ୍ତ୍ର, ଅବଲମ୍ବନ, ନିର୍ଦ୍ଦିଷ୍ଟ ଏ ଶବ୍ଦଗୁଡ଼ିକର ବର୍ଣ୍ଣକ୍ରମ ପ୍ରଦର୍ଶନ କର ।
୭. 'କ୍ଷ'କୁ ମିଶାଇଲେ ବର୍ଣ୍ଣ ପଚିଶ ହେଉଛି । ଅଣଚାଳିଶ କିପରି ? ସମାଧାନ କର ।
୮. ଗ, ଠ, ଦ, ଭ, ଏ, ଲ, ଈ, ଇ, କେଉଁଟି ମୁଖର କେଉଁ ସ୍ଥାନରୁ ଉଚ୍ଚାରିତ ?

## ଶବ୍ଦ

ଅର୍ଥ ବିଶିଷ୍ଟ ଏକ ବା ଏକାଧିକ ବର୍ଣ୍ଣକୁ ଶବ୍ଦ କହନ୍ତି । 'ଆ' କହିଲେ ଆହ୍ୱାନ କରିବା ବୁଝାଏ । ଏହା ଏକବର୍ଣ୍ଣ ହେଲେ ମଧ୍ୟ ଶବ୍ଦ କଟଣ ବସନ୍ତ ପ୍ରଭୃତିରେ ଅର୍ଥ ନଥିବାରୁ ଶବ୍ଦ ହୁଏ ନାହିଁ । ଶବ୍ଦ ବାକ୍ୟରେ ବ୍ୟବହୃତ ହେଲେ ପଦ ବୋଲାଏ ।

ଆଧୁନିକ ଓଡ଼ିଆରେ ପାଲି, ପ୍ରାକୃତି, ଆରବୀ, ପାର୍ସୀ, ଓ ଇଂରାଜୀରୁ ଅନେକ ଶବ୍ଦ ମିଶିଅଛି । ପୁଣି ହିନ୍ଦି, ବଙ୍ଗଳା

Digitized by srujan ka@gmail.com

ଓ ତେଲଗୁ ଭାଷାର କେତେକ ପଦର ମଧ୍ୟ ବହୁଳ ବ୍ୟବହାର ଦେଖାଯାଏ ।

ଏହି ଓଡ଼ିଆ ଶବ୍ଦ ତିନିଭାଗରେ ବିଭକ୍ତ ତତ୍ସମ, ତଦ୍‌ଭବ, ଓ ଦେଶୀ । ସଂସ୍କୃତରୁ ଅବିକଳ ଉଦ୍ଧାର କରାଯାଇଥିବା ପଦ ତତ୍ସମ ଯଥା:— କର୍ଣ୍ଣ, ଗୃହୀତ, ପ୍ରଦାନ, ସମର୍ଥ ଇତ୍ୟାଦି ।

ଯେଉଁ ସଂସ୍କୃତପଦ ଗୁଡିକ ପ୍ରାକୃତ ଦେଇ ଓଡ଼ିଆରେ ଭିନ୍ନ ଆକାର ଧାରଣ କରିଅଛି, ତାହା ତଦ୍‌ଭବ ଯଥା:—କାନ, [କର୍ଣ୍ଣ] ନାକ, [ନାସିକା] ହାତ, [ହସ୍ତ] ଘର, [ଗୃହ] ଚୂନ, [ଚୂର୍ଣ୍ଣ] ଡାହାଣ [ଦକ୍ଷିଣ] ଇତ୍ୟାଦି ।

ଯେଉଁ ପଦଗୁଡିକର ସଂସ୍କୃତ ସହିତ ପ୍ରତ୍ୟକ୍ଷ ବା ପରୋକ୍ଷ ସମ୍ବନ୍ଧ ଥିବାର ଜଣାଯାଏ ନାହିଁ ତାହା ଦେଶୀ ବା ଦେଶଜ ଯଥା:— ଡ଼ଙ୍ଗା, ଧୋକଡା,ତେନ୍ତ, ମଚରଇ, ଇତ୍ୟାଦି ।

ଘୁଣ୍ଟ, ଷ୍ଟେସନ, ରୋଜଗାର, ଫୁରୁସତ୍, ଅଚ୍ଚ, ମାଚୁ, ଗାନ୍ଧୁ ପ୍ରଭୃତି ପଦଗୁଡ଼ିକ ତତ୍ସମ ଓ ତଦ୍‌ଭବ ନ ହେବାରୁ ଦେଶଜ— ମଧ୍ୟରେ ହିଁ ଗଣ୍ୟ । ନତୁବା ସେଗୁଡିକୁ ବୈଦେଶିକ ବୋଲି ଚତୁର୍ଥ ନାମ ଦିଆଯାଇ ପାରେ ।

## ପଦ

ସଂସ୍କୃତ ନିୟମ ଅନୁସାରେ ସୁବନ୍ତ ଓ ତିଙନ୍ତକୁ ପଦ କୁହାଯାଏ ଅର୍ଥାତ୍—କୃତ୍, ତଦ୍ଧିତ, ପ୍ରତ୍ୟୟାନ୍ତ ସମାସାନ୍ତ, ଓ କ୍ରିୟାବାଚକକୁ ପଦ କହନ୍ତି । ଏଣୁ ସରଳରେ କହିବାକୁ ଗଲେ ବାକ୍ୟରେ ବ୍ୟବହୃତ ଅର୍ଥ ପ୍ରକାଶକ ଏକ ବା ଏକାଧିକ ବର୍ଣ୍ଣକୁ ପଦ କହନ୍ତି ।

ଅର୍ଥ ନେଇ ପଦ ତିନିପ୍ରକାର—ଯୌଗିକ, ରୁଢ଼, ଯୋଗରୁଢ଼ ।

(୧) ଯୌଗିକ—ପଦର ଅର୍ଥ ଯେବେ ପ୍ରକୃତିପ୍ରତ୍ୟୟାନୁରୂପ ହୁଏ

Digitized by srujan ka@gmail.com

ତାହାଙ୍କୁ ଯୌଗିକ କହନ୍ତି । ଶତ୍ରୁଘ୍ନ = ଶତ୍ରୁ + ହନ୍ + ଅ = ଶତ୍ରୁକୁ ଯେ ନାଶକରେ । ପାଦପ = ପଦ + ପା + ଅ [କ] = ପାଦଦ୍ୱାରା ଯେ ପାନ କରେ । ଚକ୍ରପାଣି = ଚକ୍ର ପାଣିରେ ଯାହାର । ଗାୟକ = ଗୈ + ଅକ ଯେ ଗାନକରେ ।

୨. ପ୍ରକୃତି ପ୍ରତ୍ୟୟ ନିଷ୍ପନ୍ନ ଅର୍ଥ ଏକପଦରେ ପଦର ଅର୍ଥ ଅନ୍ୟ ପଦରେ ହେଲେ ରୂଢ଼ ବୋଲଯାଏ । ଯଥା:—'ମଣ୍ଡପ' ପଦର ଅର୍ଥ କଲେ ମଣ୍ଡ + ପା = ଅ ମଣ୍ଡକୁ ଯେ ପାନ ବା ପାଳନ କରେ ହେବା କଥା । ମାତ୍ର ଉକ୍ତ ପଦଟି ସ୍ତମ୍ଭ ଓ ଛାତବିଶିଷ୍ଟ ବେଦୀକାକୁ ବୁଝାଏ [। ସ୍ୱର୍ଣ୍ଣ ରୂ ପ୍ରଫୁଲ୍ଲଚନ୍ଦ୍ର ପ୍ରଭୃତି ଲୌକିକ ନାମ ପଦଗୁଡ଼ିକ ମଧ୍ୟ ରୂଢ଼ ପଦ ।

୩. ଯେଉଁ ପଦର ପ୍ରକୃତିପ୍ରତ୍ୟୟନିଷ୍ପନ୍ନ ଅର୍ଥ ତତ୍ସମ୍ବନ୍ଧୀୟ ସମସ୍ତଙ୍କୁ ନ ବୁଝାଇ ଗୋଟିଏକୁ ମାତ୍ର ବୁଝାଏ ତାହା ଯୋଗରୂଢ଼ । ଯଥା:— ପଙ୍କଜ = ପଙ୍କ + ଜନ୍ + ଅ [ଡ] କହିଲେ ପଙ୍କରୁ ଜାତ ହୋଇଥିବା ଭଳି ମାଟେଳିଆ ଉଦରପାଦ ପ୍ରଭୃତିଙ୍କି ନ ବୁଝାଇ କେବଳ ପଦ୍ମକୁ ବୁଝାଏ । 'ଦନ୍ତୀ' = ଦନ୍ତ + ଇନ୍ କହିଲେ ଦନ୍ତଥିବା ସମସ୍ତ ପ୍ରାଣୀଙ୍କୁ ନ ବୁଝାଇ କେବଳ ହସ୍ତୀକି ବୁଝାଏ ।

ଅର୍ଥ ବୈଶିଷ୍ଟ୍ୟ ନେଇ ପଦ ନାନାପ୍ରକାର ବ୍ୟବହୃତ ହୋଇ-ଥାଏ । ଏହା ମୁଖ୍ୟତଃ ତିନପ୍ରକାର । [୧[ ମୁଖ୍ୟାର୍ଥ [୨] ନାନାର୍ଥ ବା ବହ୍ୱର୍ଥ [୩] ଉପଲକ୍ଷିତାର୍ଥ ।

[୧] ମୁଖ୍ୟାର୍ଥ—ପ୍ରଥମେ କେତେଗୁଡ଼ିଏ ପଦ ଇତରଗତରେ ବ୍ୟବହୃତ ହେଉଥିଲା । ଶିକ୍ଷାର ଉନ୍ନତି ଓ ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ଭାଷାର ସୌଷ୍ଠବ ପାଇଁ ସେହି ପଦଗୁଡ଼ିକକୁ ଗୀତବଳଗତରେ ବ୍ୟବହାର କରାଗଲା । ଗମ୍ଭୀରତା ଜଳରେ ଥିଲା । 'ମନ ଗମ୍ଭୀର'

Digitized by srujan ka@gmail.com

କହିବା ସୁଷ୍ଠୁ ପ୍ରୟୋଗ । ତରଳତା ଘୃତରେ ଅଛି । 'ହୃଦୟ ତରଳ' କହିବା ସୁଷ୍ଠୁପ୍ରୟୋଗ । 'କାଠ ଭାଙ୍ଗିବା' 'ପଥର ଭାଙ୍ଗିବା' ଏଠାରେ ଭାଙ୍ଗିବା ପଦ ସ୍ୱାଭାବିକ 'ମନଭାଙ୍ଗିବା' 'କଥାଭାଙ୍ଗିବା' ଇତ୍ୟାଦି ସ୍ଥଳରେ ପଦ ସୁଷ୍ଠୁରୂପେ ବ୍ୟବହୃତ ହୁଏ । ସେପରି ଜୀବଜଗତର ପଦ ଜଡ଼-ଜଗତରେ ପ୍ରଯୁକ୍ତ ହେଲେ ମଧ୍ୟ ସୁଷ୍ଠୁ ପ୍ରୟୋଗ ବୋଲଯାଏ । ମେଘ ଗର୍ଜିବା, ଜିଅ ବସିବା, ରଜନୀ ହସିବା, ଫୁଲ ହସିବା ଇତ୍ୟାଦି ।

୨. ନାନାର୍ଥ—କେତେଗୁଡ଼ିଏ ଶବ୍ଦର ଦୁଇ ରୁ ଅର୍ଥ ପର୍ଯ୍ୟନ୍ତ ଥାଏ । ପୂର୍ବାପର ସମ୍ବନ୍ଧ ନେଇ ଅବଶ୍ୟକ ଅର୍ଥ ଗୃହୀତ ହୁଏ । ସୈନ୍ଧବ = କହିଲେ ଘୋଡ଼ା ଓ ଲବଣ । ନାଗ = ସର୍ପ ଓ ହସ୍ତୀ । ଦଳ = ସମୂହ, ପତ୍ର ଓ ଜଳଜାତ ଉଦ୍ଭିଦ୍ ବିଶେଷ । ଚକ୍ର = ଗାଡ଼ୀଚକ, ଅସ୍ତ୍ର ବିଶେଷ, ଚକ୍ରବାକ ପକ୍ଷୀ ।

ଏ ଭଳି ପଦଗୁଡ଼ିକୁ ଜାଣିବା ପାଇଁ ଅଭିଧାନମାନଙ୍କର ଆଶ୍ରୟ ନେବାକୁ ହୁଏ । ଅତି କେତେକ ଗୁଡ଼ିଏ ପଦ ଅଛି ତାର କିଛି ଅଂଶ ବଦଳାଇଲେ ଭିନ୍ନ ଅର୍ଥ ହୋଇଥାଏ । ଯଥା:—ଅଂଶ = ଭାଗ, ଅଂସ = କାନ୍ଧ, କୁଳ = ବଂଶ ବା ଜାତି, କୂଳ = ତଟ, ଚୁଡ଼ା = ଖାଦ୍ୟପଦାର୍ଥ, ଚୂଡ଼ା = ଶିଖର, ନୀତି = ପ୍ରତିଦିନ, ନୀତି = ନିୟମ ବା ଉପଦେଶ, ଦିନ = ଦିବସ, ଦୀନ = ଦରିଦ୍ର, ବିସ = ମୃଣାଳ, ବିଷ = ଗରଳ, ଦାସ = ଭୃତ୍ୟ, ଦାଶ = ଧୀବର, ସୁଧା = ଅମୃତ, ସୁରା = ମଦ୍ୟ, ।

୩. ବିପରୀତାର୍ଥ—ଏହା ତିନିପ୍ରକାର । କେତେ ପଦ ପୂର୍ବରେ ନଞ୍ ସମ୍ବନ୍ଧୀୟ ଅ ଅବା ଅନ୍ ଯୋଗକଲେ, କେତେକ ପଦ ଉପସର୍ଗ ଯୋଗରେ, ଓ ଅନ୍ୟ କେତେକ ଭିନ୍ନ ପଦରେ ହିଁ ବିପରୀତାର୍ଥ ପ୍ରକାଶ କରିଥାଏ । ଯଥା:—

Digitized by srujan ka@gmail.com

[କ] ଚେତନ—ଅଚେତନ
ନିତ୍ୟ —ଅନିତ୍ୟ
ପୂର୍ଣ୍ଣ —ଅପୂର୍ଣ୍ଣ
ଭୟ —ଅଭୟ
ମଙ୍ଗଳ —ଅମଙ୍ଗଳ
ସାଧ —ଅସାଧ

ଆଗ୍ରହ—ଅନାଗ୍ରହ
ଆଦର—ଅନାଦର
ଇଷ୍ଟ —ଅନିଷ୍ଟ
ଇଚ୍ଛା —ଅନିଚ୍ଛା
ଋଣ —ଅନୃଣ
ଉପସ୍ଥିତ—ଅନୁପସ୍ଥିତ
ଏକ—ଅନେକ

ଦ୍ର—ଏଥିରେ ଯେଉଁ ପଦର ପ୍ରଥମ ବର୍ଣ୍ଣ ବ୍ୟଞ୍ଜନ, ତା ପୂର୍ବରେ 'ଅ' ଯୋଗେ ଯେଉଁପଦର ସ୍ୱର ପ୍ରଥମରେ ଥାଏ, ସେ ଗୁଡିକ ଅନ୍ ଯୋଗେ ବିପରୀତ ଅର୍ଥ ପ୍ରକାଶ କରନ୍ତି ।

## [ଖ] ଉପସର୍ଗ ଯୋଗେ

ଅନୁରାଗ—ବିରାଗ
ଅନୁଗ୍ରହ—ନିଗ୍ରହ
ଅପେକ୍ଷଣ—ଅବେକ୍ଷଣ
ଉନ୍ନତ—ଅବନତ
ଜୟ—ବିଜୟ
ଜୟ —ପରାଜୟ
ପ୍ରସନ୍ନ—ବିଷଣ୍ଣ
ମାନ —ଅପମାନ
ସୁଲଭ—ଦୁର୍ଲ୍ଲଭ
ସୁଶୀଳ—ଦୁଃଶୀଳ
ସୁଦୃଷ୍ଟି—ଅପଦୃଷ୍ଟି

ସଂଯୋଗ—ବିଯୋଗ
ଅନୁକୂଳ—ପ୍ରତିକୂଳ
ଉତ୍କର୍ଷ—ଅପକର୍ଷ
ଉପକାର—ଅପକାର
ଗମନ —ଆଗମନ
ପ୍ରବଳ —ଦୁର୍ବଳ
ବିବାଦ —ନିର୍ବିବାଦ
ସୁଗମ —ଦୁର୍ଗମ
ସୁବୁଦ୍ଧି—ଦୁର୍ବୁଦ୍ଧି
ସୁଶିକ୍ଷା —ଦୁଃଶିକ୍ଷା
ସୁକାର୍ଯ୍ୟ —ଦୁଷ୍କାର୍ଯ୍ୟ

Digitized by srujan ka@gmail.com

## [ଗ] ଭିନ୍ନପଦରେ

ଅଳ୍ପ —ଅଧିକ
ଅଗ୍ର —ପଶ୍ଚାତ୍
ଆଦି —ଅନ୍ତ
ଉତ୍ଥାନ—ପତନ
ଭଲ—ମନ୍ଦ
କୃତ୍ରିମ—ପ୍ରାକୃତିକ
କ୍ଷୟ —ବୃଦ୍ଧି
ଖାଲ —ଢିପ
ଗୁଣ —ଦୋଷ
ଘନ —ତରଳ
ଜମା —ଖର୍ଚ୍ଚ
ଜ୍ୟେଷ୍ଠ—କନିଷ୍ଠ
ଜାଗ୍ରତ—ସ୍ୱପ୍ନ
ଜୁଆର—ଭଟ୍ଟା
ଦଣ୍ଡ —ପୁରସ୍କାର
ଦାନ —ପ୍ରତିଗ୍ରହ
ଦୀର୍ଘ —ହ୍ରସ୍ୱ
ଧନୀ =ଦରିଦ୍ର
ନିନ୍ଦା —ପ୍ରଶଂସା
ନୂତନ—ପୁରାତନ
ପ୍ରଭୁ —ଭୃତ୍ୟ

ଅଧମ—ଉତ୍ତମ
ଅମୃତ— ବିଷ
ଆର୍ଦ୍ର —ଶୁଷ୍କ
ଉଷ୍ଣ —ଶୀତଳ
କୃତଜ୍ଞ—କୃତଘ୍ନ
ପ୍ରାଚୀନ—ନବୀନ
ବନ୍ଧୁର—ସମ
ବିଜ୍ଞ —ଅଜ୍ଞ
ରାଜା —ପ୍ରଜା
ଶତ୍ରୁ —ମିତ୍ର
ଶିଷ୍ଟ —ଦୁଷ୍ଟ
ସଂକ୍ଷିପ୍ତ—ବିସ୍ତୃତ
ସଂକୀର୍ଣ୍ଣ—ପ୍ରଶସ୍ତ
ସତ୍ୟ —ମିଥ୍ୟା
ସହଜ —କଠିନ
ସୁଖ—ଦୁଃଖ
ସାଧୁ —ଖଳ
ସ୍ଥୂଳ —ସୂକ୍ଷ୍ମ
ହର୍ଷ —ବିଷାଦ
ହାନି —ଲାଭ
ପ୍ରତ୍ୟକ୍ଷ—ପରୋକ୍ଷ

Digitized by srujan ka@gmail.com

## ଯୁଗ୍ମ ପଦ

ଓଡ଼ିଅରେ ଅନେକ ଯୁଗ୍ମ ପଦ ଦେଖାଯାଏ । ଭାବର ଗୁରୁତ୍ୱ ରକ୍ଷା କରିବା ସକାଶେ ଏ ଗୁଡ଼ିକ ବ୍ୟବହୃତ ହୋଇଥାଏ । ଏହା ତିନିଭାଗରେ ବିଭକ୍ତ—୧ ଏକାର୍ଥ ବୋଧକ ୨ ବିପରୀତାର୍ଥ ବୋଧକ ଓ ୩ ଭିନ୍ନାର୍ଥକ । ଏହାର ଉଦାହରଣ ଯଥା:—

### ଏକାର୍ଥବୋଧକ

| | | | |
|---|---|---|---|
| ଜମିବାଡ଼ି | ଯୁଦ୍ଧକଳନ୍ଦର | ବଣଜଙ୍ଗଲ | ସାଙ୍ଗସାଥୀ |
| ଠେଙ୍ଗାବାଡ଼ି | ଡରଭୟ | ସନ୍ତାନସନ୍ତତି | ଚୋରିଚୋରା |
| ହଣାମରା | ଆପଦବିପଦ | ଦୁଃଖୀଦରିଦ୍ର | ଉଦ୍ଭିଦ |
| ଟଙ୍କାକଉଡ଼ି | କଂସାବାସନ | ଗାଈଗୋରୁ | ଶିଠିପତ୍ର |
| ଦାନଧର୍ମ | କଳକଉଶଳ | ଗୀତନାଟ | ଧନସମ୍ପଦ |
| ଚାଲଚଳନ | ମାନମର୍ଯ୍ୟାଦା | ଆଶାଭରସା | ସ୍ନେହଆଦର |

### ବିପରୀତାର୍ଥ ବୋଧକ

| | | | |
|---|---|---|---|
| ସୁଖଦୁଃଖ | ଭଲମନ୍ଦ | ଦିଅନିଅ | ଦିନରାତି |
| ହାନିଲାଭ | କ୍ଷୟବୃଦ୍ଧି | ଅଦ୍ୟବ୍ୟୟ | ଉତ୍ଥାନ |
| ମିଛସତ | ନାଅଁଗାଣି | ନୂଆପୁରୁଣା | ଖରାବର୍ଷା |
| ବସାଉଠା | ସଞ୍ଜସକାଳ | ଉଣାଅଧିକ | ଆଲୁଅଅନ୍ଧାର |

### ୩ ଭିନ୍ନାର୍ଥକ

| | | | |
|---|---|---|---|
| ସୁନାରୁପା | ଧାନଚାଉଳ | ବାଘଭାଲୁ | ହାତୀଘୋଡ଼ା |
| ହାଡ଼ମାଉଁସ | ଗୃହବାସ | ଅଣୁପରମାଣୁ | ହାତଗୋଡ଼ |
| ଚୋରଚଣ୍ଡାଳ | ଘରଦ୍ୱାର | କଣାଖୁଣା | ଫଳମୂଳ |
| ଝରବନ୍ଧ | ଦଣ୍ଡଚକ୍ଷୁ | ଜାମଦାମ | ପଡ଼ାଗୁଡ଼ା |

Digitized by srujan ka@gmail.com

## ପ୍ରଶ୍ନ

୧. ପଦ କାହାକୁ କୁହାଯାଏ ?

୨. ରୂଢ଼ ଓ ଯୋଗରୂଢ଼ ମଧ୍ୟରେ ପ୍ରଭେଦ କ'ଣ ?

୩. ଶାଖା, ବନ୍ଧ, ଉଦୟ, ବୁଝିବା, ଚେଷ୍ଟିବା, ହାସ, ଏହି ପଦ ଗୁଡ଼ିକୁ ସୂକ୍ଷ୍ମାର୍ଥରେ ପ୍ରୟୋଗ କରି ବାକ୍ୟ ଗଠନ କର ।

୪. ଅନେକାର୍ଥକ କେତୋଟି ପଦ କହ ।

୫. ଅନେକ, କିଯ୍, ଜଳ, ସୁକର, ଅମ୍ଭ, ଅଳୁଞ୍ଜନ, ଖଙ୍ଗ, ସୁଫଳ, ସ୍ଥିର, ଏଗୁଡ଼ିକର ବିପରୀତାର୍ଥ ବୋଧକ ପଦ କହ ।

୬. କେତୋଟି ଏକାର୍ଥକ ଓ ଭିନ୍ନାର୍ଥକ ଯୁଗ୍ମପଦ କହ ।

## ପଦ ବିଭାଗ

ଓଡ଼ିଆ ଭାଷାରେ ପଦ ପାଞ୍ଚଭାଗରେ ବିଭକ୍ତ । ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟା ଓ ଅବ୍ୟୟ । ଇଂରାଜୀରେ ଏହାକୁ Part of speach କହନ୍ତି । ଏହା ଅଠପ୍ରକାର ଯଥା:— 1. Noun ବିଶେଷ୍ୟ 2. Pronoun ସର୍ବନାମ 3. Verb କ୍ରିୟା 4. Adjective ବିଶେଷଣ 5. Adverb କ୍ରିୟା ବିଶେଷଣ- 6. Preposition ବିଭକ୍ତିସୂଚକ ଅବ୍ୟୟ 7. Cunjunction ସଂଯୋଜକ ଅବ୍ୟୟ 8. Interjection ବିସ୍ମୟାଦିସୂଚକ ଅବ୍ୟୟ ।

ପରିଶୀଳନ କରି ଦେଖିବାକୁ ଗଲେ ଉଭୟ ବିଭାଗ ସମାନ । କାରଣ ବିଶେଷ୍ୟ, ବିଶେଷଣ, ସର୍ବନାମ କ୍ରିୟା ଉଭୟ ଭାଷାରେ ସମାନ । ଇଂରାଜୀରେ କ୍ରିୟା ବିଶେଷଣ ପାଇଁ ଭିନ୍ନ ସ୍ଥାନ ଦିଆ ଯାଇଛି । Adverb ଓଡ଼ିଆ ଓ ସଂସ୍କୃତରେ ଏହା ବିଶେଷଣର ଏକ ବିଭାଗମାତ୍ର । ଅଧିକ ଗୋଟିଏ ମାତ୍ର ଅବ୍ୟୟର ଭିନ୍ନ ଭିନ୍ନ ଭାଗକୁ ଇଂରାଜୀରେ ସ୍ୱତନ୍ତ୍ର ତିନୋଟି ସ୍ଥାନ ଦିଆ ଯାଇଅଛି । ଯଥା:-

Digitized by srujan ka@gmail.com

| | |
|---|---|
| Preposition | ବିଭକ୍ତିସୂଚକ ଅବ୍ୟୟ |
| Cunjunction | ସଂଯୋଜକ ଅବ୍ୟୟ |
| Interjiction | ବିସ୍ମୟାଦିସୂଚକ ଅବ୍ୟୟ |

ସୁତରାଂ ଇଂରେଜି ବିଭାଗ ଅପେକ୍ଷା ଓଡ଼ିଆର ବିଭାଗ ଯୁକ୍ତିସଙ୍ଗତ ।

## ବିଶେଷ୍ୟ

ଯେଉଁ ପଦ ପଦାର୍ଥର ନାମକୁ ବୁଝାଏ, ତାହାକୁ ବିଶେଷ୍ୟ କହନ୍ତି । ଏହା ପାଞ୍ଚପ୍ରକାର—ନାମ ବା ବ୍ୟକ୍ତିବାଚକ, ଜାତିବାଚକ, ବସ୍ତୁବାଚକ, ଗୁଣବାଚକ ଓ କ୍ରିୟାବାଚକ ।

୧. ପ୍ରାଣୀ, ପର୍ବତ, ନଦୀ, ଦେଶ ମଧ୍ୟରୁ ଜଣକୁ ମାତ୍ର ବୁଝାଇଲେ ନାମବାଚକ ବିଶେଷ୍ୟ ହୁଏ । ରାମ, ଗୋବିନ୍ଦ, ଲକ୍ଷ୍ମୀ, ଗଙ୍ଗା, ମେରୁ, ହିମାଳୟ, କଟକ, ଇତ୍ୟାଦି । ଇଂରାଜୀରେ ଏଗୁଡ଼ିକୁ Proper noun କହନ୍ତି ।

୨. ପୂର୍ବୋକ୍ତମାନଙ୍କ ମଧ୍ୟରୁ ଗୋଟିଏ ନାମରେ ଏକାପରି ଅନେକ ଜଣା ଯାଉଥିଲେ ଜାତିବାଚକ ବିଶେଷ୍ୟ ବୁଝାଯାଏ । ମନୁଷ୍ୟ, ପଶୁ, ହସ୍ତୀ, ଘର, ନଦୀ, ପର୍ବତ, ଗ୍ରାମ ଇତ୍ୟାଦି । ଇଂରାଜୀରେ ଏ ଗୁଡ଼ିକୁ Common noun କହନ୍ତି ।

୩. ଯେଉଁପଦ କୌଣସି ଜଡ଼ ବସ୍ତୁର ନାମ ବୁଝାଏ ତାହା ବସ୍ତୁବାଚକ ବିଶେଷ୍ୟ—ସୁନା, ରୁପା, କାଠ, ପଥର ମୁଦି, ମାଳୀ ଇତ୍ୟାଦି ।

ଇଂରାଜୀରେ ବିଶେଷତଃ ଏହି-ସୁନା, କାଠ ପ୍ରଭୃତି ପ୍ରାକୃତିକ ବସ୍ତୁଗୁଡ଼ିକୁ Material noun, ମୁଦି ମାଳୀ ପେଡ଼ୀ ପ୍ରଭୃତି

Digitized by srujan ka@gmail.com

ଜଡବସ୍ତୁ ହେଲେ ମଧ୍ୟ ଏକାପରି ଅନେକ ନିର୍ମିତ ହୋଇ ପାରେ ବୋଲି ସେଗୁଡ଼ିକୁ Commoun noun କହନ୍ତି ।

୭. ଗୁଣ ବା ଅବସ୍ଥାର ନାମ ପ୍ରକାଶ କଲେ ଗୁଣବାଚକ ବିଶେଷ୍ୟ ବୋଲାଯାଏ । ଦୟା, ଶାନ୍ତି, କ୍ଷମା, ବାଲ୍ୟ, ଯୌବନ, ଚତୁରିଆ, ଈର୍ଷା ଇତ୍ୟାଦି ।

୮. କୌଣସି କାର୍ଯ୍ୟର ନାମକୁ ମାତ୍ର ପ୍ରକାଶ କଲେ କ୍ରିୟା-ବାଚକ ବିଶେଷ୍ୟ କୁହାଯାଏ । ଯଥା:—ହସିବା, କାନ୍ଦିବା, ଦର୍ଶନ, ଗମନ, ପଢ଼ା, ବିନତି, ମୁକ୍ତି ଇତ୍ୟାଦି ।

ପୂର୍ବୋକ୍ତ ଗୁଣବାଚକ ଓ କ୍ରିୟାବାଚକ ଉଭୟ ପ୍ରକାର ବିଶେଷ୍ୟ ଅନ୍ୟ ତିନିପ୍ରକାର ବିଶେଷ୍ୟ ପରି ହୃଦୟର ଭାବ ଓ ଇନ୍ଦ୍ରିୟ ଗ୍ରାହ୍ୟ, ଅକୃତିବିଶିଷ୍ଟ ବସ୍ତୁରୂପେ ପ୍ରତୀୟମାନ ହୋଇ ନ ଥିବାରୁ ଇଂରାଜୀରେ ଦୁଇଟିକୁ ଭିନ୍ନ ଭିନ୍ନ ବିଶେଷ୍ୟ ନ ମାନି ଏକତ୍ର Abstract noun କହନ୍ତି । ଏହା ବାଦେ ଇଂରାଜୀରେ ଆଉ ଗୋଟିଏ ଅଧିକା ବିଶେଷ୍ୟ ମାନନ୍ତି ତାହାର ନାମ Collective noun ଦଳ, ସମୂହ, ଯୂଥ, ସଭା, ଏ ସବୁକୁ ଓଡ଼ିଆରେ ଜାତିବାଚକରେ ଗଣନା କରନ୍ତି । କାରଣ ଗୋଟିଏ ଗୋଟିଏ ସମଷ୍ଟିର ସଂଜ୍ଞା ବୁଝାଏ ।

[୧] ନାମବାଚକ ବିଶେଷ୍ୟ Proper noun+Collective noun

[୨] ଜାତିବାଚକ ବିଶେଷ୍ୟ Common noun

[୩] ବସ୍ତୁବାଚକ ବିଶେଷ୍ୟ Material noun

[୪] ଗୁଣବାଚକ ବିଶେଷ୍ୟ Abstract noun

—o—

Digitized by srujan ka@gmail.com

## ପ୍ରଶ୍ନ

୧. ଗୋପାଳ, ଲକ୍ଷଣ, ଓଷ୍ଠ, ସାଧୁତା, ଚନ୍ଦାର, ପାନୀୟ, ଲଜ୍ଜା, ଜଣ୍ଡ, ଗୋଦାବରୀ—ଇଂରାଜୀରେ ଓ ଓଡ଼ିଆରେ ତାହାକୁ କି ବିଶେଷ୍ୟ କହନ୍ତି ?

୨. କି ଭଳି ଜଡ଼ବସ୍ତୁକୁ ଇଂରାଜୀରେ Common noun କହନ୍ତି ?

୩. ଗୁଣ ଓ କ୍ରିୟା ବାଚକ ପାଇଁ ଇଂରାଜୀରେ ଦୁଇଟି ସ୍ଥାନ ସ୍ଥାନ ନାହିଁ କାହିଁକି ?

୪. Collective nounକେଉଁ ଗୁଡ଼ିକ, ତାହା ପାଇଁ ଓଡ଼ିଆରେ ଭିନ୍ନ ସ୍ଥାନ ନାହିଁ କହୁଁ କି ?

୫, ଆମ୍ଭର ପାଞ୍ଚପ୍ରକାର ପଦରେ ଇଂରାଜୀର ଆଠପ୍ରକାର ଯାଏ କିପରି ?

୬. Adverbକୁ ଆମ୍ଭେ କେଉଁଥିରେ ନେଉଁ ?

୭. ଆମ୍ଭର ଯୋଜକ ଅବ୍ୟୟ ଗୁଡ଼ିକୁ ଇଂରାଜୀରେ କଣ କହନ୍ତି ?

—○—

## ଲିଙ୍ଗ

ଲିଙ୍ଗ ତିନିପ୍ରକାର ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ, କ୍ଳୀବଲିଙ୍ଗ । ସାଧାରଣରେ ପୁରୁଷକୁ ବୁଝାଇଲେ ପୁଂଲିଙ୍ଗ, ସ୍ତ୍ରୀକି ବୁଝାଇଲେ ସ୍ତ୍ରୀଲିଙ୍ଗ. ଯେଉଁ ପଦ ପୁରୁଷକୁ ବା ସ୍ତ୍ରୀକି ବୁଝାଏ ନାହିଁ ତାହା କ୍ଳୀବଲିଙ୍ଗ । ଇଂରାଜୀରେ ଏହିପରି ତିନି ଲିଙ୍ଗ ବାଦେ ଆଉ ଗୋଟିଏ ଅଧିକ ଲିଙ୍ଗ ମାନନ୍ତି । ଯେଉଁ ପଦ ସ୍ତ୍ରୀ ଓ ପୁରୁଷ ଉଭୟଙ୍କୁ ବୁଝାଏ ତାହ

Digitized by srujan ka@gmail.com

ସାଧାରଣ ଲିଙ୍ଗ । (Common Gender) ବୋଲଯାଏ । ଯଥା—ଛେଳି, ମେଣ୍ଢା, ଗୋରୁ, ବନ୍ଧୁ, ପିଲା ।

ସଂସ୍କୃତରେ ଅର୍ଥ ନେଇ ଲିଙ୍ଗ ନିର୍ଣ୍ଣୟ କରାଯାଏ ନାହିଁ । ସେ ମତରେ ଲିଙ୍ଗ ଶବ୍ଦଧର୍ମ ଅର୍ଥାତ୍ ଏକାପଦାର୍ଥକୁ ବୁଝାଉ ଥିବା ଭିନ୍ନ ପଦର ଭିନ୍ନ ଲିଙ୍ଗ ହୋଇଥାଏ । ଯଥା—ଦାରଶବ୍ଦ ସ୍ତ୍ରୀଅର୍ଥ ପ୍ରକାଶ କରୁଥିଲେ ମଧ୍ୟ ଏହାଟି ପୁଂଲିଙ୍ଗରେ ବ୍ୟବହୃତ । କଳତ୍ର କ୍ଳୀବଲିଙ୍ଗ । ପ୍ରସ୍ତରଅର୍ଥକ ଶିଳାଶବ୍ଦ ସ୍ତ୍ରୀଲିଙ୍ଗ, ଦେବପର୍ଯ୍ୟାୟରେ ଦେବଶବ୍ଦ ପୁଂଲିଙ୍ଗ, ଦେବତାଶବ୍ଦ ସ୍ତ୍ରୀଲିଙ୍ଗ ଓ ଦୈବତଶବ୍ଦ କ୍ଳୀବ-ଲିଙ୍ଗରେ ବ୍ୟବହୃତ ହୁଏ । ଏଣୁ ସଂସ୍କୃତରେ ଲିଙ୍ଗ ଢେନାଟି ମାନ । ତାର ଅନୁକରଣରେ ଓଡ଼ିଆରେ ମଧ୍ୟ ଢେନାଟି । ସାଧା-ରଣରେ ପ୍ରଥମ ପ୍ରବେଶ କରିବା ପାଇଁ ଅର୍ଥ ନେଇ ବୁଝା ଯାଇଥାଏ ; ନାରୀବୃନ୍ଦ, ପୁଷ୍ପମାଳ, ବୃକ୍ଷଶ୍ରେଣୀ, ପ୍ରଭୃତି ସ୍ଥଳରେ ଅର୍ଥ ଲକ୍ଷ୍ୟ ନ କରି ଶେଷପଦାନୁସାରେହିଁ ଲିଙ୍ଗ ନିର୍ଣ୍ଣୟ କରାଯାଇଥାଏ ।

ଓଡ଼ିଆରେ କ୍ଳୀବଲିଙ୍ଗ ପାଇଁ କିଛି ସ୍ୱତନ୍ତ୍ର ଚିହ୍ନ ନାହିଁ । ସାଧାରଣରେ ପ୍ରାଣିବାଚକ ଛଡ଼ା ଅନ୍ୟ ସମସ୍ତ ପଦ କ୍ଳୀବଲିଙ୍ଗ, ରୂପ ପୁଂଲିଙ୍ଗ ପର ; କିନ୍ତୁ—ସଂସ୍କୃତ ଅନୁକରଣରେ ନଦୀ, ଶକ୍ତି, ଲତା, ବିଦ୍ୟୁତ୍, ଲଜ୍ଜା, ପ୍ରଭୃତି କେତେ ପଦ ଓ ତଦର୍ଥକ ପଦଗୁଡ଼ିକ ମଧ୍ୟ ନିତ୍ୟ ସ୍ତ୍ରୀଲିଙ୍ଗରେ ବ୍ୟବହୃତ । ପତ୍ତି, ଯତି, ଅସ୍ତି, କତି ଭଳି ହ୍ରସ୍ୱଇକାରଯୁକ୍ତ 'ତି' ଶେଷରେ ଥିବା ସମସ୍ତ ପଦ ସ୍ତ୍ରୀଲିଙ୍ଗ ।

## ବଚନ

ଇଂରାଜୀ ପରି ଓଡ଼ିଆରେ ମଧ୍ୟ ଦୁଇଟି ବଚନ ଅଛି । ଜଣକୁ ବା ଗୋଟିକୁ ବୁଝାଇଲେ ଏକବଚନ । ଏକରୁ ଅଧିକ ବୁଝାଇଲେ

Digitized by srujan ka@gmail.com

ବହୁବଚନ ବ୍ୟବହୃତ ହୁଏ । ପ୍ରଥମା ଏକବଚନ ପାଇଁ ସ୍ୱତନ୍ତ୍ର ବିଭକ୍ତି-ଚିହ୍ନ କିଛି ନାହିଁ । ସ୍ନେହାର୍ଥରେ ଟି,ଟିଏ, ଅନାଦର ଅର୍ଥରେ ଟା,ଟାଏ, ବ୍ୟବହୃତ ହୁଏ । କୌଣସି କୌଣସି ସ୍ଥଳରେ 'ଏ' ମଧ୍ୟ ବ୍ୟବହୃତ ହୁଏ । ଯଥା—ଟଙ୍କାଏ,ଘେରେ,ପାଣେ,ଛଣେ, ଗୌରବ ଅର୍ଥରେ ବହୁବଚନ 'ଏ' ଏକବଚନରେ ଦିଆଯାଏ । ମନ୍ତ୍ରିଏ କହିଲେ । ଯନ୍ତ୍ରାଏ, ବାପେ, ମିତ୍ରେ, ଇତ୍ୟାଦି ।

ବହୁବଚନରେ—ଏ ମାନେ ଗୁଡ଼ିଏ,ଗୁଡ଼ାଏ,ଗୁଡ଼ାକ,ଗୁଡ଼ିକ,ଗୁଡ଼ିକ ପ୍ରଥମାର ବହୁବଚନ ଚିହ୍ନରୂପେ ବ୍ୟବହୃତ ହୁଏ । ବହୁସଂଖ୍ୟକ ପଦ ପୂର୍ବରେ ଥିଲେ ପରେ ବହୁବଚନସୂଚକ ବିଭକ୍ତି ଦିଆଯାଏ ନାହିଁ । ଯଥା—ଚାରି ଜଣ, କେତେକ ଦିନ, ବହୁ ବର୍ଷ, ଅନେକ ସ୍ଥାନ ଇତ୍ୟାଦି । ଏପରି ସ୍ଥଳେ ସଂସ୍କୃତ ଓ ଇଂରାଜୀରେ ପୂର୍ବ ଓ ପର ଉଭୟ ପଦରେ ବିଭକ୍ତି ରହେ ଯଥା—ସର୍ବେପୁତ୍ରାଃ, ବାଳିକାଃ, କତି ମାନବାଃ, ଅନେକବେଞ୍ଚାଃ All boys,Five Girls, Many Benches,

## ପ୍ରଶ୍ନ

୧. ଲିଙ୍ଗ ଗୁଡ଼ିକ ଇଂରାଜୀରେ କହ ।

୨. କେଉଁ ଲିଙ୍ଗ ଇଂରାଜୀରେ ଅଧିକ ?

୩. ଓଡ଼ିଆରେ ଲିଙ୍ଗ ତିନିପ୍ରକାର କାହିଁକି ?

୪. ଓଡ଼ିଆରେ କ୍ଲୀବଲିଙ୍ଗ ପଦ କିପରି ଚିହ୍ନିବ ?

୫. ସଂସ୍କୃତର ଲିଙ୍ଗବିଭାଗ ଉଦାହରଣସହ କହ ।

୬. କେଉଁ ସମୟରେ ଏକବଚନରେ ମଧ୍ୟ ବହୁବଚନ ଚିହ୍ନ ଦିଆଯାଏ ?

୭. ବହୁବଚନରେ ଓଡ଼ିଆଠାରୁ ଇଂରାଜୀର ପାର୍ଥକ୍ୟ କଣ ?



Digitized by srujan ka@gmail.com

# ବିଭକ୍ତି

ଓଡ଼ିଆ ଭାଷାରେ ସାତୋଟି ବିଭକ୍ତି ଅଛି । ପ୍ରତ୍ୟେକ ବିଭକ୍ତିର ଚିହ୍ନ ସ୍ୱରୂପ କେତୋଟି ପ୍ରତ୍ୟୟ ନିର୍ଦ୍ଦିଷ୍ଟ ଅଛି । ପ୍ରଥମା ବିଭକ୍ତି-ଜ୍ଞାପକ ଚିହ୍ନ କିଛି ନାହିଁ । ବହୁବଚନରେ ମାନ, ମାନେ, ଗୁଡ଼ିଏ, ପ୍ରଭୃତି ଚିହ୍ନଗୁଡ଼ିକ ବ୍ୟବହୃତ ହୁଏ । ଦ୍ୱିତୀୟାଠାରୁ ସପ୍ତମୀପର୍ଯ୍ୟନ୍ତ ଏକବଚନରେ ଓ ବହୁବଚନରେ ଭିନ୍ନ ପ୍ରତ୍ୟୟ ବ୍ୟବହାର କରାଯାଏ । ଇଂରାଜୀରେ ମଧ୍ୟ ସେପରି କେତୋଟି ଅବ୍ୟୟ ନିର୍ଦ୍ଦିଷ୍ଟ ଅଛି । ଓଡ଼ିଆ ଶବ୍ଦଠାରୁ ପାର୍ଥକ୍ୟ ଏହି ଯେ ଶବ୍ଦ ପୂର୍ବରେ ସେଗୁଡ଼ିକ ବ୍ୟବହୃତ ହୁଏ ।

ଉଦାହରଣ ସ୍ୱରୂପ 'ଛାତ୍ର' ଶବ୍ଦର ରୂପ ନିମ୍ନରେ ଦଆଗଲା ।

| ବିଭକ୍ତି | ପ୍ରତ୍ୟୟ | ଏକ | ବହୁ | ଇଂରାଜୀ |
|---|---|---|---|---|
| ପ୍ରଥମା | ଗୁଡ଼ିକ, ମାନ, ମାନେ | ଛାତ୍ର | ଛାତ୍ରମାନେ | s |
| ଦ୍ୱିତୀୟା | କୁ, ଙ୍କୁ, କି, ଙ୍କି | ଛାତ୍ରକୁ | ଛାତ୍ରମାନଙ୍କୁ | to |
| ତୃତୀୟା | ଦ୍ୱାରା, କର୍ତ୍ତୃକ, ରେ, ଦେଇ | ଛାତ୍ରଦ୍ୱାରା | ଛାତ୍ରମାନଙ୍କ ଦ୍ୱାରା | with by |
| ଚତୁର୍ଥୀ | କୁ, ନିମିତ୍ତ, ପାଇଁ, | ଛାତ୍ର ପାଇଁ | ଛାତ୍ରମାନଙ୍କ ପାଇଁ | to, for |
| ପଞ୍ଚମୀ | ରୁ, ଠାରୁ, ଏ, | ଛାତ୍ରଠାରୁ | ଛାତ୍ରମାନଙ୍କ ଠାରୁ | from |
| ଷଷ୍ଠୀ | ର, ଙ୍କ, ଙ୍କର | ଛାତ୍ରର | ଛାତ୍ରମାନଙ୍କର | of |
| ସପ୍ତମୀ | ରେ, ଠାରେ, ଏ | ଛାତ୍ରଠାରେ | ଛାତ୍ରମାନଙ୍କଠାରେ | in on / |

ସମ୍ବୋଧନରେ ପ୍ରଥମା ବିଭକ୍ତି ହୁଏ । ମାତ୍ର ପଦ ପୂର୍ବରେ ଅନେକ ଭାବ ହେ, ରେ, ଲୋ, ଆଲୋ, ଅଗୋ, ହୋ, ଇତ୍ୟାଦି ବ୍ୟବହାର କରାଯାଏ ।

Digitized by srujan ka@gmail.com

ପ୍ରଥମା ବିଭକ୍ତି ଏକ ବଚନରେ କୌଣସି ଚିହ୍ନ ନ ଥିଲେ ଅନାଦର ଅର୍ଥରେ ହା, ହେ ଏ, ନିର୍ଦ୍ଦିଷ୍ଟ ଅର୍ଥରେ ଟି, ଟିଏ, ଗୌରବା-ର୍ଥରେ ଓ ନିର୍ଦ୍ଦିଷ୍ଟାର୍ଥରେ 'ଏ' ହୁଏ । ଯଥା—ଅନାଦରାର୍ଥରେ ଅଗଦାର୍ଥ ହାଏ, ବ୍ରାହ୍ମଣହା, ନିର୍ଦ୍ଦିଷ୍ଟାର୍ଥରେ ପଇସେ, ଟଇସଏ, ପରସ୍ତେ, ଗୌରବାର୍ଥରେ ଅସରଏ, ଦାଦେ, ମାତ୍ରେ । ସମ୍ବୋଧନରେ ମଧ୍ୟ ଏ ହୁଏ । ଯଥା—ମିତ୍ରେ, ଦାଣ୍ଡପଟଣି ବାଳକେ ମୋର ବୋଲି କଲ, ମିତ୍ରେ ଦେଖ ଇତ୍ୟାଦି ।

ସମ୍ବାର୍ଥକ ପଦରେ କେତେ ସ୍ଥଳରେ ଏ ହୋଇଥାଏ । ଯେପ ସତେଁ, ତୁମ୍ଭ ସଙ୍କେତ ।

ତୃତୀୟାରେ 'ରେ' ସ୍ଥାନରେ ପଦାନ୍ତରେ ଏ ଦେଖାଯାଏ—ଖଡ଼୍ଗେ କାଟିଲେ, ପାଷାଣେ ଅଗ୍ନିଦେଲେ । ମନ୍ଦ ମତିଲେ ଗୋପାଳେ । ପ୍ରାଚୀନ ପ୍ରୟୋଗରେ ଏହା ଦେଖାଯାଏ । ଉଦ୍ଦେଶ୍ୟ ଶବ୍ଦେଣା ବାସ ପା-ର୍ଥରେ 'ରେ' ସ୍ଥଳରେ ଏ ଦେଖାଯାଏ । ମୁଣ୍ଡେ ମୁଣ୍ଡେ ଭାଙ୍ଗିଗଲା । କିନ୍ତୁ ବିଶେଷଣର ମଧ୍ୟ ଏ ହୋଇଥାଏ—ଛନ୍ଦିଲେ ତ୍ରିସିତେ । ସତ୍ୱରେ ଗଲେ ।

ଅନେକସ୍ଥଳ ସପ୍ତମୀରେ ଏ ଦେଖାଯାଏ । ଦାଣ୍ଡେ ବସାଇ, ମୁଣ୍ଡେ ମୁଣ୍ଡେ ବୁଲି, ଘରେ ଘରେ କଲି ।

ଦ୍ୱିତୀୟାରେ ଅନେକସ୍ଥ 'ଏ' ଦେଖାଯାଏ । ପୁଣେ ମନାଇ, ବ୍ରାହ୍ମଣେ ଡକାଇ, ହାତେ ମାପି ଗୃହେ ଗୃଳ, ଟୋପେ, ଢୋକେ,

ଚତୁର୍ଥୀରେ କେତେ ସ୍ଥଳରେ 'ଏ' ଦେଖାଯାଏ । ବ୍ରାହ୍ମଣେ ଦେଲେ ବହୁଧନ । ପ୍ରାଚୀନ ପ୍ରୟୋଗରେ ଦ୍ୱିତୀୟାରେ 'ନ୍ତ'ର ବ୍ୟବ-ହାର ଦେଖାଯାଏ । ଅସୁନ୍ତ, ଦୁଇନ୍ତ, ବାଳକନ୍ତ, ପୁଅନ୍ତ । ଇତ୍ୟାଦି ।

ଅଧିକାଂଶ ସ୍ଥଳରେ ଦ୍ୱିତୀୟା 'କୁ'ର ଲୋପ ଦେଖାଯାଏ ।

Digitized by srujan ka@gmail.com

ସଂସ୍କୃତରେ ଏପରି ସ୍ଥଳମାନଙ୍କରେ ଦ୍ୱିତୀୟା ବିଭକ୍ତିର ଚିହ୍ନ ଅବଶ୍ୟ ରହିବ ।

## କାରକ

କ୍ରିୟା ସହିତ ଯାର ସମ୍ବନ୍ଧ ବା ଅନ୍ୱୟ ଥାଏ ତାହା କାରକ । ଏହା ଛଅ ପ୍ରକାର । ଯଥା—କର୍ତ୍ତା, କର୍ମ, କରଣ, ସମ୍ପ୍ରଦାନ, ଅପାଦାନ ଓ ଅଧିକରଣ । ଉଦାହରଣ ଯଥା—'ରାମ ଯାଉଅଛି' କହିଲେ 'ଯାଦ ବିଶେଷ ରୂପ ଗମନ କାର୍ଯ୍ୟକୁ ରାମହିଁ କରୁଛି' ଏ ଅର୍ଥ ପ୍ରକାଶ ପାଏ ।ଏଣୁ ଏଠାରେ ରାମ କର୍ତ୍ତା । କର୍ତ୍ତା କ୍ରିୟାଦ୍ୱାରା ଉକ୍ତ ହୋଇଥିବାରୁ ତାର ପ୍ରଥମା ବିଭକ୍ତି ହେଲା । ମାତ୍ର କର୍ମ ବାଚ୍ୟରେ କ୍ରିୟାଦ୍ୱାରା କର୍ତ୍ତା ଉକ୍ତ ହୁଏ ନାହିଁ । ଏଣୁ ସେଠାରେ କର୍ତ୍ତାର ତୃତୀୟା ହୁଏ । ଏଣୁ ଯେ କରେ ବା କରାଏ ସେ କର୍ତ୍ତା ।

ବାଳକ ଖେଳୁଅଛି । ମାତା ପୁତ୍ରକୁ ଖୁଆଉ ଅଛି । ଏ ଦୁଇବାକ୍ୟରେ ବାଳକ ଓ ମାତା କର୍ତ୍ତୃପଦ । ଉଦ୍ଦେଶ୍ୟ ବିଧେୟ ଭେଦରେ କର୍ତ୍ତା ଦୁଇପ୍ରକାର । ରାମ ଅଯୋଧ୍ୟାର ରାଜା ଥିଲେ । ଏହି ବାକ୍ୟରେ ରାମ—ଉଦ୍ଦେଶ୍ୟ କର୍ତ୍ତା, ରାଜା—ବିଧେୟ କର୍ତ୍ତା ।

କର୍ମ—ଯାହା କର୍ତ୍ତାଦ୍ୱାରା କରାଯାଏ ତାହା କର୍ମ । 'ବାଳକ ସୂର୍ଯ୍ୟଙ୍କୁ ଦେଖୁଛି' ଏହି ବାକ୍ୟରେ ସୂର୍ଯ୍ୟଙ୍କର ଦର୍ଶନ କାର୍ଯ୍ୟ ବାଳକଦ୍ୱାରା ହେଉଛି । ତେଣୁ ସୂର୍ଯ୍ୟପଦ କର୍ମ । କେତୋଟି କ୍ରିୟାର ଦୁଇଟି କର୍ମ ଥାଏ—ଗୋଟିଏ ମୁଖ୍ୟ ଅନ୍ୟଟି ଗୌଣ । କର୍ମକାରକରେ ଦ୍ୱିତୀୟା ବିଭକ୍ତି । କର୍ମ ବାଚ୍ୟରେ କର୍ମରେ ପ୍ରଥମା ହୁଏ । ଯଥା—ରାମାୟଣ ବାଲ୍ମୀକିଙ୍କ ଦ୍ୱାରା ଲିଖିତ ।

କରଣ— ଯାହା ସାହାଯ୍ୟରେ କ୍ରିୟା ସାଧିତ ହୁଏ ତାହାକୁ କରଣ କହନ୍ତି । କଲମରେ ଲେଖା ହୁଏ । ଏଠାରେ କଲମ

Digitized by srujan ka@gmail.com

ସାହାଯ୍ୟରେ ଲେଖା ସମ୍ବନ୍ଧ ହେବା ଜଣାଯାଏ । ସପ୍ତମୀରେ 'ଏ' ବିଭକ୍ତି ଥିବାରୁ ଅନେକ ସମୟରେ 'ରେ' ବିଭକ୍ତିଯୁକ୍ତ ପଦ ସପ୍ତମୀର ଅଙ୍କ ଅଟେ । ସେଠାରେ ବୁଝିବାକୁ ଯେ ସାମୀପ୍ୟ ଅର୍ଥ ଅଛି କି ଆଧାର ଅର୍ଥ ଅଛି । ସାମୀପ୍ୟ ଅର୍ଥ ଥିଲେ ଷଷ୍ଠୀ, ଆଧାର ଅର୍ଥ ଥିଲେ ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହୁଏ ।

ସମ୍ପ୍ରଦାନ—ଯାହାକୁ ଦାନ ଦିଆଯାଏ, ତାହା ସମ୍ପ୍ରଦାନ । ଏହି କାରକରେ ଚତୁର୍ଥୀ ବିଭକ୍ତି । ଦ୍ୱିତୀୟାରେ 'କୁ' ଥିବାରୁ ଅନେକ ସମୟରେ ସନ୍ଦେହ ହେବା କଥା, କିନ୍ତୁ ଦାନାର୍ଥ ନିମିତ୍ତାର୍ଥ ଥିଲେ ଚତୁର୍ଥୀ ବୋଲି ନିର୍ଣ୍ଣୟ କରିଦେବାକୁ ହେବ । ଅନେକତ୍ର ଦାନାର୍ଥରେ ମଧ୍ୟ 'କୁ' ଚତୁର୍ଥୀ ନୁହେଁ ଯେଉଁଠାରେ କି ଦତ୍ତ ବସ୍ତୁରେ ଗ୍ରହୀତାର ଅଧିକାର ନ ଥାଏ । ଯଥା—ଧୋବାକୁ ଲୁଗା ଦେଉ । ମୋର ଦେହ କି ରୋଗୀଙ୍କୁ ଦେଉଛି ।

ଅପାଦାନ—ଯହିଁରୁ ପୃଥକ୍ ହେବାର ଜଣାଯାଏ ତାହା ଅପାଦାନ । ଯଥା—ବୃକ୍ଷରୁ ପତ୍ର ଝଡ଼ିଲା । ହରି ଗ୍ରାମରୁ ଆସିଲା । ଅପାଦାନରେ ପଞ୍ଚମୀ ।

ଅଧିକରଣ—କ୍ରିୟା ବା କର୍ତ୍ତାର ଆଧାରକୁ ଅଧିକରଣ କହନ୍ତି । ଯଥା—ଲୁଗାଟି ପେଡ଼ିରେ ଅଛି, ବାଳକ ଶଯ୍ୟାରେ ଶୋଇଛି । ଅଧିକରଣରେ ସପ୍ତମୀ ବିଭକ୍ତି ହୁଏ । କାଳାଧିକରଣ ସ୍ଥାନାଧିକରଣ-ଭେଦରେ ଏହା ଦୁଇପ୍ରକାର । ଯଥା—ବସନ୍ତଋତୁରେ ମଳୟ ବହେ । [କାଳ] ହରି ପିଣ୍ଡାରେ ବସିଛି । [ସ୍ଥାନ] ଏହା ଏକଦେଶିକ, ଅଭିବ୍ୟାପକ,ଓ ବୈଷୟିକ ଭେଦରେ ପୁଣି ତିନି ପ୍ରକାର । ଯଥା—ଖଟରେ ଶୋଇଛି, ଅର୍ଥାତ୍ କେତେକ ଅଂଶରେ । ତିଳରେ ତେଲ ଅଛି, ପୂର୍ଣ୍ଣମାତ୍ରାରେ, ବ୍ୟାକରଣରେ ଧୂରନ୍ଧର [ବିଷୟରେ] ।

Digitized by srujan ka@gmail.com

ସମ୍ବନ୍ଧ ଅର୍ଥରେ ଷଷ୍ଠୀ ହୁଏ । କ୍ରିୟା ସହିତ ଅନ୍ୱୟ [ସମ୍ପର୍କ] ନଥିବାରୁ ଏହା କାରକ ନୁହେଁ । ଯଥା—ରାମର ପୁତ୍ର ପଢ଼ିଲେ । ପଢ଼ନ କାର୍ଯ୍ୟରେ ରାମର ସମ୍ପର୍କ ନାହିଁ ।

ସମ୍ବୋଧନ—ଯାହାକୁ ଡାକିବା ଅର୍ଥ ଥିଲେ ସମ୍ବୋଧନ ହୁଏ । ତାର ମଧ୍ୟ କ୍ରିୟା ସହିତ ସମ୍ପର୍କ ନ ଥାଏ । ରାମ ! କେଉଁଠିକି ଯାଉଥିଲ ? ଏ ବାକ୍ୟରେ କ୍ରିୟାଦ୍ୱାରା 'ତୁମ୍ଭେ' ହିଁ ଉକ୍ତ ହୁଏ । ରାମ ସହିତ ତାର କିଛି ସମ୍ପର୍କ ନାହିଁ । ଅତଏବ ଏ ମଧ୍ୟ କାରକରେ ଗଣ୍ୟ ନୁହେଁ ।

ଇଂରାଜୀରେ କାରକ ବିଭାଗ ବିଭିନ୍ନ । ସେ ମତରେ କାରକ ଚତୁଷ୍ପ୍ରକାର ।

(I) Nominative Case. କର୍ତ୍ତାକାରକ । (2) Objective Case. କର୍ମକାରକ । (3) Possessive Case. ସମ୍ବନ୍ଧ । (4) Vocative Case ସମ୍ବୋଧନ । ଓଡ଼ିଆ ଓ ସଂସ୍କୃତରେ ସମ୍ବନ୍ଧ ଏବଂ ସମ୍ବୋଧନ କାରକ ନୁହେ । ଇଂରାଜୀରେ ସେ ଦୁଇଟିକୁ କାରକ ମାନନ୍ତି । ଓଡ଼ିଆର ଛ' ଗୋଟି କାରକରୁ କର୍ତ୍ତା ଓ କର୍ମ ଦୁଇଟି ମାତ୍ର ଇଂରେଜୀରେ ରହିଯାଏ । ଏହାର କାରଣ ଏପରି ସ୍ଥିର କରାଯାଇପାରେ ଓ ଓଡ଼ିଆର କର୍ମକାରକ ଧରି କରଣ, ସମ୍ପ୍ରଦାନ, ଅପାଦାନ, ଅଧିକରଣ ସବୁଗୁଡ଼ିକ ଇଂରେଜୀ Objective ମଧ୍ୟରେହିଁ ନିଆ ଯାଇଛି । ଉଦାହରଣ ସ୍ୱରୂପ ଇଂରାଜୀରେ କର୍ତ୍ତା-I Noun କର୍ମକାରକ me । (Objective) ତୃତୀୟାଦି ଅନ୍ୟ ସମସ୍ତ ବିଭକ୍ତ୍ୟର୍ଥ ଅବ୍ୟୟ ଗୁଡ଼ିକ ଯୋଗଦ୍ୱାରା me ସହିତହିଁ ସମ୍ବନ୍ଧ ରଖେ । ଯଥା—With me, From me, On me, By me, In me, କିନ୍ତୁ With I କିମ୍ବା by I ବୋଲି ବ୍ୟବହାର ନାହିଁ ।

Digitized by srujan ka@gmail.com

## ପ୍ରଶ୍ନ

୧. ପଞ୍ଚମୀ ବିଭକ୍ତିର ପ୍ରତ୍ୟୟ କଣ ?

୨. ସମ୍ବନ୍ଧ ଓ ସମ୍ବୋଧନ ଲେଇ କଣ କାଣ ?

୩. କାରକ କାହାକୁ କହନ୍ତି ?

୪. ଇଂରାଜୀରେ କାରକ କେତେ ପ୍ରକାର ?

—୦—

## ବିଭକ୍ତିର ବ୍ୟବହାର

ଯେଉଁ ଅର୍ଥରେ ଯେଉଁ ବିଭକ୍ତି ହେବ ତାହା ପୂର୍ବେ କୁହା-ଯାଇଛି । ମାତ୍ର ବିଶିଷ୍ଟ କାରଣ ନେଇ ବିଭକ୍ତି ଗୁଡ଼ିକର ଖାଭାନ ବ୍ୟବହାର ଦେଖାଯାଏ । ସେ ଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା ।

### ପ୍ରଥମା

୧. ନାମ ମାତ୍ରେ ପ୍ରଥମା । ଯଥା:—ରାମ, ଗୋବିନ୍ଦ, ଜଳେଃ ମାଳେଃ, ବୃକ୍ଷ, ଲତା ।

୨. କର୍ତ୍ତୃବାଚ୍ୟରେ କର୍ତ୍ତାର ପ୍ରଥମା—ରାମ ପାଠ ପଢ଼ୁଅଛି । ରାମଃ ପଠତି ।

୩. କର୍ମବାଚ୍ୟରେ କର୍ମର ପ୍ରଥମା—ରାମଦ୍ୱାରା ରାବଣ ହତ ହୋଇଛି । ରାମେଣ ରାବଣୋ ହତଃ ।

୪. ଅବ୍ୟୟ ଯୋଗେ ପ୍ରଥମା—ଅମୁକ ଗ୍ରାମର ନଦୀକୁ ଲୋକେ ମହେନ୍ଦ୍ରତନୟା ବୋଲି କହନ୍ତି । ସଂସ୍କୃତରେ—ରାମ ଇତି ବାଲକମ୍ ଅପଶ୍ୟତ୍ ।

Digitized by srujan ka@gmail.com

ଶିଶୁ ଦୁଧ ପିଉଛି, ଶୀକାରୀ ମୃଗ ମାରେ, ବାଳକ ନାଚ ଦେଖୁଛି ।

କେବଳ ଓଡ଼ିଅରେ ଏହା ନିଯୁକ୍ତ ଯଥା:—ଲବକୁ ଓ କୁଶକୁ ଯମଜଭ୍ରାତା କହନ୍ତି । ଏପରି ସ୍ଥଳରେ 'ଏହା' 'ଯାହା' ଇତ୍ୟାଦି ସଂଖ୍ୟାବାଚକ ଶବ୍ଦ ଶେଷରେ ଦ୍ୱିତୀୟା ଲୋପ କରି ପୂର୍ବ ପଦଗୁଡ଼ିକର ପ୍ରଥମା ରଖିବାକୁ ହୁଏ । ଯଥା—ଲବ, କୁଶ ଦୁହିଁଙ୍କୁ ଯମଜଭ୍ରାତା କହନ୍ତି । ସର୍ପ ଅସ୍ପୃଶ୍ୟ, ନଖୀ, ନଦୀ, ଏମାନଙ୍କୁ ବିଶ୍ୱାସ କରିବ ନାହିଁ ।

## ଦ୍ୱିତୀୟା

୧. କର୍ମକାରକରେ ଦ୍ୱିତୀୟା ହୁଏ । ଛାତ୍ରମାନେ ବିଦ୍ୟାଳୟକୁ ଯାଉଛନ୍ତି । କେତେକ ସ୍ଥଳରେ କର୍ମର ଦ୍ୱିତୀୟା 'କୁ' ଲୋପ ହୋଇଥାଏ । ହରି ହାତୀ ଦେଖିଲା ।

୨. ବ୍ୟାପ୍ତ୍ୟର୍ଥ ପ୍ରକାଶ ପାଉଥିଲେ ମାର୍ଗ ଓ କାଳବାଚକ ଶବ୍ଦର ଦ୍ୱିତୀୟା ହୁଏ । ଏହି ଦ୍ୱିତୀୟାର ମଧ୍ୟ 'କୁ' ଲୋପ ହୋଇଥାଏ । ଯଥା—ନଦୀଟି ପାଞ୍ଚକ୍ରୋଶ ଯାଇଛି । ଗତ ମାସରେ ପାଞ୍ଚଦିନ ଝଡ଼ ଧରିଥିଲା । ମାସମ୍ ଅଧୀତେ । କ୍ରୋଶଂ ଗିରିଃ ସ୍ଥିତଃ । ମାତ୍ର ଫଳପ୍ରାପ୍ତି ବୁଝାଇଲେ କାଳବାଚକର ତୃତୀୟା ହୋଇଥାଏ । ହରି ଦୁଇଦିନରେ ପଦ୍ୟଟି ମୁଖସ୍ଥ କଲା । ହରିଃ ମାସେନ ବ୍ୟାକରଣଂ ପଠିତବାନ୍ । ଏହାକୁ ଅପବର୍ଗ ତୃତୀୟା କହନ୍ତି ।

୩. ନିକଟାର୍ଥକ ଓ ଦୂରାର୍ଥକ ଯୋଗେ ଅପାଦାନାର୍ଥକ ପଦର ଦ୍ୱିତୀୟା ହୁଏ । ପାରଳକୁ ପଲାଶା ପଚିଶମାଇଲ । କେତେକ ଦିଗବାଚକ ଶବ୍ଦ ଯୋଗରେ ମଧ୍ୟ ଦ୍ୱିତୀୟା ହୋଇଥାଏ । ପାରଳକୁ ବ୍ରହ୍ମପୁର ଉତ୍ତରରେ ।

Digitized by srujan ka@gmail.com

୪. 'ଧିକ୍' ଅବ୍ୟୟ ଯୋଗେ ଦ୍ୱିତୀୟା । ଯଥା—ମୂର୍ଖଙ୍କୁ ଧିକ୍ ପୂର୍ବେ କୁହାଯାଇଛି ଅବ୍ୟୟ ଯୋଗେ ପ୍ରଥମା ପୁଣି ବିନା, ପ୍ରତି, ବ୍ୟତୀତ, ପ୍ରଭୃତି ଅବ୍ୟୟ ଯୋଗେ ଷଷ୍ଠୀ ହୋଇଛି । ସେହି ଅଶଙ୍କା ଦୂରୀକରଣାର୍ଥ ଏହି ସୂତ୍ରର ବ୍ୟବହାର । ମୂର୍ଖଂଧିକ୍ ଚୌରଂଧିକ୍ ।

ନିମ୍ନଲିଖିତ ସୂତ୍ର କେବଳ ଓଡ଼ିଆରେ ।

୫. 'ଅନୁସାରେ' ଅର୍ଥ ପ୍ରକାଶ କରୁଥିଲେ ଦ୍ୱିତୀୟା ବିଭକ୍ତିର ବ୍ୟବହାର ହୁଏ । ମୋର ଧନମାନଙ୍କୁ ଏହା ଘଟିଲା । ତାର କର୍ମଙ୍କୁ ଏ ଦଣ୍ଡ । ବିଧିର ଲଲାଟକୁ ଟୀକା ଛୁଇଁଲା ।

୬. ଦ୍ୱିରୁକ୍ତି କିମ୍ବା ପ୍ରତ୍ୟେକ ଅର୍ଥ ପ୍ରକାଶ ପାଉଥିଲେ ଦ୍ୱିତୀୟା ହୁଏ ଧନକୁ ଧନ, ଘରକୁ ଘର, ଘରକେ କଣେ, ମାସକୁ ଟଙ୍କାଏ । ନଈକେ ଫାଙ୍କ, ଲୋଈଁକେ ବାଙ୍କ ।

୭. ଅନେକ ସମୟରେ କର୍ମ ବାଚ୍ୟରେ କର୍ତ୍ତାର ଦ୍ୱିତୀୟା ହୋଇ ହୋଇଥାଏ । ମୋତେ ଏହା ସୁନ୍ଦର ଦିଶୁଅଛି । କେବଳ ସଂସ୍କୃତରେ—

କେତେଗୁଡ଼ିଏ ଅବ୍ୟୟ ଯୋଗେ
ଦ୍ୱିତୀୟା ହୋଇଥାଏ । ଯଥା—

୧. ଯାବତ୍—ନଦୀଂ ଯାବତ୍, ଗ୍ରାମଂ ନିକଷା, ଭ୍ୱାଂ ମାଂ ଚ ଅନ୍ତରା । ହରିମ୍ ଅନୁଗଚ୍ଛତି । ମାଂ ପ୍ରତି ।

୨. ଉପ, ଅନୁ, ଅଧି, ଆ, ଉପସର୍ଗ ବସଧାତୁର ପୂର୍ବରେ ପ୍ରୟୋଗ କଲେ ସପ୍ତମୀର ଦ୍ୱିତୀୟା ହୋଇଥାଏ । ଯୋଗୀ

Digitized by srujan ka@gmail.com

ଦେବୋଳପ୍ରମୁପବସଣ୍ଡ । ମାସ ଉପବସ [ନିରାହାର] ଅର୍ଥ ଥିଲେ ସପ୍ତମୀ ହୋଇଥାଏ । ଉକ୍ତଃ ଏକାଦଶ୍ୟାମୁପବସେତ୍ ।

୩. ଅଧି ଉପସର୍ଗଯୁକ୍ତ ଶୀ, ଅସ୍, ସ୍ଥା ଧାତୁ ପ୍ରୟୋଗରେ ମଧ୍ୟ ସପ୍ତମୀର ଦ୍ୱିତୀୟା ହୋଇଥାଏ । ଶିବଃ କୈଳାଶମଧିଶେତେ, ଅଧିବସତି, ଅଧିତିଷ୍ଠତି ବା ।

୪. ଅଭି, ପରି, ସର୍ବ, ଉଭୟ । ଏ ଗୁଡ଼ିକ ଶେଷରେ ତଃ [ତସ୍] ଯୋଗଥିଲେ ଦ୍ୱିତୀୟା ହୁଏ । ପର୍ବତମ୍ ଅଭିତଃ, ପରିତଃ, ଉଭୟତଃ, ସର୍ବତଃବା...

## ତୃତୀୟା

୧. କରଣ କାରକରେ ତୃତୀୟା ବିଭକ୍ତି ହୁଏ । କଲମରେ ଲେଖୁଛି । ଦାତ୍ରେଣ ଲୁନାତି ।

୨. କର୍ମ ଓ ଭାବବାଚ୍ୟରେ କର୍ତ୍ତାର ତୃତୀୟା ହୁଏ । ରାମଦ୍ୱାରା ରାବଣ ହତ ହେଲା । ରାମେଣ ରାବଣଃ ହତଃ । ବାଳକେନ ହସ୍ୟତେ । ଓଡ଼ିଆରେ ଭାବବାଚ୍ୟ କର୍ତ୍ତାର ଅଧିକାଂଶ ସ୍ଥଳରେ ତୃତୀୟା ନ ହୋଇ ଷଷ୍ଠୀ ହୁଏ । ମୋର ଖେଳ ହେଉଛି । ବାଳକର ହସ ହେଉଛି ।

୩. ବେଶି, ଊଣ, ହୀନ, ଊନ, ପ୍ରୟୋଜନାର୍ଥକ ପଦଯୋଗେ ତୃତୀୟା । ଗୋପାଳ ବୟସରେ ମୋଠାରୁ ବେଶି । ହରି ଧନରେ ହୀନ । କଳହରେ କି ଫଳ ? ପ୍ରମାଣ ନ ଥିଲେ ଯୁକ୍ତିରେ କି ପ୍ରୟୋଜନ । ଧନେନ ହୀନଃ, ଜ୍ଞାନେନ ଊନଃ କଳହେନ କିମ୍ ?

Digitized by srujan ka@gmail.com

୩. ଅଙ୍ଗ ବିକାର ବୁଝାଇଲେ ବିକୃତ ଅଙ୍ଗର ତୃତୀୟା ହୁଏ । କର୍ଣ୍ଣରେ ବଧିର, ପିଠିରେ କୁଜା, ପାଦେନ ଖଞ୍ଜଃ, ଚକ୍ଷୁଷା କାଣଃ ।

୪. ଜାତି, ଗୋତ୍ର, ନାମ ବୁଝାଇଲେ ଏହି ପଦଗୁଡ଼ିକର ତୃତୀୟା ହୁଏ । ଜାତିରେ କ୍ଷତ୍ରିୟ, ଗୋତ୍ରରେ କାଶ୍ୟପ ନାମ୍ନା ଦଶରଥଃ, ଜାତ୍ୟା କ୍ଷତ୍ରିୟଃ ।

୫. ମୂଲ୍ୟ ଅର୍ଥରେ ତୃତୀୟା ହୁଏ । ଦେଢ଼ଟଙ୍କାରେ ମାଠିଆଏ ପାଇଲି । ଶତେନ କ୍ରୀତମ୍ ।

୬. କ୍ରିୟାବିଶେଷଣଗୁଡ଼ିକର ଓଡ଼ିଆରେ ତୃତୀୟା ଓ ସଂସ୍କୃତରେ ଦ୍ୱିତୀୟା ହୁଏ—ଘୋଡ଼ାର ଗାଡ଼ି ବେଗରେ ପଳାଉଛି । ଅଶ୍ୱଃ ଚଞ୍ଚଳଂ ଧାବତି ।

୮. [ସହାର୍ଥକ] ପଦଯୋଗେ ଓଡ଼ିଆରେ ଷଷ୍ଠୀ । ସଂସ୍କୃତରେ ତୃତୀୟା ହୁଏ । ରାମଙ୍କ ସହ ସୀତା ବଣକୁ ଯାଇଥିଲେ । ରାମେଣ ସହ ସୀତା ବନମଗଚ୍ଛତ୍ ।

## ଚତୁର୍ଥୀ

୧. ସମ୍ପ୍ରଦାନ କାରକରେ ଚତୁର୍ଥୀ—ରୋଗୀକୁ ଔଷଧ ଦେଲେ । ପୁରୋହିତଙ୍କୁ ଦକ୍ଷିଣା ଦେଲେ । ଭିକ୍ଷୁକାୟ ଭିକ୍ଷାମଯଚ୍ଛତ ।

୨. ନିମିତ୍ତାର୍ଥ ବୁଝାଇଲେ ଚତୁର୍ଥୀ ହୁଏ । ମଶାକୁ ଧୂଆଁ । ମୁଣ୍ଡବିଥାକୁ ଔଷଧ । ଅଗ୍ନୟେ ଜଳମ୍ । ରୋଗାୟ ଭେଷଜମ୍ ।

୩. ତୁମ୍ ପ୍ରତ୍ୟୟାନ୍ତ ପଦ ଲୋପ ହେଲେ ଚତୁର୍ଥୀ ହୁଏ । ପିଲାଟି ପାଠ ପଢିବାକୁ ଯାଇଛି । ପିଲାଟି ପାଠକୁ ଯାଇଛି । ଜଳମ୍ ଅନେତୁଂ ଗଚ୍ଛତି—ଜଳାୟ ଗଚ୍ଛତି ।

Digitized by srujan ka@gmail.com

୪. ନିମିତ୍ତାର୍ଥକ ପଦଯୋଗେ ଚତୁର୍ଥୀ ହୁଏ —ପିଠିକି କନା ନାହିଁ, ସ୍ୱର୍ଗକୁ ନିଶୁଣି ନାହିଁ । କୁଣ୍ଡଳାୟ ସୁବର୍ଣ୍ଣମ୍ ।

୫. ନମଃ, ସ୍ୱାହା, ସ୍ୱଧା, ଯୋଗେ ଚତୁର୍ଥୀ [ସଂ] ଶ୍ରୀଗଣେଶାୟ ନମଃ, ପିତୃଭ୍ୟଃ ସ୍ୱଧା, ଇନ୍ଦ୍ରାୟ ସ୍ୱାହା ।

୬. ରୁଚ୍ୟର୍ଥକ ଧାତୁଯୋଗେ ଚତୁର୍ଥୀ—ମୋତେ ଦହି ରୁଚେ ନାହିଁ । ଭକ୍ତଂ ମହ୍ୟଂ ନ ରୋଚତେ ।

## ପଞ୍ଚମୀ

୧. ଅପାଦାନ କାରକରେ ପଞ୍ଚମୀ ହୁଏ—ଗ୍ରନ୍ଥ ବିଦ୍ୟାଳୟରୁ ଫେରିଲି । ଧୀବର ନଦୀରୁ ମାଛ ଆଣିଲା ।

୨. ଭିନ୍ନ,ଉତ୍କର୍ଷ, ଅପକର୍ଷ ବୋଧକ ପଦଯୋଗେ ପଞ୍ଚମୀ ହୁଏ । ହରିର ଚେହେରାଠାରୁ ଗୋପାଳର ଚେହେରା ଭିନ୍ନ । ରମା-ଠାରୁ ସୀତା ବୁଦ୍ଧିମତୀ, ସର୍ବାଭ୍ୟଃ ନଦୀଭ୍ୟଃ ଗଙ୍ଗା ଭିନ୍ନା, ପିତା ଆକାଶରୁ ବଡ଼ ।

୩. ହେତୁବୋଧକ ପଦରେ ପଞ୍ଚମୀ ହୁଏ । ବେଦପାଠରୁ ବ୍ରାହ୍ମଣ ବୋଲି ଅନୁମାନ ହୁଏ । ମୋ ଦୋଷରୁ ଏହା ଘଟିଲା । ସଂସ୍କୃତରେ ହେତୁ ଅର୍ଥରେ ତୃତୀୟା ଓ ପଞ୍ଚମୀ ହୁଏ । ଯଜ୍ଞୋପବୀତେନ, ଯଜ୍ଞୋପବୀତାତ୍ ବା ବ୍ରାହ୍ମଣମଜାନାମ୍ ।

୪. ଅସମାପିକା କ୍ରିୟା ଲୋପ ହେଲେ ପୂର୍ବକର୍ମର ପଞ୍ଚମୀ ହୁଏ । ବୃକ୍ଷ ଚଢ଼ି ନଦୀ ଦେଖୁଛି—ବୃକ୍ଷରୁ ନଦୀ ଦେଖୁଛି, ପ୍ରାସାଦ-ମାରୁହ୍ୟ ପଶ୍ୟତ—ପ୍ରାସାଦାତ୍ ପଶ୍ୟତ ।

Digitized by srujan ka@gmail.com

୫. ଦିଗ୍‌ବାଚକ ଶବ୍ଦଯୋଗେ ପଞ୍ଚମୀ । କଟକରୁ ଦକ୍ଷିଣରେ କାଠଯୋଡ଼ି, ତୁମ ଘର ଆମ ଘରଠାରୁ ପୂର୍ବରେ । ଗ୍ରାମାତ୍ ପୂର୍ବସ୍ମିନ୍ ନଦୀ ବର୍ତ୍ତତେ । ସଂ—ବନ୍ଧଃ, ଅଶ୍ୱାତ୍, ପତତି, ଯୋଗେ ପଞ୍ଚମୀ, ଉଦ୍ୟାନାତ୍ ବହିଃ, ଜ୍ଞାନାତ୍ ଋତେ ।

୬. ସଂସ୍କୃତରେ ତ୍ରା ଓ ରକ୍ଷାର୍ଥକ ଧାତୁ ଯୋଗେ ପଞ୍ଚମୀ । ବ୍ୟାଘ୍ରାତ୍ ବିଭେତି, ନଦ୍ୟାଃ ତ୍ରାତି ।

୭. ସଂସ୍କୃତରେ ପୃଥକ୍, ବିନା, ନାନା ଯୋଗେ ଦ୍ୱିତୀୟା, ତୃତୀୟା, ପଞ୍ଚମୀ ହୁଏ । ତଂ ବିନା, ତେନ ବିନା, ତସ୍ମାତ୍ ବିନା ।

## ଷଷ୍ଠୀ

୧. ସମ୍ବନ୍ଧରେ ଷଷ୍ଠୀ ବିଭକ୍ତି ହୁଏ—ଚନ୍ଦ୍ରର କିରଣ, ନଦୀର ଜଳ । ନଦ୍ୟାଃ ଜଳମ୍ ।

ସଂସ୍କୃତରେ ଏହି ସମ୍ବନ୍ଧ ଗୁଡ଼ିକ ବିଭିନ୍ନ ପ୍ରକାର ।

୨. ସହାର୍ଥରେ ଉଭୟରେ ଷଷ୍ଠୀ ବିଭକ୍ତି ହୁଏ । ରାମଙ୍କ ସଙ୍ଗେ ସୀତା ବଣକୁ ଗଲେ ।

୩. ବିନା, ପ୍ରତି, ଛଡ଼ା, ବ୍ୟତୀତ ପ୍ରଭୃତି ଯୋଗେ ଉଭୟରେ ଷଷ୍ଠୀ ହୁଏ । ତୁମ୍ଭ ବିନା । ଅମ୍ଭମାନଙ୍କ ପ୍ରତି ଦୃଷ୍ଟି ଦିଅ । ହରିଙ୍କ ବ୍ୟତୀତ ଜାଣନ୍ତି ନାହିଁ ।

୪. ସଂସ୍କୃତରେ ଅଧିକାଂଶ କାରକର ସ୍ଥଳେ ଷଷ୍ଠୀ ହୋଇଥାଏ । ମମ ଦେୟଂ, କ୍ଷୀରସ୍ୟ ପାନମ୍ ।

—୦—

Digitized by srujan ka@gmail.com

## ସପ୍ତମୀ

୧. ଅଧିକରଣରେ ସପ୍ତମୀ ହୁଏ । ଏହା କାଳାଧିକରଣ ଓ ସ୍ଥାନାଧିକରଣ, ଦୁଇଭାଗରେ ବିଭକ୍ତ । ବସନ୍ତଋତୁରେ କୋକିଳର କଣ୍ଠ ମଧୁର । ଓଡ଼ିଶାର ରାଜାମାନେ ବାରବାଟୀରେ ବାସ କରୁଥିଲେ । ଏହା ପୁଣି ତିନି ପ୍ରକାର ଔପଶ୍ଳେଷିକ, ଅଭିବ୍ୟାପକ ଓ ବୈଷୟିକ ; ଛଅଟି ଶ୍ରେଣୀରେ ବସିଛନ୍ତି । (ଏକଦେଶରେ) ଭଗବାନ୍ ବିଶ୍ୱରେ ପୂର୍ଣ୍ଣ । (ବ୍ୟାପ୍ତ) ସେ ଗଣିତରେ ଧୁରନ୍ଧର । (ବିଷୟରେ) ସଂ—କଟେ ଶେତେ—ତିଳେଷୁ ତୈଳମସ୍ତି, ବ୍ୟାକରଣେ ନିପୁଣଃ, ଜଙ୍ଗନେ ପଠଃ ।

୨. ଦୁଇଟି କ୍ରିୟା ଏକ ସମୟରେ ଘଟିଲେ ଅର୍ଥାତ୍ ଗୋଟିଏ କାର୍ଯ୍ୟ ପରେ ଅପର କାର୍ଯ୍ୟ ହେବାର ପ୍ରକାଶ ପାଇଲେ ପୂର୍ବବାକ୍ୟସ୍ଥ କର୍ତ୍ତାକୁ ଷଷ୍ଠୀ ଓ କ୍ରିୟାକୁ ଶତୃ କରି ସପ୍ତମୀ କରାଯାଏ, ପରବାକ୍ୟଟି ସେପରି ରହେ, ତାକୁ ଭାବେ ସପ୍ତମୀ କହନ୍ତି । ଯଥା—ସୂର୍ଯ୍ୟ ଉଦିତ ହେଲେ ପଦ୍ମ ଫୁଟିଲା—ଏ ସ୍ଥଳେ ସୂର୍ଯ୍ୟଙ୍କର ଉଦୟରେ ପଦ୍ମ ଫୁଟେ ବୁଝାଉଏ । ସଂସ୍କୃତରେ ମାତ୍ର ପୂର୍ବବାକ୍ୟସ୍ଥ କର୍ତ୍ତା ଓ କ୍ରିୟା ଉଭୟର ସପ୍ତମୀ ହୁଏ ; ସୂର୍ଯ୍ୟେ ଉଦିତେ ପଦ୍ମଂ ପ୍ରସ୍ଫୁଟିତ ।

୩. ବୀପ୍ସାର୍ଥେ ବା ପୁନଃପୁନଃକଥନରେ ସପ୍ତମୀ ହୋଇଥାଏ । ଯଥା—ଦେଶେ ଦେଶେ, ଘରେ ଘରେ, ବନେ ବନେ ଯନ୍ତ୍ରବନ୍ତାମ୍ପେପ୍ରିତ ।

୪. ସାଦୃଶ୍ୟ ଓ ଅସାଦୃଶ୍ୟ ପରସ୍ପର ଅର୍ଥରେ ସପ୍ତମୀ ହୋଇଥାଏ । ଜାତିରେ ଜାତିରେ ବାଦ, ଘଡ ପଡ଼ିଲେ କଳି ।

Digitized by srujan ka@gmail.com

୫, ନିପୁଣ, ସାଧୁ, କୁଶଳ, ପଟୁ, ପ୍ରଭୃତି ପଦଯୋଗେ ସପ୍ତମୀ ହୁଏ । ନ୍ୟାୟଶାସ୍ତ୍ରରେ ନିପୁଣ, ଯୁଦ୍ଧବିଦ୍ୟାରେ ପଟୁ । ବାକ୍ୟେ ସାଧୁଃ, ନିପୁଣଃ ।

## ଅନୁଶୀଳନୀ—

୧. କାରକ ବିଭକ୍ତି ମଧ୍ୟରେ ଭେଦ ନିର୍ଣ୍ଣୟ କର, ଷଷ୍ଠୀ ଓ ସମ୍ବୋଧନ କାହିଁକି କାରକ ନୁହେଁ ବିଶଦ କର ।

୨. କରଣ କାରକର ବ୍ୟବହାର ଉଦାହରଣ ଦେଇ ଲେଖ ।

୩. ଅଧିକରଣ କାରକର ବିଭାଗ ଗୁଡ଼ିକ ଦର୍ଶାଅ ;

୪. ସହଯୋଗେ ଓଡ଼ିଆରେ କି ବିଭକ୍ତି, ସଂସ୍କୃତରେ କି ବିଭକ୍ତି ହେବ ଉଦାହରଣ ଦେଇ ଲେଖ ।

୫. କ୍ରିୟା ବିଶେଷଣକୁ ଓଡ଼ିଆ ସଂସ୍କୃତର ବ୍ୟବହାର କର ।

୬. ଅପବର୍ଗ ତୃତୀୟା କଣ ?

୭. ଚତୁର୍ଥୀ ଓ ଦ୍ୱିତୀୟା 'କୁ' ପ୍ରତ୍ୟୟ ନେଇ କଣ ଜାଣ ?

୮. ଭାବେ ସପ୍ତମୀ ମାତୃଭାଷା ଓ ସଂସ୍କୃତରେ କିପରି ବ୍ୟବହୃତ ?

## ଶୋଧନକର

୧. ମୂର୍ଖର ଧିକ୍, ଗୋପାଳକୁ ବୋଲି ପିଲାକୁ ଦେଖିଲି ।

୨. ରାମଃ ସୀତାୟାଃ ସହ ବନମଗଚ୍ଛତ୍ ।

୩ ମୋଦ୍ୱାରା ଶୁଆ ହେଲା । ବ୍ୟାଘ୍ରସ୍ୟ ଅଗତେ କୋଲାହଳଃ ସଞ୍ଜାତଃ ।

୪. ଅକ୍ଷିର ଅନ୍ଧ ଲୋକ ପାଦର ଖୋଟା ସାହାଯ୍ୟରେ ଜଗନ୍ନାଥ-ମେଳା ଦେଖିଗଲା ।

Digitized by srujan ka@gmail.com

୫. ହରିଃ କ୍ଷୀରସମୁଦ୍ରେ ଅଧିବସତି । ହରଃ କୈଳାସେ ଅନୁବସତି ।

୬. ମୃଗଃ ଯଥା ଚଞ୍ଚଳେନ ଧାବତି ତଥୈବ ବାଳକଃ ତ୍ୱରୟା ଆଗଚ୍ଛତି ।

## ବିଶେଷଣ

ବିଶେଷ୍ୟର ଗୁଣ, ସଂଖ୍ୟା, ପରିମାଣ, ବା ଅବସ୍ଥା; ଯେ ଚିହ୍ନାଏ ସେ ପଦକୁ ବିଶେଷଣ କହନ୍ତି । ଯଥା—'ସାଧୁ ବାଳକ' କହିଲେ ସାଧୁପଦ ବାଳକର ଗୁଣ ଚିହ୍ନାଏ । 'ଦଶଟି ଗଛ' କହିଲେ ଦଶଟି-ପଦ ଗଛର ସଂଖ୍ୟା ବୁଝାଏ । 'ବୁଢ଼ା ହାତୀ' କହିଲେ ବୁଢ଼ାପଦ ହାତୀର ଅବସ୍ଥା ବୁଝାଏ । ପୁଟିଏ ଧାନ, କୋଶେ ବାଟ, ଇତ୍ୟାଦି ସ୍ଥଳରେ ପୁଟିଏ, କୋଶେ ପ୍ରଭୃତି ପଦ ପରିମାଣ ଚିହ୍ନାଏ । ଏଣୁ, ସାଧୁ, ଦଶ, ବୁଢ଼ା, ପୁଟିଏ, କୋଶେ, ଏ ଗୁଡ଼ିକ ବିଶେଷଣ । ଏହା ତିନିଭାଗରେ ବିଭକ୍ତ । ବିଶେଷ୍ୟର ବିଶେଷଣ, ବିଶେଷଣର ବିଶେଷଣ ଓ କ୍ରିୟାବିଶେଷଣ । ଯଥା—ବୁଢ଼ା ଲୋକ, ସୁପାତ୍ର ମାନବ, ଅବୁଝାଣି ପିଲା, ଏହି ରେଖାଙ୍କିତ ପଦଗୁଡ଼ିକ ବିଶେଷ୍ୟର ବିଶେଷଣ । ଅତିବୁଢ଼ା ଲୋକ । ନିତାନ୍ତ ସୁପାତ୍ର ମାନବ, ରେଖାଙ୍କିତ ପଦ ବିଶେଷଣର ବିଶେଷଣ । କାର୍ଯ୍ୟର ଅବସ୍ଥାଦି ସୂଚାଇଲେ କ୍ରିୟାବିଶେଷଣ ବୋଲାଯାଏ । ଯଥା—ଚଞ୍ଚଳେ ଦୌଡ଼ିଲା, ଶୀଘ୍ର ଆସ, ମୃଦୁରେ ଭାଷିଲା । କେତୋଟି ଅସମାପିକା କ୍ରିୟା ଦ୍ୱିରୁକ୍ତ ହୋଇ କ୍ରିୟାବିଶେଷଣ ହୋଇଥାଏ । ବୁଢ଼ାଟି ଲଇଁ ଲଇଁ ଚାଲୁଛି । ହରିହର ହସି ହସି କହିଲେ । ପିଲାଟି ନାଚି ନାଚି ଆସୁଛି ।

ସଂସ୍କୃତରେ ଶତୃ ପ୍ରତ୍ୟୟ ନିଷ୍ପନ୍ନ ପଦ ବିଶେଷଣ ହୋଇଥାଏ । ଯଥା—ପଠନ୍ ବାଳକଃ, ଗଚ୍ଛନ୍ ଶକଟଃ । ମାତ୍ର ଏହି ଶତୃ

Digitized by srujan ka@gmail.com

ପ୍ରତ୍ୟୟାନ୍ତ ପଦ ବିଶେଷ୍ୟ ପରେ ବ୍ୟବହୃତ ହେଲେ ପୂର୍ବେ କ୍ରିୟା ବିଶେଷଣର କାର୍ଯ୍ୟ କରେ । ବାଳକଃ ପଠନ୍ ସ୍ୱପିତି । ସ୍ମାରଂ ସ୍ମାରଂ ସ୍ୱଗୃହଚନ୍ଦନଂ ଦାତୁର୍ଭୂତୋ ମୃଗଃ ।

ସାଧାରଣ ବିଶେଷଣ ଗୁଡ଼ିକ ବିଶେଷ୍ୟ ପରେ ବ୍ୟବହୃତ ହେଲେ ବିଧେୟ ବିଶେଷଣ ବୋଲାନ୍ତି । ପିଲାଟି ସରଳ । ଲୋକଟି ବୁଢ଼ା । ବହୁଭୋଜ୍ୟଂ ପଟୁଗ୍ରୀବଃ ।

ଇଂରେଜୀରେ ବିଶେଷଣରେ ଅବସ୍ଥାକୁ ତିନିଭାଗରେ ବିଭକ୍ତ କରାଯାଇଛି । ତାହାକୁ Degree କହନ୍ତି । ଯେଉଁ ବିଶେଷଣ ତୁଳେ-ଚକ୍ଷ୍ପାଦ ବୁଝାଏ ତାହାକୁ Positive degree କହନ୍ତି ।

ଦୁଇ ମଧ୍ୟରୁ ଏକର ଉତ୍କର୍ଷ ବା ଅପକର୍ଷ ବୁଝାଇଲେ Comparative degree ବିଶେଷଣର ଶେଷରେ er ଯୋଗ କରାଯାଏ । ଅନେକ ମଧ୍ୟରେ ଜଣକର ଉତ୍କର୍ଷ ବା ଅପକର୍ଷ ବୁଝା-ଇଲେ Superlative degree । ଶେଷରେ est ଯୋଗହୁଏ । ଓଡ଼ିଆ ସଂସ୍କୃତରେ ଏହା କିନ୍ତୁ ତର ତମ ପ୍ରତ୍ୟୟ ରୂପେ ପ୍ରସିଦ୍ଧ । ସଂସ୍କୃତରେ ବିଶେଷଣ ଗୁଡ଼ିକ ବିଶେଷ୍ୟର ଲିଙ୍ଗ ବିଭକ୍ତି ଅନୁସାରେ ହୁଏ । ସୁନ୍ଦରୀ କାନ୍ତା, ବୁଦ୍ଧିମତ୍ୟା ବାଳିକାୟାଃ ।

ଓଡ଼ିଆରେ ଏହା ବିରଳ । ଚତୁରୀ ବାଳିକା ଚତୁର ବାଳିକା ମଧ୍ୟ ହୁଏ ।

## ପ୍ରଶ୍ନ

୧. କିପରି ପଦକୁ ବିଶେଷଣ କହନ୍ତି ?

୨. କେତୋଟି କ୍ରିୟା ବିଶେଷଣ ଯୋଗ କରି ବାକ୍ୟ ଗଠନ କର ।

Digitized by srujan ka@gmail.com

୩. ଟାଗିଲା ଅମ୍ବ । ଏ ଲୋକଟି ବଡ଼ କଙ୍କାଳ, ଡଳପୁଟି ଧାନ ଗଛର ଲମ୍ବ କନା, ଏଠାରେ ଥିବା ବିଶେଷଣ ଗୁଡ଼ିକୁ ଚିହ୍ନାଅ ।

୪. ଇଂରେଜୀରେ degree କାହାକୁ କହନ୍ତି । ଉଦାହରଣ ଦେଇ ବୁଝାଅ ।

୫. ବିଶେଷଣ ନେଇ ସଂସ୍କୃତ ଓ ଓଡ଼ିଆ ମଧ୍ୟରେ ଫରକ କଣ ?

—o—

## ସର୍ବନାମ

ବର୍ଣ୍ଣନା ବା କାହାଣୀ କହିଲାବେଳେ ଗୋଟିଏ ବସ୍ତୁ ବା ନାମର ପୁନଃପୁନଃ କଥନ ଅବାଞ୍ଛିତ । ଗୋଟିଏ ପରିଚ୍ଛେଦରେ ଏକମାତ୍ର ଶବ୍ଦ ବାରମ୍ବାର ଶୁଣିବାକୁ କଟୁ ବୋଧ ହୁଏ । ଯଥା—ରାମ ଦଶରଥଙ୍କ ପୁତ୍ର । ରାମଙ୍କୁ ପିତା ଭଲ ପାଆନ୍ତି । ରାମଙ୍କୁ ଭାଇମାନେ ଭକ୍ତି କରନ୍ତି । ରାମଙ୍କ ଗୁଣରେ ପ୍ରଜାମାନେ ମୁଗ୍ଧ । ଏପରି ବର୍ଣ୍ଣନା ଶୁଣିବାକୁ ଭଲ ଲାଗେ ନାହିଁ । ଏଣୁ ରାମ ଦଶରଥଙ୍କ ପୁତ୍ର । ତାଙ୍କୁ ପିତା ଭଲ ପାଆନ୍ତି ଓ ଭାଇମାନେ ଭକ୍ତି କରନ୍ତି । ଏହାଙ୍କ ଗୁଣରେ ପ୍ରଜାମାନେ ମୁଗ୍ଧ । ଏପରି କହିଲେ ଶ୍ରୁତିମଧୁର ହୋଇଥାଏ । ଏଥିରେ 'ତାଙ୍କୁ' 'ଏହାଙ୍କ' ପ୍ରଭୃତି ଶବ୍ଦ ରାମ ଶବ୍ଦବଦଳେ ବସାଇ ଥାଉଁ । ଏପରି ପଦଗୁଡ଼ିକୁ ସର୍ବନାମ ବୋଲାଯାଏ । ସଂସ୍କୃତରେ ମଧ୍ୟ ଏ ଗୁଡ଼ିକର ବ୍ୟବହାର ଅଛି । ଯଥା—ଯଦ୍, ତଦ୍, ଇଦମ୍, ଅଦସ୍, ଅସ୍ମଦ୍, ଯୁଷ୍ମଦ୍ ପ୍ରଭୃତି ଓଡ଼ିଆରେ ତାହି ଅପଭ୍ରଂଶରେ ଯେ, ସେ, ଏହା ମୁଁ, ତୁମ୍ଭେ, ଇତ୍ୟାଦି ବ୍ୟବହୃତ ହେଉଛି । ବିଶେଷ୍ୟ ପରି ଏ ଗୁଡ଼ିକର ମଧ୍ୟ

Digitized by srujan ka@gmail.com

ଲିଙ୍ଗ, ବଚନ, ବିଭକ୍ତି ଥାଏ । ଏ ମଧ୍ୟରେ ମୁଁ ଅମ୍ଭେମାନେ ପ୍ରଥମ ପୁରୁଷ[ବା ଉତ୍ତମ ପୁରୁଷ] । ତୁ ତୁମ୍ଭେମାନେ ଦ୍ୱିତୀୟ ପୁରୁଷ[ବା ମଧ୍ୟମ ପୁରୁଷ] । ଏହା ଭିନ୍ନ ଅନ୍ୟ ସର୍ବନାମ ଓ ବିଶେଷ୍ୟ ମାତ୍ରକେ ତୃତୀୟ ପୁରୁଷ । ଅମ୍ଭେ, ତୁମ୍ଭେ, ସେ, ତାହା ପ୍ରଭୃତି Personal Pronoun ପୌରୁଷ ସର୍ବନାମ । ତୋର, ମୋର, ତାର, ଏହାର, ପ୍ରଭୃତି Possessive Pronoun ସମ୍ବନ୍ଧାର୍ଥକ, ମୁଁ ନିଜେ, ତୁ ନିଜେ, ସେ ନିଜେ, ପ୍ରଭୃତି Reflaxive Pronoun ଆତ୍ମବୋଧକ ।

ସର୍ବନାମଗୁଡ଼ିକ ଅନେକକାଳ ବିଶେଷଣ ରୂପେ ବ୍ୟବହୃତ ହୋଇଥାନ୍ତି ; ଯଥା—ସେହି ନାରୀର, ଏହି ବାଳକଗଣ, ଯେଉଁ ଲୋକ, ଦେଖୁଥିଲ ସେ ନାହିଁ । ଓଡ଼ିଆରେ କିନ୍ତୁ ଏହି ବିଶେଷ୍ୟଗୁଡ଼ିକର ବିଭକ୍ତି ବଚନ ନ ଥାଇ ବିଶେଷ୍ଟିତ ବିଶେଷ୍ୟରେହିଁ ରଖାଯାଏ । ସଂସ୍କୃତରେ ଉଭୟସ୍ଥଳେ ଲିଙ୍ଗ ବଚନ ବିଭକ୍ତି ସମାନ ରହେ । ଯଥା—ତସ୍ୟା ନାର୍ଯ୍ୟାଃ । ଏତେ ବାଳକାଃ । ଯଃ ପୁମାନ ଅପଶ୍ୟତ୍ ସ ନାସ୍ତି ।

## ଅନୁଶୀଳନୀ

୧. ସର୍ବନାମ କାହାକୁ କହନ୍ତି ?

୨. କେଉଁ ସର୍ବନାମକୁ ବିଶେଷଣ କୁହାଯିବ ?

୩, ଇଂରାଜୀରେ ଏହାର ବିଭାଗ କେଉଁ ?

## ଶୋଧନ କର—

୪. ଯଦୁନାଥ ଯେଉଁ ବାଳକ ସେମାନଙ୍କର ବୁଦ୍ଧି କି କିଏ ପ୍ରଶଂସା ନ କହିବ ?

Digitized by srujan ka@gmail.com

୫. ତାହାଙ୍କର ବାଳକର ବାହା ସେ ପ୍ରତି କେଶୀ ଦୃଷ୍ଟି ରଖନ୍ତି ?
୬. ଯା ନଦୀଙ୍କ ବାଲିକା ନାସ୍ତି ତତ୍ ନଦୀନାଂ ଜଳଂ ନିର୍ମଳମ୍ ।

—୦—

## ଅବ୍ୟୟ

ଯେଉଁ ପଦର ଲିଙ୍ଗ, ବଚନ, ବିଭକ୍ତି କିଛି ନଥାଏ ତାହାକୁ ଅବ୍ୟୟ କହନ୍ତି । ଅନେକ ସମୟରେ ବିଶେଷ୍ୟ ବିଶେଷଣ ପର ବାକ୍ୟ ମଧ୍ୟରେ ଅନେକ ପଦ ବା କ୍ରିୟା ସହିତ ସମ୍ବନ୍ଧ ରଖେ ବୋଲି ଏହାକୁ ପଦପ୍ରକରଣମଧ୍ୟରେ ଗଣନା କରାଯାଇଛି । ସଂସ୍କୃତର ଅନୁକରଣରେ ଓଡ଼ିଆରେ ଅବ୍ୟୟ ଅନେକ ପ୍ରକାର—

୧. ଯେଉଁ ଅବ୍ୟୟ ଦୁଇଟି ପଦ ବା ବାକ୍ୟକୁ ସଂଯୁକ୍ତ କରେ ତାହା ସଂଯୋଜକ ଅବ୍ୟୟ । ଯଥା—ଓ, ଏବଂ, ଅଉର, ପୁଣି ଇତ୍ୟାଦି ।

୨. ଯାହା ବାକ୍ୟମଧ୍ୟରୁ ପଦକୁ ବା ବାକ୍ୟକୁ ପୃଥକ୍ କରେ ତାହା ବିଯୋଜକ । ଯଥା—କିନ୍ତୁ, ମାତ୍ର, ତଥାପି,ନଚେତ୍ ଇତ୍ୟାଦି ।

୩. ଆଶ୍ଚର୍ଯ୍ୟବୋଧକ—ଓଃ, ଅହୋ, ଆହା ଇତ୍ୟାଦି ।

୪. ପ୍ରଶ୍ନାର୍ଥକ—କି, କଣ, ଇତ୍ୟାଦି ।

୫. ବିଭକ୍ତିସ୍ୱରୂପକ—କୁ, ଦ୍ୱାରା, ଦେଇ, କର୍ତ୍ତୃକ, ପାଇଁ, ନିମିତ୍ତ, ନିମନ୍ତେ, ରୁ, ଠାରୁ, ର, ଙ୍କ, ରେ, ଠାରେ ଇତ୍ୟାଦି ।

୬. ନିଶ୍ଚୟାତ୍ମକ, ହଁ, ନିଶ୍ଚୟ, ବାସ୍ତବିକ୍, ଠିକ ।

Digitized by srujan ka@gmail.com

୭. ଶବ୍ଦାନୁକରଣ—କଟ କଟ, ମଡ଼ ମଡ଼, ଠୋ ଠୋ, ଖସ୍ ଖସ୍, ଇତ୍ୟାଦି ।

୮. ବୀପ୍ସାର୍ଥ—ବାରମ୍ବାର, ପୁନଃପୁନଃ, ଥରକୁ ଥର ।

୯. ହେତୁବୋଧକ—ଯେଣୁ, ତେଣୁ, ହେତୁରୁ ।

୧୦. ଉପସର୍ଗ—ଏମାନେ ସର୍ବଦା କ୍ରିୟାରେ ଧାତୁପୂର୍ବରେ କିମ୍ବା ଧାତୁ ନିଷ୍ପନ୍ନ ପଦପୂର୍ବରେ ବ୍ୟବହୃତ ହୋଇଥାନ୍ତି । ଏହା କୋଡ଼ିଏ ଗୋଟି । ଅପ, ଅପି, ଅବ, ଅଧି, ଅତି, ଅନୁ, ଅଭି, ପରା, ପରି, ପ୍ରତି, ଉପ, ଉତ୍, ସମ୍, ନିର୍, ଦୁର୍, ପ୍ର, ବି, ନି, ସୁ, ଆ, ଏହିପ୍ରକାର ।

ଉପସର୍ଗ ଗୁଡ଼ିକ ବିଭିନ୍ନ ଧାତୁପୂର୍ବେ ରହି ବିଭିନ୍ନ ଅର୍ଥ ପ୍ରକାଶ କରିଥାନ୍ତି । ଉପସର୍ଗ ଯୋଗେ ଧାତୁର ମୌଳିକ ଅର୍ଥ ବଦଳିଯାଏ । ଅର୍ଥାତ୍ ଗୋଟିଏ ଧାତୁର ଉପସର୍ଗ ଯୋଗେ ଅର୍ଥ ଭିନ୍ନ ଭିନ୍ନ ହୋଇଯାଏ । ଯଥା—ହୃ-ହରଣ କରିବା, ପ୍ରହାର, ବିହାର, ପରିହାର, ଉପହାର, ଅପହାର, ନିହାର, ସଂହାର, ଆହାର ।

କୃ—କରିବା, ବିକାର, ପ୍ରକାର, ଉପକାର, ଅପକାର, ପ୍ରତିକାର, ଅଧିକାର, ସଂସ୍କାର, [କୃ-ଧାତୁ ପୂର୍ବରେ ସମ୍, ପରି, ଉପସର୍ଗ ଥିଲେ ଧାତୁ ପୂର୍ବରେ 'ସ୍' ଆଗମ ହୋଇଥାଏ]

କେତେଗୁଡ଼ିଏ ଉପସର୍ଗ ପରସ୍ପର ବିପରୀତ ଅର୍ଥ ପ୍ରକାଶ କରନ୍ତି । ଯଥା—ସୁଗମ, ଦୁର୍ଗମ, ଅସ୍ତ-ବ୍ୟସ୍ତ । ଉପକାର-ଅପକାର । ସଂଯୋଗ ବିୟୋଗ । ପ୍ରବୃତ୍ତି-ନିବୃତ୍ତି ପ୍ରସାଦ-ବିଷାଦ । କେତେକ ଧାତୁ ପୂର୍ବରେ ଦୁଇ ବା ତତୋଧିକ ଉପସର୍ଗ ଯୋଗ କରାଯାଏ । ଯଥା—ପ୍ରତ୍ୟବାୟ, ସୁସମାଗତ, ଦୁଃସମ୍ବାଦ, ସମଭିବ୍ୟାହାର ପର୍ଯ୍ୟବେକ୍ଷଣ ଇତ୍ୟାଦି ।

Digitized by srujan ka@gmail.com

ଅନ୍ତର୍, ଅବର୍, ଚନ୍ଦ୍ରଃ, ପୁରଃ, ତରସ୍, ଶନୈଃ, ପ୍ରଭୃତି କେତୋଟି ପଦ ଧାତୁ ପୂର୍ବରେ ଯୋଗ ହୋଇଥାଏ । ଏଗୁଡିକ ଉପସର୍ଗ ନୁହେଁ । ଉପପଦ ବୋଲାଯାଏ ।

ଇଂରାଜୀରେ ସମସ୍ତ ଅବ୍ୟୟ ପାଇଁ ଗୋଟିଏ ପଦ ନ ହୋଇ ଭିନ୍ନ ଭିନ୍ନ କେତୋଟି ପଦ ମାନିଛନ୍ତି । ଯଥା—ବିଭକ୍ତିସୂଚକ ପଦ in, on, with, ପ୍ରଭୃତିକୁ Preposition, ସଂଯୋଜକ ଓ ବିଯୋଜକ ପଦ and, or, too, if ପ୍ରଭୃତିକୁ Conjuction, ବିସ୍ମୟାଦିସୂଚକ ପଦ oh, alas, iii ! ପ୍ରଭୃତିକୁ Interjection କହନ୍ତି ।

## ପ୍ରଶ୍ନ

୧. କେତୋଟି ସଂଯୋଜକ ଓ ବିଯୋଜକ ଅବ୍ୟୟ ଯୋଗ କରି ବାକ୍ୟ ଗଠନ କର ।

୨. ହରି ଓ ହର ଏକଶ୍ରେଣୀରେ ପଢ଼ନ୍ତି । ହରିଠାରୁ ହରର ପ୍ରବୃତ୍ତି ଭଲ । ଏ ବାକ୍ୟରେ ଥିବା ଅବ୍ୟୟ ଗୁଡ଼ିକୁ ଚିହ୍ନାଅ ।

୩. ଦଶଟି ଉପସର୍ଗର ନାମ କହ ।

୪. ଇଂରାଜୀରେ ଅବ୍ୟୟର ବିଭାଗ କିପରି ?

—ଃ୦ଃ—

## କ୍ରିୟା

ସଂସ୍କୃତରେ ସୁପ୍ତିଙନ୍ତଂ ପଦମ୍—ଅର୍ଥାତ୍ ସୁପ୍ ଶବ୍ଦବିଭକ୍ତି ଅନ୍ତରେ ଥିବା ଶବ୍ଦକୁ ପଦ କୁହାଯାଏ । ବିଶେଷ୍ୟ, ବିଶେଷଣ, ସର୍ବନାମ ଏହି କେତୋଟି ବିଭାଗରେ ବିଭକ୍ତି ଯୋଗହୁଏ ।

Digitized by srujan ka@gmail.com

ପାଣିନିଙ୍କ ମତରେ ଅବ୍ୟୟରେ ମଧ୍ୟ ସୁପ୍ ବିଭକ୍ତି ଯୋଗ କରି ଲୋପ କରିବା ସ୍ୱୀକାର କରାଯାଇଛି । ତେଣୁ ସେ ସୁପ୍ ବିଭାଗକୁ ସୁବନ୍ତ ପଦରୂପେ ନେଇଛନ୍ତି । କେବଳ କ୍ରିୟା ଓ ତତ୍ସମ୍ବନ୍ଧୀୟ ପ୍ରତ୍ୟୟଥିବା ଶବ୍ଦମାନଙ୍କୁ ତିଙନ୍ତ ମଧ୍ୟରେ ନେଇଛନ୍ତି ।

ତାଙ୍କ ଅନୁକରଣରେ ବାକ୍ୟଗତ ସମସ୍ତ ପଦ ଦୁଇଭାଗରେ ବିଭକ୍ତ କରାଯାଇପାରେ—ଶବ୍ଦ ବିଭାଗ ଓ କ୍ରିୟା ବିଭାଗ ଅର୍ଥାତ୍ ବିଶେଷ୍ୟ ବିଶେଷଣ, ସର୍ବନାମ ଓ ଅବ୍ୟୟ ଏବଂ ତତ୍ସମ୍ବନ୍ଧୀୟ କାର୍ଯ୍ୟ [ସନ୍ଧି-ସମାସ ସ୍ତ୍ରୀ ପ୍ରତ୍ୟୟ ତଦ୍ଧିତ] ଗୁଡ଼ିକ ଶବ୍ଦ ବିଭାଗରେ କ୍ରିୟା ଓ ତାର ସମ୍ବନ୍ଧୀୟ କାର୍ଯ୍ୟ [ଧାତୁ, ଣିଜନ୍ତ, ସନନ୍ତ, ଯଙନ୍ତ, କୃଦନ୍ତ, ବାଚ୍ୟ] ଗୁଡ଼ିକ କ୍ରିୟା ବିଭାଗରେ ଗଣା ଯାଇଛି ।

ଏ ପର୍ଯ୍ୟନ୍ତ ଶବ୍ଦ ବିଭାଗ କୁହାଗଲା, କ୍ରିୟା ବିଭାଗ ପରେ ଉଭୟର ପ୍ରକ୍ରିୟା ଉତ୍ତରୋତ୍ତର କୁହାଯିବ ।

କ୍ରିୟା—ଯେଉଁ ପଦ କୌଣସି କାର୍ଯ୍ୟ କରିବା ବୁଝାଏ, ତାହାକୁ କ୍ରିୟା କହନ୍ତି । କ୍ରିୟାର ମୂଳକୁ ଧାତୁ କୁହାଯାଏ । ତିନିକାଳର ପ୍ରତ୍ୟୟ ଏହି ଧାତୁମାନଙ୍କରେ ଯୋଗ କଲେ କ୍ରିୟା ହୁଏ । ସଂସ୍କୃତରେ ଅସଂଖ୍ୟ ଧାତୁର ବ୍ୟବହାର ଦେଖାଯାଏ । ଓଡ଼ିଆରେ ସେଥିରୁ କେତୋଟି ଧାତୁ ଅବିକଳ ବ୍ୟବହୃତ ହୁଏ, ଅଧିକାଂଶ ଧାତୁ ଅପଭ୍ରଂଶରେ ଭିନ୍ନ ଆକାରରେ ବ୍ୟବହୃତ ହୋଇଥାଏ । କେତୋଟି ଖାଣ୍ଟି ଓଡ଼ିଆ ଧାତୁର ମଧ୍ୟ ବ୍ୟବହାର ଅଛି । ଏ ଗୁଡ଼ିକୁ କ୍ରମରେ ମୌଳିକ, ତଦ୍‌ଭବ ଓ ଦେଶଜ ବୋଲାଯାଏ । ଯଥା—

Digitized by srujan ka@gmail.com

| | | ସଂସ୍କୃତ | ଓଡ଼ିଆ | ଅର୍ଥ |
|---|---|---|---|---|
| ୧. | ମୌଳିକ | ବସ୍ | ବସ୍ | ବସିବା |
| | | ହସ୍ | ହସ | ହସିବା |
| | | ଅର୍ଜ୍ଜ | ଅର୍ଜ୍ଜ | ଅର୍ଜ୍ଜିବା |
| | | ସେବ | ସେବ | ସେବା କରିବା |
| ୨. | ତଦ୍ଭବ | କଥ | କହ | କଥା କହିବା |
| | | କୃ | କର୍ | କରିବା |
| | | କ୍ରୀ | କିଣ୍ | କିଣିବା |
| | | ଖାଦ୍ | ଖା | ଖାଇବା |
| ୩. | ଦେଶଜ | — | ଝୁଣ୍ଟ୍ | ଝୁଣ୍ଟିବା |
| | | — | ଝାଡ଼ | ଝାଡ଼ିବା |
| | | — | ବାଢ଼ | ବାଢ଼ିବା |

## କୃତ୍ରିମ ଧାତୁ

ସଂସ୍କୃତରେ—ମୌଳିକ ଧାତୁରୁ ଓ କେତେକ ଶବ୍ଦରୁ ବିଭିନ୍ନ ଅର୍ଥରେ ବିଭିନ୍ନ ପ୍ରତ୍ୟୟ ଯୋଗେ ଆଉ ଚାରିପ୍ରକାର ଧାତୁ ଗଠନ କରାଯାଏ । ତହିଁରେ ଧାତୁ ପ୍ରତ୍ୟୟ ଯୋଗ କରି କ୍ରିୟା ଗଠନ କରନ୍ତି । ଯଥା—୧. ଣିଜନ୍ତ, ୨. ନାମଧାତୁ, ୩. ସନନ୍ତ, ୪. ଯଙନ୍ତ ।

୧. ଣିଜନ୍ତ—ଯେଉଁ ଧାତୁଦ୍ୱାରା କର୍ତ୍ତା ଅନ୍ୟଦ୍ୱାରା କରାଇବାର ଜଣାପଡ଼େ ତାହାକୁ ପ୍ରଯୋଜକ ବା ପ୍ରେରଣାର୍ଥ କ୍ରିୟା କହନ୍ତି । ସଂସ୍କୃତରେ ତାକୁହିଁ ଣିଜନ୍ତ ଧାତୁ କହନ୍ତି । ଏପରି ଧାତୁ ଗଢ଼ିବା ପାଇଁ ଧାତୁ ଶେଷରେ 'ଇ' ଯୋଗ କରାଯାଏ ।

Digitized by srujan ka@gmail.com

କାର୍ଯ୍ୟକାଳରେ (ପ୍ରତ୍ୟୟଯୋଗବେଳେ) ଉକ୍ତ 'ଇ'ର ଅୟ୍ ହୁଏ ।

ଧାତୁର ପ୍ରଥମ ସ୍ୱର 'ଅ' ଥିଲେ ଆ ହୁଏ । ଅନ୍ୟସ୍ୱରର ଗୁଣ ହୁଏ ।

ଧାତୁ ଶେଷରେ ଥିବା ସ୍ୱରର ବୃଦ୍ଧି ହୁଏ । ଯଥା—

| | | | | | |
|---|---|---|---|---|---|
| ବଦ— | ବାଦି— | ବାଦଯୁତ | କୃ— | କାରି— | କାରଯୁତ |
| ପଠ— | ପାଠି— | ପାଠଯୁତ | ଭୂ— | ଭାବି— | ଭାବଯୁତ |
| ଶୁଣ— | ଶୋଣି— | ଶୋଣଯୁତ | ଗମ୍— | ଗମି— | ଗମଯୁତ |
| ଜ୍ଞା — | ଜ୍ଞାପି— | ଜ୍ଞାପଯୁତ | ଶ୍ରୁ — | ଶ୍ରାବି— | ଶ୍ରାବଯୁତ |
| ସ୍ଥା — | ସ୍ଥାପି— | ସ୍ଥାପଯୁତ | ହନ୍— | ଘାତି— | ଘାତଯୁତ |

ଓଡ଼ିଆରେ ଧାତୁ ଶେଷରେ 'ଅ' ଯୋଗ କରାଯାଏ ।

| | | |
|---|---|---|
| ଦେଖ—ଦେଖାଇବା | କାନ୍ଦ—କନ୍ଦା | ଧାତୁର ଆଦ୍ୟସ୍ୱର ଆ ଥିଲେ ଅ ହୁଏ । |
| କର୍ —କରାଇବା | ବାନ୍ଧ—ବନ୍ଧା | |
| କହ —କୁହାଇବା | ନାଚ—ନଚା | |
| ଶୁଣ —ଶୁଣାଇବା | ମାର—ମରାଇବା | |

ଧାତୁ ଶେଷରେ 'ଆ' ଥିଲେ 'ଉ' ହୁଏ । ଖା—ଖୁଆଇବା । ଧାଁ—ଧୁଆଁଇବା । ଧା—ଧୁଆଇବା । 'ଓ' ଥିଲେ ମଧ୍ୟ 'ଉ' ହୁଏ । ଶୋ—ଶୁଆଇବା । ତଥା ଆଇବା । ଏ—ଥିଲେ—'ଇ' ହୁଏ । ଦେ—ଦଅଇବା ।

—o—

Digitized by srujan ka@gmail.com

## ନାମଧାତୁ

ଚେତନେଖିତଏ ଶବ୍ଦକୁ ଧାତୁରୂପେ ବ୍ୟବହାର କରିବାକୁ ହୁଏ। ତାକୁ ନାମ ଧାତୁ କହନ୍ତି । ସଂସ୍କୃତରେ ଅନୁଯୋଗେ ଓଡ଼ିଆରେ 'ଅ' ଯୋଗେ ଏହା ଗଠିତ ହୁଏ।

| | | | |
|---|---|---|---|
| ସ—ବ୍ରାଜ | ଇବ | ଆଚରତି | କାକାୟତେ। |
| ଦଣ୍ଡ | ,, | ,, | ଦଣ୍ଡାୟତେ। |
| ଓ—ନାକ | ,, | ,, | କାନ୍ଦ—କାନ୍ଦେଇବା |
| କାନ | ,, | ,, | ଗୋଡ଼—ଗୋଡ଼ାଇବା |

ସଂସ୍କୃତରେ ଇଚ୍ଛାଅର୍ଥରେ ସନ୍ ପ୍ରତ୍ୟୟ, ଅତିଶୟ ଅର୍ଥରେ ଯଙ୍ ପ୍ରତ୍ୟୟ ହୁଏ। ତହିଁରୁ କ୍ରିୟା ବ୍ୟବହାର ଓ କୃତ୍ ପ୍ରତ୍ୟୟ ଯୋଗେ ଶବ୍ଦ ମଧ୍ୟ ଗଠିତ ହୁଏ।

ଓଡ଼ିଆରେ କୃତ୍ ପ୍ରତ୍ୟୟ ନିଷ୍ପନ୍ନ ପଦର ବ୍ୟବହାର ହୋଇଥାଏ। ଯଥା—ପିପାସା, ଜିଜ୍ଞାସା, ଦେଦୀପ୍ୟମାନଃ ଲାଳୁଲ୍ୟମାନ, ଚଞ୍ଚଳ, ଜଙ୍ଗମ। ଇତ୍ୟାଦି।

## —ସମାପିକା ଓ ଅସମାପିକା—

ଯେଉଁ କ୍ରିୟାଦ୍ୱାରା ବାକ୍ୟର ଅର୍ଥ ପୂର୍ଣ୍ଣରୂପେ ବୋଧ ହୁଏ ତାହା ସମାପିକା କ୍ରିୟା ତାର ପୁରୁଷ ବଚନ କାଳ, ଘରେ ଲୁହାଯିବ।

ଅସମାପିକ—ଯେଉଁ କ୍ରିୟାଦ୍ୱାରା ବାକ୍ୟ ସମାପ୍ତି ନ ହୋଇ ଅକାଂକ୍ଷା ରହେ ତାକୁ ଅସମାପିକା କ୍ରିୟା କହନ୍ତି। ବାଳକଟି ବହି ଧରି ପଢ଼ିବାକୁ ଗଲା।

Digitized by srujan ka@gmail.com

ଏଠାରେ ଧର କ୍ରିୟା ଅସମାପିକା ।

ସଂସ୍କୃତରେ ଏପରି କ୍ରିୟା ପାଇଁ ଧାତୁ ଶେଷରେ କ୍ତ୍ୱା ପ୍ରତ୍ୟୟ ଧାତୁ ପୂର୍ବରେ ଉପସର୍ଗ କି ନଞପଦ ଥିଲେ ଲ୍ୟପ୍ ପ୍ରତ୍ୟୟ ଯୋଗ କରିବାକୁ ହୁଏ ।

ଓଡ଼ିଆରେ—ଧାତୁ ଶେଷରେ କେବଳ 'ଇ' ଯୋଗ କରାଯାଏ । ଯଥା—ଦେଇ, ନେଇ, ରଖି, ହସି, ବସି, କହି, ଆଣି, ଇତ୍ୟାଦି । କେତେକ ସ୍ଥଳରେ ଏପରି କ୍ରିୟାର ଦ୍ୱିବାର ବ୍ୟବହାର ଦେଖାଯାଏ ; ସେ ହସି ହସି କହିଲେ ବାଳକଟି କାନ୍ଦି କାନ୍ଦି ପଳାଇଛି । ଅନ୍ୟ କେତେସ୍ଥଳେ ଏପରି ଦ୍ୱିରୁକ୍ତ ଅସମାପିକାରେ 'ଉ'କାର ଯୋଗ ଦେଖାଯାଏ । ହରି ପଢୁ ପଢୁ ଶୋଇ ପଡ଼ିଲା ; ଲୋକଟି ଯାଉ ଯାଉ ଝୁଣ୍ଟିଲା । ନିମିତ୍ତାର୍ଥରେ ସଂସ୍କୃତରେ ତୁମ୍, ପ୍ରତ୍ୟୟ ପରି ଓଡ଼ିଆରେ କୁ ଯୋଗରେ ଅସମାପିକା ଗଢ଼ା ହୁଏ । ପଢ଼ିବାକୁ ଯାଉଛି । ଶୁଣିବାକୁ ଆସିଲା । କେତେକ ସ୍ଥଳରେ ଉକ୍ତ 'କୁ'ର ଲୋପ ହୋଇଥାଏ । କାଠ ଆଣି ଯାଉଛି । ଲୋକଟି ବହି ଖଣ୍ଡିଏ ମାଗି ପଠାଇଛି । ମାଗି ଆସିଛି । ଗୋଟିଏ କାର୍ଯ୍ୟ ଉପରେ ଅନ୍ୟ କାର୍ଯ୍ୟଟିଏ ନିର୍ଭର କରୁଥିଲେ ପୂର୍ବ କ୍ରିୟାରେ 'ଲେ' 'ଇଲେ' 'ଇଥିଲେ' ପ୍ରଭୃତି ଯୋଗେ ଅସମାପିକା ଗଢ଼ାହୁଏ । ମାତ୍ର ଏପରି ବାକ୍ୟରେ ଉଭୟ କ୍ରିୟାର କର୍ତ୍ତା ଏକ ହେବ । ଯଥା—ତୁମ୍ଭେ ଆସିଲେ ଲେଖିବ । ଗୋପାଳ ଆସିଥିଲେ ମାଡ଼ ଖାଆନ୍ତା । ତୁମ୍ଭେ କହିଥିଲେ ଶୁଣନ୍ତି ।

ହେତୁ ଅର୍ଥରେ କେତେକ ଅସମାପିକାର ବ୍ୟବହାର ହୋଇଥାଏ । ହରି ଗଲାରୁ ପଦଟ ପାଇଲା ।

'ପଦ୍ୟରେ—ନ୍ତେ, ନ୍ତେଣ ବ୍ୟବହାର ଦେଖାଯାଏ ।' ଅସନ୍ତେ ବର୍ଷାକାଳ ଗ୍ରୀଷ୍ମ ଶେଷେ । ପେଷନ୍ତେଣ ।

Digitized by srujan ka@gmail.com

ଅସମାପିକା କ୍ରିୟାବିଶିଷ୍ଟ ବାକ୍ୟରେ ଅସମାପିକା ଓ ସମାପିକା ଉଭୟର କର୍ତ୍ତା ଏକ ହେବା ଦରକାର ।

## ସକର୍ମକ ଓ ଅକର୍ମକ

କେତେଗୁଡ଼ିଏ କ୍ରିୟା ବ୍ୟବହାର କଲେ ବାକ୍ୟର କର୍ମକୁ ଅପେକ୍ଷା କରେ । ଅଭିମନ୍ୟୁ ଦେଖୁଛି, କହିଲେ କଣ ଦେଖୁଛି ଏହି ପ୍ରଶ୍ନ ଉଠେ । ସେପରି କ୍ରିୟାକୁ ସକର୍ମକ କୁହାଯାଏ । କେତୋଟି କ୍ରିୟା ଗୋଟିଏ ମାତ୍ର କର୍ମଦ୍ୱାରା ପୂର୍ଣ୍ଣ ନ ହୋଇ ଅନ୍ୟ ଗୋଟିଏ କର୍ମକୁ ଅପେକ୍ଷା କରେ ତାହା ଦ୍ୱିକର୍ମକ । ହରି ପୁସ୍ତକ ମାଗିଲା । ପୁସ୍ତକ କର୍ମ ଥିଲେ ମଧ୍ୟ କାହାକୁ ମାଗିଲା—ଏହି ପ୍ରଶ୍ନ ଉଠେ ।

କେତେ କ୍ରିୟା ମୋଟେ କର୍ମକୁ ଅପେକ୍ଷା କରେ ନାହିଁ । ଯଥା—ଶିଶୁ କାନ୍ଦୁଛି, ମୟୂର ନାଚିଲା, ଗୋପାଳ ହସିଲା ।

## ମିଶ୍ର—କ୍ରିୟା

ଅନେକ କ୍ରିୟା ଏକାଧିକ ପଦର ମିଳନରେ ଗଢ଼ା ହୋଇଥାଏ । ଅର୍ଥାତ୍ କ୍ରିୟାକୁ ପ୍ରତ୍ୟୟଯୋଗେ ବିଶେଷ୍ୟ ବା ବିଶେଷଣ କଲା ପରେ ଅନ୍ୟ କ୍ରିୟା ମିଳାଇ କହିବାକୁ ହୁଏ । ଯଥା—ଫଳଟି ପଡ଼ିଲା ବଦଳେ ଫଳଟି ପତିତ ହେଲା କୁହାଯାଏ । ଭକ୍ତ ଦେବତାଙ୍କୁ ଦର୍ଶନ କରେ । ବିଶେଷରେ ଏପରି କ୍ରିୟାଶେଷରେ ହେବା ବା କରିବା କ୍ରିୟାର ବ୍ୟବହାର ଦେଖାଯାଏ ।

କେତୋଟି ଧାତୁକୁ ଅସମାପିକା ପରି 'ଇ' ଯୋଗ କଲା ପରେ ଶେଷରେ ଅନ୍ୟ କ୍ରିୟା ବ୍ୟବହାର କରାଯାଏ । ଯଥା—ବିରାଡ଼ି ମାଛ ଖାଇଦେଲା । ପିଲ୍‌ଟି ପଡ଼ିଗଲା । ପୂର୍ବ ଅସମାପିକା କ୍ରିୟା ପର କ୍ରିୟାର ସାହାଯ୍ୟକାରୀ ।

Digitized by srujan ka@gmail.com

## କ୍ରିୟାର ବ୍ୟବହାର

ପ୍ରତ୍ୟେକ କ୍ରିୟାର ତିନୋଟି ପୁରୁଷ ଓ ଦୁଇଟି ବଚନ ଥାଏ । ମୁଁ ବା ଆମ୍ଭେମାନେ କର୍ତ୍ତା ଥିଲେ କ୍ରିୟାର ପ୍ରଥମ ପୁରୁଷ [ସଂ-ଉତ୍ତମ-ପୁରୁଷ] ତୁ ବା ତୁମ୍ଭେମାନେ କର୍ତ୍ତା ଥିଲେ ଦ୍ୱିତୀୟ ପୁରୁଷ [ସଂ-ମଧ୍ୟମପୁରୁଷ] ଅନ୍ୟ ସମସ୍ତ କର୍ତ୍ତା ଥିଲେ ତୃତୀୟ ପୁରୁଷ [ସଂ-ପ୍ରଥମ ପୁରୁଷ] ହୁଏ ।

ଗୋଟିଏ ବାକ୍ୟରେ ତିନିପୁରୁଷର କର୍ତ୍ତା ରହିଲେ ପ୍ରଥମ [ଉତ୍ତମ] ପୁରୁଷ କ୍ରିୟାର ବ୍ୟବହାର, ଯଥା—ତୁମ୍ଭେ, ମୁଁ ଓ ସେ=ଯିବା, ମୁଁ ଓ ସେ=ଯିବୁ । ମଧ୍ୟମ ପୁରୁଷ ଓ ତୃତୀୟ ପୁରୁଷର କର୍ତ୍ତା ଥିଲେ କ୍ରିୟା ମଧ୍ୟମପୁରୁଷ ହେବ । ତୁମ୍ଭେ ଓ ସେ ଯିବ । ସେମାନେ ଓ ତୁମ୍ଭେମାନେ ଯିବ । ଇତ ।

### କାଳ

କ୍ରିୟାର ପ୍ରଧାନତଃ ତିନୋଟି କାଳ ଥାଏ । ଯଥା—ଭୂତ, ବର୍ତ୍ତମାନ ଓ ଭବିଷ୍ୟତ । ଯେଉଁ କ୍ରିୟାଦ୍ୱାରା କାର୍ଯ୍ୟର ନିବୃତ୍ତି ହେବା ବିହ୍ନ ଏ ତାହା ଭୂତ । ଏହା ଚାରିପ୍ରକାର ।

୧. ବହୁଦିନରୁ ଅନ୍ତର ଅତୀତ ଘଟନାକୁ ବୁଝାଇଲେ ପରୋକ୍ଷଭୂତ ହୁଏ । ଯଥା—ରାମ ରାବଣକୁ ମାରିଥିଲେ ।

୨. ନିର୍ଦ୍ଦିଷ୍ଟ ଭୂତରେ ଘଟିଥିବା ଅତୀତ ଘଟଣାକୁ ନିତ୍ୟ ପ୍ରବୃତ୍ତ କହନ୍ତି । ୧୯୪୦ ପୂର୍ବରୁ ସ୍କୁଲପଢା ସମୟ ଦୈନିକଛାଅ ପିନ୍ଧୁଏଡ଼ୁଥିଲା ।

Digitized by srujan ka@gmail.com

୩. ଗୋଟିଏ ଅତୀତ ଘଟନା ପୂର୍ବରୁ ଅନ୍ୟ କିଛି ଘଟିବାର ବୁଝା-ଇଲେ ପ୍ରାଗ୍‌ଭୂତ । କାଲି ଗାଡ଼ି ଅସିବା ପୂର୍ବରୁ ବର୍ଷିଥିଲା ।

୦. କୌଣସି କାରଣରୁ ଗୋଟିଏ ଅତୀତ ଘଟନା ଅନୁମାନ କରି ନେବା ପ୍ରତୀତ ହେଲେ ଅନୁମାନିକ ଭୂତ । ନଦୀବଢ଼ିରୁ ଜଣାଯାଏ କାଲି ପୂର୍ବ ମୁଣ୍ଡେ ବର୍ଷିଲା ।

୪. ବିଶୁଦ୍ଧ ଭୂତ—ସେପାଁ ଛିଡ଼ିଗଲା ।

ବର୍ତ୍ତମାନ—ଯାହା ଚାଲୁଛି, ଫଳ ଶେଷ ହୋଇ ନାହିଁ ସେହିକାଳକୁ ବର୍ତ୍ତମାନ କୁହାଯାଏ । ଏହା ମଧ୍ୟ ଗୁରି-ପ୍ରକାର ।

୧. ନିତ୍ୟପ୍ରବୃତ୍ତ—ଛାତ୍ରମାନେ ବିଦ୍ୟାଳୟକୁ ଯାନ୍ତି ।

୨, ଆନୁମାନିକ—ପଶ୍ଚିମ ଦିଗର ମେଘ ଦେଖିଲେ ସେ ଅଞ୍ଚ-ଳରେ ବର୍ଷୁଥିବ ।

୩. ସାମ୍ଭାବ୍ୟ—ଏକ୍ଷଣି ପିଲାଟି ପଦ ପଢ଼ୁଥିଲା ଅବଶ୍ୟ ଜଣା ପଡ଼ନ୍ତା ।

୪. ବିଶୁଦ୍ଧ-ମେଘ ବର୍ଷୁଛି ।

ଭବିଷ୍ୟତ୍—କ୍ରିୟାର ସମସ୍ତ ଉପସ୍ଥିତ ହୋଇ ନ ଥିଲେ ଅର୍ଥାତ୍ ପରେ ହେବ ବୋଲି ପଦରୁ ଜଣା ପଡ଼େ ତାହା ଭବିଷ୍ୟତ୍, ଏହା ମଧ୍ୟ ଗୁରି ପ୍ରକାର ।

୧. ବିଶୁଦ୍ଧ—ରାମ ଅସିବେ ।

୨. ପ୍ରାଗ୍‌ଭବିଷ୍ୟତ—ରାମ ଗଲେ ହରି ଅସିବ । ଏ ବାକ୍ୟରେ

Digitized by srujan ka@gmail.com

'ଗଲେ' କ୍ରିୟା ପ୍ରାଗ୍‌ଭବିଷ୍ୟତ । 'ଅନୁମାପିଲା' ନୁହେଁ । କାରଣ ଦୁଇ କ୍ରିୟାର କର୍ତ୍ତା ଏକ ନୁହେ । ବିଭକ୍ତି ।

୩. ନିତ୍ୟ ପ୍ରବୃତ୍ତ—କାଲିଠାରୁ ଗାଡ଼ୀ ଏହି ନିୟମରେ ଚାଲିବ ।

୪. ସମ୍ଭାବ୍ୟ—ପ୍ରଫୁଲ୍ଲ ଯଦି କଟକରୁ ଆସିବ ନିଶ୍ଚୟ ଦେଖାତ ଆଣିବ । ଆଜ୍ଞା, ପ୍ରାର୍ଥନା, ଆଦେଶ ଅର୍ଥରେ ଯେଉଁ କ୍ରିୟା ବ୍ୟବହୃତ ହୁଏ, ତାକୁ ଅନୁଜ୍ଞାର୍ଥ କହନ୍ତି । ତୁମ୍ଭେ ନାଅ, ହରି ଆସନ୍ତୁ । ଇଂରାଜୀରେ କ୍ରିୟାର କାଳ ପ୍ରାୟ ସମାନ । ସେଥିରେ ବର୍ତ୍ତମାନ କାଳ ପାଇଁ କ୍ରିୟାଶେଷରେ ing ଯୋଗ କରାଯାଏ । ତା ପୂର୍ବରେ କେତୋଟି ସାହାଯ୍ୟକାରୀ କ୍ରିୟାର ବ୍ୟବହାର ଦେଖାଯାଏ । ପ୍ରଥମପୁରୁଷ ଏକବଚନରେ am ତୃତୀୟପୁରୁଷ ଏକବଚନରେ is ଅନ୍ୟତ୍ର are ର ବ୍ୟବ- ଦେଖାଯାଏ । ଭୂତକାଳରେ ସବୁ କ୍ରିୟାର ପୂର୍ବରେ was ବ୍ୟବହୃତ ହୁଏ । ଭବିଷ୍ୟତ ପାଇଁ shal willର ବ୍ୟବହାର କରାଯାଏ । Present tens, Past tens Future tens କହନ୍ତି । ଏ ସ୍ଥିତିରେ କ୍ରିୟାର ବିଭକ୍ତି ବ୍ୟବହାରକୁ Mood କହନ୍ତି । ଏହାହିଁ ଓଡ଼ିଆଠାରୁ କେତେକାଂଶରେ ପାର୍ଥକ୍ୟ ଦିଶୁଏ । ଏହା ଚାରିପ୍ରକାର ।
ଯଥା—

୧. Indicative mood କୌଣସି କାର୍ଯ୍ୟ ବା ଘଟଣା ସଙ୍ଗେ କ୍ରିୟାର ଭାବ ସରଳ ଓ ନିଶ୍ଚୟ ରୂପେ ବ୍ୟକ୍ତ କରେ । କେବଳ ତୃତୀୟ ପୁରୁଷ କ୍ରିୟା ଶେଷରେ s ର ବ୍ୟବହାର କରାଯାଏ । He comes ଏହାର ପ୍ରଶ୍ନ ସ୍ଥଳେ ସେହି

Digitized by srujan ka@gmail.com

ତୃତୀୟ ପୁରୁଷ ଏକବଚନରେ Does ଅନ୍ୟତ୍ର do ର ବ୍ୟବହାର ହୁଏ । ଓଡ଼ିଆର ନିତ୍ୟପ୍ରବୃତ୍ତ ବର୍ତ୍ତମାନ ସଙ୍ଗେ ସମାନ ।

୨. Subjunctive mood ସମ୍ଭାବନା ଆଶୀର୍ବାଦ ପ୍ରଭୃତି ପ୍ରକାଶ କରେ । God save the King. ସଂସ୍କୃତର ବିଧିଲିଙ୍ଗ୍ ସଙ୍ଗେ ସମାନ ।

୩. Imparative mood—ଆଦେଶ, ଅନୁରୋଧ, ପ୍ରାର୍ଥନା ପ୍ରକାଶ କରେ । Go home । ପ୍ରଥମ ପୁରୁଷର ପ୍ରୟୋଗ-ବେଳେ ପାଇଁ I ଓ we ର ଦ୍ଵିତୀୟା me, us କରି ତା ପୂର୍ବରେ let ବ୍ୟବହାର କରାଯାଏ Let me give a book.

ସଂସ୍କୃତ 'ଲୋଟ୍' ଲକାର ବା ଓଡ଼ିଆର ଅନୁଜ୍ଞାର୍ଥକ କ୍ରିୟାର ସମାନ ।

୪. Infinitive mood କ୍ରିୟାର ବଚନ ପୁରୁଷ ପ୍ରଭୃତି ନଥାଇ କୌଣସି କାର୍ଯ୍ୟର ଅବସ୍ଥା ପ୍ରକାଶ କରେ । ଯଥା:— to see, to go, to walk.

ସଂସ୍କୃତର 'ତୁମ୍' ପ୍ରତ୍ୟୟ ବା ଓଡ଼ିଆର ନିମିତ୍ତାର୍ଥ ଅସମାପିକା 'କୁ' ସଙ୍ଗେ ସମାନ ।

## ପ୍ରଶ୍ନ

୧. ବାଳକଟି ଦୌଡ଼ୁଥିଲା । କେତେଦୂରରେ କଣ୍ଟକ ହୋଇ ପଡ଼ିଗଲା । ଏ ଦୁଇ ବାକ୍ୟରେ ଥିବା କ୍ରିୟାଗୁଡ଼ିକୁ ଚିହ୍ନାଅ ।

୨. ଡଜନେଟି ଦ୍ଵିକର୍ମକ ଧାତୁ ବ୍ୟବହାର କରି ବାକ୍ୟ ଗଠନ କର ।

Digitized by srujan ka@gmail.com

୩. ଗୋଟିଏ ବାକ୍ୟରେ ଦ୍ୱିତୀୟ ଓ ତୃତୀୟପୁରୁଷର କର୍ତ୍ତା ଥିଲେ କ୍ରିୟା କିପରି ହେବ ?

୪. ଅତୀତ କାଳ କେତେପ୍ରକାର ?

୫. 'କର' ଧାତୁକୁ ପ୍ରୟୋଗକରି ତିନିକାଳରେ ବ୍ୟବହାର କର ।

୬. ଇଂରାଜୀରେ କାଳ ବିଭାଗ କିପରି ?

୭. Mood ନେଇ ଯାହା ଜାଣ ବୁଝାଅ ।

—❋—

## ବାଚ୍ୟ

କର୍ତ୍ତା, କର୍ମ, କ୍ରିୟାଯୋଗେ ବାକ୍ୟ ହୋଇଥାଏ । ସନ୍ଦର୍ଭ-ସମ୍ବନ୍ଧ ନେଇ ଭିନ୍ନ କାରକର ସମାବେଶ ମଧ୍ୟ ଥାଏ । କ୍ରିୟା ସକର୍ମକ ଓ ଅକର୍ମକ ଥିବାରୁ କର୍ତ୍ତା, କର୍ମ ଓ କ୍ରିୟାର ଉକ୍ତି ନେଇ ବାଚ୍ୟ ତିନିପ୍ରକାର ହୋଇଥାଏ । ଯେଉଁ ବାକ୍ୟରେ କ୍ରିୟାଦ୍ୱାରା କର୍ତ୍ତା ଉକ୍ତ ହୁଏ ତାହା କର୍ତ୍ତୃବାଚ୍ୟ । ସେଥିରେ କର୍ତ୍ତାର ପ୍ରଥମା କର୍ମର ଦ୍ୱିତୀୟା, କ୍ରିୟା କର୍ତ୍ତାର ଅଧୀନ ଅର୍ଥାତ୍ କର୍ତ୍ତାର ଯେଉଁ ପୁରୁଷ ବଚନ ହୁଏ, କ୍ରିୟା ସେହି ପୁରୁଷ ସେହି ବଚନର ହୁଏ । ଯଥା:— ସେବକମାନେ ଗ୍ରାମକୁ ଯାଉଛନ୍ତି । ଯେଉଁ ବାକ୍ୟରେ କ୍ରିୟାଦ୍ୱାରା କର୍ମ ଉକ୍ତ ହୁଏ ତାହା କର୍ମବାଚ୍ୟ । ସେଥିରେ କର୍ତ୍ତାର ତୃତୀୟା ବା ଷଷ୍ଠୀ କର୍ମର ପ୍ରଥମା ହୁଏ, କ୍ରିୟା କର୍ମର ଅନୁଗାମୀ । ରାମଦ୍ୱାରା ରାବଣ ମରାଗଲା । ଗୋପାଳର ପାଠପଢ଼ା ହେଉଛି । ରାମେଣ ରାବଣଃ ଅହନ୍ୟତ ହତୋ ବା । ଅକର୍ମକ କ୍ରିୟା-ଯୁକ୍ତ ବାକ୍ୟର ପରିବର୍ତ୍ତନ କଲାବେଳେ କ୍ରିୟାଦ୍ୱାରା କାଏ ଉକ୍ତ

Digitized by srujan ka@gmail.com

ହେବା ପାଇଁ ନାହିଁ କେବଳ ତାର ଭାବହିଁ ଉକ୍ତ ହୁଏ । ଏଣୁ ତାହାକୁ ଭାବ ବାଚ୍ୟ କହନ୍ତି ।

କର୍ତ୍ତାର ଷଷ୍ଠୀ ଓ ତୃତୀୟା ମଧ୍ୟ ହୋଇଥାଏ । କାରଣ ଭାବ-ବାଚ୍ୟରେ କର୍ତ୍ତାର କି କର୍ମର ପ୍ରାଧାନ୍ୟ ନ ଥାଏ । କ୍ରିୟାର ଭାବ-ବ୍ୟକ୍ତ ପାଇଁ ଅନେକ ସମୟରେ ଧାତୁକୁ କୃତ୍ ପ୍ରତ୍ୟୟ ଯୋଗେ ବିଶେଷ୍ୟ କରି 'ହେବା' କ୍ରିୟା ଯୋଗ କରନ୍ତି ଯଥା:—ମୟୂରର ନାଚ ହେଉଛି । ମୋତେ ଶୋଷ ଅଟେ । ସଂସ୍କୃତରେ କର୍ତ୍ତାର ତୃତୀୟା କ୍ରିୟା ସର୍ବଦା ପ୍ରଥମ ପୁରୁଷ ଏକ ବଚନର ହୋଇଥାଏ । କୃତ୍-ପ୍ରତ୍ୟୟ ଯୋଗେ ପଦ ଗଠନ କଲେ ନପୁଂସକ ଲିଙ୍ଗ ଏକ ବଚନହିଁ ହୁଏ । ମୟୂରୈଃ ନୃତ୍ୟତେ । ମୟୂରୈଃ ନର୍ତ୍ତିତମ୍ ।

ସଂସ୍କୃତରେ ବା ଓଡ଼ିଆରେ କେବଳ କର୍ତ୍ତା କର୍ମ କ୍ରିୟାରହିଁ ପରିବର୍ତ୍ତନ । ଅନ୍ୟକାରକ ଅସମାପିକା କ୍ରିୟା ଓ ତା ସମ୍ବନ୍ଧ କର୍ମର ପରିବର୍ତ୍ତନ ନାହିଁ — ସଂସ୍କୃତରେ କର୍ମ ବାଚ୍ୟ କ୍ରିୟା ଗଠନ ପାଇଁ ମୂଳଧାତୁରେ 'ଯ' ଯୋଗ କରି ଆତ୍ମନେପଦ କରିବାକୁ ହୁଏ ।

ହ୍ରସ୍ୱ ସ୍ୱରାନ୍ତ ଧାତୁସ୍ୱରର ଦୀର୍ଘ ହୁଏ । ଜି- ଜୀୟତେ । ସ୍ତୁ—ସ୍ତୂୟତେ ।

ଆକାରାନ୍ତ ଧାତୁର 'ଆ' ର 'ଈ' ହୁଏ । ସ୍ଥା-ସ୍ଥୀୟତେ । ମା- ମୀୟତେ । ଦା-ଦୀୟତେ ।

'ଗୈ' ର ଆ ହେଉଥିବାରୁ—ଗୀୟତେ ।

'ଋ' କାରର ରି ହୁଏ— କୃ— କ୍ରିୟତେ । ହୃ = ହ୍ରିୟତେ । ଧୃ=ଧ୍ରିୟତେ । ମୃ—ମ୍ରିୟତେ । ମାତ୍ର—ସ୍ମୃ —ସ୍ମର୍ଯ୍ୟତେ ।

Digitized by srujan ka@gmail.com

ଦୀର୍ଘ 'ୠ' କାରର 'ଈର୍' ହୁଏ = କୄ = କୀର୍ଯ୍ୟତେ ।
ଜୄ = ଜୀର୍ଯତେ । ତୄ = ତୀର୍ଯ୍ୟତେ । ମାତ୍ର ପୄ = ପୂର୍ଯତେ ।
ଇଂରାଜରେ ବାଚ୍ୟ ଦୁଇ ପ୍ରକାର ।

## ପ୍ରଶ୍ନ

୧. କର୍ମ ବାଚ୍ୟର ନିୟମ କଣ ?

୨. କେତୋଟି ଭାବବାଚ୍ୟର ଉଦାହରଣ ଦିଅ ।

୩. ଦୁଇଟି କର୍ତ୍ତୃବାଚ୍ୟର ବାକ୍ୟ କହ ପରିବର୍ତ୍ତନ କର ।

୪. ଭାବ ବାଚ୍ୟରେ କର୍ତ୍ତାର ଷଷ୍ଠୀ କାହିଁକି ହୁଏ ?

ବାଚ୍ୟାନ୍ତର ସାରଣୀ

| | | | |
|---|---|---|---|
| କର୍ତ୍ତୃବାଚ୍ୟ— | କର୍ତ୍ତା ୧ ମା | କର୍ମ ୨ ୟା | କ୍ରିୟା |
| କର୍ମବାଚ୍ୟ— | „ ୩ୟା | „ ୧ ମା | କ୍ରିୟା |

—o—

## ସନ୍ଧି

ବର୍ଣ୍ଣଗୁଡ଼ିକ ଆମ୍ଭମାନଙ୍କ ମୁଖଗହ୍ବରର ଭିନ୍ନ ସ୍ଥାନ ନେଇ ଉଚ୍ଚାରିତ ହେବା କଥା ପୂର୍ବେ କୁହାଯାଇଛି । ଗୋଟିଏ ବାକ୍ୟ ଉଚ୍ଚାରଣ କଲେ ଧ୍ୱନିଟି ଭିନ୍ନ ବର୍ଣ୍ଣ ସକାଶେ ଏକ ସ୍ଥାନରୁ ଅନ୍ୟସ୍ଥାନକୁ ଗତି କରିଥାଏ । ଏକ କ୍ଷଣରେ ଦୁଇସ୍ଥାନର ଦୁଇଟି ବର୍ଣ୍ଣ ଉଚ୍ଚାରଣ କଲେ ଧ୍ୱନିକୁ ସଙ୍ଗେ ସଙ୍ଗେ ପରିବର୍ତ୍ତିତ କରିବା କଷ୍ଟକର ହୁଏ । କଣ୍ଠ୍ୟବର୍ଣ୍ଣ ଉଚ୍ଚାରଣ କରି ସଙ୍ଗେ ସଙ୍ଗେ

Digitized by srujan ka@gmail.com

ତାଲବ୍ୟ କିମ୍ବା ଓଷ୍ଠ୍ୟ ବର୍ଣ୍ଣ ଉଚ୍ଚାରଣ କରିବାକୁ ସେତେ କଷ୍ଟ ହେବ ନାହିଁ । ମାତ୍ର ତାଲବ୍ୟ କିମ୍ବା ଓଷ୍ଠ୍ୟ ଉଚ୍ଚାରଣ ସଙ୍ଗେ ସଙ୍ଗେ କଣ୍ଠ୍ୟ ଉଚ୍ଚାରଣ କଲେ ବହୁ କଷ୍ଟକର ହେଉଛି···ଉପରକୁ ଉଠିବା ବାୟୁସ୍ରୋତରେ ଅକସ୍ମିକ ଭଙ୍ଗ ଅସମ୍ଭବ । ଉଦାହରଣସ୍ୱରୂପ 'ଇ' କହିଲେ ଧ୍ୱନିଟି ତାଳୁ ପର୍ଯ୍ୟନ୍ତ ଅସିଥାଏ । ସଙ୍ଗେ ସଙ୍ଗେ କଣ୍ଠ୍ୟ 'ଅ' ଉଚ୍ଚାରଣ କରିବା ପାଇଁ ବାୟୁସ୍ରୋତକୁ ହଠାତ୍ ଅଟକାଇ ଭାଙ୍ଗିବା କି ଦୁରୂହ ବ୍ୟାପାର ଅନୁମେୟ । ଏଣୁ ଏହାର ସମାଧାନ ପାଇଁ ଯେଉଁ ବ୍ୟବସ୍ଥା କରାଯାଇଛି ତାର ନାମ ସନ୍ଧି । 'ଇ' ସଙ୍ଗେ ସଙ୍ଗେ ଉଚ୍ଚାରଣବେଳେ ସେହି ତାଳୁତରଙ୍ଗ 'ଯ' ବର୍ଣ୍ଣ ଦ୍ୱାରା ସମାହିତ ହୋଇଯାଏ । ଏହିପରି ବିଭିନ୍ନ ବର୍ଣ୍ଣର ପରିବର୍ତ୍ତନ ନିୟମ ହିଁ ଏ ପ୍ରକରଣର ଉଦ୍ଦେଶ୍ୟ ।

ପରସ୍ପର ସନ୍ନିହିତ ଦୁଇ ବର୍ଣ୍ଣର ମିଳନକୁ ସନ୍ଧି କୁହାଯାଏ । ଏହା ତିନିପ୍ରକାର । (୧) ସ୍ୱର ସହିତ ସ୍ୱରର ମିଳନ=ସ୍ୱରସନ୍ଧି । (୨) ବ୍ୟଞ୍ଜନ ସହିତ ବ୍ୟଞ୍ଜନର ବା ସ୍ୱରର ମିଳନ ବ୍ୟଞ୍ଜନ=ସନ୍ଧି । (୩) ବିସର୍ଗ ସଙ୍ଗେ ଅନ୍ୟ ବର୍ଣ୍ଣର ମିଳନ=ବିସର୍ଗ ସନ୍ଧି ।

## ସ୍ୱରସନ୍ଧି

ସ୍ୱରସନ୍ଧି ସାଧାରଣତଃ ତିନିପ୍ରକାର । ସମାନସ୍ୱର । ଅସମାନ ସ୍ୱର ଓ ଅ, ଆ ପରେ ସ୍ୱର ।

(୧) ସମାନ୍ୟ ସ୍ୱର—ସ୍ୱରପରେ ସମାନ ସ୍ୱର ଥିଲେ, ଦୀର୍ଘ ହୁଏ । ଶଶ+ଅଙ୍କ=ଶଶାଙ୍କ । ମୁନି+ଈଶ୍ୱର=ମୁନୀଶ୍ୱର ।

(୨) ଅସମାନ ସ୍ୱର—

ଇ+ଅସମାନ ସ୍ୱର=ଯ୍ । ଏ+ସ୍ୱର=ଅୟ୍

ଉ+ „ =ବ୍ । ଐ+ „ =ଆୟ୍

Digitized by srujan ka@gmail.com

ଋ+ଅସମାନସ୍ୱର=ର୍ । ଓ+ " = ଅବ୍
ଌ+ „ =ଲ୍ । ଔ+ „ =ଅଵ୍

(ଙ) ଅ' ବର୍ଣ୍ଣ ପରେ ସ୍ୱର ।

ଅ, ଆ+ଇ, ଈ=ଏ । ଅ, ଅ+ଏ, ଐ=ଐ
„ „+ଉ, ଊ=ଓ । „ „+ଓ, ଔ=ଔ
„ „+ଋ =ଅର୍ ।

କେତେକ ଏ, ଓ ପରେ 'ଅ' ଲୋପ ହୁଏ । ସର୍ବେ+ଅତ୍ର ସର୍ବେଽତ୍ର । ଦ୍ୱିବଚନାନ୍ତ ଈ, ଊ ର ସନ୍ଧି ହୁଏ ନାହିଁ । ହରୀ ଅଗଚ୍ଛତଃ । ସାଧୂ ଇମୌ"

## ବିଶିଷ୍ଟ ସନ୍ଧି

କୁଳ+ଅଟା=କୁଳଟା ସୀମା+ଅନ୍ତ =ସୀମନ୍ତଃ ।

## ସନ୍ଧିବିଚ୍ଛେଦୋପାୟ

ସନ୍ଧି ବିଚ୍ଛେଦ ପାଇଁ ଯେଉଁ ପଦ ଥିବ ତାର ମଧ୍ୟ ବର୍ଣ୍ଣ ପ୍ରତି ଦୃଷ୍ଟି ଦିଅ । ମଧ୍ୟରେ 'ଦୀର୍ଘ' ଦେଖା ଗଲେ ସେହି ଜାତୀୟ ସମ-ଜାତୀୟ ସ୍ୱର ସଙ୍ଗେ ମିଳନ ଥିବା ଜାଣିବ । ଅବଶ୍ୟ ତହିଁରୁ କେଉଁଟି ଦୀର୍ଘ କେଉଁଟି ହ୍ରସ୍ୱ ବା ଉଭୟ ଦୀର୍ଘ କି ଉଭୟ ହ୍ରସ୍ୱ, ପଦ-ସନ୍ଦର୍ଭ ଧରି ଜାଣି ନେବ ।

ଉଦାହରଣ—

କପୀନ୍ଦ୍ର=ମଧ୍ୟରେ ଦୀର୍ଘ ଈ ଦେଖାଯାଏ । ଏଣୁ ଦୁଇଟି 'ଇ' ର କଳ୍ପନା କରି ନେବ । ପଦ ସନ୍ଦର୍ଭ ଅନୁସାରେ କପି—ରେ ଦୀର୍ଘଈର ଇନ୍ଦ୍ର ପଦରେ ହ୍ରସ୍ୱ 'ଇ' ନିର୍ଣ୍ଣୟ କରିବ ।

ଯ ବ ର ଲ ଥିଲେ ଇ, ଉ, ଋ, ଌ, ସଙ୍ଗେ ତଦ୍‌ଯୁକ୍ତ ସ୍ୱର ପରେ ଥିବାର ନିର୍ଣ୍ଣୟ କର । ଯଥା— ପ୍ରତ୍ୟେକ କହିଲେ

Digitized by srujan ka@gmail.com

ମଧ୍ୟବର୍ତ୍ତୀ ଯ ରେ ଏ ଥିବାରୁ ଇ+ଏ ର ସଂଯୋଗ ବୋଲି ସ୍ଥିର କର ।

ମଧ୍ୟରେ ଅୟ୍, ଆୟ୍, ଅବ୍, ଆବ୍ ଥିଲେ ଯଥାକ୍ରମେ ଏ, ଐ, ଓ, ଔ ସ୍ଥିର କରି ନେବ ।

ଏ, ଓ, ଅର୍ ଦେଖାଗଲେ ଅ, ଆ, ପରେ ଇ, ଉ, ଋ, ଥିବା କଳ୍ପନା କରି ନେବ ।

## ବ୍ୟଞ୍ଜନ ସନ୍ଧି

ବ୍ୟଞ୍ଜନ ବର୍ଣ୍ଣ ପରେ ସ୍ୱର ବା ବ୍ୟଞ୍ଜନ ଥିଲେ ପୂର୍ବବର୍ଣ୍ଣର ବା ଉଭୟ ବର୍ଣ୍ଣର ଯେଉଁ ପରିବର୍ତ୍ତନ ହୁଏ ତାହା ବ୍ୟଞ୍ଜନ ସନ୍ଧି ।

୧. ବର୍ଗର ପ୍ରଥମ ବର୍ଣ୍ଣ ପରେ ସ୍ୱର ଥିଲେ ସେହି ବର୍ଗର ତୃତୀୟ ବର୍ଣ୍ଣ ହୁଏ ।

ବାକ୍+ଈଶ=ବାଗୀଶ । ଅଚ୍+ଅନ୍ତ=ଅଜନ୍ତ ।

ଉତ୍+ଅନ୍ତ=ଉଦନ୍ତ ।

୨. ବର୍ଗର ପ୍ରଥମ ବର୍ଣ୍ଣପରେ ବର୍ଗର ତୃତୀୟ ଚତୁର୍ଥ ଯ, ବ, ହ, ର, ଥିଲେ ତୃତୀୟ ହୁଏ । ଉତ୍+ଗୀର୍ଣ୍ଣ= ଉଦ୍‌ଗୀର୍ଣ୍ଣ ଉତ୍+ଯାପନ=ଉଦ୍‌ଯାପନ ।

୩. ବର୍ଗର ପ୍ରଥମ ଦ୍ୱିତୀୟ ପରେ ପଞ୍ଚମ ବର୍ଣ୍ଣଥିଲେ ଏହା ମଧ୍ୟ ପଞ୍ଚମ ହୁଏ ।

ବାକ୍+ମୟ=ବାଙ୍ମୟ । ଜଗତ୍+ନାଥ=ଜଗନ୍ନାଥ ।

୪. ତ ପରେ

| | |
|---|---|
| ଚ-ଛ ଥିଲେ ତର ଚ୍ | =ଉତ୍+ଚିହ୍ନ=ଉଚ୍ଚିହ୍ନ |
| ଜ-ଝ ,, ,, ଜ୍ | =ଜଗତ୍+ଜୀବନ=ଜଗଜ୍ଜୀବନ |
| ଟ-ଠ ,, ,, ଟ୍ | =ଉତ୍+ଟୀକା =ଉଟ୍ଟୀକା |
| ଡ-ଢ ,, ,, ଡ୍ | =ଉତ୍+ଡୀନ=ଉଡ୍ଡୀନ |

Digitized by srujan ka@gmail.com

ତପରେ | ଶ ଥିଲେ ତର ଚ୍ ଓ ଶର ଛ୍ ହୁଏ = ତତ୍ + ଶଙ୍କର ତଚ୍ଛଙ୍କର ।
ଲ ,, ତର ଲ୍ ହୁଏ । ତତ୍ + ଲୟ = ତଲ୍ଲୟ
ହ ,, ତ ଓ ହ ମିଶି ଦ୍ଧ ହୁଏ । ଯଥା :—

୫. ଉତ୍ + ହୃତ = ଉଦ୍ଧିତ

ସ୍ୱର ଥିଲେ 'ନ' ର ଦ୍ୱିତ୍ୱ ହୁଏ । ମାତ୍ର ନ ପୂର୍ବରେ ହ୍ରସ୍ୱ-ସ୍ୱର ଥିବାକୁ ହେବ । ଗଚ୍ଛନ୍ + ଅସ୍ତେ ଗଚ୍ଛନ୍ନସ୍ତେ ।

ନ-ପରେ | ଚ-ଛ } ଥିଲେ 'ନ' ର 'ଂ' (ଅନୁସ୍ୱାର) ହୁଏ ।
ତ-ଥ } ଚ ଛ ପୂର୍ବରେ ଶ, ଟ, ଥ, ପୂର୍ବରେ ସ୍ ଆଗମ ହୁଏ । ହସନ୍ + ଚଳତି = ହସଂଶ୍ଚଳତି । ପାଶାନ୍ = ଛିନ୍ଦ ପାଶାଂଶ୍ଛିନ୍ଦ । ପତନ୍ + ତରୁଃ = ପତଂସ୍ତରୁଃ ଲ-ଥିଲେ ଦ୍ୱିତ୍ୱ ହୁଏ, ପୂର୍ବ ନର ଅନୁସ୍ୱାର ହୁଏ । ଗଚ୍ଛନ୍ + ଲିଖତି = ଗଚ୍ଛଂଲ୍ଲିଖତି ।

୬. | ସ୍ୱର ଥିଲେ 'ମ' ହୁଏ । ଗୃହଂ + ଅଗତଃ ଗୃହମାଗତଃ ।

ଂ, ଅନୁସ୍ୱାର ପରେ | ବ୍ୟଞ୍ଜନ ବର୍ଗୀୟବର୍ଣ୍ଣ ଥିଲେ ମଳସ୍ଥ ଅନୁସ୍ୱାର ପରେ ସେହି ବର୍ଗର ପଞ୍ଚମ ବର୍ଣ୍ଣ ହୁଏ । ଯଥା :— ଶାଂତ, ଶାନ୍ତ ।
ଅବର୍ଗ୍ୟ ଥିଲେ କେବଳ ଅନୁସ୍ୱାର ହୁଏ । ସଂଶୟଃ ।

## ବିଶେଷ ସନ୍ଧି

୧ ଲକ୍ଷ୍ମୀ — ଛାୟା = ଲକ୍ଷ୍ମୀଚ୍ଛାୟା, ଉତ୍ + ସ୍ତମ୍ଭନମ୍ = ଉତ୍ତମ୍ଭନମ୍ । ଉତ୍ + ସ୍ଥାନମ୍ = ଉତ୍ଥାନମ୍ । ସମ୍ + କାରଃ = ସଂସ୍କାର ।

Digitized by srujan ka@gmail.com

ପର + କାରଃ ପରସ୍କାରଃ । ପୁମ୍ + କୋକିଳଃ ପୁଂସ୍କୋକିଳଃ
ପୁମ୍ + ଗୃତଙ୍କଃ ପୁଂସ୍ଥାତଙ୍କଃ ।

## ବିସର୍ଗ ସନ୍ଧି

ବିସର୍ଗ ସାଧାରଣତଃ ଦୁଇପ୍ରକାର ସକାର ଓ ରକାର । ଶବ୍ଦାନ୍ତସ୍ଥିତ ବିସର୍ଗ ସମସ୍ତ 'ସ' କାର । କେତୋଟି ଅବ୍ୟୟରେ ମଧ୍ୟ ସକାର ବିସର୍ଗ ଅଛି । ଦୁସ୍, ନିସ୍, ଅଧଃ, ଉଚ୍ଚୈଃ, ନୀଚୈଃ, ହ୍ୟଃ, ଚକ୍ଷୁଃ, ଅଧଃ, ତିରସ୍ । ପୁରୁସ୍, ବହୁଶଃ ଅଲ୍ପଶଃ ।

'ର' କାରବିସର୍ଗ ପ୍ରାୟ ଅବ୍ୟୟରେହିଁ ଥାଏ । ସ୍ୱର୍, ଅନ୍ତର୍, ପ୍ରାତର୍, ପୁନର୍, ନିର୍, ଦୁର୍ ।

## ସକାର ବିସର୍ଗ

'ଃ' ଅଯୋଗବାହ । ଏହା ଯେ କୌଣସି ସ୍ୱର ପରେହିଁ ବ୍ୟବହୃତ ହେବ । ଏଣୁ ବିସର୍ଗ ସନ୍ଧିରେ ପ୍ରଧାନ ଲକ୍ଷ୍ୟ ରଖିବ ଯେ ବିସର୍ଗ ପୂର୍ବରେ କି ବର୍ଣ୍ଣ ଓ ପରେ କି ବର୍ଣ୍ଣ ଅଛି ।

୧. ବିସର୍ଗ ପୂର୍ବରେ ବିସର୍ଗ ପରେ ଥିବା

| ଥିବାବର୍ଣ୍ଣ | ବର୍ଣ୍ଣ | ପ୍ରକ୍ରିୟା |
|---|---|---|
| ଅ | — ଅ | ବିସର୍ଗର 'ଓ' ହୁଏ । ପରବର୍ତ୍ତୀ 'ଅ' ସ୍ଥାନରେ ଽ ଏପରି ଚିହ୍ନ ବସେ । ଦେବଃ + ଅଦ = ଦେବୋଽଦ । |
| ଅ | — ଅନ୍ୟସ୍ୱର | ଃ ର ଲୋପ । ଦେବଃ + ଆଗତଃ ଦେବ ଆଗତଃ ଶିବଃ + ଏଷଃ ଶିବ ଏଷଃ ଅତଏବ ସ୍ୱମ ଇତି । |

Digitized by srujan ka@gmail.com

ଅ — ବର୍ଗର ୩, ୪, ୫, ଯ, ର, ବ, ଲ, ହ, | ବିସର୍ଗ ପୂର୍ବବର୍ତ୍ତୀ ଅକାରସହ ଓ ହୁଏ । ଦେବଃ + ଗଚ୍ଛତି = ଦେବୋ ଗଚ୍ଛତି ।

୨. 'ର' ଜାତ „ ଯେ କୌଣସି ସ୍ୱର ଯ, ବ, ହ, ଲ, | 'ଃ' ର ର ହୁଏ । ପ୍ରାତଃ + ଅଦ୍ୟ = ପ୍ରାତରଦ୍ୟ । ପ୍ରାତଃ + ଗଚ୍ଛତି = ପ୍ରାତର୍ଗଚ୍ଛତି ।

„ ର | 'ଃ' ର ଲୋପ ହୁଏ । ତା ପୂର୍ବର ଦୀର୍ଘ ହୁଏ । ପୁନଃ + ରମତେ = ପୁନା-ରମତେ ।

୩. ଆ — ଅଭିନ୍ନ ଅନ୍ୟସ୍ୱର ବର୍ଗର ୩, ୪, ୫ | 'ଃ' ର ଲୋପ ହୁଏ । ଦେବାଃ + ଗଚ୍ଛନ୍ତି । ଦେବା ଗଚ୍ଛନ୍ତି । ବାଳକା ହସନ୍ତି ।

ବିସର୍ଗ ପୂର୍ବରେ ଥିବା ସ୍ୱର | ପରେଥିବା ସ୍ୱର | ପ୍ରକ୍ରିୟା

୪. ଇ, ଉ, ଭିନ୍ନସ୍ୱର । ଯେ କୌଣସି ସ୍ୱର, ବର୍ଗର ୩, ୪, ୫, ଯ, ବ, ର, ଲ, ହ । | 'ଃ' ର ର ହୁଏ । ହରିଃ ଗଚ୍ଛତି । ହରି ର୍ଗଚ୍ଛତି ସାଧୁ ବସତି । ବନ୍ଧୁ ର୍ବସତି

୫. ଯେ କୌଣସି ସ୍ୱର ବର୍ଗର ପ୍ରଥମ ଦ୍ୱିତୀୟ ବର୍ଣ୍ଣ ବା କ, ଖ, ତ, ଥ, ସ୍ | 'ଃ' ର ସ ଓ ପକ୍ଷେ ଃ ହୁଏ । ବାଳକ ସ୍ତିଷ୍ଠତି । ବାଳକଃ ତିଷ୍ଠତି ।

Digitized by srujan ka@gmail.com

| | | |
|---|---|---|
| ଯେ କୌଣସି ସ୍ୱର | ଚ, ଛ, ଶ= | ଃ ର ଶ୍ ଓ ପକ୍ଷେ ବିସର୍ଗ ହୁଏ । ଗାବ ଶ୍ଚରନ୍ତି । ପଶ୍ଶ୍ଚଲନ୍ତି |
| ଅ, ଆଭିନ୍ନସ୍ୱର | ଟ, ଠ, ଷ, ପ, ଫ, କ, ଖ, | 'ଃ' ର ଷ ଓ ପକ୍ଷେ ଃ ରହେ, ଧନୁଷ୍ଟଙ୍କାର ଧନୁଃଟଙ୍କାର ଧନୁଷ୍ପାଣି ନିଷ୍କଳଙ୍କ |

୨. ବିଶିଷ୍ଟ ନିୟମ—ସ. ଏଷ ପରବର୍ତ୍ତୀ ବିସର୍ଗ ପରେ କେବଳ 'ଅ' ଥିଲେ ଓ ହୁଏ । ସ୍ୱର ବ୍ୟଞ୍ଜନ ଯେ କୌଣସି ବର୍ଣ୍ଣ ଥିଲେ 'ଃ' ର ଲୋପ । ଏଷୋଽଜ । ଏଷ ଗଚ୍ଛତି । ସ ଆଗତଃ । ନିମ୍ନଲିଖିତ ପଦଗୁଡ଼ିକ ନିୟମରୁ ବହିର୍ଭୂତ । ବାଚଃ ପତି=ବାଚସ୍ପତି, ଗୀଃ ପତି=ଗୀଷ୍ପତି ବୃହତ୍+ପତି ବୃହସ୍ପତି । ଅହନ୍+ପତି=ଅହର୍ପତି । ସ୍ୱର୍+ପତି= ସ୍ୱର୍ପତି

—✱—

ଓଡ଼ିଆରେ 'ଃ' ଯୁକ୍ତ ପଦ ଅତ୍ୟଳ୍ପ । କେବଳ ମନୋରଥ ପୁନଃ ପୁନଃ ଆଶୀର୍ବାଦ ପ୍ରଭୃତି କେତୋଟି ଥିବାରୁ ସଂସ୍କୃତ ଉଦାହରଣ ସବୁ ଦିଆଗଲା—ଇଂରାଜୀରେ ସନ୍ଧିରେ ବ୍ୟବହାର ମଧ୍ୟ ଅତ୍ୟଳ୍ପ । do+not=don't can+not=can't ଏପରି କିଛି ।

## ଅନୁଶୀଳନ

୧. 'ଇ' ପରେ ସମାନ ସ୍ୱର ଓ ଅସମାନ ସ୍ୱର ଥିଲେ ଇ'ର କଣ ହେବ ଉଦାହରଣ ଦିଅ ।

୨. ଦେବେନ୍ଦ୍ର, ଉପର୍ଯୁକ୍ତ । ପୂର୍ବୋକ୍ତ । ବାଙ୍ମୟ, ବାଗୀଶ, ଉଚ୍ଚାରଣ, ପୁରସ୍କରଣ, ଏମାନଙ୍କର ସନ୍ଧି ବିଚ୍ଛେଦ କର ।

Digitized by srujan ka@gmail.com

୩. ଏପରି ସନ୍ଧି ହେବାର କାରଣ କଣ ?

୪. ସନ୍ଧି କର—ବିଦ୍ୟୁତ୍‌+ଲତା, ପୁରସ୍‌+ଭାଗ, ଅଧସ୍‌+ତନ । ଅତି+ଉତ୍କର୍ଷ, ରମା+ଈଶ, ଗଙ୍ଗା+ଉଦକ, ଗୌ+ଅଙ୍କୁରଃ, ସାଧୁ+ଅଗଚ୍ଛତଃ, ହରିଃ+ରମ୍ୟଃ ।

—୦—

୧. ବ୍ୟଞ୍ଜନ ସନ୍ଧି ଭେଦ କରିବା ପାଇଁ ପଦ ମଧ୍ୟରେ ଥିବା ବର୍ଗର ତୃତୀୟ ବର୍ଣ୍ଣଗୁଡ଼ିକୁ ସେହି ବର୍ଗର ପ୍ରଥମ ବର୍ଣ୍ଣ କରି ତହିଁରେ ଥିବା ସ୍ୱର ଫଳକୁ ସ୍ୱରବର୍ଣ୍ଣ କରି ପରପଦ ଆଦ୍ୟରେ ରଖିବ । ବାଗୀଶ କହିଲେ 'ଗ' ବର୍ଣ୍ଣକୁ 'କ' କରି 'ୀ' କୁ ଈକାର ପରପଦ ଆଦ୍ୟରେ ବ୍ୟବହାର କଲେ ଈଶ ହେଲା । ଏପରି ଭେଦ କଲାବେଳେ ପଦ ସନ୍ଦର୍ଭ ପ୍ରତି ଦୃଷ୍ଟି ଦେବ । ଜଗଦମ୍ବାରେ ଦୁଇଟି ତୃତୀୟ ବର୍ଣ୍ଣ ଅଛି । ଜଗତ୍‌+ଅମ୍ବା ଏହିଠାରେ ପଦ ସନ୍ଦର୍ଭ । ସେପରି ଜଗଦ୍ଧାତ୍ରୀ=ଜଗତ୍‌+ଧାତ୍ରୀ, ତଦ୍ଧିତ=ତତ୍‌+ହିତ ।

୨. ଦୁଇଟି ପଞ୍ଚମ ବର୍ଣ୍ଣ ଦେଖିଲେ ପୂର୍ବ ପଞ୍ଚମଟି ସେହି ବର୍ଗର ପ୍ରଥମ ବର୍ଣ୍ଣ ବୋଲି ସ୍ଥିର କର । ଷଣ୍ମୁଖ=ଷଟ୍‌+ମୁଖ ବାଙ୍ମୟ=ବାକ୍‌+ମୟ । ଜଗନ୍ନାଥ=ଜଗତ୍‌+ନାଥ । ଇତ୍ୟାଦି ।

୩. ଦୁଇଟି 'ଚ' ଦୁଇଟି ଲ ଏକତ୍ର ଥିଲେ ପ୍ରଥମଟି ତ, କରିବ । ସଚ୍ଚନ୍ଦନ=ସତ୍‌+ଚନ୍ଦନ ।

୪. ପଦ ମଧ୍ୟରେ 'ଓ' ଦେଖାଗଲେ ପରେ ଽ କାର ଦେଖାଗଲେ ଃ ର ଦୁଇପଟେ ଅ ଥିବାର କଳ୍ପନା କରିବ ।

୫. ମଧ୍ୟରେ 'ସ' ଥିଲେ ବିସର୍ଗ ବୋଲି ସ୍ଥିର କରିବ ।

Digitized by srujan ka@gmail.com

## ସମାସ

ଦୁଇ ବା ତତୋଽଧିକ ପଦ ମିଳାଇ ଏକପଦ କରିବାର ନାମ ସମାସ । ଏକପଦ କରିବା ପୂର୍ବରୁ ଯେଉଁ ବାକ୍ୟ ଥାଏ, ତାହାକୁ ବିଗ୍ରହବାକ୍ୟ ବା ବ୍ୟାସ ବାକ୍ୟ କହନ୍ତି । କେହି କେହି ସମାସ ବାକ୍ୟ କହିଥାନ୍ତି । ସମାସର ଅପର ନାମ ସମଷ୍ଟି । ଏପରି ସ୍ଥଳେ ସମାସ-ବାକ୍ୟ କହିବା ସଙ୍ଗତ ହୋଇ ନ ପାରେ । ମାତ୍ର 'ସମାସ ବାକ୍ୟ' କହିଲେ ଛାତ୍ରମାନେ ଯେତେ ସହଜରେ ବୁଝି ପାରନ୍ତି, ବ୍ୟାସବାକ୍ୟ ବିଗ୍ରହବାକ୍ୟ କହିଲେ ସେତେ ସହଜରେ ବୁଝନ୍ତି ନାହିଁ । ଏଣୁ ସମାସ ପାଇଁ ହେବା ବାକ୍ୟ କହି ସମାଧାନ କରାଯାଇ ପାରେ' । ବିଗ୍ରହବାକ୍ୟକୁ ଏକପଦ କଲେ ସମସ୍ତ ପଦ ବୋଲାଯାଏ । ଅର୍ଥ ଧରି ସମାସକୁ ଛଅ'ଭାଗରେ ବିଭକ୍ତ କରିଅଛନ୍ତି । ୧ ତତ୍-ପୁରୁଷ—ବିଭକ୍ତି ଯୁକ୍ତ ପଦ ସଙ୍ଗେ ହେବା ସମାସ ।୨। କର୍ମଧାରୟ—ବିଶେଷ୍ୟ ବିଶେଷଣ ସମ୍ବନ୍ଧବିଶିଷ୍ଟ ସମାସ ୩ ଦ୍ୱିଗୁ—ସଂଖ୍ୟା—ପୂର୍ବ ସମାସ, ।୪। ଦ୍ୱନ୍ଦ୍ୱ-ବିଶେଷ୍ୟମାନଙ୍କର ମିଳନ ।୫। ବହୁବ୍ରୀହି, ଅନ୍ୟପଦର ପରିପୋଷକ ।୬। ଅବ୍ୟୟୀଭାବ ଉପସର୍ଗ ବା ଅବ୍ୟୟ ସହ ମିଳନ ।

ଏହି ଛଅ ପ୍ରକାର ସମାସକୁ ଚାରିଭାଗରେ ବିଭକ୍ତ କରାଯାଇ ପାରେ । ସମାସ ବାକ୍ୟ ମାନରେ ପ୍ରଥମ ପଦଟି ପୂର୍ବପଦ । ପରବର୍ତ୍ତୀ ପଦଗୁଡ଼ିକୁ ଉତ୍ତରପଦ ବୋଲାଯାଏ । ଏଣୁ —୧— ପୂର୍ବ ପଦ ପ୍ରଧାନ, ୨, ପରପଦପ୍ରଧାନ । ୩, ଉଭୟପଦପ୍ରଧାନ, ୪, ଅନ୍ୟପଦପ୍ରଧାନ ।

୧. ପ୍ରତିଗୃହ । ଅସମୁଦ୍ର । ପ୍ରଭୃତିରେ ପୂର୍ବପଦରେ ହିଁ ପ୍ରାଧାନ୍ୟ ଅଛି, ଏଣୁ ଅବ୍ୟୟୀଭାବ ସମାସ— ପୂର୍ବପଦପ୍ରଧାନ ।

Digitized by srujan ka@gmail.com

୨. ରାମଗୋବିନ୍ଦ ଅସିଲେ । ବଜାରରେ ପତ୍ରପୁଷ୍ପଫଳାଦି ହେଲା । ଏ ବାକ୍ୟ ମାନଙ୍କରେ ପୂର୍ବପର ସବୁ ପଦର ପ୍ରାଧାନ୍ୟ ପ୍ରକାଶ ପାଏ । ଏଣୁ ଦ୍ୱନ୍ଦ୍ୱସମାସ ଉଭୟପଦ-ପ୍ରଧାନରେ ଗଣ୍ୟ ।

୩. ଚକ୍ରପାଣି—କହୁଛନ୍ତି, ପୀତାମ୍ବର ଦୌଡୁଛନ୍ତି, ଏ ବାକ୍ୟ ମାନଙ୍କରେ ଥିବା କ୍ରିୟା ସମସ୍ତପଦଗତ କୌଣସି ପଦକୁ ନ ବୁଝାଇ ତଦ୍ ଭିନ୍ନ ଅନ୍ୟ ବ୍ୟକ୍ତିଙ୍କୁ ବୁଝାଉଛି, ଅର୍ଥାତ୍ ଚକ୍ର ପାଣିରେ ଯାହାର ସେ ବ୍ୟକ୍ତି କହୁଛନ୍ତି । ଏଣୁ ବହୁବ୍ରୀହି ସମାସକୁ ଅନ୍ୟପଦପ୍ରଧାନ କୁହାଯିବ ।

୪. ନୀଡାଣ୍ଡିକୁ କମ୍ବଳ ଦିଅ । ରାଜବୈଦ୍ୟମାନେ ଯାଉଛନ୍ତି । ସାଧୁବ୍ୟକ୍ତି ସର୍ବଦା ପୂଜାପାଏ, ନୀଳୋତ୍ପଳ ଶୁଖିଛି, ଦଶମୂଳ ପାଚନ ଦିଅ । ତ୍ରିଫଳା ଅଣ । ଏହି ବାକ୍ୟଗୁଡ଼ିକରୁ ସ୍ପଷ୍ଟ ଜଣାପଡୁଛି ଯେ ପର ପଦରେ ହିଁ ପ୍ରାଧାନ୍ୟ ଅଛି । ଏଣୁ ତତ୍ପୁରୁଷ, କର୍ମଧାରୟ ଓ ଦ୍ୱିଗୁ ତିନୋଟି ଯାକ ପରପଦ ପ୍ରଧାନ । ଏହି ତିନୋଟିର ଭେଦ କରଣ ପାଇଁ କିଞ୍ଚିତ ଆଲୋଚନା କରିବା । ପରପଦପ୍ରଧାନମଧ୍ୟରେ ବିଭକ୍ତି ସମ୍ବନ୍ଧ ଥିଲେ ତତ୍ପୁରୁଷ । ସଂଖ୍ୟା ପୂର୍ବରେ ଥିଲେ ଦ୍ୱିଗୁ, ବିଶେଷଣ ଥିଲେ କର୍ମଧାରୟ ।

## —ଅବ୍ୟୟୀଭାବ—

ବିଭିନ୍ନ ଅର୍ଥରେ ଉପସର୍ଗ ଓ ଅବ୍ୟୟ ସଙ୍ଗେ ମିଳିତ ହୋଇ ଯେଉଁ ସମାସ ହୁଏ ତାହା ଅବ୍ୟୟୀଭାବ ।

ରୂପର ଯୋଗ୍ୟ= ଅନୁରୂପ, ଭିକ୍ଷାର ଅଭାବ =ଦୁର୍ଭିକ୍ଷ, କୂଳର ସମୀପ=ଉପକୂଳ । ମୂର୍ତ୍ତିର ସଦୃଶ ପ୍ରତିମୂର୍ତ୍ତି, ଶକ୍ତିକୁ

Digitized by srujan ka@gmail.com

ଅତିକ୍ରମ ନ କରି=ଯଥାଶକ୍ତି, ସମୁଦ୍ର ପର୍ଯ୍ୟନ୍ତ-ଆସମୁଦ୍ର । ମୂଳରୁ ଚୂଳପର୍ଯ୍ୟନ୍ତ=ଆମୂଳଚୂଳ । ଆତ୍ମାକୁ ଅଧିକାର କରି=ଅଧ୍ୟାତ୍ମ, ଭଣ ଚିହ୍ନ, ଘର ସ୍ଥିତ ।

## ତତ୍ପୁରୁଷ

ଯେଉଁ ସମାସ ବାକ୍ୟରେ ବିଭକ୍ତିଯୁକ୍ତ ପଦ ସଙ୍ଗେ ଅନ୍ୟପଦର ମିଳନ ଥାଏ, ତାହା ତତ୍ପୁରୁଷ । ଏଥିରେ ସର୍ବଥା ପୂର୍ବପଦରେ ପ୍ରଥମା ବିଭକ୍ତି ନ ଥାଏ । କାରଣ ସମାସର ଶେଷ ପଦକୁ ବାକ୍ୟରେ ଆବଶ୍ୟକ ମତେ ପ୍ରଥମା ବିଭକ୍ତି ଦେବାକୁ ହୁଏ । ପୂର୍ବ ଓ ପର ଉଭୟ ପ୍ରଥମା ହେଲେ ପୂର୍ବଟି ବିଶେଷଣ ହେବ ଓ କର୍ମଧାରୟ ହୋଇଯିବ । ଏଣୁ ତତ୍ପୁରୁଷରେ ପୂର୍ବପଦ ଦ୍ୱିତୀୟାରୁ ସପ୍ତମୀ ଯାଏ ବିଭକ୍ତିଯୁକ୍ତ ହୋଇଥାଏ ।

ଯଥା:—ଦୁଃଖକୁ ପ୍ରାପ୍ତ ଆପନ୍ନ ପ୍ରଭୃତି ପଦଯୋଗେ ଏ ସମାସ ହୁଏ । ଦାସତ୍ୱାର୍ ଛିନ୍ନ ଦାସଛିନ୍ନ । ସଂସ୍କୃତରେ—ଶୀତେନ ଆର୍ତ୍ତଃ=ଶୀତାର୍ତ୍ତଃ=ତୃତୀୟା ତତ୍ପୁରୁଷ । କାକମାନଙ୍କ ପାଇଁ ବଳି କାକବଳି । ଦରିଦ୍ର ହେତୁ ଚତୁର୍ଥୀ ତତ୍ପୁରୁଷ । ବୃକ୍ଷରୁ ପତିତ=ବୃକ୍ଷପତିତ । ପଞ୍ଚମୀ ତତ୍ପୁରୁଷ । ରାଜାଙ୍କର ସେବକ=ରାଜସେବକ ଷଷ୍ଠୀ ତତ୍ପୁରୁଷ । ଷଷ୍ଠ୍ୟନ୍ତପଦ ସ୍ତ୍ରୀଲିଙ୍ଗ ହୋଇଥିଲେ ସମାସରେ ପୁଂଲିଙ୍ଗ ହୁଏ । କୁକ୍କୁଟୀର ଅଣ୍ଡ=କୁକ୍କୁଟାଣ୍ଡ । ଛାଗୀର ଦୁଗ୍ଧ=ଛାଗଦୁଗ୍ଧ । ଯୁଦ୍ଧରେ ନିପୁଣ—ଯୁଦ୍ଧନିପୁଣ । ସପ୍ତମୀ ତତ୍ପୁରୁଷ । ଅଭାବ ଅର୍ଥରେ 'ନ' ସହିତ ଯେଉଁ ସମାସ ହୁଏ, ତାକୁ ନଞ୍-ତତ୍ପୁରୁଷ କହନ୍ତି । ପଦର ଆଦ୍ୟ ଅକ୍ଷର ସ୍ୱର ଥିଲେ 'ନ' ର ଅନ୍ ହୁଏ । ଅନ୍ୟଥା 'ଅ' ହୁଏ । ନ ଆବଶ୍ୟକ=ଅନାବଶ୍ୟକ । ନ-ଉପସ୍ଥିତ=ଅନୁପସ୍ଥିତ । ନ ଜ୍ଞାନ=ଅଜ୍ଞାନ । ନ ବିଧି=ଅବିଧି ।

Digitized by srujan ka@gmail.com

ମାତ୍ର ଅତିଶବ୍ଦ ସମାସ ହେଲେ ପଛେ ନ ରହେ । ନ ଅତିବିଳମ୍ବ-ନାତିବିଳମ୍ବ ଅନତିବିଳମ୍ବ, ନାତିଦୂର ଅନତିଦୂର ।

ଏ ସମାସରେ ପୂର୍ବପଦ 'ନ' ଅବ୍ୟୟ । ତାକୁ ଧରି ଅବ୍ୟୟୀଭାବ ସମାସ ହେବା କଥା ମାତ୍ର ଅବ୍ରାହ୍ମଣ ପ୍ରଭୃତି ସ୍ଥଳେ ଯେ ବ୍ରାହ୍ମଣ ନୁହେଁ ମାତ୍ର ବ୍ରାହ୍ମଣ ସଦୃଶ, ଏହି ସାଦୃଶ୍ୟ ରୂପ ପ୍ରାଧାନ୍ୟ ପର-ପଦରେ ରହିବାରୁ ତତ୍ପୁରୁଷରେ ନିଆଗଲା ।

କେତୋଟି ଷଷ୍ଠୀତତ୍ପୁରୁଷରେ ବିଗ୍ରହର ପରପଦଟି ସମାସରେ ପୂର୍ବକୁ ଅଣାଯାଏ । ରାତିର ମଧ୍ୟ=ମଧ୍ୟରାତି । ପୂର୍ବାହ୍ଣ ମଧ୍ୟାହ୍ନ ପୂର୍ବକାୟ । ଇତ୍ୟାଦି ।

କୃଦନ୍ତ ପୂର୍ବରେ ଉପପଦ ରହି ସମାସ ହେଲେ ଉପପଦ ତତ୍ପୁରୁଷ--ହିତକୁ କରେ ଯେ ହିତକର । କୁମ୍ଭକାର, ଗୁଣଗ୍ରାହୀ ପ୍ରଭୃତି ।

## କର୍ମଧାରୟ

ବିଶେଷ୍ୟ ବିଶେଷଣ ସମ୍ବନ୍ଧରେ ଏହି ସମାସ ହୁଏ । ନୀଳ-ଉତ୍ପଳ । ସାଧୁପୁରୁଷ ଗୁଣିବାଳକ ଧନୀନର । ଇତ୍ୟାଦି ।

ଦୁଇଟି ବିଶେଷଣର ମଧ୍ୟ ହୁଏ । ପରମା ସୁନ୍ଦରୀ=ପରମସୁନ୍ଦରୀ ବଡ଼-ଦୟାଳୁ=ବଡ଼ଦୟାଳୁ

'ଅନ୍ୟ' ସହିତ ସମାସ ହେଲେ 'ଅନ୍ୟ'ର ଅନ୍ତର ଆଦେଶ ହୁଏ ଏବଂ ଶେଷରେ ରହେ । ଅନ୍ୟଦେଶ=ଦେଶାନ୍ତର, ଅନ୍ୟନାମ ନାମାନ୍ତର ।

ଦୁଇଟି ବିଶେଷ୍ୟ ମଧ୍ୟରେ (ଅର୍ଥାତ୍ ଗୋଟିଏ ବର୍ଣ୍ଣିତ ଗୋଟିଏ ତୁଳନା) ଅଭେଦ କଳ୍ପନା ହେଲେ ରୂପକ କର୍ମଧାରୟ କୁହାଯାଏ । ବିଦ୍ୟାରୂପ ଧନ=ବିଦ୍ୟାଧନ । ଶୋକରୂପ ସାଗର=ଶୋକସାଗର

Digitized by srujan ka@gmail.com

ପୂର୍ବୋକ୍ତ ଦୁଇ ବିଶେଷ୍ୟ ମଧ୍ୟରେ ଭେଦ ପ୍ରକାଶ ପାଉଥିଲେ ଅର୍ଥାତ୍ ଗୋଟିକ ସହିତ ଅନ୍ୟଟିର ତୁଳନା ହେଉଥିଲେ ଉପମିତ—କର୍ମଧାରୟ ହୁଏ । ଚନ୍ଦ୍ର ପରି ମୁଖ=ଚନ୍ଦ୍ରମୁଖ । ପୁରୁଷ ବ୍ୟାଘ୍ରପରି =ପୁରୁଷ ବ୍ୟାଘ୍ର ।

ଯେଉଁଠାରେ ଉପମାନ (ତୁଳନାତ୍ମକ ବସ୍ତୁ) ସହ ସାମାନ୍ୟଧର୍ମର (ଯେଉଁ ଗୁଣ ବା କ୍ରିୟା ଧରି ବର୍ଣ୍ଣିତର ତୁଳନା ହୁଏ) ସମାସ ହୁଏ ତାକୁ ଉପମାନ କର୍ମଧାରୟ କହନ୍ତି । ଏହି ସମାସରେ ଉପମେୟ (ବର୍ଣ୍ଣନୀୟବସ୍ତୁ)ର ପ୍ରୟୋଗ ନଥାଏ । ଯଥା—ଘନପରି ଶ୍ୟାମ=ଘନଶ୍ୟାମ । ଏଠାରେ ଘନ (ଉପମାନ) ଶ୍ୟାମ (ସାମାନ୍ୟ ଧର୍ମ)ର ହିଁ ସମାସ ହୋଇଛି । ଯାହାକୁ ବର୍ଣ୍ଣନା କରି ଯାଉଛି, ତାର ପ୍ରୟୋଗ ନାହିଁ । ସେପରି କର୍ପୂରଧବଳ । ତୁଷାରଗୌର । କଜଳକଳା । ଇତ୍ୟାଦି ।

ଯେଉଁ ସମାସରେ ବିଗ୍ରହ ମଧ୍ୟସ୍ଥିତ ବିଶେଷଣର ଲୋପ ହୁଏ ତାକୁ ମଧ୍ୟପଦ ଲୋପୀ କର୍ମଧାରୟ କହନ୍ତି । ସିଂହଯୁକ୍ତ ଦ୍ୱାର= ସିଂହଦ୍ୱାର । ଘୃତମିଶ୍ରିତ ଅନ୍ନ =ଘୃତାନ୍ନ ।

ବିଶେଷଣ ସ୍ତ୍ରୀଲିଙ୍ଗ ହୋଇଥିଲେ ସମାସରେ ପୁଂଲିଙ୍ଗ ପରି ହୁଏ । ପ୍ରିୟ ଅଟେ ପତ୍ନୀ=ପ୍ରିୟପତ୍ନୀ । ସୁନ୍ଦରୀ ମହିଳା=ସୁନ୍ଦରମହିଳା ।

କେତେକ ବିଶିଷ୍ଟ ବିଧି—ରାଜନ୍, ଅହନ୍, ସଖି ଶବ୍ଦ ଅକାରାନ୍ତ ହୁଏ । ଧର୍ମରାଜ, ପୁଣ୍ୟାହ, ପ୍ରିୟସଖ । ମହତ୍ (ମହାନ୍) ଦୟାଳୁ=ମହାଦୟାଳୁ, କୁତ୍ସିତ ପୁରୁଷ=କାପୁରୁଷ, କୁପୁରୁଷ। କୁତ୍ସିତ ଅକ୍ଷର=କଦାକ୍ଷର, କଦାକାର ।

—୦—

Digitized by srujan ka@gmail.com

## ଦ୍ୱିଗୁ

ସଂଖ୍ୟା ପୂର୍ବରେ ଥିଲେ ଦ୍ୱିଗୁ ସମାସ ହୁଏ । ତିନି ଫଳର ଏକତ୍ରୀକରଣ ତ୍ରିଫଳା । ଦଶମୂଳ । ଚତୁର୍ଯୁଗ । ସପ୍ତାହ ; ପଞ୍ଚାମୃତ । ପଞ୍ଚପାଣ୍ଡବ । ଦଶଗଙ୍ଗା । ପାଞ୍ଚହାତିଆ । ପଞ୍ଚକୋଣିଆ । ତ୍ରିବେଣୀ ।

—✻—

## ଦ୍ୱନ୍ଦ୍ୱ

ଦୁଇ ବା ତତୋଧିକ ପଦର ମିଳନରେ ଯେଉଁ ସମାସ ହୁଏ ତାକୁ ଦ୍ୱନ୍ଦ୍ୱ ସମାସ କହନ୍ତି । ଏହି ସମାସଗତ ସକଳ ପଦ ଏକ-ବିଭକ୍ତି ଓ ଏକାକାର ହୋଇଥାନ୍ତି । ତେଣୁ ଏହାକୁ ଉଭୟ ପଦ ପ୍ରଧାନ କହନ୍ତି । ଏ ସମାସରେ ଯେତେ ପଦ ଥାଏ ତନ୍ମଧ୍ୟରୁ ଅଳ୍ପଅକ୍ଷରଯୁକ୍ତ ପଦ ଆଗ ରହେ, ପରେ ବହୁ ଅକ୍ଷର ପଦ ରଖାଯାଏ ।

ସୁର ଓ ଅସୁର=ସୁରାସୁର । ଲକ୍ଷ୍ମୀ ଓ ନାରାୟଣ=ଲକ୍ଷ୍ମୀନାରାୟଣ । ଧନୀ ଓ ଦରିଦ୍ର=ଧନୀଦରିଦ୍ର । ପତ୍ର ପୁଷ୍ପ ଓ ଫଳ=ପତ୍ରପୁଷ୍ପଫଳ । ସ୍ତ୍ରୀ ପୁରୁଷ ବାଚକ ପଦ ମଧ୍ୟରେ ଉଭୟ ପଦ ସମାସର ହେଲେ ସ୍ତ୍ରୀବାଚକ ପଦ ଆଗ ରହେ ; ସୀତାରାମ, ରାଧାକୃଷ୍ଣ ।

ଧର୍ମ ଅର୍ଥ କାମ ଓ ମୋକ୍ଷ=ଧର୍ମାର୍ଥକାମମୋକ୍ଷ । ଘରଦୁଆର ।

ନିମ୍ନଲିଖିତ ସମସ୍ତ ପଦରେ ବିଭିନ୍ନ ପରିବର୍ତ୍ତନ ଦେଖାଯାଏ ।

ଅହନ୍ ଓ ରାତ୍ରି=ଅହୋରାତ୍ର । ଅହନ୍ ଓ ନିଶା=ଅହର୍ନିଶ । କୁଶ ଓ ଲବ=କୁଶଲବ । ଜାୟା ଓ ପତି=ଜାୟାପତି, ଦମ୍ପତି, ଜମ୍ପତି, ପର ଓ ପର=ପରସ୍ପର । ଅନ୍ୟ ଓ ଅନ୍ୟ=ଅନ୍ୟୋନ୍ୟ ।

—o—

Digitized by srujan ka@gmail.com

## ବହୁବ୍ରୀହି

ଯେଉଁ ସମାସରେ ବିଗ୍ରହଗତ କୌଣସି ପଦରେ ପ୍ରାଧାନ୍ୟ ନ ଥାଇ ଇତର ପଦରେ ରହେ ତାକୁ ବହୁବ୍ରୀହି ସମାସ କହନ୍ତି । ଏହି ସମାସ ନିଷ୍ପନ୍ନ ପଦ ସର୍ବଦା ବିଶେଷଣ ହୁଏ । ବିଗ୍ରହର ପ୍ରଥମ ପଦ ପ୍ରାୟ ବିଶେଷଣ ।

ନୀଳ କଣ୍ଠ ଯାହାର=ନୀଳକଣ୍ଠ । ଅନ୍ତର୍ଗତ ଲିପି ଯହିଁରେ =ଅନ୍ତର୍ଲିପି । ଚକ୍ର ପାଣିରେ ଯାହାର=ଚକ୍ରପାଣି । କୃତ ବିଦ୍ୟା ଯାହାଦ୍ୱାରା ସେ କୃତବିଦ୍ୟ ।

ଏହି ସମାସରେ ସମସ୍ୟମାନ ପଦଶେଷରେ ଯତ୍ରଶବ୍ଦର ପ୍ରଥମା ଭିନ୍ନ ଯେ କୌଣସି ବିଭକ୍ତିର ପ୍ରୟୋଗ ଥାଏ । ତତ୍ପୁରୁଷ ସମାସରେ ଉପପଦ ସମାସ ଓ ବହୁବ୍ରୀହି ସମାସ ଉଭୟଙ୍କର ବିଗ୍ରହ ବାକ୍ୟ ପ୍ରାୟ ସମାନ । ପରନ୍ତୁ—ଉପପଦ ସମାସରେ ଶବ୍ଦ ଓ କ୍ରିୟାବାଚକ ପଦର ସମାସ ହୁଏ ମାତ୍ର ବହୁବ୍ରୀହିରେ ଦୁଇଟି ବିଭକ୍ତ୍ୟନ୍ତ ଶବ୍ଦର ସମାସ ହୁଏ । ଯଥା—ଚକ୍ର ଧାରଣ କରନ୍ତି ଯେ=ଚକ୍ରଧର ବା ଚକ୍ରଧାରୀ (ଉପପଦ) ଚକ୍ର ପାଣିରେ ଯାହାର ସେ ଚକ୍ରପାଣି । ବହୁବ୍ରୀହି ।

ବହୁବ୍ରୀହିର ସମସ୍ୟମାନ ପଦ ସମାନାଧିକରଣ ଓ ବ୍ୟଧିକରଣ ନାମରେ ଦୁଇପ୍ରକାର । ଲମ୍ବ ଉଦର ଯାହାର=ଲମ୍ବୋଦର (ସମାନାଧିକରଣ—ଅର୍ଥାତ୍ ଦୁଇ ପଦର ଏକ ବିଭକ୍ତି) ବୀଣା ପାଣିରେ ଯାହାର=ବୀଣାପାଣି । (ବ୍ୟଧିକରଣ—ଉଭୟ ପଦର ବିଭକ୍ତି ଭିନ୍ନ)

[illegible] ବାକ୍ୟରେ ସ୍ତ୍ରୀଲିଙ୍ଗ ପଦଗୁଡ଼ିକର ସମାସରେ ପୁଂଲିଙ୍ଗ-ରୂପ ହୁଏ । ଦୃଢ଼ା ପ୍ରତିଜ୍ଞା ଯାହାର=ଦୃଢ଼ପ୍ରତିଜ୍ଞ ।

ଅକ୍ଷି=ଅକ୍ଷ=ବିରୂପାକ୍ଷ, ପୁଣ୍ଡରୀକାକ୍ଷ ।

Digitized by srujan ka@gmail.com

ନାଭି=ନାଭ=ପଦ୍ମନାଭ, ଊର୍ଣ୍ଣନାଭ ।
ଜାୟା=ଜାନି=ଦମୟନ୍ତୀ ଜାୟା ଯାହାର=ଦମୟନ୍ତୀଜାନି ।
ନାମ—ନାମା, ନାମକ, ଅଶୋକ ନାମ ଯାହାର ଅଶୋକନାମା
ଅଶୋକନାମକ ।
ଧନୁ—ଧନ୍ୱା=ପୁଷ୍ପ ଧନୁ ଯାହାର ପୁଷ୍ପଧନ୍ୱା ।
ମହାନ୍—ମହା=ମହାବଳ ।

ଯଶସ୍, ଚେତସ୍, ମନସ୍, ତେଜସ୍, ପ୍ରଭୃତି ସକାରାନ୍ତ ଶବ୍ଦର ସ୍ ଲୋପ ହୁଏ । ପୂର୍ବ ଅକାରର ଆ ହୁଏ । ବିପୁଳଯଶା, ଉନ୍ନତମନା ।

ଶେଷପଦ ଋକାରାନ୍ତ ଦୀର୍ଘ ଈକାରାନ୍ତ ଓ ସକାରାନ୍ତ ଥିଲେ ଅନେକସ୍ଥଳ ଶେଷରେ 'କ' ଯୋଗ ହୁଏ । ଦ୍ୱିମାତୃକ, ମୀବତ୍ପିତୃକ, ସପତ୍ନୀକ, ଅନନ୍ୟମନସ୍କ ।

କେତେକ ବହୁବ୍ରୀହିରେ ଉପମାନବୋଧକ ଶବ୍ଦର ଲୋପ ହୋଇଥାଏ । ଗଜର ଗମନ ପରି ଗମନ ଯାର=ଗଜଗମନା । ଚନ୍ଦ୍ରମୁଖୀ, ସିଂହକଟି ।

'ନ' ସହିତ ମଧ୍ୟ ବହୁବ୍ରୀହି ସମାସ ଦେଖାଯାଏ । ନାହିଁ ଅନ୍ତ ଯାହାର=ଅନନ୍ତ । ଅନାଦି, ଅସୀମ, ଏ ଅର୍ଥରେ 'ନିର୍' ମଧ୍ୟ । ନିର୍ଜୀବ, ନିଷ୍କଳଙ୍କ ।

ସମାନ ସଙ୍ଗେ ସମାସ ହେଲେ 'ସ' ହୁଏ । ସମାନ ଗୋତ୍ର ଯାହାର=ସଗୋତ୍ର । ସମାନ ଉଦର ଯାହାର=ସୋଦର । ସମାନ ପତି ଯାହାର=ସପତ୍ନୀ ।

ସହାର୍ଥରେ ମଧ୍ୟ 'ସ' ହୁଏ । ପୁତ୍ରରେ ସହିତ ଯେ=ସପୁତ୍ର ଧବରେ ସହିତ ଯେଉଁ ସ୍ତ୍ରୀ=ସଧବା ।

Digitized by srujan ka@gmail.com

ସମାସ ବାକ୍ୟର ପୂର୍ବପଦ ଓ ପରପଦ ଏକ କ୍ରିୟାରେ ଗଠିତ ହେଲେ ବ୍ୟତିହାରବହୁବ୍ରୀହି ବୋଲାଯାଏ । ପରସ୍ପର କେଶ ଧରି କଳହ ଘଟେ ଯହିଁରେ=କେଶାକେଶି । ଠେଙ୍ଗାରେ ଠେଙ୍ଗାରେ କଳହ ହୁଏ ଯହିଁରେ=ଠେଙ୍ଗାଠେଙ୍ଗି । ଏପରି ପିଠାପିଠି, ନଖାନଖି, ମୁହାଁମୁହିଁ ।

ଇଂରାଜୀରେ ମଧ୍ୟ ଏପରି ଦୁଇ ବା ତତୋଧିକ ପଦର ମିଳନ ଦେଖା ଯାଏ । ସେ ଗୁଡ଼ିକୁ Compannd word କହନ୍ତି । Break-fast. Book—binder. Post—man. Post—master. Play—ground, Ink—bottle. ଇତ୍ୟାଦି ।

## ପ୍ରଶ୍ନ

୧. ଛଅ ପ୍ରକାର ସମାସ କାହାକୁ କହନ୍ତି ଉଦାହରଣ ଦିଅ ?
୨. ପରପଦପ୍ରଧାନମଧ୍ୟରେ ଥିବା ପ୍ରଭେଦ ବୁଝାଅ ।
୩. କର୍ମଧାରୟ କେତେ ପ୍ରକାର ?
୪. ବହୁବ୍ରୀହିର ବିଭାଗମାନ ବୁଝାଅ ।
୫. ନଞ୍ ତତ୍ପୁରୁଷର ବିଶେଷତ୍ୱ କଣ ?
୬. ଉପପଦସମାସ ଓ ବହୁବ୍ରୀହି ମଧ୍ୟରେ ଭେଦ ଦିଅ ।
୭. ଅନ୍ୟ ସମାସ ମଧ୍ୟେ ସମାନ ହେବା ଇଂରାଜୀପଦ କେତୋଟି ଲେଖ ।
୮. ସମାସ ନାମ ଓ ବିଗ୍ରହ ବାକ୍ୟ ନିର୍ଣ୍ଣୟ କର ।

ସମୁଦ୍ରଗ୍ରାମ, ବର୍ଷବୈରାଗ୍ୟ, ବିଦ୍ୟାଳୟ, ବାଘଭୟ, ଜରାଜୀର୍ଣ୍ଣ, ଜ୍ଞାନାର୍ଜନ, ମଧ୍ୟଦେଶ, କୁକ୍କୁଟାଣ୍ଡ, ରୋଗମୁକ୍ତ, ପିତୃସୁଖ, ଦୂରଦାରୁ, ଢାଲୁମଲ୍ଲ, ଅନାମୟ, ଗଛପାଚିଲା,

Digitized by srujan ka@gmail.com

ବିଦ୍ୟାପ୍ରବୀଣ, ପୁରୁଷୋତ୍ତମ, ମହିଷଶିଅ, ନିଶାକର, ସତ୍ୟ-ବାଦୀ, ପାନାର୍ଥ, ବନେଚର, ବାଚସ୍ପତି, ସ୍ଥିରମତି, ଦେବୁରେ ଚଳୁ, ଘୋଡାଶୁଅ, ବୃଦ୍ଧବାନର, ପୃଷ୍ଠିତଳତା, ପ୍ରିୟପତ୍ନୀ, ମଧୁସୂଦନ, ମହାବ୍ୟାଧି, ଘନଶ୍ୟାମ, ମୁନିଶାର୍ଦ୍ଦୂଳ, ଗ୍ରାମାନ୍ତର, କଜଳକଳ, କର୍ପୂର, ଦୁଃଖାର୍ଣ୍ଣବ, ଶୋକାଗ୍ନି, ଦହିଭାତ, ସିଂହଦ୍ୱାର, ଶତାବ୍ଦୀ, ଦଶମୂଳ, ଦମ୍ପତି, ପ୍ରଭୁଭୃତ୍ୟ, ନିଷ୍କଳଙ୍କ, ବିଗତସ୍ପୃହା, ବିଶାଳାକ୍ଷ, ପଦ୍ମନାଭ, ସହସ୍ରାଂଶୁ, ଅନନ୍ୟମନସ୍କ, ପୁତ୍ରଅନ୍ନା, ନଦୀମାତୃକ, ସମ୍ମୁଖ, ସିଂହକଟି, ନିରଳସ, ମୃତ-ମୂର୍ତ୍ତି, ଆକଣ୍ଠ, ଅର୍ଥାନ୍ତର ।

୯· ସମାସ ନାମ କହି ଏକପଦରେ ପ୍ରକାଶ କର ।

ବିଦ୍ୟାରୂପକ ଧନ, ଯେ ଜୀବିତ ଥିଲେ ମଧ୍ୟ ମୃତ । ପତି ଗତ ଅପୂଜ ଯାହାର । ଦୂର ଦର୍ଶନ କରିପାରେ ଯେ କୁଶ ଓ ଲବ । ବନଜାତ ଅଗ୍ନି, କାଞ୍ଚନ ପରି ଉଜ୍ଜ୍ୱଳ । ଅନ୍ୟଭାବ, ପୂର୍ବେ ସ୍ନାତ, ପରେ ଅନୁଲିପ୍ତ ଗଗନେ କରେ ଯେ । ସୀତା କାନ୍ତା ଯାହାର । ବିଗତ ପତ୍ନୀ ଯାହାର । ଭଗ୍ନ ଶାଖା ଯାହାର । ଶୂନ୍ୟହୋଇଛି ବୃନ୍ତ ଯାହାଠାରୁ । ଘୋଡାପରି ମୁହଁ ଯାହାର । ଚନ୍ଦ୍ରଚୂଡାରେ ଯାହାର । ସମାନ ବର୍ଣ୍ଣ ଯାହାର । ସମାନ ପତି ଯେଉଁ ସ୍ତ୍ରୀର । ନିର୍ଗତ ହୋଇଛି ଧନ ଯାହାଠାରୁ । କୂଳର ସମୀପ । ପଛେ ପଛେ ଧାବନ । ବନର ସଦୃଶ । ବାଲଠାରୁ ବୃଦ୍ଧ ପର୍ଯ୍ୟନ୍ତ । ଜୀବ-ନକୁ ବ୍ୟାପି, ବିଧିକୁ ଅତିକ୍ରମ ନ କରି । ପୁଷ୍ପ ଅଟେ ଧନୁ ଯାହାର । ଦୁଷ୍ଟ ନାମ ଯାହାର । ଜୀବିତ ପିତା ଯାହାର । ଅନ୍ୟଦିଗେ ମନ ଯାହାର । ଅଳ୍ପ ବୟସ ଯାହାର । ବିଗତ ଶ୍ରଦ୍ଧା ଯାହାର । ଛେଳିର ଦୁଗ୍ଧ । ରାତ୍ରିର ମଧ୍ୟ ।

Digitized by srujan ka@gmail.com

## ଣତ୍ୱ ବିଧି

ମୌଳିକ ଭାଷାରେ ମୂର୍ଦ୍ଧନ୍ୟ ବର୍ଣ୍ଣର ସୃଷ୍ଟି ଚମତ୍କାର । ଦନ୍ତ୍ୟ-ବର୍ଣ୍ଣମାନଙ୍କରୁହିଁ ଏ ଗୁଡ଼ିକର ଉତ୍ପତ୍ତି । ସନ୍ଧିରେ ତ ବର୍ଗର ଟ ବର୍ଗରେ ପରିଣତି । ଣତ୍ୱ ବିଧି ଓ ଷତ୍ୱ ବିଧି ଏପ୍ରକାର ନିଦର୍ଶନ ।

ନ ବର୍ଣ୍ଣ ପୂର୍ବରେ ଋ, ର, ଷ, ଏ ଗୁଡ଼ିକରୁ ଯେ କୌଣସି ବର୍ଣ୍ଣ ଥିଲେ ନ ର ଣ ହୁଏ । ଋଣ, ମସୃଣ, ସ୍ୱର୍ଣ୍ଣ, କୃଷ୍ଣ, ମଧ୍ୟରେ ସ୍ୱରବର୍ଣ୍ଣ, କ ବର୍ଗ, ପ ବର୍ଗ, ଯ, ବ, ହ, ଂ, ବ୍ୟବଧାନ ଥିଲେ ମଧ୍ୟ 'ଣ' ହୁଏ । ଅପରାହ୍ଣ, ପରାୟଣ, ରାମାୟଣ ।

ଋ, ର, ଷ, ଆଦି ମଧ୍ୟରେ ଅନ୍ୟବର୍ଣ୍ଣ ଥିଲେ ହେବନାହିଁ । ରଚନା, ରଟନା, ବର୍ଦ୍ଧନ, କର୍ଣ୍ଣିକା, ଗୁଣ=ଗଣିକା । ପ୍ରଭୃତିର ସ୍ୱାଭାବିକ ଣ ।

ଋ, ର, ଷ, କାରଣ ନ ଥାଇ ଯୁକ୍ତ କେତୋଟି ସଂସ୍କୃତ 'ନ' ଓଡ଼ିଆରେ ଣ' ହୋଇଅଛି । ପୁନ=ପୁଣ । ଶ୍ମଶାନ=ମଶାଣି । ବନ =ବଣ ।

ଗୋଟିଏ ପଦରେ ଋ, ର, ଷ, ଆଦି ଅନ୍ୟ ପଦରେ ନ ଥିଲେ ଣ ହେବ ନାହିଁ । ବାର—ନାରୀ । ତିର—ନଦୀ । ପୁର—ନର ।

—o—

## ଷତ୍ୱ ବିଧି

ଅ, ଆ ଭିନ୍ନ ସ୍ୱର, କ ଓ ର ପରବର୍ତ୍ତୀ 'ସ' ର 'ଷ' ହୁଏ । ସେକ=ଅଭିଷେକ । ପ୍ରସାଦ=ବିଷାଦ । ପ୍ରତ୍ୟୂଷ ଔଷଧ । କେତେକ ସ୍ଥଳରେ ଏପ୍ରକାର ବ୍ୟତିକ୍ରମ ଦେଖାଯାଏ । ଅନୁସ୍ୱାର ବିସର୍ଗ ।

ଭାଷା, ଅଷାଢ଼, ପ୍ରଭୃତି କେତେକ ସ୍ଥଳରେ 'ଷ' ସ୍ୱତଃସିଦ୍ଧ 'ସ' ସ୍ଥାନୀୟ ନୁହେ ।

Digitized by srujan ka@gmail.com

## ପ୍ରଶ୍ନ

୧. କପର ସ୍ଥଳରେ 'ନ' ର ଣ ହୁଏ ।
୨. ନର—ନାରାୟଣ, ବର୍ତ୍ତିମାନ, ବର୍ଦ୍ଧନ, ବାଣ, ଯାନ, ମାଣିକ୍ୟ । ଏହ ପଦଗୁଡ଼ିକରେ ଥିବା ନ ଓ ଣ ଗୁଡ଼ିକ ଚିହ୍ନାଅ ।
୩. ଦନ୍ତ୍ୟ 'ସ' ମୂର୍ଦ୍ଧନ୍ୟରେ ପରିଣତ ହେବା କାରଣଗୁଡ଼ିକ ବୁଝାଅ ।
୪. ସ୍ୱତନ୍ତ୍ର 'ଙ' ଥିବା କେତୋଟି ପଦ ଲେଖ ।

—o—

## ପଦ ଗଠନ

କର୍ମମୟ ଜଗତରେ ଯେତେ ସବୁ ଅଛନ୍ତି ସବୁ କ୍ରିୟାମୂଳ । ଏଣୁ ମାନବ ଜଗତରେ ଯେତେ ଭାଷା ଅଛି ସବୁ ଭାଷାର ପଦ-ନିଚୟ ଅଧିକାଂଶ କ୍ରିୟା ଓ କ୍ରିୟାସମ୍ଭୂତ । ଇତର ପଦଗୁଡ଼ିକରେ ମଧ୍ୟ କ୍ରିୟା ସହିତ ପ୍ରତ୍ୟକ୍ଷ ବା ପରୋକ୍ଷରେ ସମ୍ବନ୍ଧ ଥାଏ ।

ଅନେକ ବିଶେଷ୍ୟ ଓ ବିଶେଷଣ କ୍ରିୟାରୁ ଜାତ ହୋଇଥାନ୍ତି । କ୍ରିୟାକୁ ଶବ୍ଦରେ ପରିଣତ କରିବା ପାଇଁ କେତୋଟି ପ୍ରତ୍ୟୟ ନିର୍ଦ୍ଦିଷ୍ଟ ଅଛି । ସେଗୁଡ଼ିକୁ 'କୃତ୍ ପ୍ରତ୍ୟୟ' ବୋଲାଯାଏ । ମନୋଗତଭାବ—ପ୍ରକାଶନର ସୁବିଧା ପାଇଁ ଶବ୍ଦ ପାଇଁ ଶବ୍ଦଗୁଡ଼ିକରେ ମଧ୍ୟ ବିଭିନ୍ନ ପ୍ରତ୍ୟୟ ଯୋଗ କରି ଅନ୍ୟ ବିଭିନ୍ନ ପଦ ଗଢ଼ିବାକୁ ହୁଏ । ସେଗୁଡ଼ିକୁ "ତଦ୍ଧିତ ପ୍ରତ୍ୟୟ" ବୋଲାଯାଏ । ସଂସ୍କୃତରେ ଅବିକଳ ଏହି ନାମ-କରଣ । ଇଂରାଜୀରେ ଏପରି ନାମ ନଥିଲେ ମଧ୍ୟ ପ୍ରଣାଳୀ ଅଛି ।
Work = Worker, Rise = Rising, Kind = Kindness, Old = Oldest.

Digitized by srujan ka@gmail.com

# କୃତ୍—ପ୍ରକରଣ

କେତୋଟି ବ୍ୟାବହାରିକ କୃତ୍‌ପ୍ରତ୍ୟୟ ।

ଅ, ଅକ, ଅତ୍ର, ଅନ, ଅନୀୟ, ଆନ (ମାନ) ଇ, ଇନ୍, (ଣି) ଇତ, ଇଷ୍ଣୁ, ଉ, ଉକ, ତ, ତା (ତୃଚ୍) ତି, ଣ, ତବ୍ୟ, ଯ, ରୁ ।

ଏହି ପ୍ରତ୍ୟୟ ଯୋଗେ ଧାତୁରୁ ଶବ୍ଦ ଗଠନ କରାଯାଏ । ଅନେକ ପ୍ରତ୍ୟୟରେ ଧାତୁର ଅଂଶିକ ପରିବର୍ତ୍ତନ ବା ଅନ୍ତ୍ୟଅକ୍ଷରଲୋପ ଓ କେତେକ ସ୍ଥଳରେ ଅନ୍ୟବର୍ଣ୍ଣମିଳନ ଆଦି ହୋଇଥାଏ । ସଂସ୍କୃତ ବ୍ୟାକରଣରେ ଏଗୁଡିକର ବିଭିନ୍ନ ନାମ କରଣ ହୋଇଅଛି ।

(୧) ଆଗମ—ଗୋଟିଏ ବର୍ଣ୍ଣ ସମୀପରେ ଅନ୍ୟ ଗୋଟିଏ ବର୍ଣ୍ଣର ଯୋଗ ।

(୨) ଆଦେଶ—ଗୋଟିଏ ବର୍ଣ୍ଣ ମାର ତା ସ୍ଥାନରେ ଅନ୍ୟ ଗୋଟିଏ ବର୍ଣ୍ଣ ଦେବା ।

(୩) ଲୋପ—ଗୋଟିଏ ବର୍ଣ୍ଣର ବା ପଦର ସମ୍ପୂର୍ଣ୍ଣ ଅଦର୍ଶନ ।

(୪) ଗୁଣ—ସ୍ୱର ଗୁଡିକର ଅଳ୍ପସ୍ଫୀତି ।

(୫) ବୃଦ୍ଧି— ” ବହୁସ୍ଫୀତି ଯଥା—

| ବର୍ଣ୍ଣ | ଗୁଣ | ବୃଦ୍ଧି |
|---|---|---|
| ଅ | ଅ | ଆ |
| ଇ, ଈ, | ଏ | ଐ |
| ଉ, ଊ | ଓ | ଔ |
| ଋ, | ଅର୍ | ଆର୍ |

ବିଭିନ୍ନ ବାଚ୍ୟରେ ଉପରୋକ୍ତ କୃତ୍ ପ୍ରତ୍ୟୟ ଯୋଗ କରାଯାଏ । ପ୍ରତ୍ୟୟଦ୍ୱାରା ଯେଉଁ କାରକ ଉକ୍ତ ହୁଏ ସେହି ବାଚ୍ୟ । କେବଳ ଧାତୁର ଅର୍ଥହିଁ ପ୍ରକାଶ ପାଇଲେ ଭାବବାଚ୍ୟ ।

Digitized by srujan ka@gmail.com

୧, ଭାବବାଚ୍ୟ—ଗମନ (ଯିବା) ପଠନ—(ପଢ଼ିବା) ପାଠ=(ପଢ଼ା) ।

୨. କର୍ତ୍ତୃବାଚ୍ୟ—ନନ୍ଦନ=ଯେ ଆନନ୍ଦ ଦିଏ । ଦାତା= ଯେ ଦାନକରେ । ଗାୟକ=ଯେ ଗାନକରେ । ମନୋହାରୀ= ଯେ ମନ ହରଣ କରେ ।

୩. କର୍ମବାଚ୍ୟ—ପାଠ୍ୟ=ଯାହାକୁ ପଢ଼ନ୍ତି । ଦ୍ରଷ୍ଟବ୍ୟ=ଯାହାକୁ ଦେଖିବା ଉଚିତ ।

୪. କରଣ ବାଚ୍ୟ—ଲେଖନ=ଯାହାଦ୍ୱାରା ଲେଖାହୁଏ । ଖନିତ୍ର =ଯାହାଦ୍ୱାରା ଖୋଳାଯାଏ ।

୫. ସମ୍ପ୍ରଦାନ ବାଚ୍ୟ—ଦାନୀୟ=ଯାହାକୁ ଦାନ କରାଯାଏ ।

୬. ଅଧିକରଣବାଚ୍ୟ—ଶଯ୍ୟା=ଯହିଁରେ ଶୟନ କରାଯାଏ ।

ଭାବବାଚ୍ୟରେ ଅ, ଅନ, ତ, ଏହି କେତୋଟି ପ୍ରତ୍ୟୟ ହୁଏ । ଏଣୁ ଏହି ବାଚ୍ୟର ଉକ୍ତ ପ୍ରତ୍ୟୟାନ୍ତ ପଦଗୁଡ଼ିକ ବିଶେଷ୍ୟ । ଅନ୍ୟ-ବାଚ୍ୟ ମାନଙ୍କ ଇତର ପ୍ରତ୍ୟୟାନ୍ତ ପଦଗୁଡ଼ିକ ବିଶେଷଣ । ଣିଜନ୍ତ, ସନନ୍ତ, ଯଙନ୍ତ, ଓ ନାମ ଧାତୁରୁ ମଧ୍ୟ କୃତ୍ ପ୍ରତ୍ୟୟ ଯୋଗେ ପଦ ଗଠନ କରାଯାଏ ।

### ପ୍ରକୃତ ପ୍ରତ୍ୟୟ ଭେଦକରଣୋପାୟ—

ପଦଟିଏ ଦେଖିଲେ ପ୍ରଥମେ କି ଉପସର୍ଗ ଅଛି ଓ ଶେଷରେ କି ପ୍ରତ୍ୟୟ ଅଛି ବାଛି ନେବ । ସେ ଗୁଡ଼ିକୁ ପୃଥକ୍ କଲ ପରେ ମଧ୍ୟରେ ଥିବା ଅଂଶକୁ ପ୍ରକୃତି କୁହାଯାଏ । ସାଧାରଣତଃ ଧାତୁ ପ୍ରକୃତି ଦୁଇଅକ୍ଷରରୁ ଅଧିକ ନୁହେ । ଦରିଦ୍ର,ଜାଗର୍ତ୍ତି ଭଳି ଅଳ୍ପ କେତୋଟିକୁ ଛାଡ଼ି ଅନ୍ୟ ସମସ୍ତ ଧାତୁ ଯଦି ଦୁଇବର୍ଣ୍ଣରୁ ଅଧିକ ଦେଖାଯିବ ପୂର୍ବେ ବା ପରେ ଅଉ କଣ ଥିବ ଅନୁମାନ କରି ନେବ ।

Digitized by srujan ka@gmail.com

ପୂର୍ବୋକ୍ତ ଅଦେଶ ଅଗମ ଗୁଣବୃଦ୍ଧ୍ୟାଦିଦ୍ୱାରା ଧାତୁର ରୂପ ବିକୃତ ହୋଇଥାଏ। ଏଣୁ ନିମ୍ନଲିଖିତ ନିୟମ ପ୍ରତି ଦୃଷ୍ଟି ରଖିବ।

୧. ପ୍ରକୃତ ଶେଷରେ 'ଯ' ଦେଖାଗଲେ ପୂର୍ବବର୍ତ୍ତୀ ଅ, ଆ, ସଙ୍ଗେ 'ଇ' କର୍ ପୂର୍ବବର୍ଣ୍ଣରେ ଯୋଗ କରିବ। 'ପରିଚୟ' ପ୍ରଥମରୁ 'ପରି' ଶେଷରୁ 'ଅ' ବାଦଦେଲେ ରହିଲା 'ଚୟ' ଏ ପ୍ରକୃତର ଶେଷ ଯ ଓ ପୂର୍ବର ଅ ସଙ୍ଗେ ଇ କର ପୂର୍ବ ବର୍ଣ୍ଣରେ ଯୋଗ କଲେ ହେଲା ଚି ଅର୍ଥାତ୍ ଚି+ଇ+ଅ, ସେହିପରି ସଞ୍ଚୟନରୁ ସମ୍+ଅନ ବାଦଦେଲେ ଚୟ୍ ରହିଲା। ଏଣୁ ସମ୍+ଚି+ଅନ।"

୨. ପ୍ରକୃତ ଶେଷରେ ବ ଦେଖାଗଲେ ପୂର୍ବ ଅ, ଆ, ସଙ୍ଗେ ଉ କର ପୂର୍ବବର୍ଣ୍ଣରେ ଯୋଗକର। ପ୍ରସ୍ତାବ=ପ୍ର+ସ୍ତୁ+ଅ, ସମ୍ଭାବନା, ସମ୍+ଭୂ+ଅନ (ସ୍ତ୍ରୀ ଲିଙ୍ଗ ଆ)

୩. ଶେଷରେ 'ର' ଦେଖାଗଲେ ପୂର୍ବ ଅ, ଆ ସଙ୍ଗେ ଋ, କର ପୂର୍ବବର୍ଣ୍ଣରେ ଯୋଗ କର। ପ୍ରକରଣ=ପ୍ର+କୃ+ଅନ। ପରିବର୍ତ୍ତବ୍ୟ=ପରି+ବୃ+ତବ୍ୟ। ଅନୁସରଣୀୟ, ଅନୁ+ସୃ+ଅନୀୟ।

୪. ପ୍ରକୃତ ମଧ୍ୟରେ 'ଏ' ଥିଲେ 'ଇ' କର ପୂର୍ବବର୍ଣ୍ଣରେ ଯୋଗ କର। ଉପଦେଶକ। ଉପ ଓ ଅକ ବାଦଦେଲେ ରହିଲା ଦେଶ (ଦ୍+ଏ+ଶ୍) ହେଲା ଦିଶ୍। ଏଣୁ ଉପ+ଦିଶ୍+ଅକ। ଉପଦେଶକ, ଉପ+ଦିଶ୍+ଅନ।

୫. ମଧ୍ୟରେ ଓ ଦେଖିଲେ 'ଉ' କର। ଅନୁଶୋଚନା, ଅନୁ—ଶୁଚ୍+ଅନ (ଆ) ଅବରୋଧ, ଅବ+ରୁଧ+ଅ।

Digitized by srujan ka@gmail.com

୬ଃ ମଧ୍ୟରେ ରେଫ ' ର୍ ' ଦେଖାଗଲେ ପୂର୍ବର ଅ, ଆ, ସଙ୍ଗେ ଋ କର ପୂର୍ବବର୍ଣ୍ଣରେ ଯୋଗକର । ଆକର୍ଷଣ; ଆ+କୃଷ୍, +ଅନ । ଘର୍ଷଣ, ଦର୍ଶନ, ସ୍ପର୍ଶ, ମାର୍ଜ୍ଜନା । ପରିହାରକ =ପରି+ହୃ+ଅକ ।

୭. ମଧ୍ୟରେ 'ଅ' ଥିଲେ 'ଆ' କର । ଶେଷରେ ଚ୍ ଥିଲେ କ୍ ଜ୍ ଥିଲେ ଗ୍ କର । ବିଭାଗ+ବି—ଭଜ୍+ଅ । ସମ୍ପର୍କ—ସମ୍+ପୃଚ୍+ଅ । ବିବେକୀ—ବି+ବିଚ୍+ଇ । ଅନୁଯୋଗ=ଅନୁ+ଯୁଜ୍+ଅ । ସଂସର୍ଗ=ସମ୍—ସୃଜ୍+ଅ ।

ଗୋଟିଏ ଗୋଟିଏ ପଦରେ ଏକାଧିକ ଉପସର୍ଗ ଥାଏ । ଅନେକ ଛାତ୍ର ଭ୍ରମବଶତଃ ଗୋଟିଏ ମାତ୍ର ଉପସର୍ଗ ବାଦଦେଇ ପ୍ରକୃତିକୁ ବିକୃତ କରି ପକାନ୍ତି । ପ୍ରତ୍ୟାଗମନକୁ, ପ୍ର ଉପସର୍ଗ ଅନ ପ୍ରତ୍ୟୟ କାଟି 'ତ୍ୟାଗମ୍' ଧାତୁ କହନ୍ତି । ସେମାନଙ୍କର ମନେ ରଖିବା ଉଚିତ ଯେ ଧାତୁ ପ୍ରକୃତ ଦୁଇଟି ବ୍ୟଞ୍ଜନରୁ ଅଧିକ ନୁହେଁ । ସେତେବେଳେ ପ୍ରକୃତିରେ ଅଧିକ ବର୍ଣ୍ଣ ଦେଖିଲେ ପୂର୍ବରୁ ଉପସର୍ଗ କଟା ହେବ କି ପ୍ରତ୍ୟୟରେ ଅଧିକଅଂଶ କଟିବ ବୁଝି ପାରିବେ ।

ଆଉ ଗୋଟିଏ କଥା—ସଂସ୍କୃତରେ କ୍ରିୟାରେ କେତେକ ପ୍ରତ୍ୟୟ ସେଟ୍ ଓ ଅନିଟ୍ । ସେଟ୍ କହିଲେ ପ୍ରତ୍ୟୟ ପୂର୍ବରେ 'ଇ' ଟିଏ ଦେବାକୁ ହୁଏ । ଯଥା—ପଠ୍+ତ=ପଠିତ । ଅଧିକାଂଶରେ 'ତ' ତା (ତୃ) କ୍ତ, ତବ୍ୟ, ଏ ତକାରାଦି ପ୍ରତ୍ୟୟ ପୂର୍ବରେ ଦେଖାଯାଏ । କେତୋଟି ଲକାରରେ ମଧ୍ୟ ଦେଖାଯାଏ । ପ୍ରକୃତ ପ୍ରତ୍ୟୟ ବିଚ୍ଛେଦବେଳେ ସେଗୁଡ଼ିକ ପ୍ରତି ମଧ୍ୟ ନଜର ରଖିବାକୁ ହେବ ।

—୦—

Digitized by srujan ka@gmail.com

# ତ ପ୍ରତ୍ୟୟ

କୃତ୍ ପ୍ରକରଣ ତ ପ୍ରତ୍ୟୟ ଯୋଗେ ପ୍ରଥମେ ଦୁଇ ପ୍ରକାର ପଦ ଗଠନ ଦେଖାଯାଏ । କେତେକ ପଦରେ ପ୍ରତ୍ୟୟ ପୂର୍ବରେ 'ଇ' ଥାଏ । କେତେକ ପଦରେ ନ ଥାଏ । ଯଥା—କଥିତ, ଲିଖିତ, ନିନ୍ଦିତ, ଶୋଭିତ, ଯେଉଁ ପଦରେ 'ଇ' ନ ଥାଏ ସେ ଗୁଡ଼ିକରୁ କେତୋଟିରେ ଧାତୁର ଅଂଶିକ ବା ପୂର୍ଣ୍ଣ ପରିବର୍ତ୍ତନ, କେତୋଟିରେ ପ୍ରତ୍ୟୟର ପରିବର୍ତ୍ତନ, କେତେକରେ ଧାତୁ ପ୍ରତ୍ୟୟ ଉଭୟର ପରିବର୍ତ୍ତନ ଦେଖାଯାଏ । ଯଥା—

୧. ତ ପ୍ରତ୍ୟୟ ପରେ ଥିଲେ 'ଅ' କାରାନ୍ତ ଧାତୁର 'ଅ'ର 'ଇ' ହୁଏ । ସ୍ଥା—ସ୍ଥିତ, ମା=ମିତ, ପା—ପୀତ, ଧା—ହିତ, ମାତ୍ର ଯା—ଯାତ, ସ୍ନା—ସ୍ନାତ, ଜ୍ଞା—ଜ୍ଞାତ, ଦା—ଦତ୍ତ ।

(ଇ, ଈ, ଉ, ଊ, ଋ) ଶେଷରେ ଥିଲେ କିଛି ପରିବର୍ତ୍ତନ ନାହିଁ । ଜିତ, ନୀତ, ସ୍ତୁତ, ଭୂତ, କୃତ ।

୨. ଦୀର୍ଘ 'ୠ' ର ଈର୍ ଓ ତର ନ ହୁଏ । କୄ—କୀର୍ଣ୍ଣ, ଗୄ—ଗୀର୍ଣ୍ଣ, ଜୄ—ଜୀର୍ଣ୍ଣ, ତୄ—ତୀର୍ଣ୍ଣ, ଦୄ—ଦୀର୍ଣ୍ଣ, ଶୄ—ଶୀର୍ଣ୍ଣ, ସ୍ତୄ—ସ୍ତୀର୍ଣ୍ଣ । ମାତ୍ର ପୄ—ପୂର୍ଣ୍ଣ ହୁଏ ।

୩. ଶେଷରେ ଏ, ଐ, ଓ, ଔ ଥିଲେ 'ଅ' ହୋଇ ଈ ହୁଏ । ଗୈ=ଗୀତ, ଶୈ=ଶୀତ, ମାତ୍ର—ଧୈ—ଧାତ । ମ୍ଲୈ—ମ୍ଲାନ ।

Digitized by srujan ka@gmail.com

୪. ଶେଷରେ 'ଚ' ଥିଲେ 'କ' ହୁଏ । ବଚ୍—ଉକ୍ତ, ସିଚ୍—ସିକ୍ତ, ମୁଚ୍—ମୁକ୍ତ, ବି=ବିଚ୍—ବିବିକ୍ତ । ସଂ=ପୃଚ ସଂପୃକ୍ତ । ମାତ୍ର ଶୁଚ—ଶୋଚିତ, ସୂଚ—ସୂଚିତ । ବଞ୍ଚ୍—ବଞ୍ଚିତ, ଖଚିତ ।

୫. ଶେଷରେ 'ଛ' ଥିଲେ ଷ ହୁଏ । 'ତ' ର ଟ ହୁଏ । ପ୍ରଚ୍ଛ୍—ପୃଷ୍ଟ । ଇଚ୍ଛ୍—ଇଷ୍ଟ । ମାତ୍ର ବାଞ୍ଛ—ବାଞ୍ଛିତ ।

୬. ଧାତୁ ଶେଷରେ 'ଜ' ଥିଲେ ତିନିପ୍ରକାର ପରିବର୍ତ୍ତନ ଦେଖାଯାଏ ।

(କ) କେତେକ 'ଜ'ର କ୍ ହୁଏ । ଭଜ୍—ଭକ୍ତ, ଭୁଜ—ଭୁକ୍ତ । ତ୍ୟଜ୍—ତ୍ୟକ୍ତ । ଯୁଜ—ଯୁକ୍ତ ।

(ଖ) କେତେକ 'ଜ' ର 'ଗ' 'ତ' ର 'ନ' ହୁଏ । ଭଂଜ୍—ଭଗ୍ନ, ରୁଜ୍—ରୁଗ୍ଣ, ମଜ୍ଜ୍—ମଗ୍ନ ।

(ଗ) 'ଜ' ର ଷ, 'ତ' ର ଟ ହୁଏ । ସୃଜ—ସୃଷ୍ଟ । ମୃଜ—ମୃଷ୍ଟ, ଭ୍ରଜ୍ଜ, ଭୃଷ୍ଟ, ଯଜ—ଇଷ୍ଟ । ମାତ୍ର—ରଂଜ—ରଞ୍ଜିତ । ଅର୍ଜ—ଅର୍ଜିତ । ଗର୍ଜ୍—ଗର୍ଜିତ ।

୭. 'ଦ'କାରାନ୍ତ ଧାତୁର ଦ ଓ ତ ର 'ନ୍ନ' ହୁଏ । ଅଦ—ଅନ୍ନ, ପଦ୍—ପନ୍ନ, ଖିଦ୍—ଖିନ୍ନ, ଛିଦ—ଛିନ୍ନ, ସଦ୍—ସନ୍ନ, ମାତ୍ର ବଦ୍—ବଦିତ । ବଦ—ଉଦିତ । ଅର୍ଦ୍—ଅର୍ଦ୍ଦିତ । ମୁଦ—ମୋଦିତ । ବଦ—ଉଦିତ । ଖାଦ—ଖାଦିତ ।

୮. ଧ ଥିଲେ ଧ ଓ ତ ମିଶି ଦ୍ଧ ହୁଏ । ବଧ୍—ବଦ୍ଧ । ବୁଧ୍=ବୁଦ୍ଧ । ଶୁଧ୍=ଶୁଦ୍ଧ । କ୍ରୁଧ୍=କ୍ରୁଦ୍ଧ । ଯୁଧ୍=ଯୁଦ୍ଧ । ମାତ୍ର କ୍ଷୁଧ୍=କ୍ଷୁଧିତ । ସାଧ୍=ସାଧିତ । ସଧ୍—ସଧିତ । ବାଧ୍—ବାଧିତ ।

Digitized by srujan ka@gmail.com

୯. ଧାତୁ ଶେଷରେ 'ନ' ଥିଲେ ଲୋପ ହୁଏ । ମନ୍ + ତ = ମତ । ହନ୍—ହତ । ତନ୍—ତତ । ମାତ୍ର ଖନ୍—ଖାତ । ଜନ୍—ଜାତ ।

୧୦. ଧାତୁ ଶେଷରେ 'ଭ' ଥିଲେ ଭ ଓ ତ ମିଶି 'ବ୍ଧ' ହୁଏ ଅ + ରଭ + ତ ଅରବ୍ଧ । ଲଭ୍—ଲବ୍ଧ । ବିଶ୍ରମ୍ଭ—ବିଶ୍ରବ୍ଧ । ସ୍ତଭ—ସ୍ତବ୍ଧ । କ୍ଷୁଭ—କ୍ଷୁବ୍ଧ । ମାତ୍ର ଶୁଭ—ଶୋଭିତ ।

୧୧ ମକାରାନ୍ତ ଧାତୁର 'ମ' ଲୋପ ହୁଏ୍ ଗମ୍—ଗତ· ନମ୍—ନତ । ରମ୍—ରତ । ମାତ୍ର—ଶମ=ଶାନ୍ତ । ଶ୍ରମ୍=ଶ୍ରାନ୍ତ । ଭ୍ରମ୍=ଭ୍ରାନ୍ତ । କ୍ଳମ୍=କ୍ଳାନ୍ତ । ଦମ୍=ଦାନ୍ତ ।

୧୨. 'ଶ'କାରାନ୍ତ ଧାତୁ 'ଶ'ର ଷ ଓ ତର 'ଟ' ହୁଏ । ନଶ୍=ନଷ୍ଟ । ଦୃଶ୍—ଦୃଷ୍ଟ । ଉପ + ଦଶ୍=ଉପଦଷ୍ଟ । ବଶ୍=ବଷ୍ଟ । କ୍ଳିଶ୍—କ୍ଳିଷ୍ଟ ।

୧୩. ଶେଷରେ 'ଷ' ଥିଲେ ତର ଟ ହୁଏ । ତୁଷ—ତୁଷ୍ଟ । ହୃଷ—ହୃଷ୍ଟ । ଦୁଷ୍=ଦୁଷ୍ଟ । ରୁଷ୍=ରୁଷ୍ଟ । ଶ୍ଳିଷ୍=ଶ୍ଳିଷ୍ଟ । ପୁଷ୍=ପୁଷ୍ଟ । ପିଷ=ପିଷ୍ଟ ।

୧୪. ଶେଷରେ 'ହ' ଥିଲେ ନିମ୍ନ ପରିବର୍ତ୍ତନ ହୁଏ ।

(କ) ହ୍ + ତ ମିଶି ଗ୍ଧ ହୁଏ । ଦହ୍=ଦଗ୍ଧ । ଦହ=ଦଗ୍ଧ । ଦୁହ୍—ଦୁଗ୍ଧ । ସ୍ନିହ୍=ସ୍ନିଗ୍ଧ । ମୁହ୍=ମୁଗ୍ଧ ।

(ଖ) ହ + ତ ମିଶି ଢ ହୁଏ । 'ଢ' ପୂର୍ବରେ ଥିବା ହ୍ରସ୍ୱସ୍ୱର ଦୀର୍ଘ ହୁଏ । ଗାହ୍—ଗାଢ଼ । ଲିହ—ଲୀଢ଼ । ରୁହ୍—ରୂଢ଼ । ବୃହ୍—ବୃଢ଼ । ମାତ୍ର—ନହ—ନଦ୍ଧ । ବାହ—ବାହିତ । ମୁହ—ମୋହିତ ।

Digitized by srujan ka@gmail.com

୧୫. କେତେକ ଧାତୁ ପରେ 'ତ'ର ନ ହୁଏ । ସୂ—ସୂନ । ଲୂ—ଲୂନ । ଲୀ—ଲୀନ । ଦୀ—ଦୀନ । ଡୀ=ଡୀନ । କ୍ଷୀ=କ୍ଷୀଣ । ଘ୍ରା=ଘ୍ରାନ । ମ୍ଳୈ=ମ୍ଳାନ । ଚୂର=ଚୂର୍ଣ୍ଣ ।

୧୬. ନିମ୍ନଲିଖିତ ଧାତୁମାନଙ୍କର ପରିବର୍ତ୍ତନ ବିଶେଷଧରଣର । ଧା=ହିତ । ଦା=ଦତ୍ତ । ସ୍ଫାୟୀ=ସ୍ଫୀତ । ଧାବ୍=ଧୌତ ଫଲ୍=ଫୁଲ୍ଲ, ଯଜ୍—ଇଷ୍ଟ । ବ୍ୟଧ୍—ବିଦ୍ଧ । ହ୍ୱେ—ହୂତ । ବଚ୍=ଉକ୍ତ । ବସ=ଉଷିତ । ବଧ=ଉଧତ । ବପ—ଉପ୍ତ । ବହ—ଊଢ଼ । କ୍ଷୈ—କ୍ଷାମ । ପଚ୍—ପକ୍ୱ । ଶୁଷ୍—ଶୁଷ୍କ ।

—୦—

ଅ, (ଅଚ୍) ଇନ୍ ଅକ ଓ ଉକ ପ୍ରତ୍ୟୟ ପରେ ଥିଲେ 'ହନ୍' ଧାତୁର 'ଘାତ୍' ହୁଏ । ହନ୍+ଅ=ଘାତ,ମାର ଶତ୍ରୁ+ହନ୍+ଅ= ଶତ୍ରୁଘ୍ନ । ବୃଷ—ହନ୍+ଇନ୍+ବୃଷଘାତୀ । ଘାତକ, ଘାତୁକ ।

'ତ' ପ୍ରତ୍ୟୟ ତିନି ବାଚ୍ୟରେ ହୋଇଥାଏ । ଭାବବାଚ୍ୟରେ ହେଲେ ବିଶେଷ୍ୟ, କର୍ତ୍ତୃ ଓ କର୍ମବାଚ୍ୟରେ ହେଲେ ବିଶେଷଣ ହୁଏ । ଭାବବାଚ୍ୟ ନିଷ୍ପନ୍ନ ପଦ କେବଳ ଅର୍ଥକୁ ପ୍ରକାଶ କରେ । ଯୁଧ୍—ଯୁଦ୍ଧ । ଗୈ—ଗୀତ । ବିଦ୍—ବିତ୍ତ, ଅଦ୍—ଅନ୍ନ ।

କର୍ମବାଚ୍ୟର ତପ୍ରତ୍ୟୟ ଗୁଡ଼ିକ ଭୂତକାଳ ଚିହ୍ନାଏ । କର୍ମର ଲିଙ୍ଗ ବଚନ ଧରି ଶବ୍ଦ ଗଠିତ ହୁଏ । ତାକୁ କର୍ତ୍ତୃବାଚ୍ୟରେ ପରିଣତ କଲେ 'ତବତ୍' ପ୍ରତ୍ୟୟର ଶବ୍ଦ ହୋଇ କର୍ତ୍ତାର ଲିଙ୍ଗ ବଚନ ଅନୁସରଣ କରେ ।

ତବ୍ୟ, ଅନୀୟ, ଯ, କର୍ମବାଚ୍ୟରେ ଉଚିତ ବିଧି ଚିହ୍ନାଏ । କର୍ତ୍ତୃବାଚ୍ୟରେ ପରିଣତ କଲେ ବିଧିଲିଙ୍ ହୁଏ ।

Digitized by srujan ka@gmail.com

'ତ' ପ୍ରତ୍ୟୟାନ୍ତ ପଦ ବିଶେଷ୍ୟ ଓ ସର୍ବଦା ସ୍ତ୍ରୀଲିଙ୍ଗ । ଏ ପ୍ରତ୍ୟୟାନ୍ତ ପଦ ଗଠନ 'ତ' ପ୍ରତ୍ୟୟର ଅନୁରୂପ ।

ଅତୃ (ଶତୃ) ଓ ଶାନଚ୍ । ପ୍ରତ୍ୟୟ ଦୁଇଟି ସାଧାରଣତଃ ବର୍ତ୍ତ-ମାନ କାଳର ଘଟନା ଚିହ୍ନାଏ । ପରସ୍ମୈପଦ ଧାତୁରୁ ଶତୃ, ଆତ୍ମନେପଦ ଧାତୁରୁ ଶାନଚ୍ ହୁଏ । ଏ ପ୍ରତ୍ୟୟାନ୍ତ ପଦ ଗଠନ ପାଇଁ ସହଜ ଉପାୟ ଏହି—ଧାତୁର ଲଟ୍ ଲକାର ପ୍ରଥମ ପୁରୁଷ ବହୁବଚନ ରୂପ ର 'ନ୍ତି' ରୁ ର ଇ ବାଦ ଦେବ । ନାନ୍ତ ଶବ୍ଦ ପରି କରିବ । ଯଥା—ଗଚ୍ଛନ୍ତି=ଗଚ୍ଛନ୍ । ଘ୍ନନ୍ତି=ଘ୍ନନ୍ ଯେଉଁ ଧାତୁରେ ସେହି ସ୍ଥଳରେ ନ୍ ଯୋଗ ନ ଥାଏ ସେଠି କେବଳ 'ଇ' ବାଦ-ଦେବ । ଦଦତି=ଦଦତ୍ ।

ଆତ୍ମନେ ପଦ ଲଟ୍ ପ୍ର. ପୁ. ଏକବଚନ 'ତେ' ବାଦଦେଇ ଶେଷରେ 'ମାନ' ରଖି ରୂପ କର । ଯଥା—ବୃତ୍—ବର୍ତ୍ତମାନ । ଗମ୍ୟମାନ । ମାଁସ—ଆସ୍—ଆସୀନ । ଶୀ—ଶୟାନ । ଦଧାନଃ । ସ୍ଥଳରେ ଦ୍ୱିବଚନ 'ଅତେ' ଭାଟି ଅନଯୋଗ କରିବ ।

କ୍ତ୍ୱା—(ତା) ପ୍ରତ୍ୟୟ କର୍ତ୍ତୃକାରକ ଚିହ୍ନାଏ । 'ଲଟ୍' ଲକାର ପ୍ରଥମପୁରୁଷ ଏକବଚନ ରୂପକୁ 'ତ୍' କାରାନ୍ତ ଶବ୍ଦ ପରି ରୂପ କରି ନେବ ।

ସଂସ୍କୃତ 'ତ' ପ୍ରତ୍ୟୟରେ ଯେଉଁ ବିଶେଷଣ ଗଠନ ହୁଏ ଇଂରା-ଜୀରେ ସେପରି ଗୁଡ଼ିକୁ Perfect participle କହନ୍ତି ।

ଶତୃ ଶାନଚ୍ ଯୋଗେ ଯେଉଁ ପଦ ଗଠନ କରାଯାଏ ସେଗୁଡ଼ିକୁ Imperfect tense କହନ୍ତି । ତାହା ing ଯୋଗ ଗଠିତ ।

ଓଡ଼ିଆରେ ଅଧିକାଂଶ ସଂସ୍କୃତ ପଦର ବ୍ୟବହାର ଦେଖାଯାଏ । ସଂସ୍କୃତର ପ୍ରତ୍ୟୟର ଅନୁରୂପ ତଦ୍ଭବ ଓ ଦେଶଜ ପଦରେ

Digitized by srujan ka@gmail.com

କେତେକ ଓଡ଼ିଆ ପ୍ରତ୍ୟୟ ଦେଖାଯାଏ । 'ଅ' ପ୍ରତ୍ୟୟ ଅନୁକରଣରେ ଅ ଅଣ, ରଖା, କୁହା, କୁଣ୍ଠା, ବୋଝ, ଭିଅଣ, ମିଶାଣ ।

ଅନ ଅନା ପ୍ରତ୍ୟୟ ଅନୁକରଣରେ—ଅଣ, ଅଣା, ଅଣି, ଅଣିଆ, ଅଣି ଦେଖାଯାଏ । ଗଢ଼ଣା, ମାରଣା, ଝରଣା, ପିଠଣା, ଖେଳଣା, ଲେଖଣି, ରନ୍ଧଣି, ମଡାଣିଆ, ବନ୍ଧାଣି, ଶୁଙ୍ଘାଣି, ଗୃହିଣି ।

ଇ—ଅନୁକରଣରେ—'ଇ' ହୋଇଥାଏ । ସେ କହି—ଜାଣେ । ତାଙ୍କୁ ଲେଖି ଅଛେ । ଇବା, ଇଥିବା, ଗାଇବା ଲୋକ, ଯାଇଥିବା ବାଳକ, ଶୋଇଲାପୁଅର ଭୟ ନାହିଁ । ଚେଇଁଥିବା ପିଲାକୁ ଉଠା-ଇବ କିଏ ? ଖାଇବାର ପୁଣି ଗଲା ମଥୁରା ।

ତ—ଅନୁକରଣରେ—ଗଢ଼ିତ, ଆଣ୍ଡିତ, ଭରତ ।

ଉ—ଅନୁକରଣରେ—ଜଣି, ଜଣା, ଜଣୁ, ଖନ୍ଦୁଣି, ମାଗୁଣି । ଗାଇଣୀ, ଗାଉଣା, ଲଢୁଆ, ପଢୁଆ, ଗାଧୁଆ, ଖାଉଣି, ଭୁଲେଣି ।

ଶତୃ—ଅନ୍ତା, ଉଥିବା, ଅନ୍ତି, ଇଲା । ଚଳନ୍ତା, ଫୁଟନ୍ତା, ଝଡ଼ନ୍ତି ଫଳନ୍ତି, ଚଳିଲା ସମୟରେ ହାତ ।

ସଂସ୍କୃତ ଭଳିଆ ଓଡ଼ିଆରେ ତେତେ ପ୍ରତ୍ୟୟ ଦେଖାଯାଏ ନାହିଁ । ଏଣୁ ଏଠାରେ ପ୍ରକୃତ ପ୍ରତ୍ୟୟ ଭେଦ କରଣ ସହଜ ।

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ | | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| | | | | | କ୍ତପ୍ରତ୍ୟୟ | ଅନ୍ୟ | |
| ୧ | ଅଙ୍କ | ଚିହ୍ନ କରିବା | ଅଙ୍କୟତି | ଅଙ୍କନ | ଅଙ୍କିତ | — | ଅଙ୍କିବା |
| ୨ | ଅଟ | ଭ୍ରମଣ କରିବା | ଅଟତି | ପର୍ଯ୍ୟଟନ | ଅଟିତ | ପର୍ଯ୍ୟଟନ | — |
| ୩ | ଅଦ | ଭକ୍ଷଣ | ଅତ୍ତି | — | ଅନ୍ନ | କବ୍ୟାଦ | — |
| ୪ | ଅୟ | ଗମନ | ଅୟତେ | ଅୟନ | ପଳାୟିତ | — | ପଳାଇବା |
| ୫ | ଅର୍ଚ୍ଚ | ପୂଜା | ଅର୍ଚ୍ଚୟତି | ଅର୍ଚ୍ଚନା | ଅର୍ଚ୍ଚିତ | ଅର୍ଚ୍ଚ୍ୟ | ଦେବାର୍ଚ୍ଚନ |
| ୬ | ଅର୍ଜ୍ଜ | ଅର୍ଜ୍ଜିବା | ଅର୍ଜ୍ଜୟତି | ଅର୍ଜ୍ଜନ | ଅର୍ଜ୍ଜିତ | — | ଅର୍ଜ୍ଜିବା |
| ୭ | ଅର୍ଥ | ମାଗିବା | ଅର୍ଥୟତେ | ଅଭ୍ୟର୍ଥନା | ପ୍ରାର୍ଥିତ | ପ୍ରାର୍ଥୀ | — |
| ୮ | ଅଶ | ଭକ୍ଷଣ | ଅଶ୍ନାତି | ଅଶନ | ଅଶିତ | ପ୍ରାତରାଶ | ମାଂସାଶୀ |
| ୯ | ଅସ | ଫିଙ୍ଗିବା,ଗମନ | ଅସ୍ୟତି | ଅଭ୍ୟାସ | ନିରସ୍ତ | ଅସ୍ତ୍ର | — |
| ୧୦ | ଆପ | ବ୍ୟାପ୍ତି, ପ୍ରାପ୍ତି | ଆପ୍ନୋତି | ସମାପନ | ପର୍ଯ୍ୟାପ୍ତ | ପ୍ରାପ୍ତ | ପାଇବା |
| ୧୧ | ଇ | ଗମନ | ଏତି | ଉଦୟ | ଉଦିତ | — | ଉଇଁବା |
| ୧୨ | ଅଧି-ଇ | ଅଧ୍ୟୟନ | ଅଧୀତେ | ଅଧ୍ୟୟନ | ଅଧୀତ | ଅଧ୍ୟାପକ | ପଢ଼ିବା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ ପ୍ରତ୍ୟୟ | ବିଶେଷଣ ଅନ୍ୟ | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| ୧୩ | ଇଷ | ଇଚ୍ଛା କରିବା | ଇଚ୍ଛତି | ଅନ୍ୱେଷଣ | ଇଷ୍ଟ | ଇଚ୍ଛୁକ | ଇଚ୍ଛିବା |
| ୧୪ | ଈକ୍ଷ | ଦେଖିବା | ଈକ୍ଷତେ | ପରୀକ୍ଷା | ଈକ୍ଷିତ | ଅପେକ୍ଷକ | ଅପେକ୍ଷିବା ଦେଖିବା |
| ୧୫ | ଊହ | ତର୍କ | ଊହତେ | ସମୂହନ | ଊହିତ | ଊହ୍ୟ | ଊହା |
| ୧୬ | କଥ | କହିବା | କଥୟତି | କଥା | କଥିତ | କଥକ | କହିବା |
| ୧୭ | କର୍ଣ୍ଣ | ଶ୍ରବଣ କରିବା | କର୍ଣ୍ଣୟତି | ଆକର୍ଣ୍ଣନ | ଆକର୍ଣ୍ଣିତ | କର୍ଣ୍ଣ | କାନେଇବା |
| ୧୮ | କଳ | ଶବ୍ଦ | କଳୟତି | ସଂକଳନ | କଳିତ | — | କଳିବା |
| ୧୯ | କଷ | ହିଂସାପ୍ରଯୁକ୍ତ ପୀଡ଼ା | କଷତି | କଷଣ | କଷ୍ଟ | — | କଷିବା |
| ୨୦ | କାଶ | ଦୀପ୍ତ କରିବା | କାଶତେ | ପ୍ରକାଶ | ବିକଶିତ | ପ୍ରକାଶ | ପରକାଶ |
| ୨୧ | କୁପ | ରାଗିବା | କୁପ୍ୟତି | କୋପ | କୁପିତ | କୋପାବିଷ୍ଟ | କୋପିବା |
| ୨୨ | କୁଚ | ପ୍ରତିଷ୍ଟମ୍ଭନ | କୋଚତି | ସଂକୋଚନ | ସଂକୁଚିତ | — | ଲାଜସଙ୍କୋଚ କୁଞ୍ଚିବା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ: ତ ପ୍ରତ୍ୟୟ | ବିଶେଷଣ: ଅନ୍ୟ | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| ୨୩ | କୂଜ | ପକ୍ଷିଧ୍ୱନି | କୂଜତି | କୂଜନ | କୂଜିତ | — | — |
| ୨୪ | କୃ | କରିବା | କରୋତି | ଅଧିକାର | କୃତ | କର୍ତ୍ତା | କରିବା |
| ୨୫ | କୃତ୍ | ଛେଦନ କରିବା | କୃନ୍ତତି | କର୍ତ୍ତନ | କର୍ତ୍ତିତ | — | କାଟିବା |
| ୨୬ | କୃତ୍ | ବିଖ୍ୟାତ ହେବା | କୀର୍ତ୍ତୟତି | କୀର୍ତ୍ତନ | କୀର୍ତ୍ତିତ | — | — |
| ୨୭ | କୃଷ | ଚାଷ କରିବା | କର୍ଷତି | ଅକର୍ଷଣ | କୃଷ୍ଟ | କୃଷକ | ଚଷିବା |
| ୨୮ | କ୍ରମ | ଅତିକ୍ରମଣ | କ୍ରାମ୍ୟତି | ଅତିକ୍ରମଣ | ଅତିକ୍ରାନ୍ତ | ପରାକ୍ରମୀ | ଅତିକ୍ରମିବା |
| ୨୯ | କ୍ରୀ | କ୍ରୟ କରିବା | କ୍ରୀଣାତି | କ୍ରୟ | କ୍ରୀତ | କ୍ରେତା | କିଣିବା |
| ୩୦ | କ୍ରୀଡ | ଖେଳିବା | କ୍ରୀଡ଼ତି | କ୍ରୀଡ଼ା | କ୍ରୀଡ଼ିତ | କ୍ରୀଡ଼ନକ | ଖେଳିବା |
| ୩୧ | କ୍ରୁଧ | ରାଗିବା | କ୍ରୁଧ୍ୟତି | କ୍ରୋଧ | କ୍ରୁଦ୍ଧ | କ୍ରୋଧୀ | କ୍ରୋଧ |
| ୩୨ | କ୍ଲିଶ | କଷ୍ଟପାଇବା | କ୍ଲିଶ୍ୟତି | କ୍ଲେଶ | କ୍ଲିଷ୍ଟ | — | କ୍ଲେଶହେବା |
| ୩୩ | କ୍ଷମ | ସହିବା | କ୍ଷମତେ | କ୍ଷମା | କ୍ଷାନ୍ତ | କ୍ଷମଣୀୟ | କ୍ଷମିବା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ କ୍ତ ପ୍ରତ୍ୟୟ | ବିଶେଷଣ ଅନ୍ୟ | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| ୩୪ | କ୍ଷର | ସ୍ରବିବା | କ୍ଷରତି | କ୍ଷରଣ | କ୍ଷରିତ | କ୍ଷରିବା | ଝରିବା |
| ୩୫ | କ୍ଷାଳ | ଧୌତ | କ୍ଷାଳୟତି | ପ୍ରକ୍ଷାଳନ | କ୍ଷାଳିତ | — | ପଖାଳିବା |
| ୩୬ | କ୍ଷି | କ୍ଷୟହେବା | କ୍ଷୟତି | କ୍ଷୟ | କ୍ଷୀଣ | — | ଛେଇବା |
| ୩୭ | କ୍ଷିପ | ଫିଙ୍ଗିବା | କ୍ଷିପ୍ୟତି | କ୍ଷେପଣ | କ୍ଷିପ୍ତ | କ୍ଷେପକ | କ୍ଷେପିବା |
| ୩୮ | ଖଣ୍ଡ | ଛେଦନ | ଖଣ୍ଡୟତି | ଖଣ୍ଡନ | ଖଣ୍ଡିତ | ଖଣ୍ଡା | ଖଣ୍ଡିବା |
| ୩୯ | ଖନ | ଖୋଳିବା | ଖନତି | ଖନନ | ଖାତ | ଖନିତ୍ର | ଖୋଳିବା |
| ୪୦ | ଖାଦ | ଭକ୍ଷଣ | ଖାଦତି | ଖାଦ୍ୟ | ଖାଦିତ | ଖାଦକ | ଖାଇବା |
| ୪୧ | ଗଣ | ଗଣନା କରିବା | ଗଣୟତି | ଗଣନା | ଗଣିତ | ଗଣନୀୟ | ଗଣିବା ଗଣକ |
| ୪୨ | ଗମ | ଯିବା | ଗଚ୍ଛତି | ଗମନ | ଗତ | ଗନ୍ତବ୍ୟ | ଗମିବା |
| ୪୩ | ଗର୍ଜ | ଗର୍ଜିବା | ଗର୍ଜତି | ଗର୍ଜନ | ଗର୍ଜିତ | — | ଗରଜିବା |
| ୪୪ | ଗଳ | କ୍ଷରଣ | ଗଳତି | ଗଳ | ଗଳିତ | — | ଗଳିବା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ ତପ୍ରତ୍ୟୟ | ଅନ୍ୟ | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| ୪୫ | ଗାହ୍ | ପ୍ରବେଶ | ଗାହତେ | ଅବଗାହ | ଅବଗାଢ଼ | ଅବଗାହ୍ୟ | — |
| ୪୬ | ଗୃ | ଗିଳିବା | ଗିରତି | ଉଦ୍‌ଗାର | ଗୀର୍ଣ୍ଣ | — | ଉଗାର |
| ୪୭ | ଗୈ | ଗାନ କରିବା | ଗାୟତି | ଗାନ | ଗୀତ | ଗାୟକ | ଗାଇବା |
| ୪୮ | ଗ୍ରନ୍ଥ | ଗୁନ୍ଥିବା | ଗ୍ରଥ୍ନାତି | ଗ୍ରଥନ | ଗ୍ରଥିତ | ଗ୍ରନ୍ଥି | ଗୁନ୍ଥିବା |
| ୪୯ | ଗ୍ରହ | ନେବା | ଗୃହ୍ଣାତି | ଗ୍ରହଣ | ଗୃହୀତ | ଗ୍ରାହ୍ୟ | ଘେନିବା |
| ୫୦ | ଘଟ | ଚେଷ୍ଟା | ଘଟତେ | ଘଟନା | ଘଟିତ | — | ଘଟିବା<br>ଗଢ଼ିବା |
| ୫୧ | ଘୂର୍ଣ୍ଣ | ଭ୍ରମଣ | ଘୂର୍ଣ୍ଣତି | ଘୂର୍ଣ୍ଣା | ଘୂର୍ଣ୍ଣିତ | — | ଘୁଞ୍ଚିବା |
| ୫୨ | ଘୃଷ | ଘଷିବା | ଘର୍ଷତି | ଘର୍ଷଣ | ଘୃଷ୍ଟ | — | ଘଷିବା |
| ୫୩ | ଘ୍ରା | ଶୁଙ୍ଘିବା | ଜିଘ୍ରତି | ଆଘ୍ରାଣ | ଆଘ୍ରାତ | ବ୍ୟାଘ୍ର | ବାଘ |
| ୫୪ | ଚର | ଆଚରଣ | ଚରତି | ଆଚରଣ | ଚରିତ | — | ଯବଗୁରକ |
| ୫୫ | ଚର୍ଚ୍ଚ | ଅନୁଶୀଳନ | ଚର୍ଚ୍ଚତି | ଚର୍ଚ୍ଚା | ଚର୍ଚ୍ଚିତ | ଚର୍ଚ୍ଚକ | ଚରଚିବା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ | | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| | | | | | ତପ୍ରତ୍ୟୟ | ଅନ୍ୟ | |
| ୫୬ | ଚର୍ବ | ଚର୍ବଣ କରିବା | ଚର୍ବତି | ଚର୍ବଣ | ଚର୍ବିତ | ଚର୍ବ୍ୟ | ଚୋବାଇବା |
| ୫୭ | ଚଳ | କମ୍ପନ | ଚଳତି | ଅଚଳ | ଚଳିତ | ପଦଚାଳକ | ଚଳିବା |
| ୫୮ | ଚି | ସଞ୍ଚୟ କରିବା | ଚିନୋତି | ଚୟନ | ସଞ୍ଚିତ | ସଞ୍ଚୟକ | — |
| ୫୯ | ଚିନ୍ତ | ଚିନ୍ତା କରିବା | ଚିନ୍ତୟତି | ଚିନ୍ତା | ଚିନ୍ତିତ | ଅଚିନ୍ତନୀୟ | ଚିନ୍ତିବା |
| ୬୦ | ଚୁର | ଚୋରି କରିବା | ଚୋରୟତି | ଚୌର୍ଯ୍ୟ | ଚୋରିତ | ଚୌର | ଚୋରାଇବା |
| ୬୧ | ଚୂର୍ଣ୍ଣ | ଗୁଣ୍ଡ କରିବା | ଚୂର୍ଣ୍ଣୟତି | ଚୂର୍ଣ୍ଣ | ଚୂର୍ଣ୍ଣିତ | — | ଚୂନାକରିବା |
| ୬୩ | ଚେଷ୍ଟ | ଉଦ୍ୟମ କରିବା | ଚେଷ୍ଟତେ | ଚେଷ୍ଟା | ଚେଷ୍ଟିତ | ଚେଷ୍ଟମାନ | ଚେଷ୍ଟା କରିବା |
| ୬୪ | ଛେଦ | ଖଣ୍ଡନ | ଛିନତ୍ତି | ବିଚ୍ଛେଦ | ଛିନ୍ନ | ଛେଦକ | ଛେଦିବା ଛିଣ୍ଡାଇବା |
| ୬୫ | ଜନ | ଉତ୍ପନ୍ନ କରିବା | ଜାୟତେ | ଜନନ | ଜାତ | ଜନକ | ଜନ୍ମିବା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ ତପ୍ରତ୍ୟୟ | ବିଶେଷଣ ଅନ୍ୟ | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| ୬୬ | ଜାଗୃ | ସତର୍କ | ଜାଗର୍ତ୍ତି | ଜାଗରଣ | ଜାଗରିତ | ଜାଗରୂକ ଜାଗ୍ରତ | ଜାଗିବା |
| ୬୭ | ଜି | ଜୟ କରିବା | ଜୟତି | ଜୟ | ଜିତ | ଜେତା | ଜିଣିବା |
| ୬୮ | ଜୀବ | ଜୀବିତ ରହିବା | ଜୀବତି | ଜୀବନ | ଜୀବିତ | ଉପଜୀବୀ | ଜିଇଁବା |
| ୬୯ | ଜୃ | ଜୀର୍ଣ୍ଣହେବା | ଜୀର୍ଯ୍ୟତି | ଜରା | ଜୀର୍ଣ୍ଣ | — | ଜରିବା |
| ୭୦ | ଜ୍ଞା | ଜାଣିବା | ଜାନାତି | ଜ୍ଞାନ | ଜ୍ଞାତ | ଜ୍ଞେୟ | ଜାଣିବା |
| ୭୧ | ଜ୍ୱଲ | ପୋଡ଼ିବା | ଜ୍ୱଳତି | ଜ୍ୱାଳା | ଜ୍ୱଳିତ | ଉଜ୍ଜ୍ୱଳ | ଜଳିବା |
| ୭୨ | ତନ | ବିସ୍ତାର କରିବା | ତନୋତି | ବିତାନ | ତତ | ବିତତ | ସନ୍ତାନ |
| ୭୩ | ତପ | ତାପ ଦେବା | ତପତି | ତାପ | ତପ୍ତ | ତପନ | ତପିବା |
| ୭୪ | ତର୍କ | ଅନୁମାନ | ତର୍କୟତି | ତର୍କଣା | ତର୍କିତ | ସତର୍କ | ତରକିବା |
| ୭୫ | ତର୍ଜ | ଭର୍ତ୍ସନା | ତର୍ଜୟତେ | ତର୍ଜନ | ତର୍ଜିତ | — | ତଡ଼ିବା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ: କ୍ତ ପ୍ରତ୍ୟୟ | ବିଶେଷଣ: ଅନ୍ୟ | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| ୭୬ | ତ୍ୱର | ଦ୍ରୁତ | ତ୍ୱରତେ | ଅତ୍ୱର | ତ୍ୱରିତ | ତ୍ୱରଗ | ତୁରୁତୁରିଆ |
| ୭୭ | ତୁଲ | ଓଜନ କରିବା | ତୁଳୟତି | ତୁଳନା ଉତ୍ତୋଳନ | ତୁଳିତ | ତୁଳନୀୟ | ତୁଳିବା |
| ୭୮ | ତୁଷ | ସନ୍ତୁଷ୍ଟ ହେବା | ତୁଷ୍ୟତି | ସନ୍ତୋଷ | ତୁଷ୍ଟ | ପରିତୋଷକ | ତୋଷିବା |
| ୭୯ | ତୃପ | ମୂର୍ତ୍ତି ମନ ହେବା | ତୃପ୍ୟତି | ସନ୍ତର୍ପଣ | ତୃପ୍ତ | — | |
| ୮୦ | ତ୍ୟଜ | ତ୍ୟାଗ କରିବା | ତ୍ୟଜତି | ତ୍ୟାଗ | ତ୍ୟକ୍ତ | ତ୍ୟାଜ୍ୟ | ତେଜିବା |
| ୮୧ | ତ୍ରୈ | ଉଦ୍ଧାର କରିବା | ତ୍ରାୟତେ | ତ୍ରାଣ | ତ୍ରାତ | ପରିତ୍ରାଣ | — |
| ୮୨ | ଦଂଶ | କାମୁଡ଼ିବା | ଦଶତି | ଉପଦଂଶ | ଦଷ୍ଟ | ଦଶନ ଦଂଷ୍ଟ୍ରା | ଦଂଶିବା |
| ୮୩ | ଦମ | ଦମନ କରିବା | ଦାମ୍ୟତି | ଦମନ | ଦମିତ | ଅଦମ୍ୟ | ଦବାଇବା ଧମେଇବା |

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ | | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| | | | | | ତପ୍ରତ୍ୟୟ | ଅନ୍ୟ | |
| ୮୪ | ଦଳ | ମର୍ଦ୍ଦିବା | ଦଳତି | ଦଳନ | ଦଳିତ | — | ଦଳିବା |
| ୮୫ | ଦହ | ପୋଡ଼ିବା | ଦହତି | ଦାହ | ଦଗ୍ଧ | ଦହନ | ଦହିବା |
| ୮୬ | ଧା | ଦେବା | ଦଦାତି<br>ଯଚ୍ଛତି | ପ୍ରଦାନ | ଦତ୍ତ | ଜଳଦ | ଦେବା |
| ୮୭ | ଦିଶ | ଆଦେଶ ଦେବା | ଦିଶତି | ଉପଦେଶ | ଦିଷ୍ଟ | ଉପଦେଷ୍ଟା | — |
| ୮୮ | ଦିହ | ବୃଦ୍ଧି ସଞ୍ଚୟ | ଦେଗ୍ଧି | ସନ୍ଦେହ | ଦିଗ୍ଧ | ସନ୍ଦିହାନ | ସନ୍ଦେହ କରିବା |
| ୮୯ | ଦୁହ | ଦୁହିଁବା | ଦୋଗ୍ଧି | ଦୋହନ | ଦୁଗ୍ଧ | ଦୁହ୍ୟମାନ | ଦୁହିଁବା |
| ୯୦ | ଦୁଷ | କଳୁଷ ହେବା | ଦୁଷ୍ୟତି | ଦୋଷ | ଦୁଷ୍ଟ | ଦୂଷକ | ଦୋଷୀ |
| ୯୧ | ଦୃ | ଆଦର କରିବା | ଆଦ୍ରିୟତେ | ଆଦର | ଆଦୃତ | ଆଦରଣୀୟ | ଆଦରିବା |
| ୯୨ | ଦୃପ | ଗର୍ବ କରିବା | ଦୃପ୍ୟତି | ଦର୍ପ | ଦୃପ୍ତ | ଦର୍ପକ | ଦର୍ପିଷ୍ଠ |
| ୯୩ | ଦୃଶ୍ୟ | ଦେଖିବା | ପଶ୍ୟତି | ଦର୍ଶନ | ଦୃଷ୍ଟ | ଦ୍ରଷ୍ଟବ୍ୟ | ଦର୍ଶିବା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ | | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| | | | | | ତ ପ୍ରତ୍ୟୟ | ଅନ୍ୟ | |
| ୯୪ | ଦୃ | ବିଦାରଣ | ଦୃଣାତି | ବିଦାରଣ | ବିଦୀର୍ଣ୍ଣ | ବିଦାରକ | ବିଦାରିବା |
| ୯୫ | ଦ୍ରୁହ | ଅନିଷ୍ଟାଚରଣ | ଦ୍ରୁହ୍ୟତି | ଦ୍ରୋହ | — | ଦ୍ରୋହୀ | ବିଦ୍ରୋହ |
| ୯୬ | ଦୃହ | ବୃଦ୍ଧିକରଣ | — | — | ଦୃଢ଼ | — | ଦୃଢ଼ |
| ୯୭ | ଧା | ଧାରଣ | ଦଧାତି | ବିଧାନ | ହିତ | ବିଧେୟ | ବିହିବା |
| ୯୮ | ଧାବ | ଦୌଡ଼ିବା | ଧାବତି | ଧାବନ | ଧାବିତ | ଧାବମାନ | ଧାଇଁବା |
| ୯୯ | ଧୃ | ଧାରଣ | ଧରତି | ଧର | ଧୃତ | ଗିରିଧାରୀ | ଧରିବା |
| ୧୦୦ | ଧୃଷ | ପ୍ରଗଲ୍ଭନେ | ଧର୍ଷୟତି | ଧର୍ଷଣ | ଧୃଷ୍ଟ | — | ଝଁଷିବା |
| ୧୦୧ | ଧ୍ୟୈ | ଚିନ୍ତା | ଧ୍ୟାୟତି | ଧ୍ୟାନ | ଧ୍ୟାତ | ଧ୍ୟେୟ | ଧ୍ୟାଇବା |
| ୧୦୨ | ଧ୍ୱଂସ | ବିନାଶ | ଧ୍ୱଂସତି | ଧ୍ୱଂସ | ଧ୍ୱସ୍ତ | — | ଧସିବା |
| ୧୦୩ | ନନ୍ଦ | ଆନନ୍ଦିତହେବା | ନନ୍ଦତି | ଆନନ୍ଦ | ନନ୍ଦିତ | ନନ୍ଦନ | — |
| ୧୦୪ | ନମ | ନମିବା | ନମତି | ଛଲଲି | ନତ | ନମ୍ର | ନଇଁବା |
| ୧୦୫ | ନଶ | ନଷ୍ଟ ହେବା | ନଶ୍ୟତି | ନାଶ | ନଷ୍ଟ | ନାଶକ | ନାଶିବା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ କ୍ତପ୍ରତ୍ୟୟ | ବିଶେଷଣ ଅନ୍ୟ | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| ୧୦୬ | ନିନ୍ଦ | ନିନ୍ଦା କରିବା | ନିନ୍ଦତି | ନିନ୍ଦା | ନିନ୍ଦିତ | ନିନ୍ଦନୀୟ | ନିନ୍ଦିବା |
| ୧୦୭ | ନୀ | ନେବା | ନୟତି | ବିନୟ | ନୀତ | ନେତା | ନେବା |
| ୧୦୮ | ନୃତ | ନୃତ୍ୟ କରିବା | ନୃତ୍ୟତି | ନର୍ତ୍ତନ | ନର୍ତ୍ତିତ | ନର୍ତ୍ତକ | ନାଚିବା |
| ୧୦୯ | ପଚ | ପାକ କରିବା | ପଚତି | ପାକ | ପକ୍ୱ | ପାଚକ | ପାଚିବା |
| ୧୧୦ | ପଠ | ପଢ଼ିବା | ପଠତି | ପଠନ | ପଠିତ | ପାଠ୍ୟ | ପଢ଼ିବା |
| ୧୧୧ | ପତ | ପଡ଼ିବା | ପତତି | ପାତ | ପତିତ | ପକ୍ଷପାତୀ | ପଡ଼ିବା |
| ୧୧୨ | ପଦ | ଗମନ | ପଦ୍ୟତେ | ସଂପାଦନ | ଆପନ୍ନ | ସଂପାଦକ | — |
| ୧୧୩ | ପା | ପାନ କରିବା | ପିବତି | ପାନ | ପୀତ | ପାଦପ ପାନୀୟ | ପିଇବା |
| ୧୧୪ | ପାଳ | ପାଳନ କରିବା | ପାଳୟତି | ପାଳନ | ପାଳିତ | ପାଳନୀୟ | ପାଳିବା |
| ୧୧୫ | ପିଷ୍ | ଚୂର୍ଣ୍ଣ କରିବା | ପିନଷ୍ଟି | ପେଷଣ | ପିଷ୍ଟ | ପିଷ୍ଟକ | ପେଷିବା |
| ୧୧୬ | ପୀଡ଼ା | କ୍ଳେଶ ଦେବା | ପୀଡ଼ୟତି | ପୀଡ଼ା | ପୀଡ଼ିତ | ଉତ୍ପୀଡ଼କ | ପେଡ଼ିବା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ: କ୍ତ ପ୍ରତ୍ୟୟ | ବିଶେଷଣ: ଅନ୍ୟ | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| ୧୧୭ | ପୁଷ | ପୋଷଣ | ପୁଷ୍ଣାତି | ପୋଷଣ | ପୁଷ୍ଟ | ପୋଷ୍ୟ | ପୋଷିବା |
| ୧୧୮ | ପୂ | ପବିତ୍ର ହେବା | ପୁନାତି | ପାବନ | ପୂତ | ପବିତ୍ର | ପୂତନୀର |
| ୧୧୯ | ପୃ | ପୂର୍ଣ୍ଣ କରିବା | ପୂରୟତି | ପୂରଣ | ପୂର୍ଣ୍ଣ | ପୂରକ | ପୂରଣ ପୂରିବା |
| ୧୨୦ | ପୃଚ୍ | ସମ୍ବନ୍ଧ କରିବା | ପୃଣକ୍ତି | ସମ୍ପର୍କ | ସମ୍ପୃକ୍ତ | ସମ୍ପର୍କୀୟ | ସମ୍ପର୍କ |
| ୧୨୧ | ପ୍ୟାୟ | ବୃଦ୍ଧି | ପ୍ୟାୟତେ | — | ପୀନ | ଅପ୍ୟାୟିତ | ଅପ୍ୟାୟିତ |
| ୧୨୨ | ପ୍ରଚ୍ଛ | ପ୍ରଶ୍ନ କରିବା | ପୃଚ୍ଛତି | ପୃଚ୍ଛା | ପୃଷ୍ଟ | ପ୍ରଷ୍ଟବ୍ୟ | ପଚାରିବା |
| ୧୨୩ | ପ୍ରୀ | ସନ୍ତୁଷ୍ଟ | ପ୍ରୀଣାତି | ପ୍ରୀତି | ପ୍ରୀତ | ପ୍ରିୟ | ପ୍ରେମ |
| ୧୨୪ | ପ୍ରେଷ | ପଠାଇବା | ପ୍ରେଷୟତି | ପ୍ରେଷଣ | ପ୍ରେଷିତ | ପ୍ରେଷଣୀୟ | ପେଷିବା |
| ୧୨୫ | ବଚ | କହିବା | ବକ୍ତି | ବଚନ | ଉକ୍ତ | ବକ୍ତବ୍ୟ | ବଖାଣି |
| ୧୨୬ | ବଞ୍ଚ | ଠକିବା | ବଞ୍ଚୟତି | ବଞ୍ଚନା | ବଞ୍ଚିତ | ବଞ୍ଚକ | ବଞ୍ଚାଇବା |
| ୧୨୭ | ବଦ | କହିବା | ବଦତି | ବାଦ | ଉକ୍ତ | ବଦନ | କହିଲେ |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ କୃଦନ୍ତ | ବିଶେଷଣ ଅନ୍ୟ | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| ୧୨୮ | ବନ୍ଧ | ବାନ୍ଧିବା | ବଧ୍ନାତି | ବନ୍ଧନ | ବଦ୍ଧ | ପ୍ରବନ୍ଧ | ଧରିବନ୍ଧା |
| ୧୨୯ | ବସ | ବସ | ବସତି | ପ୍ରବାସ | ଉଷିତ | ବସତି | ବସା |
| ୧୩୦ | ବହ | ଧାରଣତ ବହିବା | ବହତି | ପ୍ରବାହ | ଊଢ଼ | ବାହକ | ବହିବା ବୋହିବା |
| ୧୩୧ | ବାଧ | ବାଧ ଦେବା | ବାଧତେ | ବାଧା | ବାଧିତ | ବାଧ୍ୟ | ବାଧିବା |
| ୧୩୨ | ବିଚ | ପୃଥକ୍‌କରଣ | ବିନକ୍ତି | ବିବେକ | ବିବିକ୍ତ | ବିବେଚକ | ବିଚୁର |
| ୧୩୩ | ବିଜ | ଚଞ୍ଚଳ | ବିନକ୍ତି | ଉଦ୍‌ବେଗ | ଉଦ୍‌ବିଗ୍ନ | ଉଦ୍‌ବେଜକ | — |
| ୧୩୪ | ବିଦ | ଜାଣିବା | ବେତ୍ତି | ଆବେଦନ | ବିଦିତ | ନିବେଦନ | ଜଣାଇବା |
| ୧୩୫ | ବିଶ | ପ୍ରବେଶକରିବା | ବିଶତି | ପ୍ରବେଶ | ବିଷ୍ଟ | ପ୍ରବେଶକ | ପଇବେଶ |
| ୧୩୬ | ବୁଧ | ଜାଣିବା | ବୁଧ୍ୟତେ | ପ୍ରବୋଧନା | ବୁଦ୍ଧ | ବୋଦ୍ଧବ୍ୟ | ବୁଝିବା |
| ୧୩୭ | ବୃ | ବରଣ କରିବା | ବୃଣୋତି | ବରଣ | ପରିବୃତ | ବରେଣ୍ୟ | ବରିବା |
| ୧୩୮ | ବୃଜ | ତ୍ୟାଗ କରିବା | ବର୍ଜୟତି | ବର୍ଜନ | ବର୍ଜିତ | ଦୁର୍ବର୍ଜ୍ୟ | ବର୍ଜିବା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ କ୍ତ ପ୍ରତ୍ୟୟ | ବିଶେଷଣ ଅନ୍ୟ | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| ୧୩୯ | ବୃତ | ବିଦ୍ୟମାନ | ବର୍ତ୍ତତେ | ପରିବର୍ତ୍ତନ | ବୃତ୍ତ | ବର୍ତ୍ତମାନ | ବର୍ତ୍ତିବା |
| ୧୪୦ | ବୃଧ | ବଢ଼ିବା | ବର୍ଦ୍ଧତେ | ବର୍ଦ୍ଧନ | ବୃଦ୍ଧ | ପରିବର୍ଦ୍ଧିତ | ବଢ଼ିବା |
| ୧୪୧ | ବେଷ୍ଟ | ବେଢ଼ିବା | ବେଷ୍ଟତେ | ବେଷ୍ଟନ | ବେଷ୍ଟିତ | ସଂବେଷ୍ଟିତ | ବେଢ଼ଣି |
| ୧୪୨ | ବ୍ୟଥ | ପୀଡ଼ାଦେବା | ବ୍ୟଥତେ | ବ୍ୟଥା | ବ୍ୟଥିତ | ବ୍ୟଥାପ୍ରଦ | ବଥେଇବା |
| ୧୪୩ | ଭକ୍ଷ | ଖାଇବା | ଭକ୍ଷୟତି | ଭକ୍ଷଣ | ଭକ୍ଷିତ | ଭକ୍ଷକ | ଭକ୍ଷିବା |
| ୧୪୪ | ଭଜ | ସେବା କରିବା | ଭଜତି | ଭଜନା | ଭକ୍ତ | — | ଭଜିବା |
| ୧୪୫ | ଭଂଜ | ଭାଙ୍ଗିବା | ଭନକ୍ତି | ଭଂକ୍ତି | ଭଗ୍ନ | ଭଙ୍ଗପ୍ରବଣ | ଭଙ୍ଗା ଭାଙ୍ଗିବା |
| ୧୪୬ | ଭାଷ | କଥନ | ଭାଷତେ | ଭାଷା | ଭାଷିତ | ଭାଷୀ | ଭାଷିବା |
| ୧୪୭ | ଭାସ ପ୍ରକାଶ | ଭାସତେ | ଆଭାସ | ଉଦ୍ଭାସିତ | ଭାସିତ | ଭାସମାନ | ଭାସିବା |
| ୧୪୮ | ଭିଦ୍ | ଭେଦ କରିବା | ଭିନତ୍ତି | ଭେଦନ | ଭିନ୍ନ | ଭେଦକ | ଭେଦାଇ |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ: କ୍ତ ପ୍ରତ୍ୟୟ | ବିଶେଷଣ: ଅନ୍ୟ | ଓଡ଼ିଆ ବ୍ୟବହାର |
| --- | --- | --- | --- | --- | --- | --- | --- |
| ୧୩୯ | ଭୀ | ଭୟ କରିବା | ବିଭେତି | ଭୟ | ଭୀତ | ଭୟାଳୁ | ଭୟ |
| ୧୪୦ | ଭୂ | ସମ୍ଭାବନା ହେବା | ଭବତି | ଭାବ | ଭୂତ | ଭବିତବ୍ୟ | ହେବା |
| ୧୪୧ | ଭୂଷ | ମଣ୍ଡନ | ଭୂଷୟତି | ଭୂଷଣ | ଭୂଷିତ | — | — |
| ୧୪୨ | ଭୃ | ଭରଣ ପୋଷଣ | ଭରତି | ଭରଣ | ଭୃତ | ଭର୍ତ୍ତା | ଭରିବା |
| ୧୪୩ | ଭ୍ରମ | ଘୂରୁ, ଭ୍ରମିବା | ଭ୍ରାମ୍ୟତି | ଭ୍ରମଣ | ଭ୍ରାନ୍ତ | ଭ୍ରାମ୍ୟମାଣ | ଭ୍ରମିବା |
| ୧୪୪ | ମଣ୍ଡ | ମଣ୍ଡନ କରିବା | ମଣ୍ଡୟତି | ମଣ୍ଡନ | ମଣ୍ଡିତ | — | ମଣ୍ଡିବା |
| ୧୪୫ | ମନ୍ଥ | ଗୋଳନ କରିବା | ମନ୍ଥୟତି | ମନ୍ଥନୀ | ମନ୍ଥିତ | ଜାମନ୍ଥନୀ | ମନ୍ଥିବା |
| ୧୪୬ | ମନ | ବୋଧହେବା | ମନ୍ୟତେ | ମନନ | ମତ | ମନ୍ତବ୍ୟ | ମଣିବା |
| ୧୪୭ | ମଜ୍ଜ | ବୁଡ଼ିବା | ମଜ୍ଜତି | ମଜ୍ଜନ | ମଗ୍ନ | — | ମଜ୍ଜିବା |
| ୧୪୮ | ମା | ମାପିବା | ମାତି | ମାନ | ମିତ | ପରିମାପକ | ମପିବା |
| ୧୪୯ | ମୁଚ | ମୁକ୍ତ କରିବା | ମୁଞ୍ଚତି | ମୋଚନ | ମୁକ୍ତ | ମୋଚୟିତା | ମୁଞ୍ଚିବା |
| ୧୫୦ | ମୁଦ | ହର୍ଷ | ମୋଦତେ | ପ୍ରମୋଦ | ମୁଦିତ | ଅନୁମୋଦକ | ମୁଦିବା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ: କ୍ତ ପ୍ରତ୍ୟୟ | ବିଶେଷଣ: ଅନ୍ୟ | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| ୧୬୧ | ମୁହ | ମୋହିତ ହେବା | ମୁହ୍ୟତି | ମୋହ | ମୁଗ୍ଧ, ମୂଢ଼ | — | ମୋହିବା |
| ୧୬୨ | ମୃ | ମରଣ ହେବା | ମ୍ରିୟତେ | ମରଣ | ମୃତ | ମାରକ | ମାରିବା |
| ୧୬୩ | ଯଜ | ପୂଜା, ଯଜ୍ଞ | ଯଜତି | ଯାଗ | ଇଷ୍ଟ | ଯାଜକ | -- |
| ୧୬୪ | ଯମ | ବିଷୟରୁ ନିବୃତ୍ତି | — | ସଂଯମ | ସଂଯତ | ଯତି | — |
| ୧୬୫ | ଯା | ଗମନ କରିବା | ଯାତି | ଯାନ | ଯାତ | ଯାପକ | ଯିବା |
| ୧୬୬ | ଯାଚ | ମାଗିବା | ଯାଚତେ | ଯାଚ୍ଞା | ଯାଚିତ | ଯାଚକ | ଯାଚିବା ଓ ଅର୍ଥବିପରୀତ |
| ୧୬୭ | ଯୁଜ | ଯୋଗ କରିବା | ଯୁନକ୍ତି | ଯୋଗ | ଯୁକ୍ତ | ଯୋଜକ | ଯୋଖିବା ଯୋଡ଼ିବା |
| ୧୬୮ | ଯୁଧ | ଯୁଦ୍ଧ କରିବା | ଯୁଧ୍ୟତେ | ଯୋଧନ | ଯୁଦ୍ଧ | ଯୋଦ୍ଧା | ଯୁଝିବା |
| ୧୬୯ | ରକ୍ଷ | ରକ୍ଷା କରିବା | ରକ୍ଷତି | ରକ୍ଷଣ | ରକ୍ଷିତ | ରକ୍ଷକ | ରଖିବା |
| ୧୭୦ | ରଚ | ନିର୍ମାଣ | ରଚୟତି | ରଚନା | ରଚିତ | ରଚକ | ରଚିବା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ: କ୍ତପ୍ରତ୍ୟୟ | ବିଶେଷଣ: ଅନ୍ୟ | ଓଡ଼ିଆ ବ୍ୟବହାର |
| --- | --- | --- | --- | --- | --- | --- | --- |
| ୧୭୧ | ରଞ୍ଜ | ରଞ୍ଜିବା | ରଜ୍ୟତି | ରଞ୍ଜନ | ରକ୍ତ<br>ରକ୍ତ | ରଞ୍ଜକ | ରଞ୍ଜିବା |
| ୧୭୨ | ରଭ | ଆରମ୍ଭ | ରଭତେ | ଆରମ୍ଭ | ଆରବ୍ଧ | — | ଆରମ୍ଭିବା |
| ୧୭୩ | ରମ | କ୍ରୀଡ଼ା | ରମତେ | ରମଣ | ରତ | ରମଣୀୟ | ରମିବା |
| ୧୭୪ | ରାଜ | ଦୀପ୍ତ ହେବା | ରାଜତେ | ରାଜନ | ରାଜିତ | ସମ୍ରାଟ୍ | ବିରାଜିବା |
| ୧୭୫ | ରୁଚ | ତୃପ୍ତି | ରୋଚତେ | ରୁଚି | ରୋଚିତ | ରୋଚକ | ରୁଚିବା |
| ୧୭୬ | ରୁଜ | ରୋଗ ହେବା | ରୁଜତି | ରୋଗ | ରୁଗ୍ଣ | ରୋଗୀ | — |
| ୧୭୭ | ରୁଦ | କାନ୍ଦିବା | ରୋଦିତି | ରୋଦନ | ରୁଦିତ | ରୋରୁଦ୍ୟମାନ | ରୁଦିବା |
| ୧୭୮ | ରୁଧ | ରୁନ୍ଧିବା | ରୁଣଦ୍ଧି | ଅନୁରୋଧ | ରୁଦ୍ଧ | ବିରୋଧୀ | ରୁନ୍ଧିବା |
| ୧୭୯ | ରୁପ | ସ୍ଥାପନ | ରୂପୟତି | ଆରୋପ | ରୋପିତ | ନିରୂପକ | ନିରୂପିବା |
| ୧୮୦ | ରୁହ | ଉତ୍ପନ୍ନ | ରୋହତି | ଅବରୋହ | ଆରୂଢ଼ | ଆରୋହୀ | ରୋଇବା |
| ୧୮୧ | ଲିଖ | ଲେଖିବା | ଲିଖତି | ଲେଖନ | ଲିଖିତ | ଅଲେଖା | ଲେଖା |

Digitized by srujan ka@gmail.com

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ | | ଓଡ଼ିଆ ବ୍ୟବହାର |
|---|---|---|---|---|---|---|---|
| | | | | | ପ୍ରତ୍ୟୟ | ଅନ୍ୟ | |
| ୧୮୨ | ଲୁଭ୍ | ଲୋଭ କରିବା | ଲୁଭ୍ୟତେ | ଲୋଭ | ଲୁବ୍ଧ | ଲୋଭୀ | ଲୋଭେଇବା |
| ୧୮୩ | ଶଂସ୍ | କଥନ | ଶଂସତି | ପ୍ରଶଂସା | ଶସ୍ତ | ପ୍ରଶଂସନୀୟ | ପରଶଂସିବା |
| ୧୮୪ | ଶମ୍ | ଶାନ୍ତ ହେବା | ଶାମ୍ୟତି | ଉପଶମ | ଶାନ୍ତ | — | ଶମିବା |
| ୧୮୫ | ଶାସ୍ | ଶିକ୍ଷାଦେବା | ଶାସ୍ତି | ଶାସନ | ଶିଷ୍ଟ | ଶିଷ୍ୟ | — |
| ୧୮୬ | ଶିକ୍ଷ | ଶିକ୍ଷାଦେବା | ଶିକ୍ଷତେ | ଶିକ୍ଷା | ଶିକ୍ଷିତ | ଶିକ୍ଷକ | ଶିଖିବା |
| ୧୮୭ | ଶୀ | ଶୟନ କରିବା | ଶେତେ | ଶୟନ | ଶୟିତ | ଶଯ୍ୟା | ଶୋଇବା |
| ୧୮୮ | ଶୁଚ୍ | ଶୋକ କରିବା | ଶୋଚତେ | ଶୋକ | ଶୋଚିତ | ଶୋଚନୀୟ | ଶୋଚନା |
| ୧୮୯ | ଶୁଧ୍ | ପରିଷ୍କାର | ଶୁଧ୍ୟତି | ପରିଶୋଧ | ଶୁଦ୍ଧ | ବିଶୋଧକ | ଶୋଧିବା |
| ୧୯୦ | ଶୁଷ୍ | ଶୁଖିଯିବା | ଶୁଷ୍ୟତି | ଶୋଷଣ | ଶୁଷ୍କ | ଶୋଷକ | ଶୋଷିବା |
| ୧୯୧ | ଶ୍ରି | ଆଶ୍ରୟନେବା | ଶ୍ରୟତି | ଆଶ୍ରୟ | ଆଶ୍ରିତ | — | ଆଶ୍ରାନେବା |
| ୧୯୨ | ଶ୍ରୁ | ଶ୍ରବଣ କରିବା | ଶୃଣୋତି | ଶ୍ରବଣ | ଶ୍ରୁତ | ଶ୍ରାବ୍ୟ | ଶୁଣିବା |
| ୧୯୩ | ସଞ୍ଜ୍ | ଲାଗି ହେବା | ସଜତି | ସଙ୍ଗ | ସକ୍ତ | ନିଷଙ୍ଗ | ସଜିବା |

| ସଂଖ୍ୟା | ଧାତୁ | ଅର୍ଥ | ଲଟ୍ ରୂପ | ବିଶେଷ୍ୟ | ବିଶେଷଣ | | ଓଡ଼ିଆ |
|---|---|---|---|---|---|---|---|
| | | | | | କ୍ତ ପ୍ରତ୍ୟୟ | ଅନ୍ୟ | ବ୍ୟବହାର |
| ୧୯୩ | ସୃ | ଗମନ | ସରତି | ପ୍ରସାର | ସୃତ | ଅଗ୍ରସର | ପସରିବା |
| ୧୯୪ | ସୃଜ୍ | ନିର୍ମାଣ କରିବା | ସୃଜତି | ସର୍ଜନା | ସୃଷ୍ଟ | ସ୍ରଷ୍ଟା | ସର୍ଜିବା |
| ୧୯୬ | ସ୍ରୁ | ସ୍ରୁତ କରିବା | ସ୍ରୌତି | ସ୍ରବ | ସ୍ରୁତ | ସ୍ରାବକ | ସ୍ରବିବା |
| ୧୯୭ | ସ୍ତୃ | ବିସ୍ତାରିବା, ଆଚ୍ଛାଦନ | ସ୍ତୃଣୋତି | ବିସ୍ତାର | ବିସ୍ତୀର୍ଣ୍ଣ | ବିସ୍ତାରକ | ବିସ୍ତରିବା |
| ୧୯୮ | ସ୍ଥା | ରହିବା | ତିଷ୍ଠତି | ସ୍ଥାନ | ସ୍ଥିତ | ସ୍ଥାପକ | ଥାପିବା, ଥିବା |
| ୧୯୯ | ସ୍ପୃଶ୍ | ଛୁଇଁବା | ସ୍ପୃଶତି | ସ୍ପର୍ଶ | ସ୍ପୃଷ୍ଟ | ମେଘସ୍ପର୍ଶୀ | ପରଶିବା |
| ୨୦୦ | ସ୍ମୃ | ମନେ ରଖିବା | ସ୍ମରତି | ସ୍ମରଣ | ସ୍ମୃତ | ସ୍ମାରକ | ସୁମରିବା |
| ୨୦୧ | ସ୍ୱପ୍ | ଶୋଇବା | ସ୍ୱପିତି | ସ୍ୱପ୍ନ | ସୁପ୍ତ | — | — |
| ୨୦୨ | ହନ୍ | ବଧ କରିବା | ହନ୍ତି | ହନନ | ହତ | ଘାତକ | ହାଣିବା |
| ୨୦୩ | ହୃ | ହରଣ କରିବା | ହରତି | ହରଣ | ହୃତ | ହାରି | ହରିବା |
| ୨୦୪ | ହୃଷ୍ | ଆନନ୍ଦିତ | ହୃଷ୍ୟତି | ହର୍ଷ | ହୃଷ୍ଟ | — | — |
| ୨୦୫ | ହ୍ୱେ | ଡାକିବା | ହ୍ୱୟତି | ଆହ୍ୱାନ | ଆହୂତ | — | — |

Digitized by srujan ka@gmail.com

## —ପ୍ରଶ୍ନମାଳ—

୧. କୃତ୍ ପ୍ରତ୍ୟୟ କାହାକୁ କହନ୍ତି ବୁଝାଇ ପାଞ୍ଚଟି ପ୍ରତ୍ୟୟ କହ ।

୨. ଉପସର୍ଗକୁ ଧାତୁର କେଉଁଠାରେ ସଂଯୋଗ କରଯାଏ ? ପାଞ୍ଚଟି ଉପସର୍ଗଯୁକ୍ତ ପଦ କହ ।

୩. ଚ୍, ହ୍, ଷ୍, ଶେଷରେ ଥିଲେ 'ତ' ପ୍ରତ୍ୟୟ ବେଳେ ତାର କିପରି ପରିବର୍ତ୍ତନ ହେବ—ଉଦାହରଣ ଦେଇ କହ ।

୪. ପଦ ମଧ୍ୟରେ 'ଇ'କାରାନ୍ତ ଓ 'ଋ' ଉପାନ୍ତ୍ୟରେ ଥିବା ଧାତୁ କିପରି ଚିହ୍ନିବ ?

୫. ପଦଶେଷରେ ଗ, କ, ବ୍ଧ, ଶେଷରେ ଥିଲେ କେଉଁ ବର୍ଣ୍ଣାନ୍ତ ଧାତୁ ସ୍ଥିର କରିବ ?

୬. କୃତ୍ ପ୍ରତ୍ୟୟ ଯୋଗେ ବିଶେଷ୍ୟକୁ ବିଶେଷଣ ଓ ବିଶେଷଣକୁ ବିଶେଷ୍ୟ କରିବା ଉପାୟ କଣ ?

୭. ପରିଧାନ, ଅଭିଘାତ, ଉତ୍ପତ୍ତି, ଅବରୋଧ, ପରିଚ୍ଛନ୍ନ, ଅଭିନେତା, ପିତୃତ୍ୱ, ଅବଶେଷ, ଏ ମଧ୍ୟରେ ଥିବା ବିଶେଷ୍ୟକୁ ବିଶେଷଣ ଓ ବିଶେଷଣକୁ କୃତ୍ ପ୍ରତ୍ୟୟ-ଯୋଗେ ବିଶେଷ୍ୟରେ ପରିଣତ କର ।

୮. ଉଠିବା, ଚାହିଁବା, ଚଳାଇବା, ନେଇଯିବା, ଜଗାଇବା ହେବା, କାଢ଼ିଇବା, କାଟିବା, ଏଗୁଡ଼ିକର ମୂଳଧାତୁ କଣ ?

୯. ବାଧ, ବଚ୍, ସ୍ପୃଶ୍, ମା, ଧ୍ୟୈ, ପ୍ରଚ୍ଛ, ଗୌ, ପା, ଶୁଚ କୃତ୍ ଧାତୁ ଗୁଡ଼ିକର ଅର୍ଥ କଣ ? ଓ ଲଟ୍ ଲକାରରେ ରୂପ କିପରି ?

Digitized by srujan ka@gmail.com

## —ତଦ୍ଧିତ—

ବିଶେଷ ବିଶେଷ ଅର୍ଥରେ ଶବ୍ଦରୁ ଯେଉଁ ବିଭିନ୍ନ ପ୍ରତ୍ୟୟ ହୁଏ ତାର ନାମ ତଦ୍ଧିତ ।

ପ୍ରତ୍ୟୟ—ଅ, ଅମଟ୍, ଅୟନ, ଇକ, ଇତ, ଇନ୍, ଇମନ୍ ଇଲ, ଇଷ୍ଠ, ଈୟ, ଈୟସ୍ ଉର, ଏୟ, କ, କଳ୍ପ, ତନ, ତର, ତମ, ତସ୍, ତା, ତାୟ, ତ୍ୱ, ଦି, ଥା, ଦା, ଧା, ମ, ମତୁ, ମୟ, ଯ, ବଳ, ବତ୍, ବନ୍, ଶାନଚ୍, ସାତ୍, ତ୍ୱୀ ।

ସାଧାରଣତଃ ନିମ୍ନଲିଖିତ ଅର୍ଥରେ ପ୍ରତ୍ୟୟ ହୁଏ—ଅପତ୍ୟ, ଅସ୍ତି ଯାହାର, ଆଚରଣ, କୁଶଳ, ଜାତ, ଜୀବିକା, ଜ୍ଞାନ, ନିମିତ୍ତ, ନିବାସ, ପ୍ରୟୋଜନ, ବିକାର, ଭକ୍ତ, ଭବ, ଯୁକ୍ତ, ଯୋଗ୍ୟ, ସମ୍ବନ୍ଧ, ସ୍ୱାର୍ଥ ।

## —ଅୟନ—

ଏଥି ମଧ୍ୟରେ ଅୟନ ଇ, ଇକ, ଏୟ ପରେଥିଲେ କେତେକ ପଦ ପରେ ଯ ଥିଲେ ପଦର ପ୍ରଥମସ୍ୱରର ବୃଦ୍ଧି ହୋଇଥାଏ ।

ଯଥା:—ଶିବ + ଅ = ଶୈବ ଦଶରଥ + ଇ = ଦାଶରଥି

ଦିନ + ଇକ = ଦୈନିକ କୃତ୍ତିକା + ଏୟ = କାର୍ତ୍ତିକେୟ

ଧୀର + ଯ = ଧୈର୍ଯ୍ୟ ।

ପ୍ରତ୍ୟୟ ଆଦିରେ ସ୍ୱର କିମ୍ବା ଯ ଥିଲେ ଶବ୍ଦଶେଷରେ ଥିବା ଅ, ଆ, ଇ, ଈ, ଋ ଲୋପ ହୁଏ । ଉ, ଊ, ର ଗୁଣ ଓ ଋ ଥିଲେ 'ର' ହୁଏ, ଯଥା:—ଗଣପତି + ଅ = ଗାଣପତ୍ୟ

କୁନ୍ତୀ + ଏୟ = କୌନ୍ତେୟ, ପିତୃସ୍ୱସ + ଈୟ = ପିତୃସ୍ୱସ୍ରୀୟ, ସିନ୍ଧୁ + ଅ = ସୈନ୍ଧବ,

ତଦ୍ଧିତ ପ୍ରତ୍ୟୟ ଦୁଇଭାଗ ସ୍ୱାର୍ଥିକ ଓ ବିଭକ୍ତ୍ୟାର୍ଥିକ । ସ୍ୱାର୍ଥିକ ପ୍ରତ୍ୟୟ ଯୋଗେ ପଦ ଗଠନ କଲେ ଅର୍ଥର କିଛି ପରିବର୍ତ୍ତନ ହୁଏ

Digitized by srujan ka@gmail.com

ନାହିଁ । ଯଥା:—ମନଃ+ଅ=ମାନସ, ପୃଥୀ+କ=ପୃଥିକ ଧର୍ମ+ଇକ=ଧର୍ମିକ, ବହୁ+ଳ=ବହୁଳ, ବାଳ+ଇକ= ବାଳିକା, ସ୍ୱଧା+ଇକ=ସ୍ୱଧିକା ।

## —ତଦ୍ଧିତାର୍ଥ—

୧. ଅପତ୍ୟ—ପୁତ୍ର, ପୌତ୍ର ଓ ବଂଶଧର ଅର୍ଥରେ ଶବ୍ଦ ପରେ ତଦ୍ଧିତ ପ୍ରତ୍ୟୟ ହୋଇଥାଏ । ଯଥା:—ପୃଥା+ଅ= ପାର୍ଥ କୁରୁ+ଅ=କୌରବ, ଦଶରଥ+ଇ=ଦାଶରଥି, ସୁମିତ୍ରା+ଇ =ସୌମିତ୍ରି, ଚଣକ+ଯ=ଚାଣକ୍ୟ, ଦିତି+ଯ=ଦୈତ୍ୟ, ଗଙ୍ଗା+ଏୟ=ଗାଙ୍ଗେୟ, ରାଧା=ରାଧେୟ ମାତୃଷ୍ୱସୃ+ଇୟ= ମାତୃଷ୍ୱସ୍ରୀୟ । ରେବତୀ+ଇକ=ରୈବତିକ, ବତ୍ସ+ଅୟ =ବାତ୍ସାୟନ, ଶକଟ=ଶାକଟାୟନ

୨. ଜାତ ବା ଭବ—ଅର୍ଥରେ ପ୍ରତ୍ୟୟ—ମଥୁରାରେ ଜାତ=ମଥୁରା +ଅ=ମାଥୁର, କଳିଙ୍ଗ=କାଳିଙ୍ଗ, ସିନ୍ଧୁ=ସୈନ୍ଧବ, ଅଗ୍ନି+ଏୟ=ଆଗ୍ନେୟ । ଦ୍ୱୀପ+ଅୟନ=ଦ୍ୱୈପାୟନ ପ୍ରାକ୍+ଈନ=ପ୍ରାଚୀନ, ଅର୍ବାକ୍=ଅର୍ବାଚୀନ

୩. ଭକ୍ତ—ଗଣପତିଙ୍କ ଭକ୍ତ—ଗଣପତି+ଯ=ଗାଣପତ୍ୟ, ଶକ୍ତି+ ଅ=ଶାକ୍ତ, ବିଷ୍ଣୁ=ବୈଷ୍ଣବ ।

୪. ଶୀଳ—ତପଃ ଶୀଳ ଯାହାର ତପସ୍+ଅ=ତାପସ, ଚୁର=ଚୌର ।

୫. ବିକାର—ତିଳ—ତୈଳ, ପୟସ୍—ପାୟସ, ଗୋ—ଗବ୍ୟ ମୃତ୍ ବିକାର ମୃତ୍+ମୟ=ମୃନ୍ମୟ ।

Digitized by srujan ka@gmail.com

୬. ହିତ—ସର୍ବଜନ+ଈନ=ସାର୍ବଜନୀନ, ବିଶ୍ୱଜନ=ବିଶ୍ୱଜନୀନ

୭. ସମ୍ବନ୍ଧ—ପିତୃସମ୍ବନ୍ଧ=ପୈତୃକ, ଶାସ୍ତ୍ର=ଶାସ୍ତ୍ରୀୟ, ପରଲୋକ= ପାରଲୌକିକ, ସୂର=ସୌର, ଉପାୟ—ଔପାୟିକ, ବର୍ଷ=ବାର୍ଷିକ, ଧନ=ଧୌନିକ, ତତ୍=ତଦୀୟ, ଅସ୍ମଦ୍= ମଦୀୟ, ଯୁଷ୍ମଦ୍=ତ୍ୱଦୀୟ, ଯୁଷ୍ମଦ୍=ଯୁଷ୍ମଦୀୟ

୮. ଭାବ—ଶୀତଳଭାବ, ଶୀତ+ଯ=ଶୈତ୍ୟ, କର୍କଶ=କାର୍କଶ୍ୟ ସୁଜନ=ସୌଜନ୍ୟ, ପ୍ରଭୁ=ପ୍ରଭୁତ୍ୱ, ଶୂର=ଶୂରତା, ଶୂରତ୍ୱ, ଶୌର୍ଯ୍ୟ, ବୀର=ବୀରତା, ବୀରତ୍ୱ, ବୀର୍ଯ୍ୟ, ରକ୍ତ=ରକ୍ତିମା, ଗୁରୁ=ଗରିମା ଋଜୁ=ଆର୍ଜବ,

୯. କର୍ମ—ଦୂତର କର୍ମ=ଦୌତ୍ୟ, ସାରଥି=ସାରଥ୍ୟ, ବଣିକ୍—ବାଣିଜ୍ୟ, ଶିକ୍ଷକ=ଶିକ୍ଷକତା । ବ୍ରାହ୍ମଣ=ବ୍ରାହ୍ମଣ୍ୟ ଭାବ ଓ କର୍ମ ଅର୍ଥରେ, ଯେଉଁ ଶବ୍ଦ ଗଠିତ ହେବ ସେସବୁ ବିଶେଷ୍ୟ । ସାଧାରଣରେ ଅ, ତ୍ୱ, ତା, ଯ, ଇମ, ପ୍ରତ୍ୟୟ ହିଁ ଏଠାରେ ହୁଏ ।

କୃତ୍ ପରି ତଦ୍ଧିତରେ ମଧ୍ୟ ପଦାଂଶଟିରୁ ପ୍ରତ୍ୟୟ ବାଦ ଦେବ । ପ୍ରତ୍ୟୟ ପୂର୍ବରେ 'ୟ' ଥିଲେ 'ଇ', ବ ଥିଲେ ଉ କରି ପୂର୍ବ ବର୍ଣ୍ଣରେ ଯୋଗକର ।

ପଦର ପ୍ରଥମ ସ୍ୱର ଆ, ଐ, ଔ, ଆର୍ ଥିଲେ ଯଥାକ୍ରମେ ଅ, ଇ, ଉ, ଋ, କରିବ, ପ୍ରକୃତ ସିଦ୍ଧ ହେବ । ଯଥା ବାସବୀୟ ଶେଷରୁ ଈୟ ବାଦଦେବ 'ବ' କୁ ଉ କରି ପ୍ରଥମ ସ୍ୱର ଆକୁ ଅ କଲେ ବସୁ+ଈୟ ହେଲା । ସେହିପରି ବୈମାତେୟ ବିମାତୃ+ଏୟ ସୁଜନ+ଯ=ସୌଜନ୍ୟ

Digitized by srujan ka@gmail.com

ନିମ୍ନ ଲିଖିତ କେତୋଟି ପ୍ରତ୍ୟୟ ଭିନ୍ନ ଭିନ୍ନ ଅର୍ଥରେ ହୁଏ, ସେ ଗୁଡ଼ିକରେ ଶବ୍ଦ ପ୍ରତ୍ୟୟ ବା ତଦ୍ଧିତ ପଦ ଗଠିତ ହୋଇଥାଏ ।

୧. ଇମନ୍—ବିଶେଷଣକୁ ଭାବାର୍ଥରେ ଏହି ପ୍ରତ୍ୟୟ ହୁଏ ମହତ୍=ମହିମା । ନୀଳ+ଇମ=ନୀଳିମା ଦୀର୍ଘ+ଇମ=ଦ୍ରାଘିମା, ବହୁ=ଭୂମା ଗୁରୁ=ଗରିମା, ଲଘୁ=ଲଘିମା, ରକ୍ତ=ରକ୍ତିମା, ପୀତ=ପୀତିମ ଅଣୁ=ଅଣିମା, ସ୍ପଷ୍ଟ ଭାବେ 'ଅମ୍ନନ୍' ଶବ୍ଦର ରୂପ ଓଡ଼ିଆରେ ବଡ=ବଡ଼ିମା ଢୋକା=ଢୋକିମା ଢଙ୍ଗ=ଢଙ୍ଗିମା ଏ ଗୁଡ଼ିକ ବିଶେଷ୍ୟ ।

୨, ଇନ୍—'ଅଛି ଯାହାର' ଏହି ଅର୍ଥରେ ଏ ପ୍ରତ୍ୟୟ ହୋଇଥାଏ । ପୁଂ ଲିଙ୍ଗରେ ଶେଷ ନ୍ ଲୋପ ହୁଏ ଏବଂ ପୂର୍ବ 'ଇ' ଦୀର୍ଘ ହୁଏ । ଦଣ୍ଡୀ ବା ଗୁଣୀ ଶବ୍ଦ ପରି ରୂପ । ଧନ+ଇନ୍—ଧନୀ ଜ୍ଞାନ+ଇ=ଜ୍ଞାନୀ ବଳ=ବଳୀ ହସ୍ତ=ହସ୍ତୀ ପକ୍ଷ=ପକ୍ଷୀ ଏ ପ୍ରତ୍ୟୟାନ୍ତ ପଦ ବିଶେଷଣ ।

ପଦ ଶେଷରେ ସ୍ କିମ୍ବା ଅ ଥିଲେ ଇ ପୂର୍ବରେ ବ୍ ଆଗମ ହୁଏ । ମେଧା—ମେଧାବୀ ମାୟାବୀ, ମନସ୍ୱୀ, ଯଶସ୍ୱୀ, ତପସ୍ୱୀ,

୩. ମତୁ ଓ ବତୁ—ପୂର୍ବୋକ୍ତ ଅର୍ଥରେ ହିଁ ଏହି ଦୁଇ ପ୍ରତ୍ୟୟ ହୁଏ । ଏହି ପ୍ରତ୍ୟୟ ଶବ୍ଦରେ ଯୁକ୍ତ ହେଲେ ବତୁର ବାନ୍ ମତୁର ମାନ୍ ହୁଏ । ସ୍ତ୍ରୀଲିଙ୍ଗରେ ବତୀ ମତୀ ହୁଏ । ଯେଉଁ ଶବ୍ଦ ଶେଷରେ ଅ, ଆ କିମ୍ବା ବ୍ୟଞ୍ଜନ ଥାଏ ତହିଁରୁ ବତୁ ହୁଏ । ଧନବାନ୍, ଗୁଣବାନ୍, ବିଦ୍ୟାବାନ୍, କ୍ଷମାବାନ୍, ଭାସ୍ୱାନ୍,

Digitized by srujan ka@gmail.com

ମରୁତ୍ୱାନ୍, ବିଦ୍ୟୁତ୍ୱାନ୍, ଉଦନ୍ୱାନ୍ ଉପାନ୍ତ୍ୟରେ ମ ଥିବା ଶବ୍ଦରୁ ମତ୍—ଲକ୍ଷ୍ମୀବାନ୍ ।

ଅ ଭିନ୍ନ ଅନ୍ୟ ସ୍ୱର ଓ ବ ଶେଷରେ ଥିଲେ ମତ୍ ହୁଏ । ଦ୍ୟୁତିମାନ୍, ବୁଦ୍ଧିମାନ୍, ହନୁମାନ୍, ଅଂଶୁମାନ୍, ଶ୍ରୀମାନ୍ ଧୀମାନ୍, ଆୟୁଷ୍ମାନ୍, ଚକ୍ଷୁଷ୍ମାନ୍, ଏସବୁ ବିଶେଷଣ ।

୪. ତରପ୍ ତମପ୍—ଦୁଇମଧ୍ୟରୁ ଏକରୁ ଉତ୍କର୍ଷ ବା ଅପକର୍ଷ ବୁଝାଇଲେ ତର ଓ ବହୁମଧ୍ୟରୁ ଏକର ଉତ୍କର୍ଷ ବା ଅପକର୍ଷ ବୁଝାଇଲେ ତମ ପ୍ରତ୍ୟୟ ହୁଏ । ଏତଦର୍ଥକ ପ୍ରତ୍ୟୟଗୁଡ଼ାକ-ଦ୍ୱାରା ବିଶେଷଣରୁ ବିଶେଷଣ ଗଢ଼ା ହୁଏ । ଏଣୁ ଇଂଲିଶରେ ବିଶେଷଣର ଡିଗ୍ରୀ ରୂପେ ଗ୍ରହଣ କରନ୍ତି ।

ବୁଦ୍ଧିମାନ୍ = ବୁଦ୍ଧିମତ୍ତର, ବୁଦ୍ଧିମତ୍ତମ,
ବୃଦ୍ଧ = ବୃଦ୍ଧତର, ବୃଦ୍ଧତମ
ପଟୁ = ପଟୁତର, ପଟୁତମ ।
ଗୁରୁ = ଗୁରୁତର, ଗୁରୁତମ ।

୫. ଈୟସ୍, ଇଷ୍ଠ, ପୂର୍ବୋକ୍ତ ଅର୍ଥରେ ଅତିଶାୟନରେ ଏହି ପ୍ରତ୍ୟୟ ଦୁଇଟି ହୁଏ । ଈୟସ୍ ପ୍ରତ୍ୟୟରୁ ପୁଲିଙ୍ଗରେ ଈୟାନ୍ ସ୍ତ୍ରୀଲିଙ୍ଗରେ ଈୟସୀ ହୁଏ । 'ଇଷ୍ଠ' ଅକାରାନ୍ତ ହୋଇଥାଏ ।

ଏ ପ୍ରତ୍ୟୟ ପରେ ଥିଲେ ଅନେକ ଶବ୍ଦର ବିଲକ୍ଷଣ ପରିବର୍ତ୍ତନ ହୋଇଥାଏ । ନିମ୍ନରେ ତାର ତାଲିକା ପ୍ରଦତ୍ତ ହେଲା ।

| ଶବ୍ଦ | ଈୟସ୍ | ଇଷ୍ଠ |
|---|---|---|
| ଗୁରୁ | ଗରୀୟାନ୍ | ଗରିଷ୍ଠ |

Digitized by srujan ka@gmail.com

| ଶବ୍ଦ | ଈୟସ୍ | ଇଷ୍ଠ |
|---|---|---|
| ଲଘୁ | ଲଘୀୟାନ୍ | ଲଘିଷ୍ଠ |
| ମୃଦୁ | ମ୍ରଦୀୟାନ୍ | ମ୍ରଦିଷ୍ଠ |
| ପୃଥୁ | ପ୍ରଥୀୟାନ୍ | ପ୍ରଥିଷ୍ଠ |
| କ୍ଷୁଦ୍ର | କ୍ଷୋଦୀୟାନ୍ | କ୍ଷୋଦିଷ୍ଠ |
| ଦୃଢ | ଦ୍ରଢୀୟାନ୍ | ଦ୍ରଢିଷ୍ଠ |
| ପଟୁ | ପଟୀୟାନ୍ | ପଟିଷ୍ଠ |
| ବଳ | ବଳୀୟାନ୍ | ବଳିଷ୍ଠ |
| ବହୁ | ଭୂୟାନ୍ | ଭୂୟିଷ୍ଠ |
| ଦୂର | ଦବୀୟାନ୍ | ଦବିଷ୍ଠ |
| ପ୍ରିୟ | ପ୍ରେୟାନ୍ | ପ୍ରେଷ୍ଠ |
| ବୃଦ୍ଧ | ବର୍ଷୀୟାନ | ବର୍ଷିଷ୍ଠ |
| | ଜ୍ୟାୟାନ୍ | ଜ୍ୟେଷ୍ଠ |
| ପ୍ରଶସ୍ୟ | ଶ୍ରେୟାନ୍ | ଶ୍ରେଷ୍ଠ |
| | ଜ୍ୟାୟାନ୍ | ଜ୍ୟେଷ୍ଠ |
| ଯୁବା | ଯବୀୟାନ୍ | ଯବିଷ୍ଠ |
| | କନୀୟାନ୍ | କନିଷ୍ଠ |
| ଅଳ୍ପ | ଅଳ୍ପୀୟାନ୍ | ଅଳ୍ପିଷ୍ଠ |
| | କନୀୟାନ୍ | କନିଷ୍ଠ |
| ସ୍ଥୂଳ | ସ୍ଥବୀୟାନ୍ | ସ୍ଥବିଷ୍ଠ |
| ଅନ୍ତିକ | ନେଦୀୟାନ୍ | ନେଦିଷ୍ଠ |

Digitized by srujan ka@gmail.com

୬. ଚ୍ୱୀ—"ଯାହା ପୂର୍ବେ ହୋଇନଥିଲା ବର୍ତ୍ତମାନ ହୋଇଛି" ଏହି ଅର୍ଥରେ 'ଚ୍ୱୀ' ପ୍ରତ୍ୟୟ ହୁଏ । ଏହ ପ୍ରତ୍ୟୟର ବ୍ୟବହାର ନୂତନ ଧରଣର । ସବୁ ପ୍ରତ୍ୟୟ ପଦଶେଷରେ ହୁଏ କିନ୍ତୁ ଏ ପ୍ରତ୍ୟୟଟି ଦୁଇ ପଦ ମଧ୍ୟରେ ହୁଏ । ଏହି ପ୍ରତ୍ୟୟର ଚିହ୍ନ କେବଳ ଦୀର୍ଘ 'ଈ' । ବିଶେଷଣ ଶେଷରେ ଥିବା ଅ, ଆ, ଇ, ଈ, ଲୋପ ହୁଏ, ଦୀର୍ଘ 'ଈ' ଯୋଗ କରାଯାଏ । ତାପରେ ଭୂ; କିମ୍ବା କୃ ଧାତୁ ନିଷ୍ପନ୍ନ କୃଦନ୍ତ ଶବ୍ଦର ଯୋଗ ହୁଏ । ଯଥା:—

ଯାହା ପୂର୍ବେ ଭୂତ ନଥିଲା ବର୍ତ୍ତମାନ ଭୂତ ହୋଇଛି=ଭୂତୀଭୂତ । ସେପରି—ଚୂର୍ଣ୍ଣୀଭୂତ, ସ୍ୱୀକୃତ, ସ୍ୱୀକାର, ଅଙ୍ଗୀକାର, ମଙ୍ଗୀଭୂତ, କୃତ, ଭୂତଭୂତ, ଉପାକୃତ ।

ପୂର୍ବ ପଦ ଶେଷରେ 'ଉ' ଥିଲେ 'ଈ' ଲୋପ ହୁଏ 'ଉ' ର ଦୀର୍ଘ ହୁଏ । ଲଘୂକରଣ ସାଧୂକୃତ ।

ଥରେ ତଦ୍ଧିତ ପ୍ରତ୍ୟୟ ହୋଇଥିଲେ ମଧ୍ୟ ଅନ୍ୟ ଅର୍ଥରେ ଆଉ ଗୋଟିଏ ତଦ୍ଧିତ ପ୍ରତ୍ୟୟ ହୋଇପାରେ । ଦୟାଳୁତା, ବଳିଷ୍ଠ, ତନୟତ୍ୟ, ହୃଦୟବତ୍ତା, ବୁଦ୍ଧିମତ୍ତ୍ୱ, ଶକ୍ତିମତ୍ତର । ଗୋଟିଏ ପଦରେ ଏକାର୍ଥକ ଦୁଇଟି ପ୍ରତ୍ୟୟ ହେବା ଦୋଷାବହ ଯଥା:—ଶୌର୍ଯ୍ୟତା, ଧନୀବାନ୍, ଏପରିପଦ ଦୋଷଯୁକ୍ତ, 'ଦାରିଦ୍ର୍ୟତା' ପଦର ବ୍ୟବହାର ମହାକବି ପ୍ରୟୋଗ ହେତୁ ଏ ପର୍ଯ୍ୟନ୍ତ ଚଳି ଆସୁଅଛି ।

ପୂର୍ବୋକ୍ତ ସଂସ୍କୃତ ପ୍ରତ୍ୟୟାନ୍ତ ପଦର ବ୍ୟବହାର ଓଡ଼ିଆରେ ଥିଲେ ମଧ୍ୟ ତାର ଅନୁକରଣରେ ଆଉ କେତେ ପ୍ରତ୍ୟୟ ଗ୍ରାମ୍ୟ ପଦରେ ବ୍ୟବହୃତ ହେବା ଦେଖାଯାଏ ।

Digitized by srujan ka@gmail.com

ଯଥା:—ଆ, ଅକ, ଅଦ, ଅଳ, ଅଲ, ଇ, ଇଆ, ଇଆର, ଈ, ଉଆ, ଉଆଳ, ଉରି, ଉରିଆ, ଉଲି, ଏଟ, ଏଲୁ, ଏଳି, ଓଇ, କୁଲ, କାର, ଖୋର, ଗର, ଗିର, ଟା, ଟି, ଟିଆ, ତା, ଦାର, ପଣ, ପଣିଆ, ପିଲ୍ଲା, ରା, ବନ୍ତ, ମନ୍ତ, ଯାଳ, ବେ, ହେଁ ଇତ୍ୟାଦି

ଓଡ଼ିଆର ଏହି ପ୍ରତ୍ୟୟ ବ୍ୟବହାର ଦୁର୍ବୋଧ୍ୟ, କାରଣ ପଦର ବା ପ୍ରତ୍ୟୟର କିଛି ପରିବର୍ତ୍ତନ ନାହିଁ । ପଦଶେଷରୁ ଏହି ପ୍ରତ୍ୟୟ ବାଦ ଦେଲେ ଶବ୍ଦ ସହଜରେ ଧରା ପଡ଼ିବ । କେବଳ ବିଶିଷ୍ଟ ବିଶିଷ୍ଟ ଅର୍ଥରେ ବିଶେଷ୍ୟ ଓ ବିଶେଷଣରୁ ଏ ଗୁଡ଼ିକ ହୋଇ ଥିବାରୁ କେତୋଟି ଅର୍ଥ ଜାଣିଲେ ହେଲା ।

ଯଥା:—ସ୍ୱାର୍ଥରେ—ସ୍ୱାମୀ, ସାଧୁଆ, ଲେଞ୍ଜିଆ, ଟାଣୁଆ, ଦାଢ଼ୁଆ, ବାଙ୍କଡ଼ା, ଡାକରା, ଇତ୍ୟାଦି ।

୨. ବୃତ୍ତି ବା ବ୍ୟବସାୟ ଅର୍ଥରେ—ମାଟିଆ, ମୂଲିଆ, ଶଂଖାରି ଜଗୁଆଳ, କଂସାରି, ଗୁଣ୍ଡିକାର, ଦୋକାନୀ, ନାଟୁଆ, ନାଉରିଆ, ପଢ଼ୁଆ, କାଗଜର, କାରିକର, ସେବାଏତ ।

୩. ଭାବାର୍ଥରେ—ଚୋରି, ଚାହାଣିଆ, ଖରାଦିନିଆ, ବଡ଼ପଣ, ଭଲପଣ, ବଲାପଣ, କଷେଇ, ଚାକରିଆ, ସୁନ୍ଦରପଣିଆ, ।

୪. ସମ୍ବନ୍ଧାର୍ଥରେ—ବଇତାଳ, ମାଙ୍କିଅ, ଶୀତଦିନିଆ, ଲୁଣିଆ, ଅନ୍ଧାରୁଆ, ବାଟୋଇ, ଘରୋଇ, ଖରଟିଆ, ପିଲ୍ଲାଣ୍ଡିଆ ।

୫. ଅସ୍ତି ଅର୍ଥରେ—ଗୁଣ୍ଡିଆ, ଦାଢ଼ିଆ, ମନୁଆ, ବଳିଆର, ଦାଗୀ, ହାଡ଼ୁଆ, ଫାଟୁଆ, ଦାନ୍ତୁରା, ଗୁଣବନ୍ତ, ବୁଦ୍ଧିବନ୍ତ,

Digitized by srujan ka@gmail.com

୬. କାରିଗର, ସୌଦାଗର, ସୁବାଦାର, ମାମଲାବାଜ, ନିଶାଖୋର, ଈଟପିଟ୍ଟ, ଛାପାଖାନା, ଖଣ୍ଡାୟତ, ବାବୁଗିରି, ପାନବୋଲା, ନ୍ଧ, ଏହି ପଦମାନଙ୍କରେ ଥିବା ପ୍ରତ୍ୟୟ ଗୁଡିକ ବୈଦେଶିକ ପ୍ରତ୍ୟୟରୁ ଆସିଛି, ଓଡ଼ିଆରେ ବିଭିନ୍ନ ଅର୍ଥରେ କିଛି କିଛି ବ୍ୟବହୃତ ହୋଇ ଆଧୁନିକ ସାହିତ୍ୟର ଶ୍ରୀ ବୃଦ୍ଧି କରୁଅଛି ଇଂରେଜୀରେ ମଧ୍ୟ er, est, ness, ପ୍ରଭୃତି ପ୍ରତ୍ୟୟ ଯୋଗେ କ୍ରିୟା ଓ ଶବ୍ଦରୁ ବିଶେଷ୍ୟ ବିଶେଷଣ ଗଢ଼ାଯାଏ ସଂସ୍କୃତ —ତରତମ ପରି ଇଂରେଜୀରେ comparative, superlative Degree ଦ୍ୱାରା ବିଶେଷଣରୁ ବିଶେଷଣ ଗଠନ କରାଯାଏ ।

ସଂସ୍କୃତର ପ୍ରକୃତିକୁ ଇଂରେଜୀରେ Root କହନ୍ତି । ଇଂରେଜୀରେ Root ସଙ୍ଗେ ପ୍ରତ୍ୟୟର ବ୍ୟବହାରକୁ ତିନି ପ୍ରକାର ବିଭାଗ କରନ୍ତି ୧. Suffixe—ପ୍ରକୃତି ଶେଷରେ ବ୍ୟବହାର ହୁଏ Riseing, Worker, kindenes, ଇତ୍ୟାଦି ।

ସଂସ୍କୃତ ଓ ଓଡ଼ିଆରେ କୃତ୍ ତଦ୍ଧିତ ପ୍ରତ୍ୟୟ ଗୁଡ଼ିକ ଯାର ସମାନ

୨. Prefixe—ପ୍ରକୃତି ପୂର୍ବରେ ବ୍ୟବହୃତ ହୁଏ Re—right Grand—father, Non—Brahmin.

ସଂସ୍କୃତ ଓଡ଼ିଆ—ନଞ୍ଜ୍ ତତ୍ପୁରୁଷ, ଉପସର୍ଗ, ଓ ଉପପଦ ଏହି ସ୍ଥାନୀୟ ।

୩. Infixe—ପ୍ରକୃତି ମଧ୍ୟରେ (ଅର୍ଥାତ୍ ଦୁଇ ପଦର ମିଳନରେ ଗୋଟିଏ ପ୍ରକୃତି ହୁଏ) ପ୍ରତ୍ୟୟର ବ୍ୟବହାର ଥାଏ ।

Digitized by srujan ka@gmail.com

Father—in—law, Brother—in—law.
ସଂସ୍କୃତରେ ତଦ୍ଧିତ 'ଜ୍ୱୀ' ପ୍ରତ୍ୟୟରେ ଅବିକଳ ଏହିି ବ୍ୟବହାର ଦେଖାଯାଏ। ଦ୍ୱିତୀୟତଃ, ଅଙ୍ଗାଳିକରଣ ମଧ୍ୟରେ 'ଈ'।

—o—

—ପ୍ରଶ୍ନ—

୧. କୃତ୍ ଓ ତଦ୍ଧିତ କାହାକୁ କହନ୍ତି ?
୨. ଗୁଣବୃଦ୍ଧି କହିଲେ କଣ ବୁଝିବ ?
୩. କି କି ଅର୍ଥରେ ତଦ୍ଧିତ ପ୍ରତ୍ୟୟ ହୁଏ। [ତିନୋଟିର ଉଦାହରଣ ଦିଅ।
୪. 'ତ' ପ୍ରତ୍ୟୟ କାହାର ସ୍ଥଳେ 'ନ' ହୁଏ ?
୫. 'ତ' ପ୍ରତ୍ୟୟ ପରେ ଥିଲେ ଧାତୁଶେଷ 'ହ' ର କି କି ପରିବର୍ତ୍ତନ ହୋଇଥାଏ ?
୬. କି ଚିହ୍ନ ଦେଖିଲେ ପ୍ରକୃତି ଶେଷରେ 'ଋ' ଥିବାର ଜାଣିବ ?
୭. ପ୍ରକୃତି ପ୍ରତ୍ୟୟ ଭେଦକରଣ ପାଇଁ ଉପାୟ କଣ ? ଗୋଟିଏ ପଦ ଉଦାହରଣ ଦେଇ ବୁଝାଅ।
୮. ପ୍ରକୃତିକୁ ଇଂରାଜୀରେ କଣ କହନ୍ତି ?
୯. କୃଦନ୍ତର ଶବ୍ଦ,ତଦ୍ଧିତର ତରତମକୁ ଇଂରାଜୀରେ କଣ କହନ୍ତି ? ପ୍ରତ୍ୟୟ ଯୋଗେ ପଦଗଠନରେ ଇଂରାଜୀ,ଓଡ଼ିଆ ଓ ସଂସ୍କୃତ ମଧ୍ୟରେ ଥିବା ସାମଞ୍ଜସ୍ୟ ଦେଖାଅ।

—o—

## ସ୍ତ୍ରୀ ପ୍ରତ୍ୟୟ

ପୁଂଲିଙ୍ଗାନ୍ତ ପଦକୁ ସ୍ତ୍ରୀଲିଙ୍ଗରେ ପରିଣତ କରିବା ପାଇଁ ସାଧାରଣତଃ ତିନୋଟି ଉପାୟ ଅବଲମ୍ବନ କରାଯାଏ। (୧)

Digitized by srujan ka@gmail.com

ପ୍ରତ୍ୟୟ ଦ୍ୱାରା (୨) ଅନ୍ୟପଦ ସାହାଯ୍ୟରେ [୩] ଭିନ୍ନ ପଦ ଦ୍ୱାରା ।

ସ୍ତ୍ରୀପ୍ରତ୍ୟୟର ଚିହ୍ନରୂପେ ଆ, ଈ, ଅନୀ, ଓଡ଼ିଆରେ ଅ, ଣୀ, ଅଣୀ, ଉଣୀ ର ବ୍ୟବହାର ଦେଖାଯାଏ ।

(୨) ପ୍ରତ୍ୟୟଦ୍ୱାରା

ଆ—ପ୍ରତ୍ୟୟ ।

୧ ସଂସ୍କୃତ ନିୟମ ଅନୁସାରେ କେତେ ଗୁଡ଼ାଏ 'ଅ' କାରାନ୍ତ ବିଶେଷ୍ୟ ଓ ବିଶେଷଣର 'ଆ' ହୁଏ, ଅଜ—ଅଜା, କୋକିଳ—କୋକିଳା, ବତ୍ସ—ବତ୍ସା, ମୂଷିକ—ମୂଷିକା, ଚଟକ—ଚଟକା, ଶୂଦ୍ର—ଶୂଦ୍ରା, କ୍ଷତ୍ରିୟା, ଦୁର୍ବଳ, ଚଞ୍ଚଳ, ଧୀରା, କୃଶା, ନିର୍ଗୁଣା, ଦୁଷ୍ଟା, ପ୍ରବୀଣା, ବୃଦ୍ଧା, ଜ୍ୟେଷ୍ଠା, କନିଷ୍ଠା, ବୈଶ୍ୟା, ମହାଶୟା, ସଭ୍ୟା, ମୁଖରା, ଭଦ୍ରା, ସୁଭଗା, ସରଳା, କୁଟିଳା ।

୨ ତଦ୍ଧିତ—ଈନ, ଈୟ, ତର, ତମ, ସ୍ୱାର୍ଥ 'କ' କୃତ୍—ଅକ, ଅନ, ଅନୀୟ, ମାନ, ତ, ତବ୍ୟ, ଯ ପ୍ରତ୍ୟୟାନ୍ତ ବିଶେଷଣ ଗୁଡ଼ିକରୁ ଆ ହୁଏ—ପ୍ରାଚୀନ—ପ୍ରାଚୀନା, ନବୀନା, ମଦୀୟା, ପରକୀୟା, ଦୃଢ଼ତରା, ଶୀତତମା, ପ୍ରିୟତମା, ଯୂଥିକା, ବୁତିକା ଲତିକା, କୃତ୍—ପ୍ରସ୍ତାବନା, ବନ୍ଦାପନା, ଆରାଧନା, ମାନନୀୟା ଗଣନୀୟା, ବର୍ଦ୍ଧମାନା, ଦଣ୍ଡାୟମାନା, ପରିଣତା, ଶ୍ରାନ୍ତା, ହୃଷ୍ଟା, ସୃଷ୍ଟା, ମୋହିତା, ମୁଦିତା, କ୍ଷୁବ୍ଧା, ଗନ୍ତବ୍ୟା, ଦେୟା, ପେୟା ।

ମାତ୍ର—ଅକ ପ୍ରତ୍ୟୟର ଇକ ହୁଏ । କାରକ—କାରିକା, ନାୟିକା, ଗାୟିକା, ପାଠିକା, ବାଳିକା, କିନ୍ତୁ—ନର୍ତ୍ତକ ନର୍ତ୍ତକୀ, ରଜକୀ ଏଥିରୁ ଭିନ୍ନ ।

Digitized by srujan ka@gmail.com

୩ ଅଙ୍ଗବାଚକ ପଦ ପୃଷ୍ଠରେ 'ଆ' ହୁଏ । ମୃଗନୟନା, ଚନ୍ଦ୍ରବଦନା, ସୁକେଶା, ଚତୁର୍ଭୁଜା, ସୂର୍ପଣଖା, ମାତ୍ର—ଅଙ୍ଗ, କେଶ, ଉଦର, ଅଧର, ଦନ୍ତ, କଣ୍ଠ, ଶେଷରେ ଥିଲେ 'ଆ' ଓ 'ଈ' ହୁଏ ।

କୃଶାଙ୍ଗା—କୃଶାଙ୍ଗୀ, ସୁକେଶା—ସୁକେଶୀ, କୃଶୋଦରା—କୃଶୋଦରୀ ।

## ଈ ପ୍ରତ୍ୟୟ

୧ ସୁନ୍ଦର, କିଶୋର ପ୍ରଭୃତି ବୟୋବାଚକ ବିଶେଷଣରେ 'ଈ' ହୁଏ । ସୁନ୍ଦରୀ, କିଶୋରୀ, ଗୌରୀ, କୁମାରୀ, ତରୁଣୀ, ନଟୀ, ତଟୀ, ସ୍ଥଳୀ ।

୨ ଅପତ୍ୟ ବା ସମ୍ବନ୍ଧସୂଚକ ଅଣାନ୍ତ ପଦ, ନର, କର ଶେଷରେ ଥିଲେ ଈ ହୁଏ ଦ୍ରୌପଦୀ, ଗୌରୀ, ବ୍ରାହ୍ମୀ, ବାରୁଣୀ, ବାସନ୍ତୀ, ବୈଷ୍ଣବୀ, ମଧୁମୟୀ, ମୃଣ୍ମୟୀ, ଖେଚରୀ ନିଶାଚରୀ, କିଂକରୀ, ଅର୍ଥକରୀ, ଶଙ୍କରୀ ।

୩ ଇନ୍, ବିନ୍, ଅତୁ, ବତୁ, ମତୁ, ଦୃଶ୍, ଈୟସ୍ ଇଳ, ଇକ ପ୍ରତ୍ୟୟାନ୍ତ ପଦର 'ଈ' ହୁଏ । ଶେଷରେ ନାମ ଥିଲେ ନାମ୍ନୀ ହୁଏ । କରିନ୍—କରିଣୀ, ମାଳିନୀ, ଶ୍ରେଣିନୀ, ମେଧାବିନୀ, ଯଶସ୍ୱିନୀ, ଧନବାନ୍—ଧନବତୀ, ବୁଦ୍ଧିମାନ—ବୁଦ୍ଧିମତୀ, ବୃହତୀ, ଗଚ୍ଛନ୍—ଗଚ୍ଛନ୍ତୀ, ପଠନ୍ତୀ, ସଦୃଶୀ, ମାଦୃଶୀ, ଗରୀୟାନ୍—ଗରୀୟସୀ, ଶ୍ରେୟସୀ, ମହୀୟସୀ, ଭୂୟସୀ ବିଦ୍ୱସ୍—ବିଦୁଷୀ, ଶକୁନ୍ତଳାନାମ୍ନୀ, ସୁନାମ୍ନୀ ଓଡ଼ିଆରେ—ବନ୍ତ, ମନ୍ତ ପ୍ରତ୍ୟୟର ସ୍ତ୍ରୀଲିଙ୍ଗରେ ବନ୍ତୀ, ମନ୍ତୀ ହୁଏ । ଗୁଣବନ୍ତ—ଗୁଣବନ୍ତୀ, ଯଶୋବନ୍ତୀ, ଶ୍ରୀମନ୍ତୀ ।

Digitized by srujan ka@gmail.com

୪ 'ପତି' ଶବ୍ଦର ସ୍ତ୍ରୀ ଲିଙ୍ଗରେ ପତ୍ନୀ ହୁଏ, ମାତ୍ର ବୈବାହିକ ସମ୍ବନ୍ଧରେ ହିଁ ଏହି ପ୍ରତ୍ୟୟ ହୁଏ, ଅନ୍ୟତ୍ର ସ୍ତ୍ରୀଲିଙ୍ଗ ବାଚକ ପଦ ପୂର୍ବରେ ଯୋଗ କରାଯାଏ । ଯଥା:—ସଭାପତି ନାରୀ ସଭାପତି, ବା ମହିଳା ସଭାପତି, ସେନାପତି—ମହିଳା ସେନାପତି, କେହି କେହି ସଭାପତି ର ସ୍ତ୍ରୀଲିଙ୍ଗରେ ସଭା-ନେତ୍ରୀ କହନ୍ତି ତାହା ସମୀଚୀନ ନୁହେ । ନେତାରୁ ନେତ୍ରୀ ହେବ, ପତିରୁ ନୁହେ ।

୫ 'ତୃ' କାରାନ୍ତ ଶବ୍ଦର 'ତ୍ରୀ' ହୁଏ । କର୍ତ୍ତୃ (କର୍ତ୍ତା)=କର୍ତ୍ତ୍ରୀ, ଦାତା=ଦାତ୍ରୀ, ନେତା—ନେତ୍ରୀ,ଉପଦେଷ୍ଟା=ଉପଦେଷ୍ଟ୍ରୀ

୬ ଗୁଣ ବାଚକ 'ଉ' କାରାନ୍ତ ଶବ୍ଦର ପକ୍ଷେ ଉ ହୁଏ ଅଉ ପକ୍ଷେ ବୀ ହୁଏ । ଯଥା:—ମୃଦୁ—ମୃଦ୍ୱୀ, ସାଧୁ—ସାଧ୍ୱୀ—ସାଧୁ ।

—ଆନୀ—

୭ ଭବ, ଶର୍ବ, ରୁଦ୍ର, ଇନ୍ଦ୍ର, ମୃଡ, ମାତୁଳ, ଏପଦମାନଙ୍କରୁ ଆନୀ ହୁଏ । ଭବାନୀ, ଶର୍ବାଣୀ, ରୁଦ୍ରାଣୀ, ଇନ୍ଦ୍ରାଣୀ, ମୃଡାନୀ ମାତୁଳାନୀ, ସଂସ୍କୃତରେ କେତେ ପଦର ଆଣୀ ହୋଇଅଛି । ତାର ଅନୁକରଣରେ ଓଡ଼ିଆରେ ଆଣୀ ପ୍ରତ୍ୟୟ ହୁଏ ।

—ଅଣୀ—

୧ ଜାତିବାଚକ, ବ୍ୟବସାୟବାଚକ, ବା କୌଣସି ଲୋକର ଦେଶ ପରିଚୟ ଜ୍ଞାପକ ଶବ୍ଦରେ ସାଧାରଣତଃ 'ଅଣୀ' ପ୍ରତ୍ୟୟ ହୁଏ । ଗୁଡ଼ିଅଣୀ, କାଉରାଣୀ, ଦୂଳିଅଣି, ଚଷ୍ଟିମାଣୀ

—ଉଣୀ—

୨ ଗଉଡ଼—ଗଉଡୁଣୀ, କୁମ୍ଭାରୁଣୀ, ଚମାରୁଣୀ, ସଉର—ସଉରୁଣୀ, ଭଣ୍ଡାରୁଣୀ, ଶବରୁଣୀ, ପାଣ—ପାଣୁଣୀ,ତେଲୁଣୀ,

Digitized by srujan ka@gmail.com

—ଇଅଣୀ—

୩ ପଣ୍ଡା—ପଣ୍ଡିଅଣୀ, ଚରଣ—ଚରଣିଅଣୀ, ଘାସିଅଣୀ,

—ଅ ଈ—

୪ ଅବସ୍ଥାବାଚକ ବିଶେଷଣ ଜନ୍ତୁ ଓ ପକ୍ଷୀ ବାଚକ କେତେକ ଶବ୍ଦରୁ 'ଈ' ପ୍ରତ୍ୟୟ ହୁଏ । ଛେଳ—ଛେଳୀ, ଡେଙ୍ଗା—ଡେଙ୍ଗୀ, ଦାନ୍ତୁରୀ, ମୁହୁରୀ, ଲଣ୍ଡୀ, କାଣୀ, ବ୍ୟାଘ୍ର—ବ୍ୟାଘ୍ରୀ, ମୟୂରୀ, ବକୀ, ଚାଘୁଣ୍ଡୀ, ବଗୁଲୀ, ମୃଗୁଣୀ, ନାଗୁଣୀ. ଚକୋର—ଚକୋରୀ, ଚକୁଅ—ଚକୋଇ, ଡୋଡୀ, ବେଙ୍ଗୁଲି, ହାଉଡ଼ି, ଇତ୍ୟାଦି ।

୨ ଅନ୍ୟପଦ ସାହାଯ୍ୟରେ

୧ ତତ୍ସମ ପଦ ମଧ୍ୟରେ ଲିଙ୍ଗବୋଧକ ପଦ ଯୋଗେ ବ୍ୟବହାର ଅଳ୍ପ ଦେଖାଯାଏ । ପୁରୁଷ ସନ୍ତାନ, ସ୍ତ୍ରୀ ସନ୍ତାନ, ଅଣ୍ଡିରା ପିଲା—ମାଈପିଲା, ପୁଂ ପୁଷ୍ପ, ସ୍ତ୍ରୀ ପୁଷ୍ପ ।

୨ ତଦ୍‌ଭବ ମଧ୍ୟରେ ଜନ୍ତୁ ଓ ପକ୍ଷୀବାଚକ ବହୁତ ପଦ ଲିଙ୍ଗ-ବୋଧକ ପଦଦ୍ୱାରା ଚିହ୍ନିତ ହୁଅନ୍ତି । ଅଣ୍ଡିରାଗଛ—ମାଈ ଗଛ, ଅଣ୍ଡିରାଛେଳି—ମାଈଛେଳି, ବାଛୁରି, ବିଲାଡ଼ି, ମୂଷା, ଗଧ, ଭାଲୁ, ଏଣ୍ଡୁଅ, ମାଛ, ପାରା, କୁକୁଡ଼ା, ଇତ୍ୟାଦି ।

୨ କେତେକ ପାରିବାରିକ ଶବ୍ଦ ସ୍ତ୍ରୀଲିଙ୍ଗରେ ଭିନ୍ନ ରୂପ ଧାରଣ କରେ ।

| | | | |
|---|---|---|---|
| ପୁରୁଷ—ସ୍ତ୍ରୀ | ପୁ—ସ୍ତ୍ରୀ | — | ପତ୍ନୀ ଅର୍ଥକ. |
| ପିତା—ମାତା | ପୁଅ—ଝିଅ | — | ବୋହୂ |
| ଅଣ୍ଡିରା—ମାଈ | ପୁତ୍ର—କନ୍ୟା | — | ବଧୂ |
| ମଣିଷ—ମାଇପ | ଭାଇ—ଭଉଣୀ | — | ଭାଉଜ, |
| ବାପା—ମା | ଦାଦା—ପିଉସୀ | — | ଖୁଡ଼ି |

Digitized by srujan ka@gmail.com

ଦାଣ୍ଡରଇ—ପିଙ୍ଗଳୀ— ଟେଟଠଇ

ମାମୁଁ—ମାଉସୀ—ମାଇଁ

୨ କେତେ ସ୍ଥଳରେ ଜନ୍ତୁର ନାମ ଏପରି ଭିନ୍ନ ଆକାରରେ ଲିଙ୍ଗ ପରିବର୍ତ୍ତିତ ହୋଇଥାଏ ।

ବଳଦ,ଷଣ୍ଢ— ଗାଈ

ଘୋଡ଼ୁଟ— ମଇଁଷୀ

କୁକୁର— କୁତୀ,

ଇଂରାଜୀରେ ମଧ୍ୟ ଏପରି ତିନି ପ୍ରକାରେ ସ୍ତ୍ରୀଲିଙ୍ଗାନ୍ତ ପଦ ଗଠନ କରାଯାଏ ।

୧ ପ୍ରତ୍ୟୟ ଦ୍ୱାରା—ess ଯୋଗେ ସ୍ତ୍ରୀଲିଙ୍ଗ ହୁଏ. Actor—Actress, Lion—Lioness.Master—Mistress Prince—Princess.

୨ ଲିଙ୍ଗବୋଧକ ପଦଦ୍ୱାରା—He—goat, She—goat, Sarvent, M aid—servent,

୩ ଭିନ୍ନପଦଦ୍ୱାରା— Boy—Girl, Bull—Cow, Father—Mother, Son—Daghter,

—ପ୍ରଶ୍ନ—

୧ କେଉଁ କେଉଁ ପ୍ରତ୍ୟୟ ଦ୍ୱାରା ସ୍ତ୍ରୀଲିଙ୍ଗର ପଦବାଚ୍ୟ ମିଳେ ?

୨ ପଦକୁ ସ୍ତ୍ରୀଲିଙ୍ଗରେ ପରିଣତ କରିବାପାଇଁ କି କି ନିୟମ ପ୍ରୟୋଜ୍ୟ ?

୩ 'ଈ'କାରାନ୍ତ ସ୍ତ୍ରୀଲିଙ୍ଗ ଶବ୍ଦର ଚାରିଗୋଟି ପଦର ଉଦାହରଣ ଦିଅ ।

୪ 'ଅନୀ' ପ୍ରତ୍ୟୟ ବ୍ୟବହାର କରି ଛଅଗୋଟି ପଦ ଲେଖ ।

୫ 'ଇ' କାରାନ୍ତ ଶବ୍ଦର ସ୍ତ୍ରୀଲିଙ୍ଗରେ ରୂପ କିପରି ?

Digitized by srujan ka@gmail.com

୬ 'ପତି' ଶବ୍ଦକୁ ସ୍ତ୍ରୀଲିଙ୍ଗରେ ବ୍ୟବହାର କଲେ କେଉଁ କେଉଁ ପଦ ହୁଏ ?

୭ ଅନୀ ଓ ଇଣୀ ପ୍ରତ୍ୟୟ କେଉଁ ଶବ୍ଦରୁ ହୁଏ ?

୮ ଭିନ୍ନ ପଦରେ ଓ ଅନ୍ୟ ପଦସାହାଯ୍ୟରେ କିପରି ସ୍ତ୍ରୀଲିଙ୍ଗ ପଦ ବ୍ୟବହାର କରାଯାଏ ? ଓଡ଼ିଆ ଓ ଇଂରାଜୀରୁ କେତେଟି ପଦର ଉଦାହରଣ ଦିଅ ।

—୦—

ସଂସ୍କୃତରେ ବୈକୃତିକ ଧାତୁ ଚାରି ପ୍ରକାର, ଣିଜନ୍ତ, ସନନ୍ତ, ଯଙନ୍ତ ଓ ନାମ ଧାତୁ । ଏ ଗୁଡ଼ିକ କ୍ରିୟାର ଆକାରରେ ବ୍ୟବହୃତ ହୁଅନ୍ତି ଏବଂ କୃତ୍ ପ୍ରତ୍ୟୟ ଯୋଗେ ଏ ଗୁଡ଼ିକରୁ ପଦ ମଧ୍ୟ ନିଷ୍ପନ୍ନ ହୁଏ ।

ଓଡ଼ିଆରେ କେବଳ—ପ୍ରଯୋଜକ ଓ ନାମ ଧାତୁର ହିଁ ଏ କ୍ରିୟାରେ ବ୍ୟବହାର ଦେଖାଯାଏ । ତେଣୁ କ୍ରିୟା ପ୍ରକରଣରେ ସେ ଦୁଇଟିର ବିଷୟ କୁହାଯାଇଛି । ଅପର ଦୁଇଟିର କୃଦନ୍ତ ପଦ ମାତ୍ର ଓଡ଼ିଆରେ ଦୃଷ୍ଟ ହୁଏ । ଏଣୁ ଏଠାରେ ସେ ଦୁଇଟିର ସଂସ୍କୃତ ଧାତୁ ଓ ପଦ ଦର୍ଶାଇ ଦିଆଗଲା ।

—ସନନ୍ତ—

ଇଚ୍ଛା ଅର୍ଥରେ ଧାତୁ ଶେଷରେ ସନ୍ ପ୍ରତ୍ୟୟ ଯୋଗକରି ଧାତୁ ଗଢ଼ିବାକୁ ହୁଏ । (କ୍ଵଚ) ଧାତୁର ପ୍ରଥମ ବର୍ଣ୍ଣର ଦ୍ଵିତ୍ଵ ହୁଏ ଅ ପ୍ରତ୍ୟୟ ଯୋଗେ ବିଶେଷ୍ୟ ଗଠନ କରାଯାଏ ତାହା ସର୍ବଦା ସ୍ତ୍ରୀଲିଙ୍ଗ ଆକାରାନ୍ତ ହୁଏ, ଉ—ପ୍ରତ୍ୟୟଯୋଗେ ବିଶେଷଣ ଗଠିତ ହୁଏ, ଯଥା:—ପଠିତୁମ୍ ଇଚ୍ଛତି=ପିପଠିଷତି ପଠିତୁମ୍ ଇଚ୍ଛା= ପିପଠିଷା, ପଠିତୁମ୍ ଇଚ୍ଛୁଃ—ପିପଠିଷୁଃ । ମୋର ପିପଠିଷା ବଳ-

Digitized by srujan ka@gmail.com

ବଡ଼ର ଧା ମୁଁ ବର୍ତ୍ତମାନ ପିପଠିଷୁ, ଓଡ଼ିଆରେ ଏପରି ବ୍ୟବହାର ଦେଖାଯାଏ । ନିମ୍ନରେ କେବଳ ଧାତୁରୂପ ଦର୍ଶାଇ ଦିଆଗଲା । ମୁନବିକ୍ଷୁ ଥିବାବେଳେ ବିଶେଷ୍ୟ ବିଶେଷଣ ଗଠନ କରାଯିବ ।

—୦—

—ଯଙନ୍ତ—

ଅତିଶଯ୍ୟ ବା ପୁନଃ ପୁନ ଅର୍ଥରେ ଧାତୁ ଶେଷରେ 'ଯ' ଯୋଗେ ଧାତୁ ଗଠନ କରାଯାଏ । ଏହି ଧାତୁରୁ ଅଧିକାଂଶ ଶାନଚ୍ ପ୍ରତ୍ୟୟର ବ୍ୟବହାର ଦେଖାଯାଏ । ଦେଦୀପ୍ୟମାନ, ଜାଜ୍ୱଲ୍ୟମାନ,

କେତେକ ସ୍ଥଳରେ ଯଙ୍ ପ୍ରତ୍ୟୟ ହେଲା ପରେ 'ଯ' ର ଲୋପ ହୋଇଥାଏ 'ଅ' ପ୍ରତ୍ୟୟ ଯୋଗେ ପଦ ଗଠନ କରାଯାଏ । ଚଞ୍ଚଳ, ଜଙ୍ଗମ ।

ଏହି ପ୍ରତ୍ୟୟ ସାଧାରଣତଃ ଏକସ୍ୱରବିଶିଷ୍ଟ ବ୍ୟଞ୍ଜନାଦି ଧାତୁର ହୋଇଥାଏ । ଧାତୁର ପ୍ରଥମ ଅକ୍ଷର (ସ୍ୱର ସହିତ) ର ଦ୍ୱିତ୍ୱ ହୁଏ ଦ୍ୱିତ୍ୱର ପ୍ରଥମ ଅଂଶକୁ ଅଭ୍ୟାସ କହନ୍ତି । ଅଭ୍ୟାସରେ 'ଅ' ର ଆ ହୁଏ 'ଇ' ର ଏ ହୁଏ 'ଉ' ର 'ଓ' ହୁଏ ।

—୦—

—ନାମଧାତୁ—

ଆଚରଣ ଅର୍ଥରେ ଶବ୍ଦଶେଷରେ 'ଯ' ଯୋଗେ ଧାତୁ ଗଠନ କରାଯାଏ । ଏହି ଧାତୁରୁ ମଧ୍ୟ ଶତୃ, ଶାନଚ୍ ପ୍ରତ୍ୟୟ ଯୋଗେ ପଦ ଗଠନ କରାଯାଏ । ଯଥା:—ଦଣ୍ଡଇବ ଆଚରତି— ଦଣ୍ଡାୟତେ, ଦଣ୍ଡାୟତେ ଯଃ ସ ଦଣ୍ଡାୟମାନ, ପୁତ୍ରଂ ଇଚ୍ଛତି ପୁତ୍ରୀୟତି ପୁତ୍ରୀୟନ୍

Digitized by srujan ka@gmail.com

ଅପର ପୃଷ୍ଠାରେ କେତେ ଗୁଡ଼ ପ୍ରକାର ଧାତୁର ଗୋଟିଏ ତାଲିକା ପ୍ରଦତ୍ତ ହୋଇଛି । ତହିଁରୁ ଆବଶ୍ୟକମତେ ପଦ ଗଠନ କରାଯାଇ ପାରେ ।

—o—

| ଧାତୁ | ଣିଚ୍ | ସନ୍ | ଯଙ୍ | ଶବ୍ଦ | ନାମଧାତୁ |
|---|---|---|---|---|---|
| ଅଦ | ଆଦୟତି | ଜିଘତ୍ସତି | — | ଯଶ | ଯଶସ୍ୟତି |
| ଅସ୍ | ଭାବୟତି | ବୁଭୂଷତି | — | | ଯଶସ୍କାମ୍ୟତି |
| ଅଟ | ଆଟୟତି | ଅଟିଟିଷତି | — | ବସ୍ତୁ | ବସ୍ତୂୟତି |
| ଅମ | ଅମୟତି | — | — | | |
| ଇ | ଗମୟତି | ଜିଗମିଷତି | — | ପୁତ୍ର | ପୁତ୍ରୀୟତି |
| ଅଧିଇ | ଅଧ୍ୟାପୟତି | ଅଧିଜିଗାଂସତେ | — | — | ପୁତ୍ରକାମ୍ୟତି |
| ଇଷ | ଏଷୟତେ | ଏଷିଷତି | — | ଅଶନ | ଅଶନାୟତି |
| ଋ | ଅର୍ପୟତି | — | — | ଉଦକ | ଉଦନ୍ୟତି |
| କୃ | କାରୟତି | ଚିକୀର୍ଷତି | ଚେକ୍ରୀୟତେ | ଧନ | ଧନାୟତି |
| କ୍ରୀ | କ୍ରାପୟତି | ଚିକ୍ରୀଷତି | — | ପିତା | ଇବାଚରତି |
| ଗମ | ଗମୟତି | ଜିଗମିଷତି | ଜଂଗମ୍ୟତେ | ପିତୃ | ପିତ୍ରୀୟତେ |
| ଗୈ | ଗାପୟତି | ଜିଗାସତି | — | ପୁତ୍ର | ପୁତ୍ରାୟତି |
| ଗ୍ରହ | ଗ୍ରାହୟତି | ଜିଘୃକ୍ଷତି | ଜରୀଗୃହ୍ୟତେ | ଶ୍ୟେନ | ଶ୍ୟେନାୟତେ |
| ଘଟ | ଘଟୟତି | — | — | ସ୍ରଜା | ସ୍ରଜୟତି |
| | | | | | ସ୍ରଜୟତେ |
| ଘ୍ରା | ଘ୍ରାପୟତି | ଜିଘ୍ରାସତି | ଜେଘ୍ରୀୟତେ | | |
| | | | | ଧୂମନ | ଧୂମନାୟତେ |
| ଚଳ | ଚାଳୟତି | | ଚଞ୍ଚଲ୍ୟତେ | ପଣ୍ଡିତ | ପଣ୍ଡିତାୟତେ |

Digitized by srujan ka@gmail.com

| ଧାତୁ | ଣିଚ୍ | ସନ୍ | ଯଙ୍ | ଶବ୍ଦ | ନାମଧାତୁ |
|---|---|---|---|---|---|
| ଚି | ଚାୟୟତି<br>ଚାପୟତି | ଚିକୀଷତି<br>ଚିଚୀଷତି | ଚେଚୀୟତେ<br>— | ପୃଥୁ<br>ମୃଦୁ | ପ୍ରଥୟତି<br>ମ୍ରଦୟତି |
| ଛିଦ୍ | ଛେଦୟତି | ଚିଚ୍ଛିତ୍ସତି | — | ଦୃଢ | ଦ୍ରଢୟତି |
| ଜନ୍ | ଜନୟତି | — | — | ବାଷ୍ପ | ବାଷ୍ପାୟତେ |
| | | | | ଊଷ୍ମ | ଊଷ୍ମାୟତେ |
| ଜାଗୃ | ଜାଗରୟତି | | | ଭାବ | ଭାବାୟତେ |
| ଜି | ଜାପୟତି | ଜିଗୀଷତି | ଜେଜୀୟତେ | ଶବ୍ଦ | ଶବ୍ଦାୟତେ |
| | | | | ସୁଦନ | ସୁଦନାୟତେ |
| ଜ୍ଞା | ଜ୍ଞାପୟତେ | ଜିଜ୍ଞାସତେ | — | ସୁଖ | ସୁଖାୟତେ |
| | | | | ଦୁଃଖ | ଦୁଃଖାୟତେ |
| ତୃ | ତାରୟତି | ତିତୀର୍ଷତି | | | |
| ତ୍ୟଜ୍ | ତ୍ୟାଜୟତି | ତିତ୍ୟକ୍ଷତି | | | |
| ଦା | ଦାପୟତି | ଦିତ୍ସତି | ଦେଦୀୟତେ | | |
| ଦୃଶ | ଦର୍ଶୟତି | ଦିଦୃକ୍ଷତେ | ଦରୀଦୃଶ୍ୟତେ | | |
| ଧ୍ୟୈ | ଧ୍ୟାପୟତି | — | — | | |
| ନମ୍ | ନମୟତି<br>ନାମୟତି | ନିନଂସତି | ନଂନମ୍ୟତେ | | |
| ନଶ୍ | ନାଶୟତି | ନିନଶିଷତି<br>ନିନଂକ୍ଷତି | | | |
| ନୀ | ନାୟୟତି | ନିନୀଷତି | ନେନୀୟତେ | | |
| ନୃତ୍ | ନର୍ତ୍ତୟତି | ନିନର୍ତ୍ତିଷତି<br>ନିନୃତ୍ସତି | ନରୀନୃତ୍ୟତେ | | |

Digitized by srujan ka@gmail.com

| ଧାତୁ | ଣିଚ୍ | ସନ୍ | ଯଙ୍ | ଶଧ | ନାମଧାତୁ |
|---|---|---|---|---|---|
| ପଚ୍ | ପାଚୟତି | ପିପକ୍ଷତି | ପାପଚ୍ୟତେ | | |
| ପଠ୍ | ପାଠୟତି | ପିପଠିଷତି | ପାପଠ୍ୟତେ | | |
| ପଦ | ପାଦୟତି | ପିତ୍ସତି | ପନୀପଦ୍ୟତି | | |
| ପା | ପାୟୟତି } | ପିପାସତି | ପେପୀୟତେ | | |
| ” | ପାଲୟତି } | — | | | |
| ପ୍ରଚ୍ଛ | ପ୍ରଚ୍ଛୟତି | ପିପୃଷତି | | | |
| ପ୍ରୀ | ପ୍ରୀଣୟତି | | | | |
| ବଦ୍ | ବେଦୟତି | ବିବିଦିଷତି | | | |
| ବିଶ | ବେଶୟତି | ବିବିକ୍ଷତି | ବେବିଶ୍ୟତେ | | |
| ଭିଦ | ଭେଦୟତି | ବିଭିତ୍ସତି | ବେଭିଦ୍ୟତେ | | |
| ଭୀ | ଭୀଷୟତେ } | ବିଭୀଷତି | | | |
| | ଭାପୟତେ } | | | | |
| | ଭାୟୟତି } | | | | |
| ଭୁଜ | ଭୋଜୟତେ | ବୁଭୁକ୍ଷତେ | ବୋଭୁଜ୍ୟତେ | | |
| ଭୂ | ଭାବୟତି | ବୁଭୂଷତି | ବୋଭୂୟତେ | | |
| ମୁଚ | ମୋଚୟତି | ମୁମୁକ୍ଷତି | ମୋମୁଚ୍ୟତେ | | |
| ମୃ | ମାରୟତି | ମୁମୂର୍ଷତି | | | |
| ଯା | ଯାପୟତି | ଯିଯାସତି | | | |
| ରଞ୍ଜ୍ | ରଞ୍ଜୟତି | ରିରକ୍ଷତି | | | |
| ରଭ୍ | ରମ୍ଭୟତି | ରିପ୍ସତେ | | | |
| ରମ୍ | ରମୟତେ | ରିରଂସତେ | ରଂରମ୍ୟତେ | | |
| ରୁଦ୍ | ରୋଦୟତି | ରୁରୁଦିଷତି | ରୋରୁଦ୍ୟତେ | | |
| ଲଭ | ଲମ୍ଭୟତି | ଲିପ୍ସତେ | | | |

Digitized by srujan ka@gmail.com

| ଧାତୁ | ଣିଚ୍ | ସନ୍ | ଯଙ୍ | ଶବ୍ଦ | ନାମଧାତୁ |
|---|---|---|---|---|---|
| ଲଭ | ଲେଭୟତେ | ଲିପ୍ସତି | ଲାଲଭ୍ୟତେ | | |
| ବଦ୍ | ବାଦୟତି | ବିବଦିଷତି | ବାବଦ୍ୟତେ | | |
| ବୃତ୍ | ବର୍ତ୍ତୟତେ | ବିବର୍ତ୍ତିଷତେ<br>ବିବୃତ୍ସତେ | ବରୀବୃତ୍ୟତେ | | |
| ବ୍ୟଥ | ବ୍ୟଥୟତି | | | | |
| ବ୍ରୂ | ବଚ୍ | ବାଚୟତି | ବିବକ୍ଷତି | | |
| ଶମ୍ | ଶମୟତି | — | ଶଂଶମ୍ୟତେ | | |
| ଶୀ | ଶାୟୟତି | ଶିଶୟିଷତେ | ଶାଶଯ୍ୟତେ | | |
| ଶ୍ରୁ | ଶ୍ରାବୟତି | ଶୁଶ୍ରୂଷତେ | | | |
| ସିଚ | ସେଚୟତି | ସିସିକ୍ଷତି | ସେସିଚ୍ୟତେ | | |
| ସିଧ | ସେଧୟତି<br>ସାଧୟତି | ସିସିତ୍ସତି | ସେଷିଧ୍ୟତେ | | |
| ସ୍ରୁ | ସ୍ରାବୟତି | ସୁସ୍ରୂଷତି | ସୋସ୍ରୂୟତେ | | |
| ସ୍ଥା | ସ୍ଥାପୟତି | ତିଷ୍ଠାସତି | ତେଷ୍ଠୀୟତେ | | |
| ସ୍ନା | ସ୍ନାପୟତି | | | | |
| ସ୍ମୃ | ସ୍ମାରୟତି | ସୁସ୍ମୂର୍ଷତେ | | | |
| ସ୍ୱପ୍ | ସ୍ୱାପୟତି | ସୁଷୁପ୍ସତି | | | |
| ହନ୍ | ଘାତୟତି | ଜିଘାଂସତି | ଜଙ୍ଘନ୍ୟତେ<br>ଜେଘ୍ନୀୟତେ | | |
| ହା | ହାପୟତି | ଜିହାସତି | | | |
| ହୃ | ହାରୟତି | ଜିହୀର୍ଷତି | | | |
| ହ୍ୱେ | ହ୍ୱାୟୟତି | | | | |

Digitized by srujan ka@gmail.com

## ବାକ୍ୟ—ବିଶ୍ଳେଷଣ   Analysis

କେତେଗୁଡ଼ିଏ ପଦ କ୍ରମାନୁସାରେ ସଜାଇଲେ ମନୋଗତ ଭାବ ପ୍ରକାଶ ପାଏ । ସେହି ସଜ୍ଜିତ ପଦ ସମୂହକୁ ବାକ୍ୟ କହନ୍ତି । ବାକ୍ୟ ମଧ୍ୟରେ କର୍ତ୍ତା ଓ କ୍ରିୟା ପ୍ରଧାନ । ରେଳଗାଡ଼ି ବା ଗୁଡ୍‌ସ୍-ଟ୍ରେନ୍‌ରେ ଯେପରି ଇଞ୍ଜିନ ଓ ଗାର୍ଡ଼ର ପ୍ରାଧାନ୍ୟ ଥାଏ ଗାଡ଼ିର ଯେପରି ଇଞ୍ଜିନ ଚାଳକ ଉପରେ ପ୍ରଭାବ ବେଶି । କର୍ତ୍ତୃ ବାଚ୍ୟରେ କର୍ତ୍ତା କର୍ମବାଚ୍ୟରେ କର୍ମ ଉପରେ କ୍ରିୟାର ପ୍ରଭାବ ମଧ୍ୟ ତଦ୍ରୂପ । ଏଣୁ କର୍ତ୍ତାକୁ ପ୍ରଥମେ କ୍ରିୟାକୁ ଶେଷରେ ରଖି ଅନ୍ୟ ପଦଗୁଡ଼ିକୁ ଆବଶ୍ୟକମତେ ଶୃଙ୍ଖଳିତ କରିବାକୁ ହୁଏ । ଆଜି କାଲି ଇଂରାଜି ଅନୁକରଣରେ କେତେକେତେ ବାକ୍ୟରେ କର୍ତ୍ତା ପରେ କ୍ରିୟା ରଖି ପରେ ଅନ୍ୟପଦ ଯୋଜନା କରିବା ଦେଖାଯାଏ । ମନୋଭାବର ଅଭିବ୍ୟକ୍ତ ଓ ଭାଷାର ପରିପାଟୀ ପାଇଁ ନାନାବିଧ ବାକ୍ୟ ଗଠନ କରାଯାଏ । ଗୋଟିଏ ମାତ୍ର ଭାବକୁ ବିଭିନ୍ନ ବାକ୍ୟରେ ପ୍ରକାଶ କରାଯାଇପାରେ ।

ଲୋକେ ଗୁଣୀ ବ୍ୟକ୍ତିଙ୍କୁ ଆଦର କରନ୍ତି, ଲିଙ୍ଗ ବୟସ ଦେଖନ୍ତି ନାହିଁ । ଗୁଣ ପୂଜାର ସ୍ଥାନ, ଲିଙ୍ଗ ବୟସ ନୁହେଁ ।

ଗୁଣବଳରୁ ଲୋକ ପୂଜା ପାଏ । ଆକୃତି ବା ବୟସରୁ ନୁହେଁ ।

କୁରୂପ ହେଉ, କି ସ୍ତ୍ରୀ ହେଉ, ବାଳକ ହେଉ କି ବୃଦ୍ଧ ହେଉ ଗୁଣ ଥିଲେ ପୂଜା ପାଇବ ।

ସର୍ବତ୍ର ଗୁଣରହିଁ ଆଦର ଦେଖାଯାଏ । ଇତ୍ୟାଦି

ବାକ୍ୟ ସାଧାରଣତଃ ତିନିପ୍ରକାର, ସରଳ, ଜଟିଳ ଓ ଯୌଗିକ । ସରଳବାକ୍ୟରେ ଗୋଟିଏ କର୍ତ୍ତା ଓ ଗୋଟିଏ ସମାପିକା କ୍ରିୟା ଥାଏ । ଯଥା—ମହାତ୍ମା ଗାନ୍ଧୀ ଶାନ୍ତିବଳରେ ଦେଶ ଜୟ କଲେ ।

Digitized by srujan ka@gmail.com

ଜଟିଳବାକ୍ୟରେ ଏକାଧିକ କ୍ରିୟା ଓ ଏକାଧିକ କର୍ତ୍ତା ଥାଏ । ମାତ୍ର ଗୋଟିଏ ବାକ୍ୟ ଅନ୍ୟବାକ୍ୟର କ୍ରିୟା ବା କର୍ମକୁ ସମ୍ବନ୍ଧ କରେ । ଯଥା—ମୁଁ ଜାଣୁଛି, ହରି କାଲିକୁ ଫେରିବ । ଏଠାରେ ଦ୍ୱିତୀୟ ବାକ୍ୟଟି ପ୍ରଥମ ବାକ୍ୟର କର୍ମ । ଚନ୍ଦ୍ରଶେଖର ବିଲକ୍ଷଣ ମେଧାବୀ, ଏହା କାହାର ଅବିଦିତ ନୁହେଁ । ଏଠାରେ ପ୍ରଥମ ବାକ୍ୟଟି ଦ୍ୱିତୀୟ ବାକ୍ୟର କର୍ତ୍ତା ।

ଦୁଇଟି ବାକ୍ୟ ସଂଯୋଜକ ବା ବିଯୋଜକ ଅବ୍ୟୟଯୋଗେ ଏକ ହେଲେ ଯୌଗିକ କୁହାଯାଏ । ରାମଚନ୍ଦ୍ର ରାବଣକୁ ମାରିଲେ ଏବଂ ବିଭୀଷଣକୁ ରାଜା କଲେ ।

ସମ୍ବର୍ଦ୍ଧନ—ବିଭିନ୍ନ କାରକ ଓ ବିଶେଷଣ ଯୋଗେ ଛୋଟ ଛୋଟ ବାକ୍ୟର ପରିବର୍ଦ୍ଧନ କରାଯାଏ । ଯଥା—ନଦୀ ବଢ଼ି ଅଛି, ଏ ଛୋଟ ଖଣ୍ଡକୁ ଅବଶ୍ୟକୀୟ କାରକ ନେଇ ପ୍ରଶ୍ନର ସମାଧାନରେ "ପୂର୍ବ ମୁଣ୍ଡରେ ବର୍ଷା ହେବାରୁ ଅନେକ ଉପନଦୀ ନାଳଯୁକ୍ତା ନଦୀ, ଶତଶତ ସ୍ରୋତରେ ବଢ଼ି ଅଛି" ଏପରି ବଢ଼ାଇ ଦିଆ ଯାଇପାରେ ।

ବାକ୍ୟସଂକୋଚନ— କୃତ୍, ତଦ୍ଧିତ ଓ ସମାସ ଯୋଗେ ବଡ଼ ବଡ଼ ବାକ୍ୟ ସଂକୁଚିତ କରାଯାଏ ଯଥା—

୧. ଯେଉଁମାନେ ସବୁବେଳେ ସମ୍ବାଦ ପତ୍ର ପଢ଼ନ୍ତି, ସେମାନେ ଦେଶରେ ଚାଲୁଥିବା ସମସ୍ତ ବିଷୟ ଜାଣିପାରନ୍ତି ।

ସଂ—ସମ୍ବାଦପତ୍ର ପାଠକମାନେ ଦେଶପ୍ରଚଳିତ ବିଷୟରେ ଅଭିଜ୍ଞ

୨. ପାଣ୍ଡୁପୁତ୍ରମାନେ ସବୁକାଳେ କୁରୁପୁତ୍ରମାନଙ୍କୁ ଜିଣୁଥିଲେ । ପାଣ୍ଡବମାନେ ସର୍ବଦା କୌରବମାନଙ୍କ ଜେତା ।

୩. ଯେଉଁ ବ୍ୟକ୍ତି ରୋଗରେ ପୀଡ଼ିତ ତାହାର ଭୋଜନ ଇଚ୍ଛା ରହେ ନାହିଁ, ରୋଗୀର ବୁଭୁକ୍ଷା ନ ଥାଏ ।

Digitized by srujan ka@gmail.com

୪ ଯେଉଁମାନେ ବିଦ୍ୟାର୍ଜନ ପାଇଁ ତତ୍ପର ସେମାନେ ଯାହାଙ୍କ ଉପର ଲମ୍ବ ତାଙ୍କର ପୂଜା କରନ୍ତି । "ବିଦ୍ୟାର୍ଥୀଗଣେ ଲମ୍ବୋଦରୋପାସକ" ଅନେକ ସମୟରେ କେତେତ ଗ୍ରନ୍ଥାଏ ଗୋଟି ଗୋଟି ବାକ୍ୟକୁ ଏବଂ ପଦସଂକ୍ଷେପଣ ପ୍ରକ୍ରିୟାରେ ପରିଣତ କରାଯାଏ—ଯଥା:—

ପୁରୀ ଓଡ଼ିଶାର ପ୍ରଧାନ ତୀର୍ଥ, ଏହାକୁ ଶ୍ରୀକ୍ଷେତ୍ର କହନ୍ତି ଏଠାରେ ଶ୍ରୀ ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା ହୁଏ । ଏଣୁ ଏହା ପବିତ୍ର ସ୍ଥାନ । ପୃଥିବୀର ସବୁ ଅଞ୍ଚଳରୁ ସବୁଜାତିର ଲୋକେ ଏଠାକୁ ଆସନ୍ତି । ଶ୍ରୀମୁଖ ଦର୍ଶନ ସେମାନଙ୍କର ଉଦ୍ଦେଶ୍ୟ ।

(ଏ ଗୁଡ଼ିକୁ ଏକ କଲେ)

ଓଡ଼ିଶାର ପ୍ରଧାନ ତୀର୍ଥ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା ବେଳେ ପୃଥିବୀର ସବୁ ଅଞ୍ଚଳ ସବୁଜାତିର ଲୋକେ ଶ୍ରୀମୁଖ ଦର୍ଶନ ଉଦ୍ଦେଶ୍ୟରେ ଆସନ୍ତି ।

—୦—

ଇଂରାଜରେ ବାକ୍ୟଗୁଡ଼ିକୁ ପ୍ରଧାନ ଦୁଇଭାଗରେ ବିଭକ୍ତ କରନ୍ତି । (୧) କର୍ତ୍ତା ଓ ତାର ବିଶେଷଣ (୨) ଅନ୍ୟ ସମସ୍ତ କାରକ ଓ କ୍ରିୟାବାଚକାକୁ (୧) Subjective, ଓ (୨) Pridicate କହନ୍ତି ।

—ପ୍ରଶ୍ନ—

୧ କି ଅର୍ଥରେ ବାକ୍ୟ ଗଠନ କରାଯାଏ ?

୨ କେତୋଟି ଯୌଗିକ ବାକ୍ୟ କହ ।

୩ ଗୋଟିଏ ମାତ୍ର ଭାବକୁ କିପରି ନାନାବାକ୍ୟରେ ବ୍ୟକ୍ତ କରାଯାଇ ପାରେ ?

Digitized by srujan ka@gmail.com

୪ ସରଳ ବାକ୍ୟକୁ କିପରି ଜଟିଳ କରାଯାଇ ପାରେ, ଗୋଟିଏ ଉଦାହରଣ ଦେଇ ବୁଝାଅ ।

୫ ଯୌଗିକ ବାକ୍ୟଟିଏ ଲେଖି ବର୍ଣ୍ଣନ କର ।

୬ ବଡ଼ ବଡ଼ ବାକ୍ୟକୁ କିପରି ଯୌଗିକ କରାଯାଇ ପାରେ ଗୋଟିଏ ଉଦାହରଣ ଦେଇ ବୁଝାଅ ।

## ଅନ୍ୱୟ—Parsing

ଅନ୍ୱୟ ଦୁଇ ପ୍ରକାର—(୧) ପଦ୍ୟକୁ ବା ଶ୍ଳୋକକୁ ଗଦ୍ୟାକାର କରିବା—ଇଂରେଜୀରେ ଏହାକୁ Prose—order କହନ୍ତି । (୨) ବାକ୍ୟଗତ ସମସ୍ତ ପଦର ପରସ୍ପର ବା କ୍ରିୟା ସହିତ ସମ୍ବନ୍ଧ ଏବଂ ପ୍ରତ୍ୟେକ ପଦର ପରିଷ୍କାର ପରିଚୟ ଦେବା । ଇଂରାଜୀରେ ଏହାକୁ Parsing କହନ୍ତି ।

୧ ଗଦ୍ୟାକାର—ପଦ୍ୟକୁ ଗଦ୍ୟରେ ପରିଣତ କରିବାକୁ ଗଲେ ପ୍ରଥମେ କ୍ରିୟାର ଅନୁସନ୍ଧାନ କରିବାକୁ ହେବ । ପରେ ତାର ସମ୍ପର୍କଗୁଡ଼ିକୁ ୯ରି ପ୍ରଶ୍ନ କରିନେଲେ ପ୍ରଥମେ କର୍ତ୍ତା ଆପେ ଆପେ ଧରା ପଡ଼ିବ (ଯେପରି କୁଟିଳଗାମୀ ସର୍ପର ଲାଞ୍ଜରେ ଆଘାତ କଲେ ମୁଣ୍ଡଟି ସେଠାରେ ହାଜର ହୁଏ) ପରେ କ୍ରିୟାର ସମ୍ପର୍କ ଧରି ଅନ୍ୟାନ୍ୟ କାରକଗୁଡ଼ିକୁ ଯଥାକ୍ରମେ ସଜାଇ ନେବେ । ଯଥା:—

ଗଙ୍ଗାବକ୍ଷ ଦ୍ୟୁତି ହଂସ ପନ୍ତି ପ୍ରାୟେ
ଗଙ୍ଗବଂଶ କୀର୍ତ୍ତିଗଣ
ଗଗ ସ୍ରୋତେ ପଣି ଅର୍ଣ୍ଣି ଲଭେ କୃଷ୍ଣ
ଚନ୍ଦ୍ର ପଦପଦ୍ମେ ଅଙ୍କ

Digitized by srujan ka@gmail.com

ଏହି ପଦ୍ୟରେ ସମାପିକା କ୍ରିୟା—'ଅଶ୍ରଲଭେ' ଏଠାରେ କିଏ ଅଶ୍ରଲଭେ—ଏପରି ପ୍ରଶ୍ନ କଲେ, ଉତ୍ତର—କୀର୍ତ୍ତିବର୍ଣ୍ଣ।

କାହାର କୀର୍ତ୍ତିବର୍ଣ୍ଣ ? ଉ—ଗଙ୍ଗବଂଶର
କିପରି ? ଉ— ହଂସପତ୍ର ପ୍ରାପ୍ୟେ
କେଉଁ ସ୍ଥାନରେ ସ୍ଥିତ ଉ— ଗଙ୍ଗାବକ୍ଷସ୍ଥିତ
କିପରି ଅବସ୍ଥାରେ ? ଉ— ଖର ସ୍ରୋତେ ପଡ଼ି
କେଉଁଠାରେ ଅଶ୍ରୁଲଭେ ଉ— ପାଦ ପଦ୍ମରେ
କାହାର ଉ— କୃଷ୍ଣଚନ୍ଦ୍ରଙ୍କର

ଏପରି ଷଡ଼ବିଧ ପ୍ରଶ୍ନ ଦ୍ୱାରା ସମ୍ବନ୍ଧ ସ୍ଥିର କରିପରେ ସଜାଇବାକୁ ହେବ "ଗଙ୍ଗବଂଶ କୀର୍ତ୍ତିବର୍ଣ୍ଣ ଗଙ୍ଗାବକ୍ଷସ୍ଥିତ ହଂସ-ପତ୍ର ପ୍ରାପ୍ୟେ ଖରସ୍ରୋତେ ପଡ଼ି ଅସି କୃଷ୍ଣଚନ୍ଦ୍ର ପାଦପଦ୍ମରେ ଅଶ୍ରୁ ଲଭେ"।

୨—ପଦାନ୍ୱୟ—ବାକ୍ୟରେ ଯେତେ ପଦ ଅଛି, କେଉଁଟି କି ପଦ ଓ କାହା ସହିତ କାହାର କି ସମ୍ବନ୍ଧ ଅଛି ନିରୂପଣ କରାଯିବ।
ବିଶେଷ୍ୟ— କି ବିଶେଷ୍ୟ, ଲିଙ୍ଗ, ବଚନ, ବିଭକ୍ତି, କାରକ, ସମ୍ବନ୍ଧ,

ବିଶେଷଣ— କି ବିଶେଷଣ (ଗୁଣ ସଂଖ୍ୟାଦି) କାହାର ବିଶେଷଣ ?

ସର୍ବନାମ—• କାହା ବଦଳରେ ବ୍ୟବହୃତ ଓ କି ଜାତୀୟ ?
ଅବ୍ୟୟ— କି ଜାତୀୟ, ଓ କାହା ସହିତ ସମ୍ବନ୍ଧ ରଖେ ?
କ୍ରିୟା— ସମାପିକାଦି, କାଳ, ପୁରୁଷ, ବଚନ, ସକର୍ମକ ଅକର୍ମକ କେଉଁ ବାଚ୍ୟର, କେଉଁ ଧାତୁରୁ ନିଷ୍ପନ୍ନ ?

Digitized by srujan ka@gmail.com

ଅନେକ ସମୟରେ ପଦ୍ୟ ଖଣ୍ଡେ ବା ଗଦ୍ୟରୁ ଖଣ୍ଡେ ଦେଇ ସପ୍ରସଙ୍ଗ ବ୍ୟାଖ୍ୟାନ ପାଇଁ ପ୍ରଶ୍ନ କରିଥାନ୍ତି ଯାହାକୁ ଇଂରାଜୀରେ **Explain** କହନ୍ତି ।

ପ୍ରଥମେ ଦେଖି ନେବ ଖଣ୍ଡଟି କେଉଁ ବିଷୟବସ୍ତୁ ଗୃହୀତ କ ସନ୍ଦର୍ଭ ବା ବିଷୟ ବ୍ୟକ୍ତ କରେ । ବିଷୟଟି ଯେପରି ବୁଝାଇଲେ "ନଜାଣିଥିବା ବ୍ୟକ୍ତି ବୁଝିପାରିବ" ସେଥିପ୍ରତି ଦୃଷ୍ଟି ରଖିବ । ଅଂଶଟିକୁ ପଢ଼ିଲେ ଏକ ବାକ୍ୟ କିମ୍ବା କଷ୍ଟ ପଦକୁ ଏକାଧିକ ସରଳ ବାକ୍ୟରେ ପ୍ରକାଶ କରାଯାଇ ପାରେ । ତା ପୂର୍ବ ଘଟନାର କଂଟରୁ ଆଭାସ ସଙ୍ଗେ ସ୍ୱାକ୍ଷ୍ୟ ମିଳିବ । ଐତିହାସିକ, ପୌରାଣିକ କିମ୍ବା ବୈଜ୍ଞାନିକ ଘଟଣା କିଛି ଥିଲେ ସଂକ୍ଷେପରେ ସୂଚନା ଦେବ । କଠିନ ପଦର ଟିପ୍ପଣୀ ମୂଳକ ଅର୍ଥ ଦେବ । ସମ୍ବନ୍ଧ ଶୃଙ୍ଖଳା ପ୍ରତି ବେଶି ନଜର ଥିବା ଦରକାର ।

୧ ଅନ୍ୱୟ କାହାକୁ କହନ୍ତି, କେତେ ପ୍ରକାର ?
୨ ପଦ୍ୟକୁ ଗଦ୍ୟରେ ପରିଣତ କରିବା ପ୍ରଣାଳୀ କଣ ?
୩ 'ସାଧୁ ବ୍ୟକ୍ତି ସର୍ବତ୍ର ପୂଜା ପାଏ' ପଦାନ୍ୱୟ କର ।
୪ ଗୋଟିଏ ପଦ୍ୟ ଖଣ୍ଡର ବିଶ୍ଳେଷଣ କିପରି କରିବ କହ ।

—o—

## ଅର୍ଥଭେଦ

ଅର୍ଥ ଓ ପ୍ରତିପଦ ଏକ ନୁହେଁ । 'ଅମ୍ବୁ' ର ଅର୍ଥ ପାଣି ପ୍ରତିପଦ ବାରି, ତୋୟ, ପ୍ରଭୃତି । ଅଭିଧାନମାନଙ୍କରେ ଏକ ପର୍ଯ୍ୟାୟରେ ଅନେକ ପ୍ରତିପଦ ଥିଲେ ହେଁ ସେମାନଙ୍କ ମଧ୍ୟରେ ସୂକ୍ଷ୍ମ ପ୍ରଭେଦ ନାହିଁ ବୋଲି କହିହେବ ନାହିଁ । କୌଣସି ପଦର ଅର୍ଥ ବୁଝାଇଲା ବେଳେ ଅଗତ୍ୟା କେତେକ ପ୍ରତିପଦଦ୍ୱାରା

Digitized by srujan ka@gmail.com

କହିବାକୁ ହୋଇଥାଏ । ସେମାନଙ୍କର ସୂକ୍ଷ୍ମ ଭେଦ ଜାଣି ରଖିବା ପାଇଁ ନିମ୍ନରେ କେତୋଟି ଉଦାହରଣ ଦିଆଗଲା ।

୧ ଅସ୍ତ୍ର, ଶସ୍ତ୍ର—ଯାହା ଫିଙ୍ଗା ହୋଇ ପ୍ରହାର କରେ ତାହା ଅସ୍ତ୍ର—ଅସୁକ୍ଷେପଣେ ଧାତୁରୁ ନିଷ୍ପନ୍ନ । ଶର, ବର୍ଚ୍ଛା— ପ୍ରଭୃତି । ଯାହା ହାତରୁ ଛାଡେ ନାହିଁ ତାହା ଶସ୍ତ୍ର,—ଖଡ୍ଗ, କାତି ।

୨ ଅଧିକ, ଅନେକ—ଅଧିକ ପଦଟି ସାପେକ୍ଷ । ସାତର ଅଧିକ ବହି ଅଛି—କହିଲେ ଅନ୍ୟର ଗଣା ଥିବା କଥାକୁ ଅପେକ୍ଷା କରେ । 'ଅନେକ ବହି ଅଛି' କହିଲେ କାହାରିକୁ ଅପେକ୍ଷା କରେ ନାହିଁ ।

୩ ଅର୍ଜନ, ପ୍ରାପ୍ତି—ଅର୍ଜନ ଉଦ୍ୟମ ଓ ପରିଶ୍ରମ ସୂଚନା କରେ ।

୪ ଅସମ୍ଭବ, ଅସାଧ୍ୟ—ଯାହା ଆଦୌ ହୋଇ ନ ପାରେ ଅସମ୍ଭବ । ଯାହା କରିଯାଇ ନପାରେ, ଅସାଧ୍ୟ ।

୫ ଅହଂକାର, ଅଭିମାନ—ନିଜକୁ ସର୍ବାପେକ୍ଷା ବଡ଼ ମଣିବା ଅହଂକାରରେ ଥାଏ । ଅଭିମାନରେ ଅଳ୍ପମାନ ସହି ହୁଏ ନାହିଁ ।

୬ ଅନୁରୋଧ, ଅବରୋଧ—ମାନ୍ୟ ପ୍ରତି ସାମାନ୍ୟରେ ବଳାତ୍କାର ଅନୁରୋଧ ଅଟକାଇ ରଖିବା ରୁନ୍ଧିବା—ଅବରୋଧ ।

୭. ଅନୁମତି, ଆଜ୍ଞା, ଆଦେଶ, ଉପଦେଶ—ପୂର୍ବ ପ୍ରାର୍ଥନା ପରେ ଅନୁମତି ମିଳେ । ନିମ୍ନସ୍ଥର ପ୍ରତି ଆଜ୍ଞା । ଅଧୀନ ପ୍ରତି ଆଦେଶ, ହିତବଚନ=ଉପଦେଶ ।

Digitized by srujan ka@gmail.com

୮. ଅଯୋଗ୍ୟ, ଅକ୍ଷମ—ଯାହା ହେବା କଥା ତାହାଁରୁ ଊଣା ହେଲେ ଅଯୋଗ୍ୟ । ସମ୍ପୂର୍ଣ୍ଣ ଶକ୍ତିହୀନ ହେଲେ ଅକ୍ଷମ ।

୯. ଅଗ୍ରହ, ଉତ୍କଣ୍ଠା, ଉଦ୍‌ବେଗ—କୌଣସି ଶ୍ରଦ୍ଧା ଅଗ୍ରହ । ଅଗ୍ରହର ଅତିଶଯ୍ୟ ଉତ୍କଣ୍ଠା, ତହିଁରେ ବ୍ୟାକୁଳତା ମିଶିଲେ ଉଦ୍‌ବେଗ ହୁଏ ।

୧୦. ଅଦର, ମର୍ଯ୍ୟାଦା, ସତ୍କାର—ଉଚ୍ଚ ବ୍ୟକ୍ତିର ନୀଚ ପ୍ରତି ଅଦର । ନିଜଠାରୁ ଅଧିକ ପ୍ରତି ମର୍ଯ୍ୟାଦା, ଆଗନ୍ତୁକ ପ୍ରତି ସତ୍କାର ।

୧୧. ଅବିଷ୍କାର, ଉଦ୍‌ଭାବନ—ଯାହା ପୂର୍ବରେ ଥିଲା ଜଣା ପଡ଼ି ନ ଥିଲା ତାକୁ ପ୍ରକାଶ କରିବା ଅବିଷ୍କାର । ନୂତନ ନିର୍ମାଣ ଉଦ୍‌ଭାବନ ।

୧୨. ଅଶ୍ଚର୍ଯ୍ୟ, ବିସ୍ମୟ—ଅଦ୍ଭୁତ ଘଟଣାରେ ଅଶ୍ଚର୍ଯ୍ୟ ଜାତ ହୁଏ । ତହିଁରେ ଦୁଃଖ ମର୍ମ ଥିଲେ ବିସ୍ମୟ ।

୧୩. ଅଶ୍ରୟ, ଅବଲମ୍ବନ, ରକ୍ଷା ଯେ କରେ ସେ ଅଶ୍ରୟ, ଯାହା ଉପରେ ସମ୍ପୂର୍ଣ୍ଣ ନିର୍ଭର କରାଯାଏ ସେ ଅବଲମ୍ବନ ।

୧୪. ଅଶା, ଭରସା—ଅଶା ସଫଳ ବା ବିଫଳ ହୋଇପାରେ । ଅନ୍ତ ଶୂନ୍ୟଭାବରେ ନିର୍ଭର କରିବା ଭରସା ।

୧୫. ଅହାର ଓ ଗ୍ରାସ—ଅହାର ଅର୍ଥ ଖାଇବା । ଗ୍ରାସ ଗିଳି ପକାଇବା ।

୧୬. ଈର୍ଷ୍ୟା, ହିଂସା—ଅନ୍ୟର ଉନ୍ନତି ଦେଖିଲେ ମନରେ ଜାତ ହେବା ଦୁଃଖ ଈର୍ଷ୍ୟା, ପରର ନାଶଚେଷ୍ଟା ହିଂସା (ହିନ୍ ଧାତୁ ନିଷ୍ପନ୍ନ)

୧୭. ଉପହାସ, ପରିହାସ— ଉପହାସରେ ଘୃଣା ପରିହାସରେ ଅମୋଦ ଥାଏ ।

୧୮. କୁଟିଳ, କ୍ରୂର—ଷଡ଼୍‌ଯନ୍ତ୍ରକାରୀ ବୁଦ୍ଧି କୁଟିଳତା, କ୍ରୋଧ—ପୋଷଣ—କ୍ରୂରତା ।

Digitized by srujan ka@gmail.com

୧୯. ଗବେଷଣା, ଅନୁସନ୍ଧାନ । ଅନୁସନ୍ଧାନ କ୍ରିୟା ଜାଣିବା । ମାନସିକ ବୃତ୍ତି ଗବେଷଣାରେ ଥାଏ ଅର୍ଥାତ୍ ଗବେଷଣା ପୂର୍ବକ କୌଣସି ବସ୍ତୁ ଖୋଜିବା ।

୨୦. ଚଞ୍ଚଳ, ଚପଳ—ଶୀଘ୍ର ଶୀଘ୍ର କାର୍ଯ୍ୟ ତୁଲାଇବା ଚଞ୍ଚଳ, ଚଉ-ତର ଭାବହିଁ ଚପଳ ।

୨୧. ଚତୁର, ଧୂର୍ତ୍ତ, ଶଠ—ଚତୁରତା ପ୍ରଶଂସନୀୟ । ନିନ୍ଦନୀୟ ବୁଦ୍ଧିର ଧୂର୍ତ୍ତତା । କପଟ ମିଶ୍ରିତ ଶଠତା ।

୨୨. ଚରିତ, ଚରିତ୍ର—ଜୀବନୀ—ଚରିତ । ସ୍ୱଭାବ—ଚରିତ୍ର ।

୨୩. ଚିହ୍ନ, ଲକ୍ଷଣ, କଳଙ୍କ,—ପରିଚୟକୁ ଚିହ୍ନ କହନ୍ତି । ପ୍ରକୃତି-ଗତ ଚିହ୍ନହିଁ ଲକ୍ଷଣ । ଦୋଷସୂଚକ ଚିହ୍ନ କଳଙ୍କ ।

୨୪. ଛଳ, କପଟ—ଛଦ୍ମବେଶରେ ରହି (ଅଙ୍ଗୀତ ଭାବେ) କହିବା ଅନିଷ୍ଟ ଛଳ । ଈର୍ଷ୍ୟାକୁ ଘୋଡ଼ାଇ ରଖି ଅନ୍ୟମାର୍ଗରେ ଗତି କପଟ ।

୨୫. ଜାଗ୍ରତ, ସାବଧାନ—ସଚେତ ରହିବା ଜାଗ୍ରତ । ବାହ୍ୟଚକ୍ଷୁରି ତ ପ୍ରତି ସତର୍କ ରହିବା ସାବଧାନ ।

୨୬. ଜୀବିକା, ବୃତ୍ତି—ଜୀବନ ପାଳନ ପାଇଁ କାନାବିଧ ଉପାୟ ଜୀବିକା । ନିର୍ଦ୍ଦିଷ୍ଟ ବ୍ୟବସାୟ ବୃତ୍ତି ।

୨୭. ଝଗଡ଼ା, କଳହ—ନିଜର କାମନା ପୂର୍ଣ୍ଣ କରିବା ପାଇଁ ଅଳ୍ପ ଝଗଡ଼ା, ଉତ୍ତର ବ୍ୟକ୍ତିଙ୍କ ବାଦାନୁବାଦ କଳହ ।

୨୮. ଦୟା, କୃପା, ଅନୁକମ୍ପା, । ହୃଦୟ ତରଳିବା ଦୟା । ଉଚ୍ଚ-ଯୋଗ୍ୟ ବ୍ୟକ୍ତିର ଭକ୍ତ ପ୍ରତି ସ୍ନେହ—କୃପା । ପରର ଦୁଃଖ ସହି ନ ପାରିବା ଅନୁକମ୍ପା ।

୨୯. ଦୁଃଖ, କ୍ଲେଶ । ସୁଖର ଅଭାବରେ ହେବା ମନୋବୃତ୍ତି ଦୁଃଖ । ଅଘାତ ପ୍ରାପ୍ତିରେ କ୍ଲେଶ ।

Digitized by srujan ka@gmail.com

୩୦. ଦୋଷ, ଅପରାଧ—କାର୍ଯ୍ୟର ତ୍ରୁଟି ଦୋଷ । ନିୟମ ଲଙ୍ଘନ ଗୁରୁ ଅପରାଧ ।

୩୧. ଦ୍ୱନ୍ଦ୍ୱ, କଳହ—କେବଳ ଦୁଇ ମଧ୍ୟରେ ଝଗଡା ହେଲେ ଦ୍ୱନ୍ଦ୍ୱ । ବହୁମାନଙ୍କ ମଧ୍ୟରେ ଝଗଡ଼ା କଳହ ।

୩୨. ଧୀର, ସ୍ଥିର—ଚଞ୍ଚଳତା ନଥିଲେ ଧୀର । ସ୍ଥିରରେ ଅରମ୍ଭରୁ ଅଚଳତ୍ୱ ପ୍ରକାଶ ପାଏ ।

୩୩. ଧର୍ମ, ପୁଣ୍ୟ—କର୍ତ୍ତବ୍ୟ ପାଳନ ଧର୍ମ । ପବିତ୍ର ଅନୁଷ୍ଠାନ ପୁଣ୍ୟ ।

୩୪. ନଗର, ନଗରୀ—ରାଜଧାନୀ, ନଗରୀ । ଲୋକଙ୍କ ବସତି—ନଗର ।

୩୫. ନିନ୍ଦା, ଅପବାଦ—ଥିବା ଦୋଷରେ ଦୋଷାରୋପ ଅପବାଦ

୩୬. ପଟୁ, କୁଶଳ । ପଟୁ—ଚତୁର ବା ସମର୍ଥ । ମୂଳାପର ବିବେଚନା କୌଶଳରେ ଥାଏ ।

୩୭. ପରିଷ୍କୃତ, ପରିଚ୍ଛନ୍ନ—ମଇଳା ଦୂର କରିବା ପରିଷ୍କୃତ, ନିର୍ମଳ ବେଶପୋଷାକ ଧାରଣରେ ପରିଚ୍ଛନ୍ନ ହୁଏ ।

୩୮. ପରିବାର, ପରିଜନ—କୁଟୁମ୍ବକୁ ପରିବାର, ଦାସଦାସୀଙ୍କି ପରିଜନ ।

୩୯. ପ୍ରଜ୍ଞା, ପ୍ରତିଭା—ବିଚାର ନେଇ ଆଲୋଚନା ପ୍ରଜ୍ଞାରେ ଥାଏ । ନୂତନ ତଥ୍ୟ ଫନାଇବା ଶକ୍ତି ପ୍ରତିଭା ।

୪୦. ପ୍ରଣାମ, ନମସ୍କାର—ନମସ୍କାର ସାଧାରଣ । ଅଧିକ ଭକ୍ତି ପ୍ରଣାମରେ ଥାଏ ।

୪୧. ପ୍ରଶଂସା, ସ୍ତବ—ଅନ୍ୟର ଗୁଣଗାନ ପ୍ରଶଂସା, ନିଜକୁ ନମ୍ର କରି ଅନ୍ୟକୁ ଟେକି ନେବା ସ୍ତବ ।

୪୨. ପ୍ରେମ, ସ୍ନେହ, ବାତ୍ସଲ୍ୟ, ଭକ୍ତି । ସମବଳ ସ୍ନେହ । ପ୍ରଗାଢ଼

Digitized by srujan ka@gmail.com

ସ୍ନେହ, ପ୍ରେମ । କନିଷ୍ଠ ପ୍ରତି ବାତ୍ସଲ୍ୟ । ଗୁରୁଜନ ପ୍ରତି ଭକ୍ତି ।

୪୩. ବଶ, ଅଧୀନ—ସ୍ନେହାଦିରେ ନିଜକୁ ଅର୍ପଣ କରିବା ବଶ । କାର୍ଯ୍ୟକାଳରେ ଆଜ୍ଞାବର୍ତ୍ତୀ ହେବା ଅଧୀନ ।

୪୪. ବସ୍ତ୍ର, ପରିଚ୍ଛଦ—ବସ୍ତ୍ର ଗୋଟିକୁ ବୁଝାଏ । ଦେହରେ ନିର୍ମିତ ପୋଷାକ ପରିଚ୍ଛଦ ନାମରେ ଖ୍ୟାତ ।

୪୫. ବାଞ୍ଛନୀୟ, ଆବଶ୍ୟକ । ଯାହା ନ କଲେ କ୍ଷତି ହେବ ନାହିଁ ସେଠି ବାଞ୍ଛନୀୟ,ଯାହା ନକଲେ କ୍ଷତି ହୁଏ ସେଠି ଆବଶ୍ୟକୀୟ ବ୍ୟବହାର ।

୪୬. ବାଗ୍ମୀ, ମୁଖର—ଅସାମାନ୍ୟ ବକ୍ତା ବାଗ୍ମୀ । ସର୍ବଦା ପାଟି କରିବା ମୁଖର ।

୪୭. ବାଧା, ବିଘ୍ନ, ପ୍ରତିବନ୍ଧକ—କାର୍ଯ୍ୟରେ ଅନୁକୂଳ ବାଧା । କିନ୍ତୁ କାର୍ଯ୍ୟରେ ଅନୁକୂଳ ପ୍ରତିବନ୍ଧକ । ଅଗ୍ରସର ପଥରେ ଅନିଷ୍ଟ ଘଟିଲେ ବିଘ୍ନ ।

୪୮. ବିନାଶ, ବଧ, ହତ୍ୟା—ବିନାଶରେ କିଛି ଭଲ ଉଦ୍ଦେଶ୍ୟ ଥାଏ । ଶତ୍ରୁ ବିନାଶ । ବଧରେ ଭଲମନ୍ଦ ଦୁଇ ଥାଏ । କଂସ ବଧ, ଗୋବଧ । ହତ୍ୟାରେ ମନ୍ଦ—ଶିଶୁହତ୍ୟା, ନରହତ୍ୟା ।

୪୯ ବିପଦ, ସଙ୍କଟ—ଯେଉଁ ବିପଦରୁ ଉଦ୍ଧାର ପାଇବା ନ ଥାଏ, ତାହା ସଙ୍କଟ ।

୫୦. ବିବେଚନା, ବିଚାର, ପରାମର୍ଶ— ବିବେଚନା ନିଜେ ଭାବିବା । ପରାମର୍ଶରେ ଅନ୍ୟର ସାହାଯ୍ୟ ଦରକାର । ବିଚାର ଉଭୟ ଅର୍ଥ ବୁଝାଇପାରେ ।

୫୧. ବୀର, ଶୂର—ଯେ କୌଣସିରେ ପାରଦର୍ଶିତା ବୀରର କାର୍ଯ୍ୟ । କେବଳ ବଳରେ ନିପୁଣ ଶୂର ।

Digitized by srujan ka@gmail.com

୫୨. ବୁଦ୍ଧି, ମତ, ଜ୍ଞାନ—ଯଥୋଚିତ ବୁଝିବା ଶକ୍ତି ବୁଦ୍ଧି । ଭୂତ ଭବିଷ୍ୟତ ଆଲୋଚନା ମତି । ସମସ୍ତ ଜାଣିପାରିବା ଶକ୍ତି ଜ୍ଞାନ ।

୫୩. ବୃହତ୍, ବିଶାଳ, ବିରାଟ—ସାଧାରଣ ବଡ଼ ଅର୍ଥରେ ବୃହତ୍ । ଯାହା ଉଳଜାର ତାହା ବିଶାଳ ବା ପ୍ରକାଣ୍ଡ । ବିଶାଳ ଠୁ ମନଟରେ ଭୀତି ଜାତ କରାଇଲେ ବିରାଟ ।

୫୪. ଭକ୍ତି, ସେବା--ଭକ୍ତି ମାନସିକ । ସେବା କାୟିକ ।

୫୫. ଭୟ, ଶଙ୍କା, ଆତଙ୍କ । ଭୟ ନଷ୍ଟପ୍ରାୟକ । ଶଙ୍କା ସନ୍ଦେହାତ୍ମକ । ଅତଶ୍ଚ ଆକସ୍ମିକ ଭୟ ଆତଙ୍କ ।

୫୬. ଭ୍ରମଣ, ପର୍ଯ୍ୟଟନ— ଭ୍ରମଣର ସୀମାଠାରୁ ପର୍ଯ୍ୟଟନର ସୀମା ଅଧିକ ।

୫୭. ଭ୍ରାନ୍ତି, ମୋହ, ଭୁଲ—ଭ୍ରାନ୍ତି ମିଥ୍ୟାଜ୍ଞାନ । ଜ୍ଞାନଶୂନ୍ୟ ମୋହ । ପାଶୋରିବା ଭୁଲ ।

୫୮. ଭୃତ୍ୟ, ଦାସ । ଭୃତ୍ୟଠାରୁ ଦାସ ଅଧିକ ନ୍ୟୂନ । ତାର ସ୍ୱାଧୀନତା କିଛି ନ ଥାଏ ।

୫୯. ମାୟା, ମମତା—ମାୟା ମନକୁ ମୋହେ, ମମତାରେ ଆତ୍ମୀୟଭାବ ରହେ ।

୬୦. ମାତ୍ସର୍ଯ୍ୟ, ଦ୍ୱେଷ—ପରଶ୍ରୀ ସହି ନ ପାରିବା ମାତ୍ସର୍ଯ୍ୟରେ । ଦ୍ୱେଷ=ଶତ୍ରୁତା ।

୬୧. ମେଧାବୀ, ନିପୁଣ, ପ୍ରବୀଣ— ଧାରଣାଶକ୍ତିଯୁକ୍ତ ମେଧାବୀ । ସାମର୍ଥ୍ୟପୂର୍ଣ୍ଣ ନିପୁଣ, କୌଶଳଯୁକ୍ତ ପ୍ରବୀଣ ।

୬୨. ଯଶ, କୀର୍ତ୍ତି—ଗୁଣ ପ୍ରକାଶରେ ଯଶ । ପଦାର୍ଥ ବ୍ୟୟରେ କୀର୍ତ୍ତି ଅର୍ଜନ ।

Digitized by srujan ka@gmail.com

୬୩. ରୋଗ, ପୀଡ଼ା—ବିକୃତି=ରୋଗ । ତଜ୍ଜନିତ କ୍ଲେଶ ପୀଡ଼ା

୬୪. ବେଦନ, ବିଳାପ—ବାହ୍ୟପ୍ରାଦୁର୍ଭାବରହିତ ମୂକ ଶୋକ=ବେଦନ, ବାକ୍ସଂଯୋଗେ ବିଳାପ ।

୬୫ ଶକ୍ତି, ବଳ, କ୍ଷମତା—ଅନ୍ତରର ବଳହିଁ ଶକ୍ତି । ବଳ ଅଭ୍ୟନ୍ତରୀଣ ଓ ବାହ୍ୟିକ ହୋଇପାରେ । ଅନ୍ୟଠାରୁ ପ୍ରାପ୍ତ ଶକ୍ତି କ୍ଷମତା । (ଉପୃକ୍ଷାନ୍ତ)

୬୬ ଶିକ୍ଷା, ଦୀକ୍ଷା—ଶିଖିବା ପ୍ରଣାଳୀ ଶିକ୍ଷା । ଏହା ନିଜ ପରେ ଉଦ୍ଭୂତ ହୋଇପାରେ । କେବଳ ଅନ୍ୟର ପ୍ରବର୍ତ୍ତନାରେ ଦୀକ୍ଷା ।

୬୭ ସନ୍ତୋଷ, ତୃପ୍ତି—ଆଶା ବିହୀନ ମନୋବୃତ୍ତି ସନ୍ତୋଷ । ଆକାଂକ୍ଷିତ ବସ୍ତୁ ଲାଭରେ ତୃପ୍ତି ।

୬୮ ସାହାଯ୍ୟ, ସହାନୁଭୂତି—ଅନୁକୂଳତା ସମ୍ପାଦନ ସାହାଯ୍ୟ । ପରର ସୁଖଦୁଃଖରେ ନିଜେ ସୁଖ ଦୁଃଖ ଅନୁଭବ କରିବା ସହାନୁଭୂତି ।

୬୯ ସାହିତ୍ୟ, ଶାସ୍ତ୍ର—ମନୋଭାବ ପ୍ରକାଶକ ଭାଷା ଲେଖାରେ ପ୍ରକାଶ ପାଇଲେ ସାହିତ୍ୟ । କର୍ତ୍ତବ୍ୟାକର୍ତ୍ତବ୍ୟ ଯେ ଜଣାଏ ତାହା ଶାସ୍ତ୍ର ।

୭୦ ସୁହୃଦ, ବନ୍ଧୁ, ବାନ୍ଧବ—ହୃଦୟର ମିଳନରେ ସୁହୃଦ, କିନ୍ତୁ ସମ୍ବନ୍ଧ ଥିଲେ ବନ୍ଧୁ, ସଗୋତ୍ର ବା ଜ୍ଞାତି ଜନଙ୍କୁ ବାନ୍ଧବ କହନ୍ତି ।

୭୧ ସେବା, ଶୁଶ୍ରୂଷା—ସେବା ନିଜ ଅଧୀନ, ଅମୋଦକୁ ଅପେକ୍ଷା ଶୁଶ୍ରୂଷା ।

୭୨ ସ୍ମରଣ, ଧ୍ୟାନ—ଚିନ୍ତା କରିବା ଧ୍ୟାନ, ଗତକଥା ମନେ ରଖିବା ସ୍ମରଣ ।

Digitized by srujan ka@gmail.com

୭୪ ସ୍ମିତ, ହାସ, ଅଟ୍ଟହାସ, ହାସ୍ୟ—ଈଷତ୍ ହାସକୁ ସ୍ମିତ କହନ୍ତି । ସାମାନ୍ୟ ଶବ୍ଦ ଯୁକ୍ତ ମୁଖବିକାଶ ହାସ । ଧ୍ୱନି ଯୁକ୍ତ ହାସକୁ ଅଟ୍ଟହାସ । ଛଳନାଯୁକ୍ତ ହାସକୁ ହାସ୍ୟ କହନ୍ତି ।

୭୫ ହେୟ, ନଗଣ୍ୟ—କେବଳ ପରିତ୍ୟାଜ୍ୟ ହେୟ । ଗଣିତବ୍ୟ ନ ଅଣିବା ନଗଣ୍ୟ ।

୭୬ କ୍ଷମା, ସହନ, ଶାନ୍ତି—ଅନ୍ୟର ଦୋଷ ନ ଧରିବା କ୍ଷମା । ସବୁ ପ୍ରକାର କଷ୍ଟକୁ କଷ୍ଟ ନମଣିବା ସହନ, ଚିତ୍ତର ସ୍ଥିରତା ଶାନ୍ତି ।

୭୭ କ୍ଷୀର, ଦୁଗ୍ଧ—କୌଣସି ଦ୍ରବ୍ୟ ଶକ୍ତ ପର୍ଯ୍ୟନ୍ତରେ ଥାଏ ତାହା କ୍ଷୀର । ଯାହା ଅନ୍ୟ ସାହାଯ୍ୟରେ ବର୍ଦ୍ଧିତ ହୁଏ ତାହା ଦୁଗ୍ଧ, ବଟକ୍ଷୀର, ଦୁଗ୍ଧ ନୁହେଁ ।

୭୭ କ୍ଷୀଣ, କୃଶ—କିଛି ଅଂଶ ନଷ୍ଟ ହେବା କ୍ଷୀଣ । ଯାହାର ପରିମାଣ ଅଳ୍ପ, ତାହା କୃଶ—ସରୁଆ ।

୭୮ କ୍ଷୁଦ୍ର, ଅଳ୍ପ—କ୍ଷୁଦ୍ର ଅକୃତ ସୂଚନା ଦିଏ । ପରିମାଣ ଜ୍ଞାପକ—ଅଳ୍ପ ।

୭୯ କ୍ଷେମ, କୁଶଳ, ଅନାମୟ, ଅରୋଗ୍ୟ, ବ୍ରାହ୍ମଣରେ କୁଶଳ, କ୍ଷତ୍ରିୟରେ ଅନାମୟ, ବୈଶ୍ୟରେ କ୍ଷେମ, ଶୂଦ୍ରରେ ଅରୋଗ୍ୟ ପ୍ରଶ୍ନହୋଇଥାଏ ।

—୦—

## ସମୋଚ୍ଚାରିତ ଶବ୍ଦ

କେତେ ଗୁଡ଼ଏ ପଦ ଉଚ୍ଚାରଣ କଲାବେଳେ ପ୍ରାୟ ଏକା ପରି ଶୁଣା ଯାଇଥାଏ । ଉଭୟ ପଦ ମଧ୍ୟରେ କୌଣସି ଗୋଟିଏ ଦୁଇଟି ବର୍ଣ୍ଣର ବିକୃତରେ ବିଭିନ୍ନ ଅର୍ଥ ପ୍ରକାଶ କରିଥାନ୍ତି । ଯଥା:—

Digitized by srujan ka@gmail.com

ଅନଳ — ବହ୍ନି, ଅନିଳ=ପବନ
ଅଂଶ — ଅଂଗ, ଅଂସ=କାନ୍ଧ
ଅଶନ — ଭୋଜନ, ଅଶନି=ବଜ୍ର
ଅକର — ଖଣି, ଆକାର=ଆକୃତି
ଅନୃତ — [illegible], ଅମୃତ = ନିମର୍ନ୍ତି
ଇତି — ଶେଷ, ଈତି=ଅନାବୃଷ୍ଟି ଆଦି
ଈଶ — ଈଶ୍ୱର, ଈଷ=ଲଙ୍ଗଳଦଣ୍ଡ
ଉପାଦାନ— ସାମଗ୍ରୀ, ଉପାଧାନ=ତକିଆ
କୁଜନ — ମନ୍ଦବ୍ୟକ୍ତି, କୂଜନ=ପକ୍ଷୀ ଶବ୍ଦ
କୁଳ — ବଂଶ ଜାତି, କୂଳ=ତଟ
କୃତି — କାର୍ଯ୍ୟ, କୃତୀ=କୁଶଳୀ
କୃତ୍ତି — ବ୍ୟାଘ୍ରଚର୍ମ
କାଳି — ମଳ, କାଳୀ=ଦୁର୍ଗା
କେଶର — ସିଂହରକେଶର, କେସର=ପୁଷ୍ପର
ଚରିତ — ଜୀବନୀ, ଚରିତ୍ର=ସ୍ୱଭାବ
ଜାତ — ଉତ୍ପନ୍ନ, ଯାତ=ଗତ
ତରଣୀ — ନୌକା, ତରଣି=ସୂର୍ଯ୍ୟ
ଦିନ — ଦିବସ, ଦୀନ=ଦରିଦ୍ର
ଦ୍ୱିପ — ହସ୍ତୀ, ଦ୍ୱୀପ=ଜଳମଧ୍ୟସ୍ଥ ଭୂଭାଗ
ନିତି — ପ୍ରତିଦିନ, ନୀତି=ନିୟମ
ବଳି — ଉପହାର, ବଳୀ=ବଳିଷ୍ଠ
ବାଳିଶ — ମୂର୍ଖ, ବାଳୀଶ=ନାସ୍ତିଶ୍ରେଷ୍ଠ
ମତ — ଇଚ୍ଛା, ମତ୍ତ=ମହୁଆ ବା ଗର୍ବୀ
ଲକ୍ଷ — ସଂଖ୍ୟା, ଲକ୍ଷ୍ୟ=ଲାଖ, ଉଦ୍ଦେଶ୍ୟ
ବିସ — ମୃଣାଳ, ବିଷ=ଗରଳ

Digitized by srujan ka@gmail.com

| | | |
|---|---|---|
| ଶର — | ବାଣ, | ସର=ସରୋବର |
| ଶୁର — | ଦେବତା, | ଶୂର=ବଳଶାଳୀ, |
| ଶୂକର — | ସହଜ, | ଶୂକର=ଘୁଷୁରି, |
| ଶମ — | ଶାନ୍ତି, | ସମ=ସମାନ |
| ଶକଳ — | ଖଣ୍ଡିତ, | ସକଳ=ସମସ୍ତ |
| ଶୀତ — | ଥଣ୍ଡା, | ସିତ=ଶୁକ୍ଳ, |
| ଶକ୍ତ — | ଶାପଯୁକ୍ତ, | ସକ୍ତ=ଆସକ୍ତ |
| ଶକଳ — | ଖଣ୍ଡ, | ସକଳ=ସବୁ, |
| ଶଙ୍କର — | ଶିବ, | ସଙ୍କର=ମିଶ୍ରିତ |
| ଶ୍ରବଣ — | କର୍ଣ୍ଣ, | ସ୍ରବଣ=କ୍ଷରଣ |
| ସୂଚୀ — | ଛୁଞ୍ଚି, ସୂଚନା, | ଶୁଚି=ନିର୍ମଳ |
| ସୂକ୍ତ — | ଉତ୍ତମ କଥା, | ଶୁକ୍ତ=ଶାମୁକା |
| ହ୍ରସ୍ୱ — | ଛୋଟ, | ହର୍ଷ=ଆନନ୍ଦ |
| ହୃଷ — | ସାଜବା, | ହେଷ=ସ୍ପନ୍ଦ । |

=ପ୍ରଶ୍ନ=

୧ ପୁରୁଷ—ପ୍ରାଣ, ଦ୍ରୁମ—ପଥୀକେନ, ଶମ—ସମ, କୃତୀ—କୃତି, ଏହିଦ ଛୁଞ୍ଚାଇ ବାକ୍ୟରେ ବ୍ୟବହାର କର ।

୨ ନିମ୍ନଲିଖିତ ଯୋଡ଼ ପଦ ଗୁଡ଼ିକର ଅର୍ଥଭେଦ ଦର୍ଶାଅ ।

ସୁତ—ସୂତି, ବୟସ୍ୟ—ବୟସ୍କ, ପାତକ—ପାବକ, ଅଶନ—ଅସନ, ପ୍ରତୀତି—ପରିଣତ, ଦେବର—ଦେବର, ସତ୍ତ୍ୱ—ସ୍ୱତ୍ୱ, ପାଣିଅ—ପାଣିଚଅ, ଭୀତ—ଭିତ, ପତନ—ପତ୍ତନ ।

=ମୌଳିକ ପଦ=

ଓଡ଼ିଆ ସାହିତ୍ୟରେ ଅନେକ ତଦ୍‌ଭବ ଶବ୍ଦର

Digitized by srujan ka@gmail.com

ବ୍ୟବହାର ଦେଖାଯାଏ । ସେଗୁଡ଼ିକର ମୌଳିକ ପଦ ଜାଣିଲେ ସଂସ୍କୃତାନୁବାଦରେ ଉପଯୋଗୀ ହେବ ।

| | ଓଡ଼ିଆ | ସଂସ୍କୃତ | | ଓଡ଼ିଆ | ସଂସ୍କୃତ |
|---|---|---|---|---|---|
| ୧ | ଅଜା | ଅର୍ଯ୍ୟ | ୨୧ | ଓଝା | ଉପାଧ୍ୟାୟ |
| ୨ | ଅଠ | ଅଷ୍ଟ | ୨୨ | କଉମ | କୂର୍ମ |
| ୩ | ଅଥୟ | ଅସ୍ଥାୟୀ | ୨୩ | କରାଇ | କଟାହ |
| ୪ | ଅଲଗୁଣୀ | ଅଲମ୍ବନୀ | ୨୪ | କାଛି | କାର୍ଷୀ |
| ୫ | ଅନ୍ଦୋଳିବା | ଆନ୍ଦୋଳନ | ୨୫ | କାଣ୍ଟୁରି | କଣ୍ଟୁକିକା |
| ୬ | ଅଣସର | ଅନବସର | ୨୬ | କାଦୁଅ | କର୍ଦ୍ଦମ |
| ୭ | ଅବାଡ଼ | ଅବାର୍ଯ୍ୟ | ୨୭ | କାହାଣୀ | କଥାନକ |
| ୮ | ଅରଣା | ଅରଣ୍ୟ | ୨୮ | କିଆରୀ | କେଦାର |
| ୯ | ଅଣ୍ଡ | ଅର୍ଫଙ୍କା | ୨୯ | କିଛି | କିଂଚିତ୍ |
| ୧୦ | ଅଖଡ଼ା | ଅକ୍ଷୀତ | ୩୦ | କୁହୁଡ଼ି | କୁହେଳି |
| ୧୧ | ଅଖି | ଅକ୍ଷି | ୩୧ | କୋଇଲି | କୋକିଲ |
| ୧୨ | ଅଖୁ | ଇକ୍ଷୁ | ୩୨ | କୋତମ୍ବର୍ | କୁସ୍ତୁମ୍ବର |
| ୧୩ | ଅଜି | ଅଦ୍ୟ | ୩୩ | କୋରଡ଼ | କୋଟର |
| ୧୪ | ଅନ | ଅନ୍ୟ | ୩୪ | ଖପର | ଖର୍ପର |
| ୧୫ | ଅରଣି | ଅବର୍ଣ୍ଣ | ୩୫ | ଖଣ୍ଡା | ଖଡ୍ଗ |
| ୧୬ | ଉଆସ | ଅବାସ | ୩୬ | ଖମ୍ବ | ସ୍ତମ୍ଭ |
| ୧୭ | ଉଣା | ଊନ | ୩୭ | ଗମ୍ଭର | ଗର୍ଭାଗାର |
| ୧୮ | ଉଷୁମ | ଉଷ୍ମ | ୩୮ | ଗରମ | ଘର୍ମ |
| ୧୯ | ଈହା | ଈକ୍ଷା | ୩୯ | ଗହମ | ଗୋଧୂମ |
| ୨୦ | ଓଡ଼ଶ | ଉଦ୍ଧଂଶ | ୪୦ | ଗାଈ | ଗବୀ |

Digitized by srujan ka@gmail.com

| | ଓଡ଼ିଆ | ସଂସ୍କୃତ | | ଓଡ଼ିଆ | ସଂସ୍କୃତ |
|---|---|---|---|---|---|
| ୪୨ | ଗାମୁଛ | ଗାତ୍ରମାର୍ଜ୍ଜନୀ | ୬୫ | ଧାଡ଼ | ଧାର |
| ୪୩ | ଗୁହାଳ | ଗବାଳୟ | ୬୬ | ଦିଅଁ | ଦେବ |
| ୪୪ | ଗୋଠ | ଗୋଷ୍ଠ | ୬୭ | ଦେଉଳ | ଦେବାଳୟ |
| ୪୫ | ଘୋଡ଼ା | ଘୋଟକ | ୬୮ | ଦୋରୁଆ | ଦ୍ୱିବର୍ଷ |
| ୪୬ | ଚଉଠ | ଚତୁର୍ଥ | ୬୯ | ଧନ୍ଦା | ଦ୍ୱନ୍ଦ୍ୱ |
| ୪୭ | ଚଉହଟ | ଚତୁଷ୍ପଥ | ୭୦ | ନଈ | ନଦୀ |
| ୪୮ | ଚୁଲ୍ଲି | ଚୁଲ୍ଲି | ୭୧ | ନାଟ | ନାଟ୍ୟ |
| ୪୯ | ଚାନ୍ଦୁଆ | ଚନ୍ଦ୍ରାତପ | ୭୨ | ନଉରଖ | ନଖର |
| ୫୦ | ଚୂଡ଼ା | ଚିପିଟ | ୭୩ | ନିଶୁଣୀ | ନିଃଶ୍ରେଣୀ |
| ୫୧ | ଛଇ | ଛବି | ୭୪ | ପଇଡ | ପୟଃପୋତ |
| ୫୨ | ଛଣା | ଛଦ | ୭୫ | ପଖାଳ | ପ୍ରକ୍ଷାଳ |
| ୫୩ | ଛାମୁ | ସମ୍ମୁଖ | ୭୬ | ପଛ | ପଶ୍ଚାତ୍ |
| ୫୪ | ଛୁଟ | ଶିଖ | ୭୭ | ପଡ଼ୋଶୀ | ପ୍ରତିବେଶୀ |
| ୫୫ | ଛୁଆ | ଶାବକ | ୭୮ | ପଥର | ପ୍ରସ୍ତର |
| ୫୬ | ଛେଲ | ଶଲ୍ୟ | ୭୯ | ପରଚ | ପରିଚୟ |
| ୫୭ | ଜୁଆଁଇଁ | ଜାମାତୃ | ୮୦ | ପରଷଣ | ପରିବେଷଣ |
| ୫୮ | ଟିଢ଼ | ଟଙ୍କିକା | ୮୧ | ପାଇଚ | ପାଦାଧଃ |
| ୫୯ | ଠାଣା | ସ୍ଥାନ | ୮୨ | ପାଉଛ | ପ୍ରାପ୍ତି |
| ୬୦ | ଡାହାଣ | ଦକ୍ଷିଣ | ୮୩ | ପାଛୁଡ଼ା | ପ୍ରଚ୍ଛଦ |
| ୬୧ | ଡେଙ୍ଗ | ଦୀର୍ଘ | ୮୪ | ପାଞ୍ଚ | ପଞ୍ଚ |
| ୬୨ | ତନ୍ତୁଳି | ତନ୍ତୁଡ଼ | ୮୫ | ପାଲଟ | ପର୍ଯ୍ୟସ୍ତ |
| ୬୩ | ତୁଠ | ତୀର୍ଥ | ୮୬ | ପାହାଚ | ପ୍ରଦଘ |
| ୬୪ | ଥୋପ | ସ୍ତବକ | ୮୭ | ପିଅର | ପିତୃ |
| ୬୫ | ଦହି | ଦଧି | ୮୮ | ପିଠା | ପିଷ୍ଟକ |

Digitized by srujan ka@gmail.com

| | ଓଡ଼ିଆ | ସଂସ୍କୃତ | | ଓଡ଼ିଆ | ସଂସ୍କୃତ |
|---|---|---|---|---|---|
| ୮୯ | ପଚାଶ | ପଞ୍ଚାଶତ୍ | ୧୧୦ | ମେଳ | ବିହ୍ୱଳ |
| ୯୦ | ପିତେଇଭଉଣୀ | ପିଣ୍ଡଭାଗିନୀ | ୧୧୧ | ମଉଜ | ମୋଦ |
| ୯୧ | ପୋଖରୀ | ପୁଷ୍କରିଣୀ | ୧୧୨ | ମଉଡ଼ | ମୁକୁଟ |
| ୯୨ | ପୋହଳା | ପ୍ରବାଳ | ୧୧୩ | ଶଗଡ଼ | ଶକଟ |
| ୯୩ | ଫେଣ | ବୁଦ୍ବୁଦ | ୧୧୪ | ମଝିଁ | ମଧ୍ୟ |
| ୯୪ | ବଢ଼ି | ବୃଦ୍ଧି | ୧୧୫ | ମଥା, ମାଥ | ମସ୍ତକ |
| ୯୫ | ବଳଦ | ବଳୀବର୍ଦ୍ଦ | ୧୧୬ | ମଶାରି | ମଶକବାରି |
| ୯୬ | ବାଛୁରୀ | ବତ୍ସତରୀ | ୧୧୭ | ମଶାଣି | ଶ୍ମଶାନ |
| ୯୭ | ବଳୁଅ | ବତ୍ତୋଳିକ | ୧୧୮ | ମଶଣା | ମସୃଣ |
| ୯୮ | ବଲୁଇ | ବତାଳି | ୧୧୯ | ମହର୍ଘ | ମହାର୍ଘ |
| ୯୯ | ବେପାର | ବ୍ୟାପାର | ୧୨୦ | ମାଙ୍କଡ଼ | ମର୍କଟ |
| ୧୦୦ | ବୁଢ଼ା | ବୃଦ୍ଧ | ୧୨୧ | ମାଠିଆ | ମୃଦ୍ଘଟ |
| ୧୦୧ | ବେଣ୍ଟ | ବୃନ୍ତ | ୧୨୨ | ମିଛ | ମିଥ୍ୟା |
| ୧୦୨ | ବୋଇତ | ବହିତ୍ର | ୧୨୩ | ଯାଉଳା | ଯୁଗଳ |
| ୧୦୩ | ଭଉଣୀ | ଭଗିନୀ | ୧୨୪ | ଯୁଆଳି | ଯୋକ୍ତନ |
| ୧୦୪ | ଭଗାରି | ଭାଗହାରୀ | ୧୨୫ | ରଣା | ରଜନ୍ |
| ୧୦୫ | ଭଲ | ଭଦ୍ର | ୧୨୬ | ରାହା | ରଥ୍ୟା |
| ୧୦୬ | ଭାଉଜ | ଭ୍ରାତୃଜାୟା | ୧୨୭ | ଲଠି | ଲଷ୍ଟିକା |
| ୧୦୭ | ଭାତ | ଭକ୍ତ | ୧୨୮ | ଲହୁ | ଲୋହିତ |
| ୧୦୮ | ଭଅଁଶ | ହଂସାନ | ୧୨୯ | ଲାଖ | ଲକ୍ଷ |
| ୧୦୯ | ଭିତର | ଅଭ୍ୟନ୍ତର | ୧୩୦ | ଲାଥ | ଲତ୍ତା |

Digitized by srujan ka@gmail.com

| ଓଡ଼ିଆ | ସଂସ୍କୃତ | ଓଡ଼ିଆ | ସଂସ୍କୃତ |
|---|---|---|---|
| ୧୩୧ ସାଇଁ | ସ୍ୱାମୀ | ୧୩୦ ହିଆ | ହୃଦୟ |
| ୧୩୨ ଶିଆଳ | ଶୃଗାଳ | ୧୩୫ ଖେତ | କ୍ଷେତ୍ର |
| ୧୩୩ ସୁଅ | ସ୍ରୋତ | | |

କେତେକ ସଂଖ୍ୟା ବାଚକ ପଦ ମଧ୍ୟ ତଦ୍ଭବ:—

| | ଓ | ସଂ |
|---|---|---|
| ୧ | ପହୁଅଁ | ପ୍ରଥମା |
| ୨ | ଚଉଠି | ଚତୁର୍ଥୀ |
| ୩ | ଚଉଶଏ | ଚତୁଃଶତ |

କ୍ରିୟା କେତୋଟି ମଧ୍ୟ ତଦ୍ଭବ ଦେଖାଯାଏ—

| | ଓ | ସଂ | | ଓ | ସଂ |
|---|---|---|---|---|---|
| ୧ | ଅଛି | ଅସ୍ତି | ୧୩ | ଜଳିବା | ଜ୍ୱଳନ |
| ୨ | ଅନ୍ଦୋଳିବା | ଆନ୍ଦୋଳନ | ୧୪ | ତୁଟ | ତ୍ରୁଟ |
| ୩ | ଉପାଡ଼ିବା | ଉତ୍ପାଟନ | ୧୫ | ପାଲଟିବା | ପ୍ରତ୍ୟାବର୍ତ୍ତନ |
| ୪ | ଉବୁରିବା | ଉଦ୍‌ବର୍ତ୍ତନ | ୧୬ | ପକାଇବା | ପ୍ରକ୍ଷେପଣ |
| ୫ | ଓଚ୍ଛାଇବା | ଉଚ୍ଛାଦନ | ୧୭ | ଫୁଟିବା | ସ୍ଫୁଟ |
| ୬ | ଉଜାଇବା | ଉଦ୍‌ଯାପନ | ୧୮ | ଫୁଲିବା | ସ୍ଫୁର, ଫୁଲ୍ଲ |
| ୭ | ଉଡ଼ା | ଉଡ୍ଡୀନ | ୧୯ | ଫୋଡ଼ିବା | ସ୍ଫୋଟନ |
| ୮ | ଓଳମ୍ବ | ଅବଲମ୍ବ | ୨୦ | ବଖାଣିବା | ବ୍ୟାଖ୍ୟାନ |
| ୯ | ଓହ୍ଲାଇବା | ଅବରୋହଣ | ୨୧ | ବାଇବା, | ବାଜିବା, ବାଦନ |
| ୧୦ | ଖସିବା | ସ୍ଖଳନ | ୨୨ | ମାଜିବା | ମାର୍ଜନ |
| ୧୧ | ଖଞ୍ଜିବା | ସ୍ଖଳନ | ୨୩ | ମୋଡ଼ିବା | ମୋଟନ |
| ୧୨ | ଗଢ଼ିବା | ଘଟନ | ୨୪ | ଲୋଟିବା | ଲୁଣ୍ଠନ |

Digitized by srujan ka@gmail.com

## ରୂଢ଼ ପ୍ରୟୋଗ

କେତେଗୁଡ଼ିଏ ପଦ ବା ବାକ୍ୟଖଣ୍ଡର ଅର୍ଥ ଯାହା ପ୍ରକାଶ ପାଉଛି ବାକ୍ୟରେ ବ୍ୟବହୃତ ହେଲେ ଠିକ ସେହି ଅର୍ଥ ନଦେଇ ଅନ୍ୟ ଗୋଟାଏ ଭାବ ପ୍ରକାଶ କରେ ସେପରି ଖଣ୍ଡ-ଗୁଡ଼ିକୁ ରୂଢ଼ ପ୍ରୟୋଗ ବା ପ୍ରବଚନ କୁହାଯାଏ :— 'କଳାକାଠ', କହିଲେ ଯୌଗିକ ଅର୍ଥ କଳା ହୋଇଥିବା କାଠ । ମାତ୍ର "ପୁଲିସ ସାହେବଙ୍କୁ ଦେଖି ଲୋକଟା କଳାକାଠ ହୋଇଗଲା, କହିଲେ ଲୋକଟା ନିସ୍ତେଜ ଓ ନିଷ୍ପନ୍ଦ ହେବାର ଜଣାଯାଏ । ଏପରି ରୂଢ଼ ପ୍ରୟୋଗ ଓଡ଼ିଆରେ ବହୁତ ।

୧ ଅନ୍ଧର ଲଉଡ଼ି (ଏକମାତ୍ର ସାହାଯ୍ୟ) କୃଷ୍ଣ ମୋର ଅନ୍ଧର ଲଉଡ଼ି ହୋଇଥିଲା

୨ ଅନ୍ଧବୁଝାମଣା (ଅନ୍ୟାୟ ବିଚାର) ତୋର ଏପରି ଅନ୍ଧ ବୁଝାମଣା ପରା ଭଲ ।

୩ ଅନ୍ଧାରକୁ ଢେଳା (ଅନୁମାନ କରିବା) ଏପରି ଅନ୍ଧାରକୁ ଢେଳା ମାରି ପଢ଼ିଲେ ଚଳିବକି ?

୪ ଅରଣ୍ୟ ରୋଦନ (ନିଷ୍ଫଳ ପ୍ରାର୍ଥନା) ବାରମ୍ବାର ତା ପିଛା ଧରି କହୁଛୁ ଫଳ କଣ ହେବକି ? ତାଠାରେ ପରା ସବୁ ଅରଣ୍ୟ ରୋଦନ ।

୫ ଅଲଣା କଥା (ସ୍ୱାଦହୀନ କଥା) ତାର ସେହି ଅଲଣା କଥା ଗୁଡ଼ିକ ଶୁଣି କଅଁ ସମୟ କଟାଉଛୁ ?

୬ ଅସିଅ କାଳର ମସିଏ (ଅତ୍ୟନ୍ତ ରୁଗ୍ଣା) ତାକୁ ପରା ସବୁ ଜଣାଳେ ମାଈପୀ ସେ ଅସିଅ କାଳର ମସିଅଟିଏ ।

Digitized by srujan ka@gmail.com

୭ ଅନ୍ଧନ୍ତାନୁଷ୍ଠିତ (ପ୍ରତିଦ୍ୱନ୍ଦ୍ୱୀ ସଂଯୋଜନ) ସେ କେଉଁଠିକୁ ଅନ୍ଧନ୍ତା ରଖି ଏପରି କରୁଛନ୍ତି ।

୮ ଅହିନକୁଳ ସମ୍ପର୍କ (ଘୋର ଶତ୍ରୁତା) ତା ନାମରେ ପଡ଼ିଲେ ମୋର ନାମ କହିବନି ତାର ମୋର ଅହିନକୁଳ ସମ୍ପର୍କ ପରା ।

୯ ଆଖି ପକାଇବା (ବକ୍ରଦୃଷ୍ଟି) ଘର ଖଣ୍ଡିକ ବାନ୍ଧି ବାନ୍ଧି ଆଖି ପକାଇଲେଣି ।

୧୦ ଆଖି ନ ପକାଇବା (ଦୃଷ୍ଟିସୀମାରୁ ଅତୀତ) ଅକାଳ ଛିଟିଚୁଡ଼ାଙ୍କର ବେଳେ ଘର ତେଲା ହୋଇଛି ଆଖି ଯାଉନାହିଁ ।

୧୧ ଆଖି ବୁଲାଇବା (ଉପରଠାଉରିଆ ଦେଖିବା) ପ୍ରବନ୍ଧଟିରେ ଆଖି ବୁଲାଇଦେଇ କି ସାର ପାଇବୁ ?

୧୨ ଅଡ଼ଆଖିରେ ଚାହିଁବା— (ସାମାନ୍ୟ ଦୃଷ୍ଟିଦେବା) ରାଜମାଳ ଧନ ନିଦେଇ ଭାଇମାନଙ୍କୁ ଅଡ଼ଆଖିରେ ଚାହାଁନ୍ତି ।

୧୩ ଆକାଶ ପାତାଳ—(ସମ୍ବନ୍ଧହୀନ) ସବୁବେଳେ ଆକାଶ ପାତାଳ ଭାବିଂଲାଭ କ'ଣ ?

୧୪ ଆବାକାବା — (ବିସ୍ମୟ) ପିଲାଟିର ଢଙ୍ଗ ଦେଖିଲେ ଆବାକାବା ଲାଗୁଛି ।

୧୫ ଇତିକାମୁ—(ମୁହଁଦେଖା) କାହୁବୁତ ସମାନ କାହ ଏପରି ଇତିକାମୁ କହୁ ମୋତେ ରଚନା । (ଅର୍ଥ)

୧୬ ଉକୁଟି ମର୍ଦ୍ଦନ— (ଛଳଇବା) ସତେ କଣ ତୋର ସେପରି ହୋଇଛି କି ମୋତେ ଉକୁଟି ମର୍ଦ୍ଦନ କରୁଛୁନା ।

୧୭. ଉପରେ ପଡ଼ି କହିବା—(ନପଚାରୁଣୁ କହିବା) ତୁ କଣ ନ ବୁଝି ନ ଶୁଣି ଉପରେ ପଡ଼ି କହୁଛୁ ।

Digitized by srujan ka@gmail.com

୧୮ ଉଷୁନାଧାନ ଗଜା—(ଅସମ୍ଭବ) ଉଷୁନା ଧାନ ଗଜା ହେଲ ପରି ପିଲଟି ବେଗମ୍କୁ ହରାଇ ଆଜି ଖେଳିବ ବୋଲି ମନରେ ନଥିଲା ।

୧୯ ଉପୁର ଲାଭ—(ଅଧିକା ଲାଭ) ବଡ଼ ବଡ଼ ଅଫିସରଙ୍କର ଗୁମାସ୍ତା ହେଲେ ଉପୁର ଲାଭ ବେଶ ଥାଏ ।

୨୦ ଏ ଘରର ମାଉଷୀ ସେ ଘରର ପିଉଷୀ—(ଉଭୟ ପକ୍ଷରେ ଅସ୍ଥିରତା ଦର୍ଶାଇବା) ମାଳ୍ତିଅପାକୁ ବିଶ୍ୱାସ କରନା ଲୋ ହିଅ । ସେ ଏ ଘର ମାଉଷୀ ସେ ଘର ପିଉଷୀ । ସବୁ ସେଠି ବଖାଣିବ ।

୨୧ ଓଳିଅରୁ ଗଙ୍ଗା—(ପିଲରୁ ଠକ) ତାକୁ ବିଶ୍ୱାସ କରି ଏତେ ପଇସା ଦେଇ ପଠାଇଲ, ସେ ପରା ଓଳିଅରୁ ଗଙ୍ଗା ।

୨୨ କମ୍ବଳ ଯାକ ବାଳ—(ଦୋଷପୂର୍ଣ୍ଣ) ତୁ ଏପରି କଥା କଥାକେ ନ ଶୁଣିଲେ ଚଳବଳ ଖୋଜି ବସିଲେ କମ୍ବଳ ଯାକ ବାଳ ।

୨୩ କଲାକନା ବୁଲାଇବା—(ସର୍ବନାଶ) ସେ କା ଯୋଗରେ ପାଦ ଦେଲା ଘରଯାକ କଲାକନା ବୁଲିଗଲା ।

୨୪ କୁସୁମ ପରଶେ ପଟ ନେତ୍ରରେ—(ସହବାସଗୁଣ) ଜନାଙ୍କ ସଙ୍ଗରେ ଥିବାରୁ ତୁ ଏ ମର୍ଯ୍ୟାଦା ପାଇଲ । କୁସୁମ ପରଶେ ପଟ ନେତ୍ରରେ ।

୨୫ କପାଳ ଫାଟିବା—(ସର୍ବନାଶ) ପିଲଟି ଭଲ ପଢ଼ୁଥିଲା । ନିଶ୍ଚେ ପାସ୍ କରିବ ବୋଲି ଆଶାଥିଲା, ମାତ୍ର ତାର କପାଳତ ଫାଟିଛି ।

୨୬ ଛାତିଛୋଇଯିବା—(କାତର) ବାଘକୁ ଦେଖିଲା ମାତ୍ରେ ପିଲଟି ଛାତି ଛୋଇ ଯାଉଛି ।

Digitized by srujan ka@gmail.com

୨୭ କୁହୁଡ଼ି ପଶିବା (ନିଷ୍ଫଳ ପରିଶ୍ରମ) ପୋଥି ଖଣ୍ଡ ଧରି ଏପରି କୁହୁଡ଼ି ପଶିଲେ ହେବ କି ? ମନ ଦେଇ ପଢ଼ ।

୨୮ କଂସାରି ଘର ପାଗ (ଅଭ୍ୟସ୍ତ ବ୍ୟକ୍ତିର ନିର୍ଭୟ) ଲୋକଟା ଯୁଦ୍ଧରୁ ଫେରିଛି ତାକୁ ଠେଙ୍ଗା ଦେଖାଉଛ କଣ ମ ? ସେତ କଂସାରି ଘରର ପାଗ ।

୨୯ କୁଆଁରପଣରେ ଘଣ୍ଟ— (ସଂସାର ପ୍ରବର୍ତ୍ତନ କରିବା) କଥାଟା ଦାମିଆନଙ୍କର ପଡ଼ିଲାଣି କୁଆଁରପଣରେ ଘଣ୍ଟ ଏବଂ ଗୃହ ଅଭେ ବ୍ୟାପିବ ।

୩୦ କଟା ଘା'ରେ ଚୂନ—(ଦୁଃଖିତକୁ ଚିଡ଼ାଇବା) ସେତ ସେୟା· ବଜାରରେ ଧରି ମାଡ଼ ଖାଇ ବ୍ୟସ୍ତ ହେଉଛି ତାର କଟା ଘାରେ ଚୂନ ଦେଉଛ କାହିଁକି ?

୩୧ କୋଠିଏ କାକରେ ଗୋଟିଏ ପିକ (ଅନେକ ଶୋଷକ ପ୍ରତି- ବନ୍ଧକ ସମ୍ପର୍କର ଗୋଟିକର ଜନ୍ମ) ଶ୍ରୀଭଗବାନଙ୍କର ଅପର ନମାନ ଜଗତର ମଧ୍ୟର ପରିପୂର୍ଣ୍ଣ ଭାର ସରକାର ନେଉ- ଥିଲେ । ମାତ୍ର ମଧୁବାବୁଙ୍କ ପ୍ରାଣପଣେ ଚେଷ୍ଟାରୁ ତାହା ରହିତ ହେଲା । ସେ ପର କୋଠିଏ କାକରେ ଗୋଟିଏ ପିକ ।

୩୨ ଖିଅ କାଢ଼ିବା—(କଥାକୁ ଘାଣ୍ଟି ଦୋଷ ବାହାର କରିବା) ହରିବାବୁ ଖିଅ ନ କାଢ଼ିଥିଲେ ଏ କଥା ପଦାକୁ ବାହାରନ୍ତା ନାହିଁ ।

୩୩ ଖାଲରେ ପକାଇବା (ବିପଦ୍‌ଗ୍ରସ୍ତ କରିବା) "ରୂପଭ୍ରଷ୍ଟା" ଏପରି ଖାଲରେ ପକାଇବ ବୋଲି କିଏ ଭାବିଥିଲା ?

୩୪ ଗାଲରେ ହାତଦେଇ ବସିବା (ଭାବନା କରିବା) ଜାଣି ଜାଣିତ ଖାଲରେ ପଡ଼ିଲୁ ଏବେ ଗାଲରେ ହାତଦେଇ ବସିଲେ କଣ ହେବ ?

Digitized by srujan ka@gmail.com

୩୫ ଗଳ ଗ୍ରହହେବା (ଉପଦ୍ରବକର ବାଧକ ଅଣିବା) ମୁଁ ତାର ଉନ୍ନତି କରିଛି ବୋଲି ସିନା ଏ ଦୁଃଖ ଭୋଗୁଥିଲି । ଶେଷରେ ଏବେ ଗଳଗ୍ରହ ହେବ କିଏ ଭାବିଥିଲା ।

୩୬ ଗୋଡ଼ଟେକି ବସିବା (ପ୍ରସ୍ତୁତ ହେବା) ତୁମକୁ ଠକି ଦେଇ ଯିବାକୁ ସେ ଗୋଡ଼ଟେକି ବସିଛି । କାହିଁକି ତା ପାଲରେ ପଡ଼ୁଛ ?

୩୭ ଗୁଳିଆ ଖଗଡ଼ରେ ହାତ ଦେବା (ଅତି ଦୁଷ୍କାମି) ସେ ଗୁଳିଆ ଖଗଡ଼ରେ ହାତଦେବା ପିଲା । ତାକୁ ତୁମେ ପାରିବ ?

୩୮ ଚୁହ୍ଲି ଜୁଳୁକି ଲଗାଇବା (ଆଖି ଆଗରେ ଠକିବା) ହାଟରେ ଦେଖିଲି ଜଣେ ଲୋକ କେତେଟି ତାସ ଧରି ବହୁ ଲୋକଙ୍କୁ ଚୁହ୍ଲି ଜୁଳୁକି ଲଗାଉଛି ।

୩୯ ଚିଠା କାଟିବା (ଠକିଦେବା) ତାକୁ ଚିହ୍ନୁନ, ସେ ପଖ ଚିନି ଅଣିଦେବ ବୋଲି କହି ଦୋକାନୀକୁ ଚିଠା କାଟିଛି ।

୪୦ ଚଳୁ କରିଦେବା (ଆତ୍ମସାତ୍ କରିବା) ରମିଆ ବଡ଼ଟେ ପିଲା ହେଲେ କଣ ହେଲା, ଗଧିଆ ଚୁନା କରିଦେବ ବୋଲି କହି ଘୋଡ଼ାର ଗୃହଗୋଷ୍ଠୀ ଗହମ ଚଳୁ କରି ଦେଇଛି ।

୪୧ ଛତ୍ର ଉଡ଼ାଇଦେବା (ସର୍ବସ୍ୱ ନଷ୍ଟ କରିବା) ସେତ ମାଇପି ଲୋକ ଭାଇଙ୍କ ବିଶ୍ୱାସ କରି ବ୍ୟବସାୟରେ ପ୍ରାୟ ଲକ୍ଷରୁ ହଜାରରେ ଛତ୍ର ଉଡ଼ାଇ ଦେଲା ।

୪୨ ଛେନାରୁ ଚୋପା ଛଡ଼ାଇବା କଥା (ଛିଦ୍ର ଭଲ କରି ଦୋଷ ଦେଖାଇବା) ତୋର ଇଚ୍ଛା ନ ଥିଲେ ସେଇଟି ନ କିଣ, କେଉଁ ଛେନାରୁ ଚୋପା ଛଡ଼ାଇ ଲାଭ କଣ ?

୪୩ ଝିଣ୍ଟିକା ମାରି ବଣି ପୋଷିବା (ଦୁର୍ବଳକୁ ମାରି ସବଳ

Digitized by srujan ka@gmail.com

ଚେଷ୍ଟିବା) ଏତେ ଶ୍ରଦ୍ଧା କରି ଅନୁଷ୍ଠାନ ଗଢ଼ିଥିଲ ତାକୁ ଖୁଆଇବାକୁ । ଟିକିଟା ମାତ୍ର ବଣି ଚେଷ୍ଟିଲ ।

୪୪ ହାଙ୍କ ଛଡ଼ାଇଦେବା (କ୍ରୋଧର ଅଥୟ କରିବା) ତାକୁ କଅଣ ସହଜ ମଣିଛ, ଖିଅ ଦାଇଲେ ହାଙ୍କ ଛଡ଼ାଇ ଦେବ ।

୪୫ ଠାଏକୁ ମାରିବା (ଅନୁମାନ କରିବା) ତୁମେ ଖେଳିବା କଥା କେସ ଦେଖିଛ କି କେବଳ ଠାଏକୁ ମାରୁ କହୁଛ ନା ?

୪୬ ତାଳ କାଟିଦେବା (ଆଶ୍ରୟ ଶୂନ୍ୟ କରିବା) ସେ ଲୋକଟିର ଯା ପ୍ରତି ଏତେ ରାଗ କାହିଁକି ତାଳ ସୁଦ୍ଧା କାଟିବାକୁ ବସିଛି ।

୪୭ ଧନପଞ୍ଜୀରୁ ଯିବା (ଅଟକଣା) ଯେଉଁ ବାଳକ ପିତାମାତାଙ୍କ କଥା ନମାନି ଉଦ୍ଧତ ହୋଇ ବୁଲେ ସେ ଧନପାଞ୍ଜୀରୁ ଯାଏ ।

୪୮ ତିଳକୁ ତାଳ କରିବା (ଛୋଟ କଥାକୁ ବଢ଼ାଇ ଦେବା) ଲୋକଟା କାହିଁକି ଯେପରି ହେଲା କେଜାଣି, ଏଡ଼କି କଥାଟିଏ ଶୁଣିଲେ ତିଳକୁ ତାଳ କରି କହୁଛି ।

୪୯ ଦେଖି ପାରିବା (ସୁଖପାଇବା) ପିଲାଟିର କପାଳ କଣ ହୋଇଛି ଯେ ଘରେ ତାକୁ କଏ ଦେଖି ପାରୁ ନାହାନ୍ତି ।

୫୦ ଦାଉ ସାଧିବା (ପ୍ରତିଶୋଧ ନେବା) କେଉଁ ଦିନର କଥା ମନେ ରଖିଛ ହେ ସମୟ ଦେଖି ଦାଉ ସାଧୁଛ ।

୫୧ ଦାନା ମାରିବା (ବୃତ୍ତିଚ୍ଛେଦ) ଠିକ କଢ଼ାଇବା ଭଲ, ଦାନା ମାରିବା ପ୍ରଭୁଙ୍କ ଗୁଣ ନୁହେଁ ।

୫୨ ଦଫା ରଫା (ସର୍ବସ୍ୱାନ୍ତ) ଏ ମକଦ୍ଦମାରେ ପଡ଼ି ସେ ଦଫାରଫା ହୋଇଛି ।

Digitized by srujan ka@gmail.com

୫୩ ଧର୍ମକୁ ଅଖି ମିଟିକା ମାରିବା (ଧର୍ମକୁ ବାହ୍ୟ ଦେଖାଇ ଠକିବା) ପୋଖରୀ ମରାମତି କରାଇବ ବୋଲି କେତେଥର କେତେ ପଇସା ସଂଗ୍ରହ କରିଥିଲ । ଏବେ କେବଳ ଧଳ ଟିକାଏ ବୋଳି ଦେଇ ଧର୍ମକୁ ଅଖିମିଟିକା ମାରୁଛ ।

୫୪ ନାକେଦମ କରିବା (ନିତାନ୍ତ ଅସ୍ଥିର କରିବା) ପିଲାଟି ଖେଳ-ନାଟି ପାଇଁ ସକାଳ ପହରୁ ଲାଗି ଲାଗି ନାକେଦମ୍ କରି ପକାଇଲାଣି ।

୫୫ ନାଁ ପକାଇବା (କୁନାମ ଅର୍ଜିବା) କି କୁବେଳରେ ଯାହାକୁ ଜନ୍ମ କରି ଥିଲ ବାପମାଙ୍କର ନାଁ ପକାଇଲା ।

୫୬ ନାଁ କରିବା (ସୁନାମ ଅର୍ଜିବା) ଚୌଧରୀ ଗୁରୁ ସରକାରିଙ୍କ ଦେଶସେବା କରି ନାଁ କରିଥିଲେ ।

୫୭ ନାକ ଟେକିବା (ଘୃଣା କରିବା) ସେ ସମସ୍ତଙ୍କୁ ନାକ ଟେକୁଛି ନିଜକୁ ଗୋଦର ଗୋଡ଼କୁ ଦେଖୁନି ।

୫୮ ନାକ ଛିଙ୍କାଡ଼ିବା (ବିରକ୍ତି ପ୍ରଦର୍ଶନ) ଗୋବିନ୍ଦ ମା କଥାରେ ଲାଗି ପଡ଼ୁଛି କେଜାଣି ସବୁବେଳେ ନାକ ଛିଙ୍କାଡ଼ି କଥା କହୁଛି ।

୫୯ ପାଟିରେ ବିଡ଼ା ଦେବା (କହିବାକୁ ମନାକରିବା) ବଡ଼ ମା କେତେ କଲା ହୁଣ୍ଡୀ ଟିଏ ମା—ଗେରସ୍ତ ଛଅବେଲେ କହୁଛି ଯା ମୋ ଇଚ୍ଛା ମୁଁ କହିବ ତୁ ମୋ ପାଟିରେ ବିଡ଼ା ଦେବୁନା ?

୬୦ ପିଠିରେ ପଡ଼ିବ (ସାହା ହେବ) ପଡ଼ଶା ମାଇପେ ଚୁଟୁଲି କହି ଶାଶୁ ବହୁରେ ମାଡ଼ ଲଗାଇ ଦଅନ୍ତି, ମାଡ଼ ବସିଲେ କିଏ ପିଠିରେ ପଡ଼େନାହିଁ ।

୬୧ ପାଲରେ ପକାଇବା (କୌଶଳରେ ଅଧୀନ କରିବା) କରେ ମୋତେ କଣ କରି ପାଇଛୁ କି, ମୁଁ ନିଅଁର ମାଛ ତୁଚ୍ଛା

Digitized by srujan ka@gmail.com

ମୋତେ ପାଲରେ ପକାଇ ପାରିବୁ ନାହିଁ ।

୬୨ ଫମ୍ପର ଫାଟିବା (ବ୍ୟର୍ଥହେବା) କି ଯୋଗରେ ମୁଁ ଏଥିରେ ହାତ ଦେଇ ଚେଷ୍ଟାଣି ସେତେ ଉପାୟ କଲେ ମଧ୍ୟ ଫମ୍ପର ଫାଟି ଯାଉଛି ।

୬୩ ଫନ୍ଦେଇ ହେବା (ପୁନଃ ପୁନଃ କହି ବିରକ୍ତ ହେବା) ସେଇ ଗୋଟିଏ କଥା କହି ତେତେ ଫନ୍ଦେଇ ହେଉଛୁ ?

୬୪ ବାଟ ଛାଡ଼ିବା (ନିଜବାଟ ଦେଖିବା)-ମୋ କଥା ଯଦି ରହୁନି ନାହିଁ ଏଠିରେ ଲଭ କଣ ଏଣିକି ମୋ ବାଟ ଛାଡ଼ିବ ।

୬୫ ବରଡ଼ ଘୁଞ୍ଚିବା (ଅନୁକୂଳରେ ବସୁ) ତାହାରି କଥା ନ ଶୁଣି ଦୁର୍ଦ୍ଦଶା ହୋଇ ବାହାରି ପଡ଼ିଲ । ମୁଁ ଜାଣେ ନିଶ୍ଚୟ ବରଡ଼ ଘୁଞ୍ଚିଛି ।

୬୬ ବିଶ୍ୱାସରେ ବିଷ [ବିଶ୍ୱାସଘାତକତା] ତୋ ମନରେ ଯଦି ନଥିଲା ଆଗରୁ ମନା କରିଥାନ୍ତୁ, ଏପରି ବିଶ୍ୱାସରେ ବିଷ-ଦେବା ନ୍ୟାୟ କି ?

୬୭ ବିରାଡ଼ି କର୍ମକୁ ଶିକା ଛିଡ଼ିବା (ସୁଯୋଗ ପାଇବା) ଆଜି ଖେଳରେ ମାତ୍ର ଶିକ୍ଷକ ଦେବା ଗୁରୁ କର୍ମ ଭଲ ନ ଥିଲ । ଦେବାରୁ ସେ ଯୋଗ୍ୟ ଛୁଟି ହୋଇଗଲେ । ବିରାଡ଼ି କର୍ମକୁ ଶିକା ଛିଡ଼ିଲା ।

୬୮ ଭାଲୁ ଧରାଇବା [କୌଶଳରେ ଅନ୍ୟକୁ ଜଞ୍ଜାଳ ଦେବା) ବାପା ତୋତେ ଧନ ପାଇଁଥିଲେ ଏପରି ଅସାଧ୍ୟ ପରସ୍ଥିତିଏ ବେଳରେ ବାନ୍ଧି ମୋତେ ଭାଲୁ ଧରାଇ ଦେବାକୁ ।

୬୯ ମନ୍ଦରରୁ ଯାଇ କାନ୍ଥରେ ପଡ଼ିବା (ସାମାନ୍ୟ ବିପଦରୁ ଉଚ୍ଚ ବଡ଼ ବିପଦରେ ପଡ଼ିବା) ଦୂରରେ ରହି ଜଞ୍ଜାଳ ଦେଉଛି ବୋଲି

Digitized by srujan ka@gmail.com

ପାଖକୁ ଅଣି ବାନ୍ଧ ଚଳିଣି ଅଳ୍ପ ମହର୍ଗରୁ ଯାଇ କନ୍ଥାବରେ ପଡ଼ିଲା ।

୭୦ ମୁଣ୍ଡକୁ ତେନ୍ତୁଳି ବିଛା କାମୁଡ଼ିବା [ବିଷମ ଚିନ୍ତା] ଆଜ କି ଚାରି ମାସ ହେଲଣି ଦରମା ନାହିଁ । ଏଣେ ଘରେ ଚାଉଳ ସରିବା କଥା ଶୁଣିବାରୁ ମୁଣ୍ଡକୁ ତେନ୍ତୁଳି ବିଛା କାମୁଡ଼ିଲାଣି ।

୭୧ ମୁହଁ ବଢ଼େଇବା (ପ୍ରଶ୍ରୟ ଦେବା) ପିଲାର ପ୍ରତ୍ୟେକ କଥାରେ ପକ୍ଷ ଧରି ତାର ମୁହଁ ବଢ଼ାଇ ଦେଲଣି ।

୭୨ ମନ ଘର ଧରିବା (ଦାୟିତ୍ୱ ପଡ଼ିଲେ ସତର୍କ ହେବା) ଏବେ ଯିନା ମୁଁ ଚଳାଉଛି ବୁଝି ପାରୁନୁ । ମୋ ପରେ ମନ ଘର ଧରିବ ଯେ ।

୭୩ ରକ୍ତ ଚାଉଳ ଚୋବାଇବା (ରାଗରେ ଗରଜିବା) ଅଗପଛ ନ ଭାବି ତା'ପରେ ରକ୍ତ ଚାଉଳ ଚୋବାଉଛୁ, ତା ଅଭାବରେ କି ଅସୁବିଧା ହେବ ବୁଝୁନୁ ?

୭୪ ଲେଉଡ଼ାଗୁଡ଼ କହୁଣିକୁ (କଥା ବଳାଇବା) ଉପରକୁ ଜଣେ ଥିବାର ଜାଣି ପାରୁନ, ଲେଉଡ଼ାଗୁଡ଼ କହୁଣିକି ବୋହିଲେ ଚେତିବୁ ।

୭୫ ପୁଅମୁହଁରେ (ବିତ୍ତର ଗର୍ଭ) ଆପଣାର ଖର୍ଚ୍ଚ ପୁଅମୁହଁରେ ଯାଇଛନ୍ତି ପିଲାର ବଳକେ ଖର୍ଚ୍ଚକୁ ଆଖି କରୁଛ କେତେ ?

୭୬ ସଜ ମାଉଁସରେ ପୋକ ପକାଇବା (ନିର୍ଦ୍ଦୋଷରେ ଦୋଷ ବାଛିବା) ସେତ ସଜମାଉଁସରେ ପୋକ ପକାଇବେ, ତାଙ୍କ ପାଖେ ତୁମେ ଚଳି ପାରିବ ନି ।

୭୭ ହାତରେ ନ ମାରି ଭାତରେ ମାରିବା (କୌଶଳରେ ଦାଉ ସାଧିବା) ହରିବାବୁ କୌଣସି ଜିନିଷ ଚେନେଲେ ସହଜେ

Digitized by srujan ka@gmail.com

ଫେରାନ୍ତ ନାହିଁ । ଏଣିକି ମାଗିଲେ ହାତରେ ନ ମାର ଭିତରେ ମାଝିବା ଭଲ ।

୮୮ ହାତେ ମାପି ଗୃହଣ୍ଡେ ଗୃହ (ଅଗପଛ ଭାବି କାର୍ଯ୍ୟ କରିବା) ବାପ ! ମିଲଟଣ୍ଟରେ ଯୋଗ ଦେଲ ବୋଲି ଶଙ୍କା ନୁହେ । ହାତେ ମାପି ଗୃହଣ୍ଡେ ଚାଲ ।

୮୯ ହାତ ଅଳସରେ ନିଶ ବଙ୍କା (ନିଜକାର୍ଯ୍ୟ ନଜେ କରିବା) ପ୍ରତି ଦିନର ପାଠ ଯଥା ସମୟରେ କର ନ ଥିବାରୁ ଏବେଣି ପରୀକ୍ଷାରେ ଫେଲ କଲୁ । ହାତ ଅଳସରେ ନିଶ ବଙ୍କା ହୁଏ ପର ।

୯୦ ହେଣ୍ଡି ଦେବା (ବେଖାତର) ସବୁ କଥାରେ ଏପରି ହେଣ୍ଡି-ଦେଇ ଗଲେ ଥରେ ବିପଦରେ ପଡ଼ିବାକୁ ହେବ ।

## ପ୍ରଶ୍ନ

୧ ବାକ୍ୟରେ ବ୍ୟବହାର କର । ଅକଲ ସଲାମି । ବାଟ କାଟିବା । ବିସ୍ତି ଲୁଚିବା । ହାତ ଅଳସେ ନିଶ ବଙ୍କା ।

୨ ଏ ରୂଢ଼ିକୁ ରୂଢ଼ପ୍ରୟୋଗ କାହିଁକି କହନ୍ତି ?

୩ ଝରକ୍ତ ପ୍ରକାଶ କରିବା, ଅଭ୍ୟସ୍ତବ୍ୟକ୍ତିର ନିର୍ଦ୍ଦୟ, ପ୍ରଧାନ ସହାୟ, ସବୁଠାରେ ଅଲେଡା, ସାହାହେବା ଏହି ଅର୍ଥଦ୍ୟୋତକ ରଖି ଉପଯୁକ୍ତ ରୂଢ଼ପଦ ଦେଇ ବାକ୍ୟ ରଚନା କର ।

୪ ତୁମେ ଜାଣିଥିବା ରୂଢ଼ପଦ କଣ ଥିଲେ ତନୋଟି ଲେଖ

Digitized by srujan ka@gmail.com

## ସଂସ୍କୃତ

ସଂସ୍କୃତ ବାକ୍ୟରଚନା ପାଇଁ ଶବ୍ଦ ଓ ଧାତୁ ନିତାନ୍ତ ଦରକାର । ଯେପରି ଘରଟିଏ ନିର୍ମାଣ କରିବାକୁ ଇଟା ପଥର ଅତ୍ୟାବଶ୍ୟକ । ମୂଳ ଦୁଆ ଦୁର୍ବଳ ଥିଲେ ଗୃହ ଯେପରି ଯଥାଶୀଘ୍ର ଧ୍ୱସ୍ତ ହୁଏ ଧାତୁ ଓ ଶବ୍ଦର ଦୁର୍ବଳତାରେ ଭାଷାର ଦୁର୍ବଳତା ଅନିବାର୍ଯ୍ୟ । ଅନ୍ୟାନ୍ୟ ଭାଷା ଅପେକ୍ଷା ଏ ଭାଷାର ବିଶେଷତ୍ୱ ଏହି —ସବୁଭାଷାରେ ଶବ୍ଦପାଇଁ ନିର୍ଦ୍ଦିଷ୍ଟ ବିଭକ୍ତି କେତୋଟି ଥାଏ । ତାହା ସବୁପ୍ରକାର ଶବ୍ଦରେ ବ୍ୟବହୃତ ହୁଏ । ସଂସ୍କୃତର ବିଭକ୍ତି ନିର୍ଦ୍ଦିଷ୍ଟ ଥିଲେ ମଧ୍ୟ ଶବ୍ଦ, ଧାତୁ, ଗଣ ଭେଦରେ ନାନାବିଧ ପରିବର୍ତ୍ତନ ଦେଖାଯାଏ । ଏଣୁ ଶିକ୍ଷାର୍ଥୀ ପକ୍ଷରେ ଏହିଭାଷା କଷ୍ଟକର ହେଉଛି ।

ଶିକ୍ଷାର୍ଥୀଗଣ ପ୍ରଥମରୁ ଶବ୍ଦଧାତୁକୁ କଠିନ ଓ ନିରର୍ଥକ ମନେକରି ଏକବାର ପରିତ୍ୟାଗ କରନ୍ତି । ପରୀକ୍ଷା ସମୟ ଆସିଗଲେ ପଥର ରାମ୍ପୁଡ଼ି ବସନ୍ତି । ଏ ପର୍ଯ୍ୟନ୍ତ ହାଇସ୍କୁଲର ଯେତେ ପରୀକ୍ଷାର୍ଥୀ ସଂସ୍କୃତ ଶିକ୍ଷା କରୁଛନ୍ତି ସେଥିରୁ ଅଧିକାଂଶ ପ୍ରକୃତଭାଷାର ମର୍ଯ୍ୟାଦା ବୁଝିନାହାନ୍ତି । କେବଳ ଅନ୍ଧାର ଘରକୁ ଢେଲା ମାରୁଛନ୍ତି । ଏଣୁ ନିମ୍ନ ପ୍ରଣାଳୀ ଅନୁସରଣ କରି ଶବ୍ଦ ଧାତୁ ଅଭ୍ୟସ୍ତ କରିବା ସଂସ୍କୃତ ବିଦ୍ୟାର୍ଥୀଙ୍କର ନିତାନ୍ତ ବାଞ୍ଛନୀୟ ।

କୌଣସି ବାକ୍ୟ ବିଶ୍ଲେଷଣ କଲେ ଦେଖିବ ସବୁ ଦୁଇଭାଗ । ଶବ୍ଦଭାଗ ଓ ଧାତୁଭାଗ । କ୍ରିୟା (ସମାପିକା,ଅସମାପିକା,) ବାଦ ଦେଲେ ଅନ୍ୟ ସମସ୍ତ ଶବ୍ଦବିଭାଗ । ତାମଧ୍ୟରେ ଅବ୍ୟୟ ଗୁଡ଼ିକୁ ପୃଥକ୍ କଲେ ଅନ୍ୟ ସମସ୍ତର ଯେ କୌଣସି ବିଭକ୍ତି ନିଶ୍ଚୟ ରହିବ । ଏଣୁ ଶବ୍ଦରୂପ ପ୍ରଥମତଃ ଶିକ୍ଷଣୀୟ ।

Digitized by srujan ka@gmail.com

## ଶବ୍ଦ ବିଭାଗ

ଶବ୍ଦ ସବୁ ତିନି ଭାଗରେ ବିଭକ୍ତ । ସ୍ୱରାନ୍ତ, ବ୍ୟଞ୍ଜନାନ୍ତ ଓ ସର୍ବନାମ । ଏଥିରେ ପ୍ରତ୍ୟେକଟି ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଓ କ୍ଲୀବଲିଙ୍ଗ ରୂପେ ତିନି ପ୍ରକାର । ଏହି ସମସ୍ତ ବିଭାଗପାଇଁ ବିଭକ୍ତି ଚିହ୍ନ ଏକ । ମାତ୍ର ଯୋଗଁକାଳରେ ଅନେକତ୍ର ବିଭିନ୍ନ ପରିବର୍ତ୍ତନ ଦେଖାଯାଏ । ବ୍ୟଞ୍ଜନାନ୍ତ ଶବ୍ଦ ଗୁଡ଼ିକରେ ନିମ୍ନଲିଖିତ ବିଭକ୍ତି —ସ୍ଥାନେ ସ୍ଥାନେ ସାମାନ୍ୟ ପରିବର୍ତ୍ତନ ।

### ମୂଳ ବିଭକ୍ତି

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମା | ସ୍ | ଔ | ଅସ୍ |
| ଦ୍ୱିତୀୟା | ଅମ୍ | ଔ | ଅସ୍ |
| ତୃତୀୟା | ଆ | ଭ୍ୟାଂ | ଭିସ୍ |
| ଚତୁର୍ଥୀ | ଏ | ଭ୍ୟାଂ | ଭ୍ୟସ୍ |
| ପଞ୍ଚମୀ | ଅସ୍ | ଭ୍ୟାଂ | ଭ୍ୟସ୍ |
| ଷଷ୍ଠୀ | ଅସ୍ | ଓସ୍ | ଆମ୍ |
| ସପ୍ତମୀ | ଇ | ଓସ୍ | ସୁ |

ସମ୍ବୋଧନ—ପ୍ରଥମା ବିଭକ୍ତି ପରି ।

ସ୍ୱରାନ୍ତ ଶବ୍ଦଗୁଡ଼ିକର ଶେଷ ବର୍ଣ୍ଣକୁ ଧରି,ଏହି ପ୍ରତ୍ୟୟ-ମାନଙ୍କର କୌଣସି କୌଣସି ସ୍ଥଳେ ଶବ୍ଦାଂଶର ମଧ୍ୟ ପରିବର୍ତ୍ତନ ହୋଇଥାଏ । ଏ ମଧ୍ୟରେ ସପ୍ତମୀ 'ଇ' ଏବଂ ଦୁଇଟି 'ଓସ୍' ର ପରିବର୍ତ୍ତନ ନାହିଁ । ନମୁନାପାଇଁ ସ୍ୱରାନ୍ତ ଶବ୍ଦ ଯେପରି:—

ସ୍ୱରାନ୍ତ—ଅ, ଆ, ଇ, ଈ, ଉ, ଊ, ଋ, ଓ, ଔ,

ପୁଂଲିଙ୍ଗ—ଦେବ, ମୁନି — ସାଧୁ, — ଦାତୃ — —

Digitized by srujan ka@gmail.com

ସ୍ତ୍ରୀ ,, —-ଲତା, ମତି, ନଦୀ, ଧେନୁ, ବଧୂ, ମାତୃ-ଗୋ-ନୌ,
କ୍ଳୀ ,, —ଫଳ — ବାରି — ମଧୁ — କର୍ତ୍ତୃ—

ବ୍ୟଞ୍ଜନାନ୍ତ

| | ଚ୍ | ତ୍ | ଜ୍ | ଭ୍ | ନ୍ | ସ୍ |
|---|---|---|---|---|---|---|
| ପୁଂ— | ପୟୋମୁଚ୍ | | ସମ୍ରାଜ୍ | ଟଲ୍ଲୁଭ | ଯଜ୍ୱନ୍ | ବେଧସ୍ |
| ସ୍ତ୍ରୀ— | ତ୍ୱଚ୍ | ବାତ୍ | ସ୍ରଜ୍ | ସରଭ | — | — |
| କ୍ଳୀ— | — | ପ୍ରତ୍ୟର୍ | — | ଜଗଲିଭ | ନାମନ୍ | ପୟସ୍ |

ଶବ୍ଦବିଭାଗରେ ବିଭକ୍ତିର ପରିବର୍ତ୍ତନ ଯେତେ ପ୍ରକାର ହୁଏ ତାର ଚିହ୍ନ (ଏହି ସଙ୍କେତ) ଦେଖି ବିଭକ୍ତି ନିର୍ଣ୍ଣୟ କରାଯାଇ ପାରେ।

| | ଏକବଚନ | | | | ଦ୍ୱିବଚନ | | | | ବହୁବଚନ | | | |
|---|---|---|---|---|---|---|---|---|---|---|---|---|
| ପ୍ରଥମା | ସ(ଃ) | ଲୋପ | ଆ | ଂ | ଔ | ଈ | ଊ | ଏ | ଅଃ | ନି | ଇ | ଏ |

ଦେବଃ ନଦୀ ମିତ୍ରା ଫଳଂ ଦେବୌ ମୁନୀ ସାଧୂ ଫଳେ ଦେବାଃ ଫଳାନି
ହରିଃ ଭୂଭୃତ୍ ଧାତା ନଦ୍ୟୌ ଜଗନ୍ତି
ଉଭେ ବେଧସଃ ବାରିଣି
ବାରିଣୀ ପୟାଂସି
ଭାନୁ ବାରି ଅମ୍ବା ଯୌ ଯେ ହରୟଃ ଯାନି
ମଧୁନୀ
ବେଧାଃ ବାକ୍ ଅମ୍ବାଡେନୌ କର୍ତ୍ତାରଃ ଯେ
ଭବ ଭବଣୌ ସ୍ରଜଃ ସର୍ବେ

| ଦ୍ୱିତୀୟା | ମ୍ | ଅ ମ୍ | ଲୋପ | | ଔ | ଈ | ଊ | ଏ | ଅଃ | ନ୍ | ଦୀର୍ଘପରେ ଃ |
|---|---|---|---|---|---|---|---|---|---|---|---|
| | ମୁନିଂ | ପିତରଂ | ବାରି | | ଦେବୌ | „ | „ | „ | ବାଲକଃ | ରାମାନ୍ | ମତୀଃ |
| | ଭାନୁଂ | କରଣଂ | ଜଗତ୍ | | ନଦ୍ୟୌ | „ | „ | „ | ଅସ୍ମାନଃ | ଜାଗାନ୍ | ମାତୃଃ |

Digitized by srujan ka@gmail.com

ଦେବଂ ଚନ୍ଦ୍ରମସଂ ନାମ ଗଚ୍ଛତଃ ସାଧୂନ୍ ଧେନୂଃ
ନଦୀଂ ଅସ୍ମାନଂ ଯତ୍ର ଭାଚଃ ପିତୄନ୍ ନଦୀଃ
ଯାନ୍

| ତୃତୀୟା | ଆ | ଏନ | ନା | ଯା | ଭ୍ୟାମ୍ | ଭିଃ | ଐଃ |
|---|---|---|---|---|---|---|---|
| | ମରୁତା | ଶ୍ରମେଣ | ମଧୁନା | ମତ୍ୟା | ଦେବାଭ୍ୟାଂ | ହରିଭିଃ | ଦେବୈଃ |
| | ଗଚ୍ଛତା | ଦେବେନ | ବାରିଣା | ନଦ୍ୟା | ନଦୀଭ୍ୟାଂ | ପିତୃଭିଃ | ଯୈଃ |
| | ରାଜ୍ଞା | ଯେନ | ମୁନିନା | | ସ୍ରଗ୍‌ଭ୍ୟାଂ | | |
| | ପିତ୍ରା | | ଭାନୁନା | | | | |

| | ଏକବଚନ | | | | | ଦ୍ୱିବଚନ | ବହୁବଚନ | |
|---|---|---|---|---|---|---|---|---|
| ଚତୁର୍ଥୀ | ଏ | ଅୟ | ଐ | ସ୍ମୈ | ସ୍ୟୈ | ଭ୍ୟାଂ | ଭ୍ୟଃ | ଏଭ୍ୟଃ |
| | ହରୟେ | ରାମାୟ | ମତ୍ୟୈ | ଯସ୍ମୈ | ଯସ୍ୟୈ | ଦେବାଭ୍ୟାଂ | ଦେବେଭ୍ୟଃ | |
| | ଭାନବେ | | ନଦ୍ୟୈ | | | ଯାଭ୍ୟାଂ | ଯେଭ୍ୟଃ | |
| | ସ୍ରଜେ | | | | | | | |

Digitized by srujan ka@gmail.com

ଅମୂନେ
ପିତ୍ରେ
ମନସେ

| ପଞ୍ଚମୀ | ଅଃ | ଙଃ | ଏଃ | ଓଃ | ଯାଃ | ଅତ୍ | ଭ୍ୟାଂ | ଭ୍ୟଃ |
|---|---|---|---|---|---|---|---|---|
| | ସ୍ୱଙ୍କଃ | ପିତୁଃ | ମୁନେଃ | ଭାନୋଃ | ମତ୍ୟାଃ | ଦେବାତ୍ | Do | Do |
| | ମଧୁନଃ | ଦାତୁଃ | ମତେଃ | ଧେନୋଃ | ନଦ୍ୟାଃ | ଫଲାତ୍·· | | |
| | ଭବତଃ | ପତ୍ୟୁଃ | | | ଯସ୍ୟାଃ | ତସ୍ମାତ୍ | | |
| | ମନସଃ | ସଖ୍ୟୁଃ | | | | | | |
| | ଚନ୍ଦ୍ରମସଃ | | | | | | | |

| ଷଷ୍ଠୀ | ଅଃ | ଙଃ | ଏଃ | ଓଃ | ଯାଃ | ସ୍ୟ | ଓଃ | ଅମ୍ | ନାମ୍ | ଷାମ୍ |
|---|---|---|---|---|---|---|---|---|---|---|
| | Do | Do | Do | Do | Do | ଦେବସ୍ୟ | ଦେବୟୋଃ | ସ୍ୱଙ୍କାଂ | ଦେବାନାଂ | ଯେଷାଂ |
| ପଞ୍ଚମୀବତ୍ | | | | | | ସର୍ବସ୍ୟ | ନଦ୍ୟୋଃ | ଭୁଭୁଜାଂ | ମତୀନାଂ | ସର୍ବେଷାଂ |
| | | | | | | ଯସ୍ୟ | ମନସୋଃ | ମନସାଂ | ପିତୃଣାଂ | |

| ସପ୍ତମୀ | ଇ | ଏ | ଔ | ଯାଂ | ଓଃ | ସୁ | |
|---|---|---|---|---|---|---|---|
| | ଜଗତି | ଦେବେ | ମତୌ | ମତ୍ୟାଂ | | ଦେବେଷୁ | ସ ପୂର୍ବରେ ଅ,ଆ ଭିନ୍ନ ସ୍ୱର, କ,ର, ଥିଲେ ମୂର୍ଦ୍ଧନ୍ୟ ଷ ହୁଏ । |
| | ମନସି | ଫଳେ | ମୁନୌ | ନଦ୍ୟାଂ | Do | ଫଳେଷୁ | |
| | ଅମୃତ | | ଭାନୌ | ରମାୟାଂ | | ମନଃସୁ | |
| | ପିତରି | | ଧେନୌ | | | ଭଗସୁ | |
| | ବାରିଣି | | | | | | |

ସମ୍ବୋଧନର ପ୍ରଥମା । ମାତ୍ର ଏକବଚନ, ବାଧର୍ଗଲେଜ, ଦେବେ, ରତ୍ୟେ, ସାଧୋ, ପିତଃ, ସଜନ୍

ଶବ୍ଦ ସାରଣୀ

ସାଧାରଣତଃ ସ୍ୱରାନ୍ତ ଶବ୍ଦ ଗୁଡ଼ିକରେ ଥିବା ତାରତମ୍ୟ ବୁଝି ପାରିଲେ ଅନ୍ୟଗୁଡ଼ିକୁ ମାର୍ଗ ପାଇ ଯିବେ ବୋଲି ଏହି ସାରଣୀର ନିର୍ମାଣ ।

ଗୋଟିଏ ସ୍ୱରଭାଇଁ ଗୋଟିଏ ଟେବୁଲ୍ ଦିଆଯାଇଛି । ତାଙ୍କୁ ସମ୍ପର୍କ ଥିବା ଗୁଡ଼ିକ ତା ସମୀପ ସ୍ତମ୍ଭରେ ଅଛି । ଯେଉଁଠାରେ ଯେଉଁ ଭେଦ ଅଛି ତା କୁଣ୍ଡରେ ଚିହ୍ନିତ ହୋଇଛି ।

ଯେଉଁଠାରେ କିଛି ଚିହ୍ନ ନାହିଁ ପୂର୍ବ ଧାଡ଼ି ପର ବୋଲି ନିର୍ଣ୍ଣୟ କରିନେବେ । ଅ, ଅକାରାନ୍ତର ତିନି ଲିଙ୍ଗରେ ସର୍ବନାମ ସମ୍ବନ୍ଧ ଥିବାରୁ ପ୍ରତ୍ୟେକ ତଳେ ସର୍ବନାମ ପୃଥକ୍ ଚିହ୍ନାଇ ଦିଆଯାଇଛି ।
„ ଚିହ୍ନଥିଲେ ଉପର ପରି, — ଏହି ଚିହ୍ନଥିଲେ ପୂର୍ବଧାଡ଼ି ପରି ।

| ଅ— ପୁଂଲିଙ୍ଗ ଓ କ୍ଳୀବଲିଙ୍ଗରେ । ଦେବ—ଫଳ | | | | | | | |
|---|---|---|---|---|---|---|---|
| | ଏକବଚନ | | ଦ୍ୱିବଚନ | | ବହୁବଚନ | | |
| | ପୁଂ | କ୍ଳୀବ | ପୁଂ | କ୍ଳୀବ | ପୁଂ | କ୍ଳୀବ | (ଅଃ ଉର) |
| ପ୍ରଥମା | ଅଃ | ଅମ୍ | ଔ | ଏ | ଅଃ | ଅନି. | |
| | „ | ଅତ୍ | „ | „ | ଏ | „ | ସର୍ବନାମ |
| ଦ୍ୱିତୀୟା | ଅମ୍ | ଅମ୍ | „ | „ | ଅନ୍ | „ | |
| | „ | ଅତ୍ | „ | „ | „ | „ | ସର୍ବ. |
| ତୃତୀୟା | ଏନ | — | ଆଭ୍ୟାଂ | — | ଐଃ | — | |
| | „ | „ | „ | „ | „ | „ | ସର୍ବ. |
| ଚତୁର୍ଥୀ | ଆୟ | — | „ | „ | ଏଭ୍ୟଃ | — | |
| | ସ୍ମୈ | — | „ | „ | „ | „ | ସର୍ବ. |

Digitized by srujan ka@gmail.com

| | | | | | | | |
|---|---|---|---|---|---|---|---|
| ପଞ୍ଚମୀ | ଅତ୍ | — | ଅଭ୍ୟାଂ | ଏଭ୍ୟଃ | ” | | |
| | ସ୍ମାତ୍ | — | ” | ” | ” | ” | ସର୍ବ. |
| ଷଷ୍ଠୀ | ସ୍ୟ | — | ଅୟୋଃ | — | ଆନାଂ | — | |
| | ” | — | ” | ” | ଏଷାଂ | — | ସର୍ବ. |
| ସପ୍ତମୀ | ଏ | — | ” | ” | ଏଷୁ | — | |
| | ସ୍ମିନ୍ | — | ” | ” | ” | ” | ସର୍ବ. |

ଅ— ସର୍ବଦା ସ୍ତ୍ରୀଲିଙ୍ଗ । ଲତା, ଯା

| | ଏକବଚନ | | ଦ୍ୱିବଚନ | | ବହୁବଚନ | |
|---|---|---|---|---|---|---|
| | ସାଧାରଣ | ସର୍ବନାମ | | ସର୍ବନାମ | | ସର୍ବନାମ |
| ପ୍ରଥମା | ଆ | — | ଏ | — | ଆଃ | — |
| ଦ୍ୱିତୀୟା | ଆଂ | — | ଏ | — | ” | ” |
| ତୃତୀୟା | ଅୟା | — | ଆଭ୍ୟାଂ | — | ଆଭିଃ | — |
| ଚତୁର୍ଥୀ | ଅୟୈ | ସ୍ୟୈ | ” | ” | ଆଭ୍ୟଃ | — |

Digitized by srujan ka@gmail.com

| | | | | | | |
|---|---|---|---|---|---|---|
| ପଞ୍ଚମୀ | ଅସ୍ୟାଃ | ଅସ୍ୟାଃ | ଆଭ୍ୟାଂ | — | ଆଭ୍ୟଃ | — |
| ଷଷ୍ଠୀ | ” | ” | ଅନୟୋଃ | — | ଆସାଂ | ଅସାମ୍ |
| ସପ୍ତମୀ | ଅସ୍ୟାଂ | ଅସ୍ୟାଂ | ” | ” | ଆସୁ | — |

ଇ — ଭଳ ଲିଙ୍ଗରେ, ମୁନି, ମତି, ବାରି

| | ଏକବଚନ | | | ଦ୍ୱିବଚନ | | | ବହୁବଚନ | | |
|---|---|---|---|---|---|---|---|---|---|
| | ପୁମ୍ | ସ୍ତ୍ରୀ | କ୍ଳୀ | ପୁମ୍ | ସ୍ତ୍ରୀ | କ୍ଳୀ | ପୁମ୍ | ସ୍ତ୍ରୀ | କ୍ଳୀ |
| ପ୍ରଥ- | ଇ | — | ଇ | ଈ | — | ଇଣୀ | ଅୟଃ | — | ଈନି |
| ଦ୍ୱିତୀୟା | ଇଂ | — | ” | ” | ” | ” | ଈନ୍ | ଈଃ | ” |
| ତୃତୀୟା | ଇନା | ଯା | ଇନା | ଇଭ୍ୟାଂ | — | — | ଇଭିଃ | — | — |
| ଚତୁର୍ଥୀ | ଅୟେ | ୟୈ<br>ଅୟେ | ଇନେ | ” | ” | ” | ଇଭ୍ୟଃ | — | — |
| ପଞ୍ଚମୀ | ଏଃ | ଯାଃ<br>ଏଃ | ଇନଃ | ” | ” | ” | ” | ” | ” |

Digitized by srujan ka@gmail.com

| | | | | | | | | | |
|---|---|---|---|---|---|---|---|---|---|
| ଷଷ୍ଠୀ | ଏ | ନାଃ | ଇନଃ | ଯୋଃ | — | ନୋଃ | ଣାଂ | — | — |
| ସପ୍ତମୀ | ଔ | ଯାଂ ଔ | ଇନ | " | " | " | ଇଷୁ | — | — |

ଈ — କେବଳ ସ୍ତ୍ରୀଲିଙ୍ଗ ନଦୀ

| | ଏକ | ଦ୍ୱି | ବହୁ |
|---|---|---|---|
| ପ୍ରଥମା | ଈ | ଯୌ | ଯଃ |
| ଦ୍ୱିତୀୟା | ଈଂ | " | ଈଃ |
| ତୃତୀୟା | ଯା | ଈଭ୍ୟାଂ | ଈଭିଃ |
| ଚତୁର୍ଥୀ | ଯୈ | " | ଈଭ୍ୟଃ |
| ପଞ୍ଚମୀ | ଯାଃ | " | " |
| ଷଷ୍ଠୀ | " | ଯୋଃ | ଈନାଂ |
| ସପ୍ତମୀ | ଯାମ୍ | " | ଈଷୁ |

| | ଉ — | ତିନି ଲିଙ୍ଗରେ | | ସାଧୁ, ଧେନୁ, ମଧୁ | | | | | |
|---|---|---|---|---|---|---|---|---|---|
| | ଏକବଚନ | | | ଦ୍ୱିବଚନ | | | ବହୁବଚନ | | |
| | ପୁଂ | ସ୍ତ୍ରୀ | କ୍ଲୀ | ପୁଂ | ସ୍ତ୍ରୀ | କ୍ଲୀ | ପୁଂ | ସ୍ତ୍ରୀ | କ୍ଲୀ |
| ପ୍ରଥମା | ଉଃ | — | ଉ | ଊ | — | ଉନୀ | ଅବଃ | — | ଊନି |
| ଦ୍ୱିତୀୟା | ଉଂ | — | ,, | ,, | ,, | ,, | ଊନ୍ | ଊଃ | ,, |
| ତୃତୀୟା | ଉନା | ବା | ଉନା | ଉଭ୍ୟାଂ | — | — | ଉଭିଃ | — | — |
| ଚତୁର୍ଥୀ | ଅବେ | ବୈ<br>ଅବେ | ଉନେ | ,, | ,, | ,, | ଉଭ୍ୟଃ | — | — |
| ପଞ୍ଚମୀ | ଓଃ | ବାଃ<br>ଓଃ | ଉନଃ | ,, | ,, | ,, | ,, | ,, | ,, |
| ଷଷ୍ଠୀ | ,, | ,, | ,, | ବୋଃ | — | ନୋଃ | ଊନାଂ | — | — |
| ସପ୍ତମୀ | ଔ | ବାଂ<br>ଔ | ଉନି | ,, | ,, | ,, | ଉଷୁ | — | — |

Digitized by srujan ka@gmail.com

ଊ — କେବଳ ସ୍ତ୍ରୀଲିଙ୍ଗ ବଧୂ

| | ଏକ | ଦ୍ୱି | ବହୁ |
|---|---|---|---|
| ପ୍ରଥମା | ଊଃ | ବୌ | ବଃ |
| ଦ୍ୱିତୀୟା | ଊଂ | ,, | ଊଃ |
| ତୃତୀୟା | ବା | ଊଭ୍ୟାଂ | ଊଭିଃ |
| ଚତୁର୍ଥୀ | ବୈ | ,, | ଊଭ୍ୟଃ |
| ପଞ୍ଚମୀ | ବାଃ | ,, | ,, |
| ଷଷ୍ଠୀ | ,, | ବୋଃ | ଊନାଂ |
| ସପ୍ତମୀ | ବାଂ | ,, | ଊଷୁ |

ଋ — ତିନ ଲିଙ୍ଗ-ଦାତୃ, ଧାତୃ ।

| | ଏକ | | | ଦ୍ୱି | | | ବହୁ | | |
|---|---|---|---|---|---|---|---|---|---|
| | ପୁଂ | ସ୍ତ୍ରୀ | କ୍ଲୀ | ପୁଂ | ସ୍ତ୍ରୀ | କ୍ଲୀ | ପୁଂ | ସ୍ତ୍ରୀ | କ୍ଲୀ |
| ପ୍ରଥମା | ଆ | — | ଋ | ଆରୌ<br>ଅରୌ | — | ଋଣୀ | ଆରଃ<br>ଅରଃ | — | ଋଣୀ |

Digitized by srujan ka@gmail.com

| | | | | | | | | | |
|---|---|---|---|---|---|---|---|---|---|
| ଦ୍ୱିତୀୟା | ଅରମ୍ ଅଗମ୍ | — | ତୃ | ଅରୌ ଅରୌ | — | — | ତ୍ରନ୍ | ତୃଃ | ,, |
| ତୃତୀୟା | ରା | — | ତ୍ରଣା | ୃଭ୍ୟାଂ | — | — | ୃଭିଃ | — | — |
| ଚତୁର୍ଥୀ | ରେ | — | ତ୍ରଣେ | ,, | ,, | ,, | ତୃଭ୍ୟଃ | — | — |
| ପଞ୍ଚମୀ | ଉଃ | — | ତ୍ରଣଃ | ,, | ,, | ,, | ,, | ,, | ,, |
| ଷଷ୍ଠୀ | ,, | ,, | ,, | ରୋଃ | — | ତ୍ରଣୋଃ | ତ୍ରଣାଂ | — | — |
| ସପ୍ତମୀ | ଅରି | — | ତ୍ରଣି | ,, | — | ,, | ୃଷୁ | — | — |

ଓ ଔ — ଗୋ — ଗ୍ଲୌ ପୁମ୍ ସ୍ତ୍ରୀ

| | ଏକ | | ଦ୍ୱି | | ବହୁ | |
|---|---|---|---|---|---|---|
| | ଓ | ଔ | ଓ | ଔ | ଓ | ଔ |
| ପ୍ରଥମା | ଔଃ | — | ଅବୌ | — | ଅବଃ | — |
| ଦ୍ୱିତୀୟା | ଅଂ | ଅବଂ | ,, | ,, | ଅଃ | ଅବଃ |
| ତୃତୀୟା | ଅବା | ଅବା | ଓଭ୍ୟାଂ | ଔଭ୍ୟାଂ | ଓଭିଃ | ଔଭିଃ |
| ଚତୁର୍ଥୀ | ଅବେ | ଆବେ | ,, | ,, | ଓଭ୍ୟଃ | ଔଭ୍ୟଃ |
| ପଞ୍ଚମୀ | ଓଃ | ଅବଃ | ,, | ,, | ,, | ,, |
| ଷଷ୍ଠୀ | ,, | ,, | ଅବୋଃ | ଆବୋଃ | ଅବାଂ | ଆବାଂ |
| ସପ୍ତମୀ | ଅବି | ଆବି | ,, | ,, | ଓଷୁ | ଔଷୁ |

Digitized by srujan ka@gmail.com

ସମ୍ବୋଧନରେ ସର୍ବ ପ୍ରଥମା ବିଭକ୍ତି । ଏକବଚନରେ ମାତ୍ର ନିମ୍ନଲିଖିତ ପରିବର୍ତ୍ତନ ହୋଇଥାଏ ।

ବ୍ୟଞ୍ଜନାନ୍ତ

ଅ — ବିସର୍ଗ ଲୋପ, ମୂଳଶବ୍ଦ —

ଅ, ଇ, ଏ, ଚିହ୍ନ—ବାକ୍, ପଦ୍ମୋମୁକ୍, ଭୂଭୃତ୍, ଜଗତ୍ଚ୍

ଉ — ଓ ସ୍ୱଜନ୍, ରଦ୍ଧନ୍, ପୟଃ, ଚନ୍ଦ୍ରମାଃ,

ଈ, ଊ, — ହ୍ରସ୍ୱ ହୁଏ,

ଋ, — ଅଃ, ହୋଇଥାଏ ।

ଓ ଔ — ପ୍ରଥମା ପରି ।

ବିଶ୍ୱପା, ପତି, ସଖି, ସେନାନୀ, ସୁଧୀ, ସ୍ୱୟମ୍ଭୂ, ପିତୃ, ଭ୍ରାତୃ, ଜାମାତୃ, ସ୍ତ୍ରୀ, ଶ୍ରୀ, ଭ୍ରୂ, ଅକ୍ଷି, ଦଧି, ଶ୍ୱା, ଯୁବା, ମଘବା, ପଥିନ୍, ବିଦ୍ୱସ୍, ଗମ୍ୱସ୍, ଅହନ୍ ପ୍ରଭୃତି କେତୋଟି ଶବ୍ଦର ରୂପ ସ୍ୱତନ୍ତ୍ର । ଏଗୁଡ଼ିକ ପରି ଅନ୍ୟ ରୂପ ଅଧିକ ଦେଖାଯାଏ ନାହିଁ ।

Digitized by srujan ka@gmail.com

## ସର୍ବନାମ

ଯୁଷ୍ମଦ୍, ଅସ୍ମଦ୍, ଯଦ୍, ତଦ୍, ଏତଦ୍, ଇଦମ୍, ଅଦସ୍, କିମ୍, ସବୁ ଦେ ଅପେକ୍ଷା ଯୁଷ୍ମଦ୍ ଅସ୍ମଦ୍ ଶବ୍ଦର ରୂପ ଭିନ୍ନ ଧରଣରେ ।

| | ଯୁଷ୍ମଦ୍ | | | ଅସ୍ମଦ୍ | | |
|---|---|---|---|---|---|---|
| ପ୍ରଥମା | ତ୍ୱଂ | ଯୁବାଂ | ଯୂୟମ୍ | ଅହମ୍ | ଆବାଂ | ବୟମ୍ |
| ଦ୍ୱିତୀୟା | ତ୍ୱାଂ,ତ୍ୱା | ଯୁବାଂ,ବାଂ | ଯୁଷ୍ମାନ୍,ବଃ, | ମାଂ, ମା, | ଆବାଂ,ନୌ | ଅସ୍ମାନ୍,ନଃ |
| ତୃତୀୟା | ତ୍ୱୟା | ଯୁବାଭ୍ୟାଂ | ଯୁଷ୍ମାଭିଃ | ମୟା | ଆବାଭ୍ୟାମ୍ | ଅସ୍ମାଭିଃ |
| ଚତୁର୍ଥୀ | ତୁଭ୍ୟଂ, ତେ | ଯୁବାଭ୍ୟାଂ,ବାଂ, | ଯୁଷ୍ମଭ୍ୟଂ, ବଃ | ମହ୍ୟଂ, ମେ | ଆବାଭ୍ୟାଂ,ନୌ | ଅସ୍ମଭ୍ୟଂ,ନଃ |
| ପଞ୍ଚମୀ | ତ୍ୱତ୍ | ଯୁବାଭ୍ୟାଂ | ଯୁଷ୍ମତ୍ | ମତ୍ | ଆବାଭ୍ୟାମ୍ | ଅସ୍ମତ୍ |
| ଷଷ୍ଠୀ | ତବ,ତେ | ଯୁବୟୋଃ, ବାଂ, | ଯୁଷ୍ମାକଂ,ବଃ | ମମ,ମେ | ଆବୟୋଃ,ନୌ | ଅସ୍ମାକଂ,ନଃ |
| ସପ୍ତମୀ | ତ୍ୱୟି | ଯୁବୟୋଃ | ଯୁଷ୍ମାସୁ | ମୟି | ଆବୟୋଃ | ଅସ୍ମାସୁ |

Digitized by srujan ka@gmail.com

ସାତ ବିଭକ୍ତି ଯାକରେ ପ୍ରତି ଯୋଡ଼ ବିଭକ୍ତିରେ ଦୁଇ ଦୁଇ ରୂପ । (୨. ୪. ୬.) ବିଯୋଡ଼ ବିଭକ୍ତି ଗୁଡ଼ିକରେ ଗୋଟିଏ ଗୋଟିଏ ରୂପ । (୧. ୩. ୫. ୭.) ଦ୍ୱିତୀୟ ରୂପଗୁଡ଼ିକ ବାକ୍ୟ ଆଦ୍ୟରେ କିମ୍ବା ପ୍ରଥମ ଥର ବ୍ୟବହୃତ ହୁଏ ନାହିଁ ଅର୍ଥାତ୍ ଥରେ ଯୁଷ୍ମଦ୍ ଅସ୍ମଦ୍ ପ୍ରଥମ ରୂପ ବ୍ୟବହୃତ ହେଲେ ପରେ ଦ୍ୱିତୀୟ ରୂପ ବ୍ୟବହୃତ ହୁଏ ।

ସଂଖ୍ୟାବାଚକ ଗୁଡ଼ିକ ଦୁଇ ପ୍ରକାର । ସଂଖ୍ୟା—ଦ୍ୱି, ତ୍ରି,
ଚତୁର୍, ପଞ୍ଚ, ଷଟ୍, ସପ୍ତ, ଅଷ୍ଟ,
ପୂରଣବାଚକ —ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ,

ପୂରଣବାଚକ ଗୁଡ଼ିକ ବିଶେଷଣ, ବିଶେଷ୍ୟର ଲିଙ୍ଗ ବିଭକ୍ତି ଅନୁସାରେ ଏଗୁଡ଼ିକର ବ୍ୟବହାର । ପୁଂଲିଙ୍ଗ ରାମଶବ୍ଦପରି । ସ୍ତ୍ରୀଲିଙ୍ଗରେ ରମା ପରି କ୍ଲୀବଲିଙ୍ଗରେ ଜ୍ଞାନ ପରି ରୂପ ।

## ଧାତୁ ବିଭାଗ

ସଂସ୍କୃତରେ ସମସ୍ତ ଧାତୁ ଦଶ ଗଣରେ ବିଭକ୍ତ ଓ ଧାତୁ ମଧ୍ୟରେ ବିଭିନ୍ନ ବିକରଣ ନେଇ ଏହି ବିଭାଗ କରାଯାଇଛି—ଯଥା:-

୧ ଭ୍ୱାଦିଗଣ—'ଅ' ବିକରଣ — ଭୂ — ଅ —ତି=ଭବତି ।
ପଠ୍—ଅ-- ତି =ପଠତି ।
ଦୃଶ୍ (ପଶ୍ୟ)—ଅ—ତି=ପଶ୍ୟତି ।

ଏହି ଗଣରେ 'ଅ' ପରେ ଥିଲେ ଧାତୁ ଶେଷ ସ୍ୱରର ଓ ଉପାନ୍ତ୍ୟ ହ୍ରସ୍ୱ ସ୍ୱରର ଗୁଣ ହୁଏ (କୃଦନ୍ତ ପ୍ରକରଣରେ ଗୁଣ କୁହାଯାଇଛି) ଯଥା:— ଜି+ଅ+ତି 'ଇ' ର ଗୁଣ 'ଏ' ପରେ ସ୍ୱର ଥିବାରୁ ସନ୍ଧିନିୟମରେ 'ଏ' ର ଅୟ୍ ଜ୍ ଅ ୟ୍ ଅ ତି= ଜୟତି, ସେପରି ଭୂ—ଅ—ତି=ଭବତି, ହୃ—ଅ—ତି=ହରତି, ସ୍ୱରନଥିଲେ ଶେଷ ହଲନ୍ତରେ 'ଅ'ଯୋଗ-ପଠତି ।

Digitized by srujan ka@gmail.com

୨ ଅଦାଦିଗଣ—ଏହି ଗଣରେ ବିକରଣ 'ଅ' ର ଲୋପ ହୁଏ । ଧାତୁଶେଷ ବର୍ଣ୍ଣ ଓ ପ୍ରତ୍ୟୟ ଧରି ସନ୍ଧି ନିୟମରେ ଯାହା ହେବା କଥା ହେବ । ଅଦ୍—ତି=ଅତ୍ତି, ହନ୍—ତି=ହନ୍ତି, ବଚ୍—ତି=ବକ୍ତି ।

୩ ଜୁହୋତ୍ୟାଦିଗଣ—ଏଥିରେ ମଧ୍ୟ ଅ ଲୋପ, ଧାତୁ ପ୍ରଥମ ବ୍ୟଞ୍ଜନର ଦ୍ୱିତ୍ୱ ହୁଏ । ଶେଷସ୍ୱରର ଗୁଣ ହୁଏ, ହୁ—ତି= ଜୁହୋତି, ଭୀ—ତି=ବିଭେତି, ଭୃ—ତି=ବିଭର୍ତ୍ତି । ହା—ତି=ଜହାତି ।

୪ ଦିବାଦିଗଣ—ଏଗଣରେ ଧାତୁପରେ ଯ ବିକରଣ ଯଥା:— ଦିବ୍—ଯ—ତି=ଦୀବ୍ୟତି, (ଦି ର ଦୀ ହୁଏ) କ୍ଷିପ୍—ଯ—ତି କ୍ଷିପ୍ୟତି,

୫ ସ୍ୱାଦିଗଣ—ଏଗଣରେ 'ନୁ' ବିକରଣ ସୁ—ନୁ—ତି= ସୁନୋତି, ଚି—ନୁ—ତି=ଚିନୋତି, ବୃ—ନୁ—ତି= ବୃଣୋତି ।

୬ ତୁଦାଦି—ଏଗଣରେ 'ଅ' ବିକରଣ—ତୁଦ୍—ଅ—ତି= ତୁଦତି । ଇଷ୍—ଅ—ତି=ଇଚ୍ଛତି ।

୭ ରୁଧାଦିଗଣ—ଏଗଣରେ 'ନ' ବିକରଣ ହୁଏ । ମାତ୍ର ଏହା —ଧାତୁର ଶେଷ ସ୍ୱର ପରେ ହୁଏ—ଯଥା:—ରୁଧ୍—ଏହାର ଶେଷସ୍ୱର 'ଉ' ପରେ । ତେଣୁ ରୁଣଧ୍—ତି=ରୁଣଦ୍ଧି । ହିଂସ୍—ହିନସ୍—ତି=ହିନସ୍ତି । ଭୁଜ୍—ଭୁନଜ୍—ତି= ଭୁନକ୍ତି ।

୮ ତନାଦିଗଣ—ଏଥିରେ 'ଉ' ବିକରଣ, ତାର ଗୁଣ ହୁଏ । ତନ୍+ଉ—ତି=ତନୋତି, କୃ—ଉ—ତି=କରୋତି,

Digitized by srujan ka@gmail.com

୯ କ୍ର୍ୟାଦିଗଣ—ଏଥିରେ 'ନା' ବିକରଣ = କ୍ରୀ—ନା—ତି = କ୍ରୀଣାତି, ଲୂ—ନା—ତି = ଲୁନାତି, ଧୂ—ନା—ତି = ଧୁନାତି ।

୧୦ ଚୁରାଦିଗଣ—ଏଥିର ବିକରଣ 'ଅ' ତା ପୂର୍ବରେ ଧାତୁ ଶେଷରେ 'ଅୟ' ହୁଏ । ଚୁର—ଅୟ—ଅ—ତି ଚୋରୟତି, ଚନ୍ତ୍—ଅୟ—ଅ—ତି = ଚିନ୍ତୟତି, ତୁଲ—ଅୟ—ଅ—ତି ତୋଳୟତି ।

ଏହି ଦଶଗଣର ଧାତୁ ପରସ୍ମୈପଦୀ, ଆତ୍ମନେପଦୀ, ଉଭୟପଦୀ ରୂପରେ ତିନିପ୍ରକାର । ନାମକରଣରୁ ପରକୁ ବୁଝାଗଲେ ପରସ୍ମୈପଦ, ନିଜପାଇଁ ଆତ୍ମନେପଦ, ଏହା ହୋଇଥିବ ବୋଲି ଅନୁମାନ ହୁଏ । ମାତ୍ର ବ୍ୟବହାରରୁ ସେପରି କିଛି ଜଣା ପଡ଼ୁ-ନାହିଁ । କେବଳ ଧାତୁ ପ୍ରତ୍ୟୟ ପ୍ରତ୍ୟେକ ଲକାରରେ ଦୁଇ ପ୍ରକାର ଅଛି । ଯେଉଁ ଧାତୁ ପରସ୍ମୈପଦୀ ତା ଶେଷରେ ପରସ୍ମୈପଦ ପ୍ରତ୍ୟୟ, ଯେଉଁ ଧାତୁ ଆତ୍ମନେପଦୀ ତା ଶେଷରେ ଆତ୍ମନେପଦ-ପ୍ରତ୍ୟୟ, ଯେ ଉଭୟପଦୀ ତା ଶେଷରେ ଦୁଇ ପ୍ରକାର ପ୍ରତ୍ୟୟ ବ୍ୟବହାର କରାଯାଏ ।

ଅନେକ ସମୟରେ ନିର୍ଦ୍ଦିଷ୍ଟ ଉପସର୍ଗ ଯୋଗେ, କିମ୍ବା ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ନିୟମ ନେଇ ଉଭୟ ପ୍ରତ୍ୟୟର ପରିବର୍ତ୍ତନ ମଧ୍ୟ ଦେଖାଯାଏ ।

ଯଙ୍ ପ୍ରତ୍ୟୟାନ୍ତ ଧାତୁ ସର୍ବଦା ଆତ୍ମନେପଦୀ ହୁଏ ।

କେତୋଟି ନାମ ଧାତୁ ଆତ୍ମନେପଦୀ ହୁଏ ।

କର୍ମବାଚ୍ୟ ଓ ଭାବ ବାଚ୍ୟରେ ସମସ୍ତ ଧାତୁକୁ ଆତ୍ମନେ-ପଦରେ ବ୍ୟବହାର କରିବାକୁ ହୁଏ ।

Digitized by srujan ka@gmail.com

ବର୍ତ୍ତମାନାଦି କାଳ ନେଇ ଦୁଇ ପଦର ତିଙ୍ ପ୍ରତ୍ୟୟ ଦଶ ଦଶ ଲକାରରେ ହୋଇଛି । ଜଟିଳତା ଦୂରୀକରଣାର୍ଥ ଅପେକ୍ଷାକୃତ ପାଞ୍ଚଟି ଲକାର ମାତ୍ର ଶିକ୍ଷାର୍ଥୀମାନଙ୍କପାଇଁ ନିର୍ବାଚିତ ହୋଇଛି । ନିମ୍ନରେ ତାର ନମୁନା ଦିଆଗଲା—ପ୍ରତି ଲକାରରେ ତିନି ପୁରୁଷ ଓ ତିନି ବଚନ ଦେଖାଯାଏ । ଏଥିରେ ଇଂରାଜୀ ଅପେକ୍ଷା ସମ୍ପୂର୍ଣ୍ଣ ଭିନ୍ନ—ପୁରୁଷ ବିଭାଗ ଭିନ୍ନ—ପ୍ରଥମ ପୁରୁଷ, ମଧ୍ୟମ ପୁରୁଷ, ଓ ଉତ୍ତମ ପୁରୁଷ, ପ୍ରତ୍ୟେକର ତିନି ବଚନ । (ଏକ, ଦ୍ୱି, ବହୁ) ଉତ୍ତମ ପୁରୁଷ-ଦ୍ୱାରା ସର୍ବଦା ଅସ୍ମଦ୍ ଶବ୍ଦ ଉକ୍ତ ହୁଏ । ମଧ୍ୟମ ପୁରୁଷଦ୍ୱାରା କେବଳ ଯୁଷ୍ମଦ୍ ଶବ୍ଦ । ପ୍ରଥମ ପୁରୁଷ ଦ୍ୱାରା ଅନ୍ୟ ସମସ୍ତ ଉକ୍ତ ହୁଏ ।

## ତିଙ୍ ପ୍ରତ୍ୟୟ

### ବର୍ତ୍ତମାନ—ଲଟ୍

| | ପରସ୍ମୈପଦ | | | ଆତ୍ମନେପଦ | | |
|---|---|---|---|---|---|---|
| | ଏକ | ଦ୍ୱି | ବହୁ | ଏକ | ଦ୍ୱି | ବହୁ |
| ପ୍ର. ପୁ. | ତି | ତଃ | ନ୍ତି | ତେ | ଇତେ | ନ୍ତେ |
| ମ. ପୁ. | ସି | ଥଃ | ଥ | ସେ | ଇଥେ | ଧ୍ୱେ |
| ଉ. ପୁ. | ମି | ବଃ | ମଃ | ଇ | ବହେ | ମହେ |

ଦ୍ର:ଦ୍ର—ବ, ମ ପୂର୍ବର 'ଅ' ର ଆ ହୁଏ ।

| | ପରସ୍ମୈପଦ | (ଭବିଷ୍ୟତ୍—ଲୃଟ୍) | | ଆତ୍ମନେପଦ | | |
|---|---|---|---|---|---|---|
| ପ୍ର. ପୁ. | ସ୍ୟତି | ସ୍ୟତଃ | ସ୍ୟନ୍ତି | ସ୍ୟତେ | ସ୍ୟେତେ | ସ୍ୟନ୍ତେ |
| ମ. ପୁ. | ସ୍ୟସି | ସ୍ୟଥଃ | ସ୍ୟଥ | ସ୍ୟସେ | ସ୍ୟେଥେ | ସ୍ୟଧ୍ୱେ |
| ଉ. ପୁ. | ସ୍ୟାମି | ସ୍ୟାବଃ | ସ୍ୟାମଃ | ସ୍ୟେ | ସ୍ୟାବହେ | ସ୍ୟାମହେ |

ଅନେକଧାତୁ ପରେ 'ଇ' ଆଗମ ହୋଇଥାଏ । ସେତେବେଳେ 'ସ' ର 'ଷ' ହୁଏ ।

Digitized by srujan ka@gmail.com

### ପରସ୍ମୈପଦ (ଭୂତ—ଲଙ୍) ଆତ୍ମନେପଦ

| | ଏକ | [illegible] | ବହୁ | ଏକ | ଦ୍ୱି | ବହୁ |
|---|---|---|---|---|---|---|
| ପ୍ର. ପୁ. | ତ୍ | ତାଂ | ନ୍ | ତ | ଇତାଂ | ନ୍ତ |
| ମ. ପୁ. | ଃ | ତଂ | ତ | ଥାଃ | ଇଥାଂ | ଧ୍ୱଂ |
| ଉ. ପୁ. | ଂ | ଅବ | ଅମ | ଇ | ବହି | ମହି |

ଏ ଲକାରରେ ପ୍ରତ୍ୟେକ ଧାତୁ ପୂର୍ବରେ 'ଅ' ଆଗମ ହୁଏ । ଧାତୁରେ ଉପସର୍ଗ କି ଉପପଦ ଯୋଗଥିଲେ ଉକ୍ତ 'ଅ' ଧାତୁ ପୂର୍ବରେ ହିଁ ହେବ ।

### ଅନୁମତି, ଆଦେଶ—ଲୋଟ୍

| | | | | | | |
|---|---|---|---|---|---|---|
| ପ୍ର. ପୁ. | ତୁ | ତାଂ | ନ୍ତୁ | ତାମ୍ | ଇତାମ୍ | ନ୍ତାମ୍ |
| ମ. ପୁ. | ହି | ତଂ | ତ | ସ୍ୱ | ଇଥାମ୍ | ଧ୍ୱମ୍ |
| ଉ. ପୁ. | ଆନି | ଆବ | ଆମ | ଐ | ଆବହୈ | ଆମହୈ |

ଅଧିକାଂଶ ଧାତୁ ପରେ ମଧ୍ୟମ ପୁରୁଷ 'ହି' ର ଲୋପ ହୋଇଥାଏ

### ଉଚିତ, ସମ୍ଭାବନା—ବିଧିଲିଙ୍

| | | | | | | |
|---|---|---|---|---|---|---|
| ପ୍ର. ପୁ. | ଇତ୍ | ଇତାମ୍ | ଇୟୁଃ | ଈତ | ଈୟାତାମ୍ | ଈରନ୍ |
| ମ. ପୁ. | ଇଃ | ଇତମ୍ | ଇତ | ଈଥାଃ | ଈୟାଥାମ୍ | ଈଧ୍ୱମ୍ |
| ଉ. ପୁ. | ଇୟମ୍ | ଇବ | ଇମ | ଈୟ | ଈବହି | ଈମହି, |

ଅନେକ ସମୟରେ ପରସ୍ମୈପଦ 'ଇ' ର ଯା ହୋଇଥାଏ । ଭ୍ୱାଦିଗଣରେ ଅଧିକ ବ୍ୟାବହାରିକ ଧାତୁ ଥିବାରୁ ତାର ଅନୁକୂଳ ପ୍ରତ୍ୟୟ ଗୁଡ଼ିକ ଦିଆହେଲା । ଅନ୍ୟାନ୍ୟ ଗଣରେ ସ୍ଥାନେ ସ୍ଥାନେ ପରିବର୍ତ୍ତନ ଅଛି—

Digitized by srujan ka@gmail.com

## ପ୍ରଶ୍ନ

୧ ଶବ୍ଦ ଓ ବିଭକ୍ତିମଧ୍ୟରୁ କେଉଁ କେଉଁଟି'ର ପରିବର୍ତ୍ତନ ଦେଖାଯାଏ ?

୨ କେ କେ ଶବ୍ଦ ଦେଖିଲେ ତୃତୀୟା ବିଭକ୍ତି ଏକ ବଚନ ବୋଲି ଜାଣିବ ?

୩ ମତି, ନଦୀ, ଭାନୁ, ମାତୃ, ସଜ୍ଜନ୍, ସଖି, ସୁହୃଦ୍, ଇଦଂ, ଧୂମ୍ ଷଷ୍ଠୀ ବିଭକ୍ତିରେ ରୂପ କପର ?

୪ ଧାତୁଗୁଡ଼ିକ କେତେଗଣରେ ବିଭକ୍ତ ? ଯେ କୌଣସି ତିନୋଟି ଗଣରୁ ଉଦାହରଣ ଦିଅ ।

୫ କି ଶବ୍ଦ କର୍ତ୍ତା ଥିଲେ କ୍ରିୟା ମଧ୍ୟମ ପୁରୁଷ ହେବ ?

୬ ଅହଂ, ତ୍ୱଂ, ବାଳକାଃ, ଯୁବାଂ, ମୁନି, ଏ ଗୁଡ଼ିକୁ କର୍ତ୍ତା ରଖି ଦୃଶ୍ ଧାତୁକୁ ବର୍ତ୍ତମାନ ଭୂତରେ ବ୍ୟବହାର କର ।

୭ ଗଚ୍ଛନ୍ତୁ, ପଠସି, ଲିଖିଷ୍ୟାଥ, ପଶ୍ୟେଯୁଃ, ଅଗଚ୍ଛାବଃ, ଅପଠାମ୍, ଏଗୁଡ଼ିକରେ ଉପଯୁକ୍ତ କର୍ତ୍ତା ବ୍ୟବହାର କର ।

୮ ଲୃଟ୍ ଲକାରର 'ଯ' ଶବ୍ଦ ଶେଷର 'ସ୍ୟ' କେତେବେଳେ 'ଷ' ହୁଅନ୍ତି । ଉଦାହରଣ ଦେଇ ଲେଖ ।

୯ ପ୍ରତିବଦସି, ଅନୁଗଚ୍ଛତି, ଅଧିତିଷ୍ଠାମି, ପରିପୃଚ୍ଛାମଃ, ସମ୍ପଦ୍ୟତେ ଅନୁବର୍ତ୍ତସେ, ପ୍ରତିଲିଖନ୍ତି, ଯେ କ୍ରିୟାରେ ଯେଉଁ ପୁରୁଷ ବଚନ ଅଛି ଲଙ୍ ଲକାରରେ ସେ ପୁରୁଷବଚନ ରୂପ ଲେଖ ।

୧୦ ନଦୀରୁ, ତୁମ୍ଭମାନଙ୍କର, ଅମ୍ଭଦୁହିଁଙ୍କୁ, ସେ ବାଳିକାଠାରୁ, ମତିର, ମୁନିଠାରେ, ଅମ୍ବାରୁ, ଚନ୍ଦ୍ରମାଙ୍କ, ମନରେ, ସଂସ୍କୃତ କର ।

Digitized by srujan ka@gmail.com

## ଅସମାପିକା କ୍ରିୟା

୧ ସଂସ୍କୃତରେ ଅସମାପିକା କ୍ରିୟା ଗଠନ ପାଇଁ ଧାତୁ ଶେଷରେ 'କ୍ତ୍ୱା' ପ୍ରତ୍ୟୟ ଯୋଗ କରାଯାଏ । ସାଧାରଣତଃ କୃଦନ୍ତ 'କ୍ତ' ପ୍ରତ୍ୟୟରୁ 'ଅ' ବାଦଦେଇ 'ବ ଆ' ଯୋଗକଲେ ଏହ କ୍ରିୟା ହୋଇଥାଏ । ଅଳ୍ପ କେତୋଟି ପଦରେ ମାତ୍ର ଭିନ୍ନ ରୂପ ଦେଖାଯାଏ ।

ଧାତୁ ପୂର୍ବରେ ଉପସର୍ଗ ବା ଉପପଦ ଥିଲେ 'କ୍ତ୍ୱା' ଲୋପ ହୋଇ ଲ୍ୟପ୍ (ଯ) ହୋଇଥାଏ । ଯେଉଁ ଧାତୁଶେଷରେ ହ୍ରସ୍ୱ-ସ୍ୱର, ନ୍, ମ୍ ଥାଏ ସେଠାରେ'ଯ'ପୂର୍ବରେ ତ ଆଗମ ହୋଇଥାଏ । ଧାତୁ ପୂର୍ବରେ ନଞ୍ ଥିଲେ ମାତ୍ର ଲ୍ୟପ୍ ହୁଏନାହିଁ । ନିମ୍ନରେ ସବୁର ଉଦାହରଣ ଅଛି ।

Digitized by srujan ka@gmail.com

| | ଧାତୁ | କ୍ତ୍ୱା | ଲ୍ୟପ୍ | | ଧାତୁ | କ୍ତ୍ୱା | ଲ୍ୟପ୍ |
|---|---|---|---|---|---|---|---|
| ୧ | ଅଦ୍ | ଜଗ୍ଧ୍ୱା | — | ୧୧ | ଚିନ୍ତ୍ | ଚିନ୍ତୟିତ୍ୱା | ବିଚିନ୍ତ୍ୟ |
| ୨ | କଥ୍ | କଥୟିତ୍ୱା | ସଂକଥ୍ୟ | ୧୨ | ଛିଦ୍ | ଛିତ୍ତ୍ୱା | ବିଚ୍ଛିଦ୍ୟ |
| ୩ | କୁପ୍ | କୁପିତ୍ୱା | ପରିକୁପ୍ୟ | ୧୩ | ଜି | ଜିତ୍ୱା | ବିଜିତ୍ୟ |
| ୪ | କ୍ରୀ | କ୍ରୀତ୍ୱା | ବିକ୍ରୀୟ | ୧୪ | ଜୄ | ଜୀର୍ତ୍ୱା | ଅବଜୀର୍ଯ୍ୟ |
| ୫ | କ୍ଲିଶ୍ | କ୍ଲିଷ୍ଟ୍ୱା | ସଂକ୍ଲିଶ୍ୟ | ୧୫ | ଜ୍ଞା | ଜ୍ଞାତ୍ୱା | ପରିଜ୍ଞାୟ |
| ୬ | ଖନ୍ | ଖନିତ୍ୱା<br>ଖାତ୍ୱା | ନିଖାୟ | ୧୬ | ଆପ୍ | ଆପ୍ତ୍ୱା | ପ୍ରାପ୍ୟ |
| ୭ | ଗମ୍ | ଗତ୍ୱା | ସଂଗତ୍ୟ | ୧୭ | ତ୍ୟଜ୍ | ତ୍ୟକ୍ତ୍ୱା | ପରିତ୍ୟଜ୍ୟ |
| ୮ | ଗୈ | ଗୀତ୍ୱା | ସଂଗମ୍ୟ<br>ସଂଗୀୟ | ୧୮ | ଦହ୍ | ଦଗ୍ଧ୍ୱା | ବିଦହ୍ୟ |
| ୯ | ଗ୍ରହ୍ | ଗୃହୀତ୍ୱା | ସଂଗୃହ୍ୟ | ୧୯ | ଦା | ଦତ୍ତ୍ୱା | ପ୍ରଦାୟ |
| ୧୦ | ଘ୍ରା | ଘ୍ରାତ୍ୱା | ଆଘ୍ରାୟ | ୨୦ | ଦୃଶ୍ | ଦୃଷ୍ଟ୍ୱା | ସଂଦୃଶ୍ୟ |

Digitized by srujan ka@gmail.com

| | | | | | | | |
|---|---|---|---|---|---|---|---|
| ୨୧ | ଧା | ହିତ୍ୱା | ଅଭିଧାୟ | ୨୩ | ମା | ମିତ୍ୱା | ଅମାୟ |
| ୨୨ | ନମ୍ | ନତ୍ୱା | ପ୍ରଣମ୍ୟ | ୨୪ | ପଠ୍ | ପଠିତ୍ୱା | ସଂପଠ୍ୟ |
| | ଧାତୁ | କ୍ତ୍ୱା | ଲ୍ୟପ୍ | | ଧାତୁ | କ୍ତ୍ୱା | ଲ୍ୟପ୍ |
| ୨୫ | ପା | ପୀତ୍ୱା | ନିପୀୟ | ୩୩ | ଦା | ଦତ୍ତ୍ୱା | ଉପଦାୟ |
| ୨୬ | ପୂଜ୍ | ପୂଜୟିତ୍ୱା | ସଂପୂଜ୍ୟ | ୩୪ | ହୁ | ହୁତ୍ୱା | ଆହୂତ୍ୟ |
| ୨୭ | ପ୍ରଚ୍ଛ୍ | ପୃଷ୍ଟ୍ୱା | ଆପୃଚ୍ଛ୍ୟ | ୩୫ | ବଚ୍ | ଉକ୍ତ୍ୱା | ପ୍ରୋଚ୍ୟ |
| ୨୮ | ଭୂ | ଭୂତ୍ୱା | ଅନୁଭୂୟ | ୩୬ | ବଦ୍ | ଉଦିତ୍ୱା | ଅନୂଦ୍ୟ |
| ୨୯ | ଭୁଜ୍ | ଭୁକ୍ତ୍ୱା | ସଂଭୁଜ୍ୟ | ୩୭ | ସ୍ଥା | ସ୍ଥିତ୍ୱା | ଅବସ୍ଥାୟ |
| ୩୦ | ଲଭ୍ | ଲବ୍ଧ୍ୱା | ଉପଲଭ୍ୟ | ୩୮ | କୃ | କୃତ୍ୱା | ଅଗ୍ରେକୃତ୍ୟ |
| ୩୧ | ରଭ୍ | ରବ୍ଧ୍ୱା | ଆରଭ୍ୟ | ୩୯ | ,, | ଅକୃତ୍ୱା | ପୁରସ୍କୃତ୍ୟ |
| ୩୨ | ଶୀ | ଶୟିତ୍ୱା | ଅଧିଶୟ୍ୟ | ୪୦ | ସନ୍ | ସତ୍ୱା | ଅନୁସତ୍ୟ |

୨ କୃଦନ୍ତରେ କର୍ତ୍ତୃ ଶତୃ ଶାନଚ୍ ପ୍ରତ୍ୟୟାନ୍ତ ପଦ ବିଶେଷଣ ହେବା କଥା କୁହାଯାଇଛି । ମାତ୍ର ତାହା ବିଶେଷ୍ୟ ପୂର୍ବରେ ଥିଲେ ବିଶେଷଣ ହୋଇଥାଏ । ବିଶେଷ୍ୟର ପରେ ବ୍ୟବହୃତ ହେଲେ ଅସମାପିକା କ୍ରିୟାର କାର୍ଯ୍ୟ କରେ । ଯଥା:— କାନନଂ ପର୍ଯ୍ୟଟତା ବ୍ୟାଧେନ ଭଲ୍ଲଂ ବିଦୀର୍ଣ୍ଣମ୍, ଗ୍ରାମଂ ଗଚ୍ଛନ୍ ବାଳକଃ ଭ୍ରାତରମପଶ୍ୟତ୍, ବାଳକଃ ଗ୍ରାମଂ ଗଚ୍ଛନ୍ ଭ୍ରାତରମପଶ୍ୟତ୍ । ଧନଂ ଲଭମାନଃ ବଣିକ୍ ସୁଖଂ ତିଷ୍ଠତି । ବଣିକ୍ ଧନଂ ଲଭମାନଃ ସୁଖଂ ତିଷ୍ଠତି । ରେଖାଙ୍କିତ ପଦ ଅସମାପିକା ।

୩ ଧାତୁ ଶେଷରେ 'ତୁମ୍' ପ୍ରତ୍ୟୟ ଯୋଗ ମଧ୍ୟ କେତେକ ଅସମାପିକା କ୍ରିୟା ଗଠନ କରାଯାଏ । ଲୃଟ୍ ଲକାର ପ୍ରଥମ ପୁରୁଷ ଏକବଚନ ରୂପ କିମ୍ବା କୃତ୍ ତୃ (ତା) ପ୍ରତ୍ୟୟାନ୍ତ ଶବ୍ଦ ପ୍ରଥମା ଏକବଚନ ରୂପରେ 'ଅ' କାଟି ତୁମ୍ ଯୋଗ କଲେ ଏହି କ୍ରିୟା ହୁଏ । ସାଧାରଣତଃ ଏହି ପ୍ରତ୍ୟୟାନ୍ତ ପଦ, ନିମିତ୍ତ ଅର୍ଥରେ ବ୍ୟବହୃତ ହୋଇଥାଏ । ସମାପିକା କ୍ରିୟାର କର୍ତ୍ତା ଯେ କି ଏହାର ମଧ୍ୟ କର୍ତ୍ତା ସେହିଠି । ହେବାବେଳେ ହିଁ ଏହାର ବ୍ୟବହାର । ତେଣୁ ଏହାକୁ ଅସମାପିକା ଶ୍ରେଣୀରେ ନେବାକୁ ହେଉଛି ।

ଯେଉଁ ବାକ୍ୟରେ ନିମିତ୍ତାର୍ଥକର ଓ ସମାପିକାର କର୍ତ୍ତା ଭିନ୍ନ ହୁଏ ସେପରି ସ୍ଥଳେ ତୁମ୍ ପ୍ରତ୍ୟୟ ନକରି 'ଅନ' ପ୍ରତ୍ୟୟର ଚତୁର୍ଥୀ କରାଯାଇପାରେ । ଯଥା:—ମୁଁ ପଢ଼ିବା ପାଇଁ ସେ କହୁଛି । ଏପରି ସ୍ଥଳେ ମମ ପଠନାୟ ସ ଉପଦିଶତି ହେବ ।

Digitized by srujan ka@gmail.com

| | | |
|---|---|---|
| ଅସ୍ — ଭବିତୁଂ | ଦୈ — ଦାତୁଂ | ଭୂ — ଭବିତୁଂ |
| ଇ — ଏତୁଂ | ଦଂଶ — ଦଂଷ୍ଟୁଂ | ଭୁଜ — ଭୋକ୍ତୁଂ |
| କଥ — କଥୟିତୁଂ | ଦା — ଦାତୁଂ | ମନ୍ — ମନ୍ତୁଂ |
| କୃ — କର୍ତ୍ତୁଂ | ଧା — ଧାତୁଂ | ମା — ମାତୁଂ |
| କ୍ରୀ — କ୍ରେତୁଂ | ନମ୍ — ନନ୍ତୁଂ | ମୁଚ୍ — ମୋକ୍ତୁଂ |
| ଗମ୍ — ଗନ୍ତୁଂ | ନୀ — ନେତୁଂ | ଯା — ଯାତୁଂ |
| ଗୈ — ଗାତୁଂ | ପଚ୍ — ପକ୍ତୁଂ | ଯଜ୍ — ଯଷ୍ଟୁଂ |
| ଗ୍ରହ — ଗ୍ରହୀତୁଂ | ପଠ — ପଠିତୁଂ | ରମ୍ — ରନ୍ତୁଂ |
| ଘ୍ରା — ଘ୍ରାତୁଂ | ପା — ପାତୁଂ | ରଞ୍ଜ୍ — ରଙ୍କ୍ତୁଂ |
| ଚି — ଚେତୁଂ | ପୂଜ — ପୂଜୟିତୁଂ | ଲଭ୍ — ଲବ୍ଧୁଂ |
| ଛିଦ୍ — ଛେତ୍ତୁଂ | ପ୍ରଚ୍ଛ — ପ୍ରଷ୍ଟୁଂ | ଶୁଚ୍ — ଶୋଚିତୁଂ |
| ଜନ୍ — ଜନିତୁଂ | ବଚ — ବକ୍ତୁଂ | ସହ — ସହିତୁଂ, ସୋଢୁଂ |
| ଜି — ଜେତୁଂ | ବୃ — ବର୍ତ୍ତୁଂ | ସ୍ଥା — ସ୍ଥାତୁଂ |
| ଜୀବ୍ — ଜୀବିତୁଂ | ବଦ୍ — ବଦିତୁଂ | ସୃଜ — ସ୍ରଷ୍ଟୁଂ |
| ଜ୍ଞା — ଜ୍ଞାତୁଂ | ବନ୍ଧ — ବୋଦ୍ଧୁଂ | ସ୍ୱପ — ସ୍ୱପ୍ତୁଂ |
| ତୃ — ତରିତୁଂ | ବୁଧ — ବୋଦ୍ଧୁଂ | ହା — ହାତୁଂ |
| ତ୍ୟଜ — ତ୍ୟକ୍ତୁଂ | ଭିଦ୍ — ଭେତ୍ତୁଂ | ହୃ — ହର୍ତ୍ତୁଂ |
| | | ହ୍ୱେ — ହ୍ୱୟିତୁଂ |

ଇଂରାଜୀରେ ମଧ୍ୟ ଅସମାପିକା କ୍ରିୟାର ବ୍ୟବହାର ଦେଖାଯାଏ । ସଂସ୍କୃତ ଶତୃ,ଶାନଚ୍ ପ୍ରତ୍ୟୟ ବିଶେଷ୍ୟ ପୂର୍ବରେ ବିଶେଷଣ, ବିଶେଷ୍ୟ ପରେ ଥିଲେ ଅସମାପିକା ହୁଏ—ଇଂରାଜୀରେ ing ଯୁକ୍ତପଦ ବିଶେଷଣ ଓ ଅସମାପିକା ହୋଇଥାଏ ।

Digitized by srujan ka@gmail.com

ଛୁମ୍ ପ୍ରତ୍ୟୟାନ୍ତର ଅବିକଳ ରୂପ ଇଂରାଜୀର to form to go, to read, to speak

ପ୍ରଶ୍ନ

୧ କାହାର କ୍ରିୟାକୁ ଅସମାପିକା କୁହାଯାଏ ?

୨ ଗମ୍, ଦା, ଅଧି—ଇ, ଦୃ—ନମ୍, ଦୃଶ୍, ଛିଦ୍, ସ—ସ୍ଥି, ଅଭି—ଣୀ, ପ୍ର—ସ୍ଥା, ଚର୍, ଘ୍ରା, ସ୍ନା, ଏଗୁଡ଼ିକ ଅସମାପିକା କରି ବାକ୍ୟରେ ପ୍ରୟୋଗ କର ।

୩ ନଶ୍, ଶୋକର କେଉଁ ଅସମାପିକା ହୁଅନ୍ତି, ଉଦାହରଣ ଦିଅ ।

୪ ଛୁମ୍ ପ୍ରତ୍ୟୟାନ୍ତ ପଦ ଅସମାପିକା ମଧ୍ୟରେ କାହିଁକି ଗଣ୍ୟ ବୁଝାଅ ।

୫ ଇଂରାଜୀରେ ଏପରି କେଉଁ କ୍ରିୟା ଥିଲେ ବୁଝାଅ ।

=O=

ବାଚ୍ୟ—କ୍ରିୟା—

କର୍ମବାଚ୍ୟ ବା ଭାବ ବାଚ୍ୟର କ୍ରିୟା ଗଠନ ପାଇଁ 'ମୂଳ ଧାତୁ' ଶେଷରେ 'ଯ' ଯୋଗକରି ଆତ୍ମନେପଦୀ କରିବାକୁ ହୁଏ ।

କର୍ମବାଚ୍ୟ ହେଲେ କର୍ମକୁ ନେଇ ପୁରୁଷ ବଚନ ହୁଏ । ଭାବ ବାଚ୍ୟ ହେଲେ ସର୍ବଦା ପ୍ରଥମ ପୁରୁଷ ଏକବଚନ ହୁଏ ।

ଧାତୁ ଶେଷରେ 'ଆ' ଥିଲେ 'ଈ' ହୁଏ ।

ସ୍ଥା—ସ୍ଥୀୟତେ, ଦା—ଦୀୟତେ, ମା—ମୀୟତେ, ପା—ପୀୟତେ ଅନ୍ତ୍ୟସ୍ୱର ଥିଲେ ଦୀର୍ଘ ହୁଏ । ଜି—ଜୀୟତେ ନୀ—ନୀୟତେ, କ୍ଷି—କ୍ଷୀୟତେ, ସ୍ତୁ—ସ୍ତୂୟତେ, ଭୂ—ଭୂୟତେ

'ଋ' ଥିଲେ—ରି ହୁଏ । କୃ—କ୍ରିୟତେ, ଧୃ—ଧ୍ରିୟତେ ହୃ—ହ୍ରିୟତେ, ମାତ—ସ୍ମୃ—ସ୍ମର୍ଯ୍ୟତେ ।

Digitized by srujan ka@gmail.com

ଋର 'ଈର୍' ହୁଏ । କୃ—କୀର୍ଯ୍ୟତେ, ସ୍ତୃ—ସ୍ତୀର୍ଯ୍ୟତେ ଜୃ—ଜୀର୍ଯ୍ୟତେ, ଦୃ—ଦୀର୍ଯ୍ୟତେ, ମାତ୍ର—ପୃ—ପୂର୍ଯ୍ୟତେ ।

ବ୍ୟଞ୍ଜନ ଥିଲେ କେବଳ ଯ ଯୋଗ କରାଯାଏ । ପଠ୍—ପଠ୍ୟତେ, ଗମ୍—ଗମ୍ୟତେ, ରଭ—ରଭ୍ୟତେ, ଲଭ—ଲଭ୍ୟତେ

ବଚ, ବଦ୍, ବପ, ବହ ଏଗୁଡ଼ିକରେ ଥିବା 'ବ' ଉ ହୁଏ । ବଚ—ଉଚ୍ୟତେ, ବଦ୍—ଉଦ୍ୟତେ, ବପ—ଉପ୍ୟତେ, ବହ—ଉହ୍ୟତେ ।

ଗୈ—ଗୀୟତେ, ପା—ସନ୍—ମ = ପିପାସ୍ୟତେ ।

"ଣିଚ୍" ପ୍ରତ୍ୟୟାନ୍ତ ଧାତୁର ଚୁଣି ବୃଦ୍ଧିର ଲୋପ ହୁଏ । ନାହିଁ ପଠ—ପାଠି—ପାଠ୍ୟତେ ।

ବାଚ୍ୟାନ୍ତର କଲାବେଳେ କାଳନୁସାରେ ଲକାର ମଧ୍ୟ ହୋଇଥାଏ । ଭୂତ କାଳରେ କର୍ମବାଚ୍ୟରେ କ୍ରିୟାକୁ 'ତ' ପ୍ରତ୍ୟୟାନ୍ତ କରି କର୍ମର ବିଶେଷଣ କରିବାକୁ ହୁଏ । କର୍ତୃବାଚ୍ୟରେ 'ତବାନ୍' କରି କର୍ତ୍ତାର ବିଶେଷଣ କରିବାକୁ ହୁଏ । ଭାବବାଚ୍ୟରେ 'ତଂ' ସର୍ବଦା ନପୁଂସକ ଏକବଚନ ବାଲକୈଃ ସୂର୍ଯ୍ୟଃ ଦୃଷ୍ଟଃ, ବାଳକାଃ ସୂର୍ଯ୍ୟଂ ଦୃଷ୍ଟବନ୍ତଃ । ବାଳକଃ ସୂର୍ଯ୍ୟଂ ଦୃଷ୍ଟବାନ୍ । ବାଳିକା ସୂର୍ଯ୍ୟଂ ଦୃଷ୍ଟବତୀ । ରମେଶ ନର୍ତ୍ତିତମ୍ ରମାୟା ଏଦନ୍ତମ୍, ବାଲକୈଃ ହସିତମ୍ ।

## ପ୍ରଶ୍ନ

୧ କର୍ମବାଚ୍ୟର କ୍ରିୟାକୁ କିପରି ବ୍ୟବହାର କରାଯାଏ ?

୨ ଗଚ୍ଛତ, ପିବତ, ପୃଚ୍ଛତ, ତିଷ୍ଠତ, ଧନ୍ତ୍ର, ଏହି କ୍ରିୟାଗୁଡ଼ିକୁ କର୍ମବାଚ୍ୟରେ ବ୍ୟବହାର କରି ବାକ୍ୟ ଗଠନ କର ।

୩ ଗୋପାଳେ ଃପଠତୁ । ସଚେ ଗ୍ରାମଂ ଗମିଷ୍ୟତ । ହରିଃ ଫଳନ ଲଭତାମ୍ । ଅହଂ ତ୍ୱାଂ ଦୃଷ୍ଟ୍ୱା ପରିତୃପ୍ତୋଽଭବମ୍ । ଏଗୁଡ଼ିକୁ କର୍ମବାଚ୍ୟରେ ପରିଣତ କର ।

Digitized by srujan ka@gmail.com

୮ ତେନ ବାଳକେନ ଲିଖିତମ୍ । ରଘୁଣା ଦୃଷ୍ଟୋ ବ୍ୟାଘ୍ରଃ । ଭୂପତିନା ବିପ୍ରାୟ ଭୂମିର୍ଦତ୍ତା । କର୍ତ୍ତୃବାଚ୍ୟରେ ପରିଣତ କର ।

## ଅନୁବାଦ

—: ଓଡ଼ିଆ ବାକ୍ୟକୁ ସଂସ୍କୃତରେ ଅନୁବାଦ କଲାବେଳେ ନିମ୍ନଲିଖିତ କେତୋଟି ନିୟମ ପ୍ରତି ଦୃଷ୍ଟି ରଖିବ ।

୧ ପଦ—ତତ୍ସମ ଥିଲେ ତହିଁରେ ବିଭକ୍ତି ଯୋଗ କରିବ । ତଦ୍ଭବ ଥିଲେ ତାର ମୌଳିକପଦ କିମ୍ବା ତଦର୍ଥକ ପଦ ଦେଶଜ, ଥିଲେ ସେହି ଅର୍ଥ ବୋଧକ ଶବ୍ଦ ବ୍ୟବହାର କରିବ ।

୨ କର୍ତ୍ତା କ୍ରିୟାର ସମ୍ବନ୍ଧ (ବାଚ୍ୟ ଅନୁସାରେ ବିଭକ୍ତି ପୁରୁଷ ବଚନ)

୩ ପଦମାନଙ୍କର କାରକ ବିଭକ୍ତି, ଅର୍ଥାନୁସାରେ ଓ ବିଭକ୍ତି-ବ୍ୟବହାର ପ୍ରଣାଳୀରେ ଠିକ୍ ରଖିବ କାରଣ ଓଡ଼ିଆରେ ଗୋଟିଏ ବିଭକ୍ତି ଅନେକ କାରଣରୁ ସଂସ୍କୃତରେ ଅନ୍ୟ ବିଭକ୍ତିରେ ପରିଣତ ହୋଇଥାଏ ।

୪ ବିଶେଷଣ, ସର୍ବନାମ ଗୁଡ଼ିକର କାହା ସହିତ ସମ୍ପର୍କ ଅଛି ବାଛିନେବ ।

୫ ଅସମାପିକା କ୍ରିୟା ଥିଲେ—ଉପସର୍ଗ ଉପପଦ ଯୋଗ ଥିବା ଦେଖିବ ।

୬ ସମାପିକା କ୍ରିୟା—ଧାତୁ,ଗଣ,ବାଚ୍ୟ, କାଳନୁସାରେ ଲକାର ପୁରୁଷ, ବଚନ ପ୍ରତି ଦୃଷ୍ଟି ଦେବ ।

୭ ଓଡ଼ିଆରେ ବିଶେଷଣ ପଦରେ ଓ କେତେକ କର୍ମ ପଦରେ ବିଭକ୍ତି ଚିହ୍ନ ନଥାଏ—ସଂସ୍କୃତରେ ସେଠାରେ ଉପଯୁକ୍ତ ବିଭକ୍ତି ବ୍ୟବହାର କରିବାରେ ଭୁଲିବ ନାହିଁ ।

Digitized by srujan ka@gmail.com

## ଛନ୍ଦ

ଗୀତକୁ ପଦ୍ୟ କହନ୍ତି । ପଦ୍ୟର ପ୍ରତ୍ୟେକ ପଂକ୍ତିକୁ ପଦ ବା ଚରଣ କହନ୍ତି । ଦୁଇ ବା ତତୋଧିକ ଚରଣରେ ଗୋଟିଏ ପଦ୍ୟ (Stanza) ହୁଏ । ଏହାକୁ ଛନ୍ଦ କହନ୍ତି ।

କବିମାନେ କାବ୍ୟରେ ପଦ ସଂଖ୍ୟା ଦ୍ୱାରା ଭିନ୍ନ ଭିନ୍ନ ଅଂଶ ବା ପରିଚ୍ଛେଦକୁ ବୃତ୍ତି, ଶ୍ରେଣି ପ୍ରଭୃତି ବିଭିନ୍ନ ଛନ୍ଦରେ ରଚନା କରିଥାନ୍ତି । ସେହି ପରିଚ୍ଛେଦଗୁଡ଼ିକୁ ଛନ୍ଦ କୁହାଯାଏ । ପଦ୍ୟପାଠ-ବେଳେ ପାଦ ମଧ୍ୟରେ ସ୍ଥାନେ ସ୍ଥାନେ ବିଶ୍ରାମର ନାମ ଯତି ।

ପଦ୍ୟ ସାଧାରଣରେ ମିତାକ୍ଷର ଓ ଅମିତାକ୍ଷର ଭେଦରେ ଦୁଇ ପ୍ରକାର । ମିତାକ୍ଷର ଛନ୍ଦରେ ପାଦଶେଷ ବର୍ଣ୍ଣମାନଙ୍କର ମିଳନ ହୁଏ । ତାହା ପୁଣି ଦୁଇପ୍ରକାର । ପୂର୍ଣ୍ଣ ମିତାକ୍ଷର ଓ ଅପୂର୍ଣ୍ଣ ମିତାକ୍ଷର । ପାଦର ଅନ୍ତ୍ୟ ଓ ଉପାନ୍ତ୍ୟ ସହିତ ଅନ୍ୟପାଦର ଅନ୍ତ୍ୟ ଓ ଉପାନ୍ତ୍ୟର ମିଳନରେ ପୂର୍ଣ୍ଣମିତାକ୍ଷର । କେବଳ ଅନ୍ତ୍ୟ ବର୍ଣ୍ଣର ମିଳନରେ ଅପୂର୍ଣ୍ଣ ମିତାକ୍ଷର ।

ସମବୃତ୍ତ ଓ ବିଷମବୃତ୍ତ ନାମରେ ମିତାକ୍ଷର ଛନ୍ଦ ପୁଣି ଦୁଇ ଭାଗରେ ବିଭକ୍ତ । ପଦର ପ୍ରତିଚରଣର ଅକ୍ଷର ସଂଖ୍ୟା ସମାନ ରହିଲେ ସମବୃତ୍ତ । ଅସମାନ ଥିଲେ ବିଷମବୃତ୍ତ । ବୃତ୍ତଗୁଡ଼ିକରେ ଦୁଇପାଦ, ଚୌପାଦ ଓ ଛପାଦ ପର୍ଯ୍ୟନ୍ତ ଥାଏ ।

**ସମବୃତ୍ତ**—(୧) ୯ ଅକ୍ଷର । ଭଗବତବାଣୀ (ଗୁର୍ଜ୍ଜରୀ) ଏହି ବୃତ୍ତର ଦୁଇଟି ଚରଣ । ପ୍ରତିଚରଣରେ ୯ ଅକ୍ଷର ଥାଏ । ୫-୪ **ଅକ୍ଷର**ରେ ଯତି ପଡ଼େ ।

ଯଥା— "ଶୁଣ ପରୀକ୍ଷିତ ନରନାଥ । କୃଷ୍ଣଚରିତ ଭାଗବତ"

Digitized by srujan ka@gmail.com

(୨) ୧୧ ଅକ୍ଷର ଚକ୍ରକେଳି

ଏହାର ପ୍ରତ୍ୟେକ ପାଦ ୧୧ଅକ୍ଷରରେ ହେବା । ଯତି— ୨, ୬, ୩

କୃଷ୍ଣ' କଥା ଭାଲି ରେ ପାଁ' ସକଳ ଗୁଣ' ସ୍ମର ଦୁଅନ୍ତି' ବାଳକ"

ମଙ୍ଗଳ, କେଦାର ଚକ୍ରକେଳି, ପ୍ରଭୃତି ୧୧ ଅକ୍ଷର ବୃତ୍ତ । ଯତି-ସଂସ୍ଥାନର ମାତ୍ର ଭେଦ ରହେ ।

(୩) ୧୨ ଅକ୍ଷର ଭୂପାଳ ।

ଏହାର ଯତି—୮-୪· ବସିଛନ୍ତି ଦଶରଥ ସଭାମଧ୍ୟେ

କେଶହସ୍ତ ଦ୍ୱାରେ ଛନ୍ତି ଅଶ୍ୱତ୍ଥ । ବୈ. ଋ

କଳହଂସ କେଦାର ମଧ୍ୟ ୧୨ ଅକ୍ଷର ବୃତ୍ତ । ମାତ୍ର ତାହାର ଯତି ୨, ୨, ୩ ।

(୪) ୧୪ ଅକ୍ଷର ଅଣାବସ୍ତୁ ।

କଳସା ପ୍ରଭୃତି ଏହାର ଅନ୍ତର୍ଭୁକ୍ତ । ଯତି ୮, ୬, ।

ବା —୮, ୩, ୧, ୨ ମଧ୍ୟ ।

ବରିଲେ ରାଘବ ଅଣା ସୀତା ପ୍ରାପତରେ ।

ବଇଠିଲେ ସିଦ୍ଧପୋତ ଯିବା ପର୍ବତରେ ।

(୫) ୧୬ ଅକ୍ଷର ରାମକେରୀ

ଏହାର ଯତି— ୬, ୩ ୭

ଶ୍ରବଣେ ଦୋଳଇ କୁଣ୍ଡଳ ଦୋଳେ ନୀଳ ଅଳକ ।

ଲାବଣ୍ୟ ଦର୍ପଣ ପରାୟେ ଝଲେ ଚନ୍ଦ୍ରଫଳକ ॥

(୬) ୧୭ ଅକ୍ଷର କାଳୀ

ଏହାର ଯତି—୫, ୫, ୭

ବଇଦ୍ଧୀ ବୀର ବିଜୟ କର ଯିବା ମିଥିଳପୁର

ବାହାର ହୋଇ ବାହାର ତହୁଁ କରନ୍ତି ମୁନିବର ।

Digitized by srujan ka@gmail.com

(୭) ୨୦ ଅକ୍ଷର ବଙ୍ଗଳଶ୍ରୀ

ଏହାର ଯତି— ୭, ୫, ୮

ଧନ୍ୟ ସେ ପ୍ରୀତିକି ମଜଣା ଭ୍ରୀତକି ପ୍ରୀତ ଟାରଇ ଜାଣି
ଶିରୀଷ ମୃଦୁଳ ଲବଣୀପିତ୍ତୁଳ ପ୍ରୀତ କଲ୍ପ ସାହସିନୀ ।

(୮) ୨୧ ଅକ୍ଷର ଚୋଉ

ଏହାର ଯତି— ୬, ୬, ୬, ୩

ଶ୍ରୀକୃଷ୍ଣ ବଚନ ଶୁଣି ପର୍ମ୍ୟହିତ ଆନନ୍ଦେ ନୟନୁ ବହେ ଜଳ
ପୁଲକ ଶରୀର ଯୋଡ଼ି ବେନିକର ପଡ଼ିଲ ମୁନିଙ୍କ ପାଦତଳ ।

**ବିଷମବୃତ୍ତ**— (୧) ମଙ୍ଗଳ ବଗଡ଼ (ମୁନିବର ବାଣୀ)

ଏହି ବୃତ୍ତରେ ଚାରିପାଦ ରହେ । ପ୍ରଥମ ତିନିପାଦରେ ଅଠ ଅଠ ଅକ୍ଷର । ଶେଷ ପାଦରେ ଛ ଅକ୍ଷର ରହିବ । ସର୍ବମୋଟ ୩୦ ଅକ୍ଷର ।

ଏହାର ଯତି— ୭, ୨ ଚତୁର୍ଥପାଦ ଯତି ୩, ୨, ୧ ।

ବନ ଘଟନ ରଘୁପଣି । ବିପଥ ପନ୍ଥ ନ ମଣି
ଜନପୂର୍ଣ୍ଣ ଅନୁକ୍ଷଣ । ବେନି ଲକ୍ଷଣ ସେ

(୨) ଶଙ୍କରାଭରଣ

ଏହାର ଚାରିପାଦ ରହେ । ପ୍ରଥମ, ଦ୍ୱିତୀୟ ଓ ଚତୁର୍ଥ ସମାନ । ତୃତୀୟପାଦ ଶ୍ରେଷ୍ଠ । ସର୍ବମୋଟ ୫୦ ଅକ୍ଷର ।

ଏହାର ପ୍ରଥମ ଓ ଦ୍ୱିତୀୟପାଦ ଯତି— ୮, ୩, ୧, ୨(୧୪)
ତୃତୀୟପାଦ ଯତି ୨, ୪, ୨ । ଚତୁର୍ଥପାଦ ଯତି ୮, ୪, ୧, ୨ ।

ତାଜୀ ବାଜିବାରେ ଜାହ୍ନ ଲକ୍ଷ୍ମଣ ଶବଦ
ଖଳଚନେ ଶ୍ରମ, ଶ୍ରମ ହୋଇଲେ ସ୍ତବଧ ।
ବହୁଲତ ନର ବାଣୀ
ବିପଦ ନ ପୁଣି ଉପସ୍ଥିତ ହୁଏ ପୁଣି ।

Digitized by srujan ka@gmail.com

(ଖ) ଚୌପଣ୍ଡ

ଏହାର ଚାରୋଟି ପାଦ । ପ୍ରଥମ ଦୁଇ ପାଦ ସମାନ । ଶେଷ ଦୁଇ ପାଦ ସମାନ । ତୃତୀୟ ପାଦରେ ତେରୋଟି ମାତ୍ର ଅକ୍ଷର ରହେ । ସର୍ବମୋଟ ୬୩ ଅକ୍ଷର ।

ଏହାର ପ୍ରଥମ ଓ ଦ୍ୱିତୀୟପାଦ ୬+୬+୮ (୨୦), ତୃତୀୟପାଦ ଯତି — ୧, ୭ ଚତୁର୍ଥ ଓ ପଞ୍ଚମପାଦ ଯତି — ୬, ୮ ।

ବୁଝ ବୁଧ ସୁଜ୍ଞ ନ ପାଇଲୁ ଜନ ପ୍ରତିଜ୍ଞାରେ ଉଠେ ଜଳ
ବଳୀଚନ୍ଦ୍ର ଅଙ୍ଗଦ କପିଗଣ ରଣମଧ୍ୟେ ଅଟ୍ଟୈଥିଲେ ମିଳ ।

ସେ ବୋଲେ

ବୀରମାନେ ଲଙ୍କା ନାଶ କଲେ
କେତେ ଗଡ଼େ ଯାହାଟି ରଖିଲେ ।

କେଦାର ଗୌଡ଼ା

ପୂର୍ବ ଛନ୍ଦ ପଦ ଏହାର ଯତିପାତ । ମାତ୍ର ଏହାର ପାଦ ଛଅଟି । ଶେଷ ଦୁଇ ପଦ ପରେ ଆଉ ଗୋଟିଏ ପାଦ ଅଧିକ ।

ଯଥା — ଏଥିରେ ୭୩ ଅକ୍ଷର ରହେ ।

ପ୍ରଣୟରେ ଦୁଃଖୀ ହୋଇ ପଦ୍ମଲକ୍ଷୀ ସଖୀକର ଧୀରେ ଧରି
ଅନାଇ ଉଲ୍ଲଣ୍ଠା ଗଦ୍‌ଗଦ ମିଶାଇ କହନ୍ତି ଲାଳସା କରି

ଗୋ ମିତ ।

ବନେ କି ଶୋଭା ଦେଖିଲ୍ଲ ତ
ସେତ ମଦନ ସାମନ୍ତ ସତ ।
ମନ ଧନ ଗ୍ରେର ପରଗୀତ ॥

ଚୌଖି

ଏହି ଛନ୍ଦ ଛଅପାଦ ବଣିତ୍ମ । ପ୍ରଥମ ତୃତୀୟ ସମାନ । ଦ୍ୱିତୀୟ

Digitized by srujan ka@gmail.com

ଚତୁର୍ଥ ଓ ଷଷ୍ଠ ସମାନ । ପଞ୍ଚମ ପାଦ ସବୁଠୁ ଛୋଟ । ସର୍ବମୋଟ ୮୦ ଅକ୍ଷର ରହେ । ଯତି— ପ୍ରଥମ ଓ ତୃତୀୟ ପାଦ ୫, ୨, ୬, ୨ । ଦ୍ୱିତୀୟ, ଚତୁର୍ଥ ଓ ଷଷ୍ଠପାଦ ୮, ୪ ଓ ପଞ୍ଚମପାଦ ୬, ୩ ।

ବିରଳକୁ ଅଲିଙ୍ଗନ, କର ଜାହ୍ନବୀ ଶେ ଭଳ
ହରେ ସୁରବରଭାପ ଗୃହ ଧାମ ସେ
ବହେ ମଳର ଚେତନ        ଉତ୍ସୁକ ରତି ସମାନ
ମୂରତ ହୋଇଛନ୍ତି ଯହିଁ ଅଶେଷ ରସେ
ବିଦ୍ୟା ହୈମବତୀ ପଦରେ
ବିଚକ୍ଷଣ ତୋଷଦାୟୀ ବେଣୀ ମତରେ ॥

ଅମିତାକ୍ଷର ଛନ୍ଦ ଓଡ଼ିଆରେ ନ ଥିଲା । ରାଧାନାଥ ରାୟ ଏହାର ପ୍ରଥମ ପ୍ରବର୍ତ୍ତକ । ଏହି ଛନ୍ଦର ବିଶେଷତ୍ୱ ଏହି—ଉତ୍ତରୋତ୍ତର ଆକାଂକ୍ଷା ପୂର୍ଣ୍ଣ ଚମତ୍କାର ପଦବିନ୍ୟାସକୁହିଁ ଅପେକ୍ଷା କରେ । ପର୍ବତ ଉପରୁ ପଥର ଗଡ଼ିଲାପରି ପଦବିନ୍ୟାସ ଥିଲେ ଏହି ଛନ୍ଦ ଆଦରଣୀୟ ହୁଏ । ଯଥା—

କାହିଁ କାହିଁ ଅସିଥିଲେ ପଦାତିକ ରଥୀ
ଅଶ୍ୱସାଦୀ, ଗଜସାଦୀ, ଉଡ଼ାଇ କୌତୁକେ
ପତାକା, ବଜାଇ ମହାଦର୍ପେ ବୀରଢୋଲା,
ମତ୍ତହୋଇ ଯଶ ଆଶା ଜାଗ୍ରତ ସ୍ୱପନେ
ସେତୁବନ୍ଧ ଠାରୁ—ଯହିଁ ଶୈଳ ବେଳା ଗାହେଶ
ବନ୍ଦନ୍ତି ଜଳ ଦେବୀଏ କୃତାଞ୍ଜଳିପୁଟେ
ରାଘବ ପଦାଙ୍କ, ଭେଦ ସାଗର ଲହରୀ
ଫେନିଲ, ନୀଳଯୂମାନ ଅଣା ଚଳିବାଲେ,
ଝଙ୍କାରିକାଶ୍ର ଯାଏଁ, ହିମଗିର ଯହିଁ

Digitized by srujan ka@gmail.com

ଦେବଦାରୁ ଉପତ୍ୟକା ମରକତ ବେଦୀ-
ପରେ ସ୍ୱଚ୍ଛ ସ୍ଫଟିକର ମେଦୁରବ ପର
ଦୋଳନ୍ତୁ ଗଗନେ ଗଙ୍ଗା ଶୃଙ୍ଗାଙ୍କିତ ଶିଖା
ଭସ୍ତିତ ପୁର ଗ୍ରାମ ଅଶ୍ୱତ୍ଥ ଯେସନ୍ତ
ସକୃଥିରୁ ଅସିଥିଲେ ଏଥି ରଣପାଗେ ।

—o—

## ଅଲଙ୍କାର

ଶବ୍ଦ ଓ ଅର୍ଥ କାବ୍ୟର ଶରୀର । ରସ ତାହାର ଆତ୍ମା । ଦୟା, କ୍ଷମା ପ୍ରଭୃତି ମନୁଷ୍ୟର ଗୁଣ ପରି ଓଜ, ପ୍ରସାଦ ପ୍ରଭୃତି କାବ୍ୟର ଗୁଣ । ହାରକଙ୍କଣାଦି ପରି କାବ୍ୟର ଶୋଭାଧାୟକ ଅଂଶକୁ ଅଲଙ୍କାର କୁହାଯାଏ । ଏହା ଶବ୍ଦ ଓ ଅର୍ଥକୁ ଆଶ୍ରୟ କରି-ଥିବାରୁ ଶବ୍ଦାଲଙ୍କାର ଓ ଅର୍ଥାଲଙ୍କାରରୂପେ ଦୁଇଭାଗରେ ବିଭକ୍ତ । ଶବ୍ଦାଲଙ୍କାର ରଚୟିତାର ବାକ୍ଚାତୁରୀ ପ୍ରଦର୍ଶନ କରିଥାଏ । ଅର୍ଥ-ଚମତ୍କାରିତା ବଢ଼ାଇବା କ୍ଷମତା ଏହାର ନାହିଁ । ନିୟମାନୁସାରେ ଶବ୍ଦାଲଙ୍କାର ବ୍ୟବହାର କଲେ କାବ୍ୟ କଠିନ ହୋଇ ପଡ଼େ । ରସ ଆସ୍ୱାଦନର ଧାରାବାହିକତା ନଷ୍ଟ ହୁଏ । ପୁଣି ଏହାଦ୍ୱାରା ଯେଉଁ ଶୋଭା ଉତ୍ପନ୍ନ ହୋଇଥାଏ ଭାଷାନ୍ତରକୁ ନେଲେ ତାହା ନଷ୍ଟ ହୁଏ । ଏଣୁ ଅର୍ଥାଲଙ୍କାର ତୁଳନାରେ ଶବ୍ଦାଲଙ୍କାର ନିକୃଷ୍ଟ । କବିତା ମଧ୍ୟରେ ଅଯଥା ବା ବହୁଳ ଅଲଙ୍କାର ପ୍ରୟୋଗ ମଧ୍ୟ ଦୂଷଣୀୟ । ପ୍ରାଚୀନ ଅଲଙ୍କାରକାରଗଣ ବହୁବିଧ ଅଲଙ୍କାର କହିଯାଇ-ଛନ୍ତି । ଆଧୁନିକ ରୁଚି ଅନୁସାରେ ନବୀନ ଅଲଙ୍କାରକମାନେ କେତେକର ପରିବର୍ତ୍ତନ କରିଛନ୍ତି । ସାଧାରଣ ଶାସ୍ତ୍ରପ୍ରବେଶ ପାଇଁ କେତୋଟି ମାତ୍ର ପ୍ରଦର୍ଶିତ ହେଲା ।

Digitized by srujan ka@gmail.com

ଶବ୍ଦାଳଙ୍କାର—ବର୍ଣ୍ଣ ବିନ୍ୟାସର ପରିପାଟୀକୁହିଁ ଶବ୍ଦାଳଙ୍କାର କୁହାଯାଏ । ଏହା ଅନୁପ୍ରାସ ଯମକ ପ୍ରଭୃତି ଭେଦରେ ଅନେକ ପ୍ରକାର । ପ୍ରାଚୀନ କବିମାନେ ରଥ, ଖଡ୍ଗ, ଚକ୍ର, ପଦ୍ମ ପ୍ରଭୃତିର ଆକୃତି ଲେଖି ତହିଁରେ ଅକ୍ଷର ବିନ୍ୟାସ କରିଥାନ୍ତି । ତାହାକୁ ଚିତ୍ରକାବ୍ୟ କହନ୍ତି । ଅନ୍ତର୍ଲାପି ଓ ବହିର୍ଲାପି ମଧ୍ୟ ଏହାର ଅନ୍ତର୍ଗତ ।

## ଅନୁପ୍ରାସ

ଗୋଟିଏ ପଦ ମଧ୍ୟରେ କୌଣସି ଏକବର୍ଣ୍ଣର ପୁନଃ ପୁନଃ ଆବୃତ୍ତିକୁ ଅନୁପ୍ରାସ କହନ୍ତି ।

ପ୍ରଦ୍ୟୁମ୍ନ ସମ ସୁନ୍ଦର     ବାରପଣେ ପୁରନ୍ଦର
ସର୍ବକଳ ଧୁରନ୍ଧର ନୀତି ନିପୁଣ
ଦୟା କ୍ଷମା ଗୁଣେ ସାନ୍ଦ୍ର     ଷଣ୍ଢ୍ର-ପୁଙ୍କର-ପାଣ୍ଡ୍ର
ପାଣ୍ଡିତ୍ୟ ଉତ୍କଳ ଅବ୍ଦ ପ୍ରବୀଣ
ମହାରାଜ ଶ୍ରୀ କୃଷ୍ଣଚନ୍ଦ୍ର ।
ଜନବନ୍ଦ୍ୟ ସଦାନନ୍ଦ ଜନସ୍ମ ଚନ୍ଦ୍ର

## ଯମକ

ଭିନ୍ନ ଅର୍ଥରେ ଏକ ପଦର ବାରମ୍ବାର ପ୍ରୟୋଗକୁ ଯମକ କହନ୍ତି ।

ବିଧାତା ଚିତ୍ରେ କଳପେ     କଳପେ ବସି ତଳପେ
ଗଗନବିହାରୀ ବଧୂ ଜନରଞ୍ଜକ
ସମୀପେ ମରତଲୋକେ     କହିଲେ ନିଶ୍ଚୟ ଲୋକେ
ଚିର ଉପକୃତ ହେବେ ବୃନ୍ଦବାଳକ ।

Digitized by srujan ka@gmail.com

ହେଜ ଅଂମ୍ବୁଧିପୂତ ଚନ୍ଦ୍ର
ଗଙ୍ଗାମ୍ବୋଧି ମଧ୍ୟେ ରତ ଶ୍ରୀକୃଷ୍ଣଚନ୍ଦ୍ର ॥

## ଶୃଙ୍ଖଳା

ପାଦଶେଷ ବର୍ଣ୍ଣମାନଙ୍କର ପୁନରାବୃତ୍ତିକୁ ଶୃଙ୍ଖଳ ବା ବିଦ୍ୟାବର୍ତ୍ତନ କହନ୍ତି ।

ଧୀର ବୀର ଶୂର ପଣେ ପଣେ ଛବି ଏକକୋଣେ
କଣିକେ ବର୍ଣ୍ଣେ ଅନନ୍ତ ଅନନ୍ତ ମୁଖେ ।
ମୁଖର ହୋଇଲେ କବି କବିତା ଛନ୍ଦେ ବନ୍ଧିବ
ଦ୍ରବୀଭୂତ ହେବ ପବି ପବନ ଅଂଶ୍ୟ
ଅଶ୍ୟାତ ଭୂମି କୃଷ୍ଣଚନ୍ଦ୍ର
ଚନ୍ଦ୍ର ଚୂମ୍ବୀ କୀର୍ତ୍ତିକଇ—କଲପ ସାନ୍ଦ୍ର ।

ଅର୍ଥାଲଙ୍କାର—ଯାହାକୁ ବର୍ଣ୍ଣନା କରାଯାଏ ତାହାର ନାମ ଉପମେୟ । ଯାହା ସହିତ ତୁଳନା କରାଯାଏ ତାହାକୁ ଉପମାନ କହନ୍ତି । ଯାହାଦ୍ୱାରା ଉପମାନ ଓ ଉପମେୟର ସାଦୃଶ୍ୟ ପ୍ରତିପାଦିତ ହୁଏ ତାହାକୁ ବାଚକ ବା ସାଦୃଶ୍ୟବୋଧକ ପଦ କୁହାଯାଏ । ଯଥା,—ଯଥା, ପ୍ରାୟ, ସମାନ, ସଦୃଶ୍ୟ, ତୁଲ୍ୟ ପ୍ରଭୃତି । ଯେଉଁ ଅଂଶ ନେଇ ଉଭୟ ମଧ୍ୟରେ ତୁଳନା କରାଯାଏ ତାହାକୁ ସମାନ ଧର୍ମ ବା ସାଧାରଣ ଧର୍ମ କହନ୍ତି ।

ଉଦାହରଣ—ମୁଖଟି ଦର୍ପଣ ପରି ସ୍ୱଚ୍ଛ । ଏହି ବାକ୍ୟରେ ମୁଖ—ଉପମେୟ, ଦର୍ପଣ—ଉପମାନ, ପରି—ବାଚକ, ସ୍ୱଚ୍ଛ—ସମାନଧର୍ମ । ଅବଶ୍ୟ ଉପମେୟ ଅପେକ୍ଷା ଉପମାନରେ ଅଧିକ୍ୟ ଥାଏ । ତାହା ସହିତ ତୁଳନା କରିବାଦ୍ୱାରା ଉପମେୟର ଉତ୍କର୍ଷ ବଢ଼ିଥାଏ ।

Digitized by srujan ka@gmail.com

### (୧) ଉପମା

ଯେଉଁଠାରେ ଉପମେୟକୁ ଉପମାନ ସହ ତୁଳନା କରାଯାଏ, ତାହା ଉପମା ଅଳଙ୍କାର ବୋଲି କଥିତ । ପୂର୍ବୋକ୍ତ ଗୁଣଧର୍ମ ଯୋଗେ ତୁଳନା ଥିଲେ ପୂର୍ଣ୍ଣୋପମା । ତହିଁରୁ ଗୋଟିଏ କି ଦୁଇଟି ଊଣାଥିଲେ ଲୁପ୍ତୋପମା ।

ଗଙ୍ଗା ବର୍ଣ୍ଣିତ ହଂସପଙ୍କ୍ତି ପ୍ରାୟେ
ରଙ୍ଗବଂଶ କୀର୍ତ୍ତିଶ୍ରେଣୀ ।
ଖରସ୍ରୋତେ ପଡ଼ି ଅଶ୍ରା ଲଭି କୃଷ୍ଣ-
ଚନ୍ଦ୍ର ପାଦପଦ୍ମେ ଅଶ୍ରି ।।

### (୨) ମାଳୋପମା

ଗୋଟିଏ ମାତ୍ର ଉପମେୟକୁ ଅନେକ ବସ୍ତୁ ସହିତ ପୃଥକ୍ ପୃଥକ୍ ତୁଳନା କଲେ ମାଳୋପମା ହୁଏ ।

ଏସେମ୍ବ୍ଲି ମଣ୍ଡଳେ ଦବାର ସ୍ଥଳେ ମୁଖ୍ୟମନ୍ତ୍ରୀ ପୀଠେ ଯେତେବେ ବଢ଼ନ୍ତେ
ହର ବ୍ରହ୍ମା ମଧ୍ୟେ ବିଷ୍ଣୁଙ୍କ ପରି ତାରକା ମଣ୍ଡଳେ ଶଶାଙ୍କ ପରି
ଯେତେହେଁ ସୁଧର୍ମାରେ ଇନ୍ଦ୍ର ଯେ
ହସ୍ତିନାମଣ୍ଡପେ ଯଥା ଧର୍ମସୁତ ଉହୁଲେ ଶ୍ରୀକୃଷ୍ଣଚନ୍ଦ୍ର ଯେ ।।

### (୩) ଅନନ୍ୱୟ

ଗୋଟିଏ ବସ୍ତୁକୁ ବର୍ଣ୍ଣନା କଲବେଳେ ତାକୁହିଁ ତାର ଉପମାନ ରୂପେ କହିଲେ ଅନନ୍ୱୟ ବୋଲାଯାଏ । ଏଥିରୁ ସ୍ପଷ୍ଟ ହୁଏ ଯେ ଉକ୍ତ ବସ୍ତୁ ପାଇଁ ଉପମାନ ଦୁର୍ଲଭ ।

ଉଦାରେ ସୌନ୍ଦର୍ଯ୍ୟେ ଔଜ୍ଜ୍ୱଲ୍ୟେ ବଦାନ୍ୟେ
ପାରଳାଭୂପତି ସବ
ଉତ୍କଳ ସଜ୍ଜନ୍ୟେ ନାହିଁ କାହିଁ କେଣେ
ସେହି ତୁଳନା ତାଙ୍କର ।

Digitized by srujan ka@gmail.com

### ୪   ରୂପକ

୧ ଉପମାନ ଓ ଉପମେୟ ଗତ ଭେଦକୁ ଲୋପି ତାରେ ଅଭେଦ କରାଯାଏ ତାହା ରୂପକ ଅର୍ଥାତ୍ ଗୋଟିଏ ବସ୍ତୁରେ ଅନ୍ୟ ଗୋଟିକର ଆରୋପ ହୋଇଥାଏ ।

ପାରଳ ନଗର-ଦାଗର   କଳାକର ଗ୍ରାଜନ
ଅଜ୍ଞାନ-ତିମିର ନାଶକ   ଜନ ମନରଞ୍ଜନ

ସେପରି ମୁଖଚନ୍ଦ୍ର, ବିଦ୍ୟା-ଧନ, ସଂସାର-ସାଗର ପ୍ରଭୃତି ଅଭେଦ ପ୍ରଯୁକ୍ତ ହୁଏ ।

### ୫   ଉତ୍ପ୍ରେକ୍ଷା

ରୂପକର ଅଭେଦ କଳ୍ପନାକୁ ସମ୍ଭାବିତ କଲେ ଅର୍ଥାତ୍ "ହୋଇପାରେ, ହୋଇଛି କି" ବୋଲି ତର୍କଣା କଲେ ଉତ୍ପ୍ରେକ୍ଷା ବୋଲାଯାଏ । ରୂପକରେ ନିର୍ଣ୍ଣୟାତ୍ମକ ଜ୍ଞାନ ଉତ୍ପ୍ରେକ୍ଷାରେ ସନ୍ଦେହାତ୍ମକ ବା ଅନୁମାନ ମୂଳକ ଜ୍ଞାନ ଥାଏ ।

ଝୁଲ୍ ଝୁଲ୍ ତାରା   ଧଡ଼େ ବେଢେ ହୀରା
ଗଗନ ପଟରେ ଫୁଟିଛି ।
ପାରଳ ଈଶ୍ୱର   କୀର୍ତ୍ତିଲଝଙ୍କାର
ପୁଷ୍ପ କି ଫୁଟିଛି ଉଠେ ।

### ୬   ସ୍ୱଭାବୋକ୍ତି

କୌଣସି ଗୋଟିଏ ବସ୍ତୁ ବା ଜୀବର ଜାତି, ଗୁଣ, ବା କାର୍ଯ୍ୟ-କଳାପକୁ ଯଥାଯଥ ଅଥଚ ଚମତ୍କାର ରୂପେ ବର୍ଣ୍ଣନା କଲେ ସ୍ୱଭାବୋକ୍ତି ହୁଏ ।

ଯୁବତୀର ଶୁଭ ଉଦ୍‌ବାହ କାଳେ
ପୁନ୍ଦେ ବେଷଣୀ ମେ 'ଡ଼ବା ଟାଢେ'

Digitized by srujan ka@gmail.com

ଭସ୍ମ ଛକ ଛକ ଯେ ମୃଗକୁଳ
ଛୁଟି ପଛଭାଗ ଟେକି ଲଙ୍ଗୁଳ
ଗୃହଁ ଦ୍ୱାର ପଥେ କ୍ଷଣେ ଯେ
ନୟନ ଉଗ୍ରି କର୍ଣ୍ଣକୁ ସପଟି
ଧାଇଁ ଥାନ୍ତି ଏଣେ ତେଣେ ଯେ ॥

୭ ଅତ୍ୟୁକ୍ତି

ଅସମ୍ଭବ ବା ଅତିରିକ୍ତ ଅଧିକ୍ୟ ବର୍ଣ୍ଣନକୁ ଅତ୍ୟୁକ୍ତି କହନ୍ତି ।

ପଞ୍ଚଦେବ ପତ୍ନୀଅରେ          ଜନତା ଯାତାୟାତରେ
ଉଡ଼ିଲା ରେଣୁ ବଦ୍ଧଲେ ଅମ୍ବର ତଳେ
ଲୁଚିଲେ ତାରକା ଶଶୀ          ମେଘାଚ୍ଛନ୍ନ ପ୍ରାୟେ ଦିଶି
ଦେହ ମୁଣ୍ଡକେ ଅଇଁଶି ବୃଷ୍ଟି ଉପରେ
ଖସି ପଡୁଁ ଗୃଳରେ ପଡ଼ି
ଚିଣେ ଝିଙ୍କର ପାଳ ନୁହଇ ଭଲି ॥

୮ ଅତିଶୟୋକ୍ତି

ପ୍ରାଚୀନ ଅଳଙ୍କାରିକ କେହି କେହି ପୂର୍ବୋକ୍ତ 'ଅତ୍ୟୁକ୍ତି' କୁ ହିଁ ଅତିଶୟୋକ୍ତି କହୁଥିଲେ । ନବୀନମାନଙ୍କ ମତରେ ଉପମେୟ ନ କହି କେବଳ ଉପମାନକୁହିଁ ବର୍ଣ୍ଣନ କରିଗଲେ ଅତିଶୟୋକ୍ତି ଅଳଙ୍କାର ହୁଏ ।

ପୂର୍ଣ୍ଣ ଶଶଧର          ଚେହାଉଣ ବାହାର
କରନ୍ତି ଯେବେଠି ଗସ୍ତ
ବହୁ ତାରାପୂର୍ଣ୍ଣ          ଏସେମ୍ବ୍ଲି ଭବନ
ତଳେହେଁ ନୁହେ ବନ୍ଦ ।

Digitized by srujan ka@gmail.com

### ୯ ଅର୍ଥାନ୍ତର ନ୍ୟାସ

ଗୋଟିଏ ବିଷୟ ବସ୍ତୁ ସାମାନ୍ୟ କିମ୍ବା ବିଶେଷ୍ୟବୋଧକ ବାକ୍ୟଦ୍ୱାରା ସମର୍ଥନ କଲେ ଅର୍ଥାନ୍ତରନ୍ୟାସ ହୁଏ ।

ସୁଦୀର୍ଘ ସମୁଦ୍ର ଅକ୍ଳେଶେ ଲଙ୍ଘିଣ
ଯାଇଥିଲେ ଉତ୍କଳ ଦୂତ
ଚିର ପ୍ରସିଦ୍ଧ ଏ ଗଙ୍ଗାଙ୍କ ବଂଶରେ
ପ୍ରତିଜ୍ଞା ପାଳନ ବ୍ରତ ॥

### ୧୦ ଶ୍ଳେଷ

ଯେଉଁଠାରେ ଗୋଟିଏ ପଦର କି ବାକ୍ୟର ଅର୍ଥ ଦୁଇପ୍ରକାର ପ୍ରତୀତ ହୋଇ ଦୁଇଟି ଘଟନାକୁ ସମ୍ବନ୍ଧ ରଖେ ତାହାକୁ ଶ୍ଳେଷ ଅଳଙ୍କାର କହନ୍ତି । ତାହା ସଭଙ୍ଗ ଓ ଅଭଙ୍ଗ ଭେଦରେ ଦୁଇ ପ୍ରକାର ।

ବୃନ୍ଦାବପିନବିହାରୀ ବଂଶୀଶ୍ରୀବୃଦ୍ଧିକାରୀ
ଅଗାଧଜଳସଞ୍ଚାରୀ ଖଳମର୍ଦ୍ଦନ
ଗୋବର୍ଦ୍ଧନ ଉଦ୍ଧାରକ ଗୋପାଳ ମୁଦ ବର୍ଦ୍ଧକ
ଧାତ୍ରିବକ୍ଷ ପଦ୍ମ ଜିତ କୀର୍ତ୍ତିଭୂଷଣ ।
ଜୟ ଜୟ ଶ୍ରୀ କୃଷ୍ଣଚନ୍ଦ୍ର
ଲକ୍ଷ୍ମୀସରସ୍ୱତୀପ୍ରିୟ ପାରଳଇନ୍ଦ୍ର ॥

ଏହି ପଦ୍ୟରେ ଦୁଇଟି ଅର୍ଥ ବିଦ୍ୟମାନ । ପକ୍ଷେ—ବାସୁଦେବ ସୁତ ଶ୍ରୀକୃଷ୍ଣଙ୍କୁ । ପକ୍ଷେ—ପାରଳାଧୀଶ୍ୱର ଶ୍ରୀଶ୍ରୀଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ସମ୍ବନ୍ଧ ରଖେ ।

Digitized by srujan ka@gmail.com

ଶ୍ରୀ କୃଷ୍ଣଚନ୍ଦ୍ର—ବୃନ୍ଦାରଣ୍ୟରେ ବିହାର କରିଥିଲେ । କଳ-ନୈପୁଣ୍ୟରେ ବଂଶୀର ଶୋଭା ବଢ଼ାଇ ଥିଲେ । କାଳୀୟ ଦମନ ପାଇଁ ଅଗାଧ ଜଳରେ ସଞ୍ଚାର କରିଥିଲେ । ଗୋବର୍ଦ୍ଧନ ପର୍ବତ ହେକି ଗୋପାଳମାନଙ୍କର ଆନନ୍ଦପ୍ରଦ ଥିଲେ । ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କ ଜୟଜନିତ କୀର୍ତ୍ତିରେ ଭୂଷିତ ଥିଲେ । ଲକ୍ଷ୍ମୀ ଓ ସରସ୍ୱତୀ ଏହାଙ୍କର ଥିଲେ ।

ଗଜପତିଙ୍କର—'ବୃନ୍ଦାବନ ତୋହା' ନାମକ ସ୍ଥାନରେ ବସନ୍ତ ନିବାସ ଅଛି । ଏ ମହାରାଜା ପୃଥିବୀର ବଡ଼ ବଡ଼ ସ୍ଥାନମାନଙ୍କରେ ସୁଖ୍ୟାତ ଅର୍ଜି, ବଡ଼ ବଡ଼ କୀର୍ତ୍ତି କରି କୀର୍ତ୍ତିପୂର୍ଣ୍ଣ ଗଙ୍ଗବଂଶର ଶୋଭା ବୃଦ୍ଧି କରୁଛନ୍ତି । ଗୋ-ପୃଥିବୀ (ଜଳଭୂମି) ଗୋପାଳ—ପୃଥ୍ୱୀପାଳ ଧାର୍ତ୍ତରାଷ୍ଟ୍ର=ବକ । ବକ ଅର୍ଥାତ୍ ବକପନ୍ତି ପରି ଶୁକ୍ଳବର୍ଣ୍ଣ ଯଶରେ ମଣ୍ଡିତ । ଲକ୍ଷ୍ମୀ, ସରସ୍ୱତୀ—ଧନ, ବିଦ୍ୟା ।

ଗୋବର୍ଦ୍ଧନ, ଗୋପାଳ, ଧାର୍ତ୍ତରାଷ୍ଟ୍ର ପ୍ରଭୃତି ପଦ ଅର୍ଥ କଲା-ବେଳେ ପଦେ ଭଙ୍ଗା ଯାଉଛି । ଏଣୁ ଏ ଗୁଡ଼ିକ ସଭଙ୍ଗ । ବୃନ୍ଦାବନ ଅଗାଧଜଳ ପ୍ରଭୃତି ପଦ ଭଙ୍ଗା ହେଉନାହିଁ । ସେ ଗୁଡ଼ିକ ଅଭଙ୍ଗା ।

ଇତି ।

ବ୍ରହ୍ମପୁର ଶିରୋମଣି ପ୍ରେସ୍‌ରେ ଶ୍ରୀ ଅନନ୍ତ ତ୍ରିପାଠି ଶର୍ମାଙ୍କ ଦ୍ୱାରା ମୁଦ୍ରିତ ।

Digitized by srujan ka@gmail.com

# ଶୁଦ୍ଧିପତ୍ର

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| | ୪ | ଚୌ | ଗୈ |
| ୮ | ୯ | ନାମ ପଦ ଗୁଡ଼ିକ | ନାମବାଚକ ପଦଗୁଡ଼ିକ |
| ୧୫ | ୧୫ | ଜାତି ବାଚକରେ | ନାମ ବାଚକରେ |
| ୧୬ | ୨୧ | ଗୁଣ ବାଚକ ବିଶେଷ୍ୟ | ଗୁଣବାଚକ ଓ ବସ୍ତୁ ବାଚକ ବିଶେଷ୍ୟ |
| ୨୦ | ୧୧ | ଗଡ଼ା ମଡିଲେ | ମଡ଼ା ପଡ଼ିଲେ |
| ୨୦ | ୧୨ | ବୀସ୍ପା | ବୀପ୍ସା |
| ୨୩ | ୧୯ | I Noun | I (Nominative) |
| ୩୨ | ୧୦ | ବିଶେଷ୍ୟ ଗୁଡ଼ିକର | ବିଶେଷଣ ଗୁଡ଼ିକର |
| ୪୨ | ୧୨ | ଦେଥା ଆଇବା | ଧୋ—ଧୁଆଇବା |
| ୪୨ | ୧୨ | ଦୁଖୁ ଏ | ଦୁଏ |
| ୪୩ | ୨ | ନାଚ ,, ,, | ନାଚ—ନାଚେଇବା |
| ୪୩ | ୮ | ଖାନ ,, ,, | ଖାନ—ଖାନେଇବା |
| ୪୩ | ୧୨ | ଘରେ | ଓରେ |
| ୪୪ | ୧୧ | ପ୍ରଶଂସ୍ଥ | ପ୍ରତ୍ୟସ୍ଥ |
| ୫୩ | ୧୯ | ଧାମାନ୍ୟ ସ୍ୱର | ସମାନ ସ୍ୱର |
| ୮୬ | ୯ | ଙ୍ଖୀଭୂତ | ଲୀଭୂତ |
| ୮୬ | ୯ | ଘ୍ନୀଭୂତ | ଘ୍ନୀଭୂତ |
| ୯୪ | ୧୨ | ବନ୍ଧୁଲେ | ବଢ଼ିବା, ବାଦ |
| ୯୬ | ୫ | ଭଷିବା | ଭେଷାଇବା |
| ୯୭ | ୨ | ଭଂଜ୍ଞ, ଭଙ୍ଗ | ଭଞ୍ଜନ, ଭଗ୍ନ |
| ୯୭ | ୧୧ | ମୂଦକା | ମୋଦକ |
| ୯୮ | ୩ | — | ଯଜମାନ |
| ୯୮ | ୪ | — | କଯ୍ମ |

Digitized by srujan ka@gmail.com

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୯୯ | ୩ | ଆରମ୍ଭତ | ଆରମ୍ଭ କରିବା |
| ୧୦୩ | ୧୪ | ଶୌବ | ଶୈବ |
| ୧୦୩ | ୨୦ | ପିତୃସ୍ୱଟ + ଇୟ | ପିତୃଷ୍ୱସୃ + ଈୟ |
| ୧୦୪ | ୯ | ମାତୃ ସ୍ୱସୃ | ମାତୃ ଷ୍ୱସୃ |
| ୧୦୪ | ୧୧ | ବସ୍ତ୍ର + ଆୟ | ବସ୍ତ୍ର + ଆୟନ |
| ,, | ୧୪ | ଗ୍ଲୌ + ଅୟନ | ଗ୍ଲୌପ + ଆୟନ |
| ୧୦୫ | ୪ | ଅସ୍ମଦ୍ — ମଦୀୟ | ଅସ୍ମଦ୍ = ଅସ୍ମଦୀୟ |
| ,, | ୫ | ଯୁଷ୍ମଦ୍ — ତ୍ୱଦୀୟ | ଯୁଷ୍ମଦ୍ = ଯୁଷ୍ମଦୀୟ<br>ମମ = ମଦୀୟ<br>ତବ = ତ୍ୱଦୀୟ |
| ୧୧୪ | ୧୨ | ଭୌମୀ | ଭୈମୀ |
| ,, | ୧୩ | ମୃତ୍ତ୍ୱୟୀ | ମୃଣ୍ମୟୀ |
| ୧୧୭ | ୯ | ଧାତ୍ରୁକୀ | ଧାତ୍ରୁଣୀ |
| ୧୨୦ | ୨ | ଅପର ପୃଷ୍ଠାରେ | ନିମ୍ନରେ |
| ୧୨୦ | ୧୭ | ଜିବୃଷତ | ଜିବୃଷତ |
| ୧୨୧ | ୪ | ଉଚ୍ଚସ୍ଥତ | ଉଚଚସ୍ଥିତି |
| ,, | ୧୧ | ଅସନ | ଅଶନ |
| ୧୨୨ | ୪ | ପଗା ପଦାଂକ | ପାପଡ୍ୟତେ |
| ,, | ୧୦ | ବେଦ୍ରିଚାଂତେ | ବେଦ୍ରିଗାଂତେ |
| ୧୨୫ | ୧୪ | ନଦୀ ନାଳଯୁକ୍ତା | ନଦୀ ଓ ନାଳଯୁକ୍ତା |
| ୧୩୨ | ୫ | ଚଞ୍ଚଳ | ଚପଳ |
| ୧୩୫ | ୫ | ବଳନାର | • ବଳନାରୁ ଅତୀତ |
| ୧୩୮ | ୨ | ଅଂଶ — ଅଂଶ | ଅଂଶ — ଭାଗ |

Digitized by srujan ka@gmail.com

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୧୪୦ | ୨ | ଅଠ—ଅଷ୍ଟ | ଅଠା—ଅଷ୍ଟି |
| ,, | ୨୪ | ଜାଛ୍ଛି | ଜାଞ୍ଛି |
| ୧୪୧ | ପ ୮୮ | ଛଲ୍ଲ | ଛଳ |
| ୧୪୨ | ପ ୨୨ | ନରଷ | ନାରଷ |
| | ପ ୮୦ | ପର୍ବେକ୍ଷଣ | ପର୍ଯ୍ୟବେକ୍ଷଣ |
| ୧୪୨ | ପ ୯୮ | ବଣଳୀ | ବଙ୍ଗାଳୀ |
| ୧୪୫ | ଧା ୮ | ଅଙ୍ଗି ନ ପକାଇବା | ଅଣ୍ଟି ନ ପାଇବା |
| ୧୪୭ | ୭ | ଦାମ୍ଅଜ | ଦାନଅ ଜାନ |
| ୧୪୯ | ୧୯ | ବଢାଇବା | ବାଢ଼େଇବା |
| ୧୫୩ | ୯ | ଢେଣ୍ଡି ଦେବା | ଢେଣ୍ଡି ଦେବା |
| ୧୬୨ | ୬ | ସିନ୍ | ସ୍ବନ୍ |
| ୧୬୩ | ୭ | ଇ | ଇଃ |
| ୧୮୭ | ୩ | ପ୍ରୀତି ପାନଇ | ପ୍ରୀତି ହେ ପାରଇ |
| ୧୯୨ | ୮ | ଅଣ୍ଡା ଲଭି | ଅଣ୍ଡା ଲଭେ |
| ,, | ୨୪ | ଗଗାଙ୍କ ହେ | ଗଙ୍ଗାଙ୍କ ସହ |
| ୧୯୫ | ୨୯ | ଚାରୁଦେବସୁତ | ଚନ୍ଦ୍ରଦେବ ସୁତ |

Digitized by srujan ka@gmail.com